ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar




ବନ୍ତାରା ଉଦ୍‌ଘାଟନ କଲେ ମୋଦୀ | ୬



ଡେଟିଂକୁ ନେଇ ମୁହଁ ଖୋଲିଲେ ମାହିରା | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୩୫ Vol. 21 No-335 5 MARCH 2025 WEDNESDAY BHUBANESWAR ବୁଧବାର, ୫ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଜଳବାୟୁ ପରିବର୍ତ୍ତନ ଆଣିବ ବଡ଼ ବିପଦ

# ସଙ୍କଟରେ ଭିତରକନିକା






- ବୃଦ୍ଧି ପାଉଛି ସମୁଦ୍ରର ଜଳସ୍ତର
- ବହୁ ଗାଁ ସମୁଦ୍ର ଭିତରେ ଲୀନ ସମ୍ଭାବନା
- ଲକ୍ଷ ଲକ୍ଷ ଲୋକ ହେବେ ପ୍ରଭାବିତ
- ୧୪୦ କିମି ବେଳାଭୂମି ପାଇଁ ବିପଦ

ଭୁବନେଶ୍ୱର,୪।୩(ଭାସ୍କର ନ୍ୟୁଜ): ଭୟଙ୍କର ରୂପ ନେଉଛି ଜଳବାୟୁ ପରିବର୍ତ୍ତନ। ଯାହାର ସିଧାସଳଖ ପ୍ରଭାବ ପଡୁଛି ସମୁଦ୍ରର ଜଳସ୍ତର ଉପରେ। ଗ୍ଲୋବାଲ ୱାର୍ମିଂ ଫଳରେ ମେରୁରେ ଗଚ୍ଛିତ ବରଫ ତରଳିବା ଯୋଗୁ ବଢୁଛି ସମୁଦ୍ର ଜଳପତନ। ଆଉ ଆଁ କରି ସମୁଦ୍ରର ଜଳରାଶି ମାଡ଼ି ଆସୁଛି ଗାଁ ଗଣ୍ଡାକୁ। ଦିନେ ସମୁଦ୍ରଠାରୁ ୩ରୁ ୫ କିମି ଦୂରରେ ଥିବା ଗାଁ ଏବେ ଜଳସମାଧି ନେବାକୁ ବସିଛି। ଆଉ ତା ଭିତରେ ଆହୁରି ଡରାଇଦେବା ଭଳି ଏକ ରିପୋର୍ଟ ପ୍ରକାଶ କରିଛି ଆମେରିକାର ନ୍ୟୁଜର୍ସିସ୍ଥିତ ବିଜ୍ଞାନ ପତ୍ରିକା କ୍ଲାଇମେଟ ସେଣ୍ଟ୍ରାଲ। ଏହି ରିପୋର୍ଟରେ ଭୟଙ୍କର ଆକଳନ କରାଯାଇଛି। ରାଜ୍ୟ ସରକାରଙ୍କ ଜଳବାୟୁ ପରିବର୍ତ୍ତନ ଆକ୍ସନପ୍ଲାନ ରିପୋର୍ଟରେ ମଧ୍ୟ ଏହି ତଥ୍ୟ ଉଲ୍ଲେଖ ରହିଛି। ଏଭଳି ହେଲେ ଭିତରକନିକା ଜାତୀୟ ଉଦ୍ୟାନ ସହ କେନ୍ଦ୍ରାପଡ଼ା ରାଜନଗରର ବହୁ ଗାଁ ସମୁଦ୍ର ଗର୍ଭରେ ଲୀନ ହୋଇଯିବ। କେନ୍ଦ୍ର ଭୂ-ବିଜ୍ଞାନ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ଓଡ଼ିଶାର ସାତଭାୟା ଅଞ୍ଚଳରେ ସମୁଦ୍ର ୪ବର୍ଗ କିମି ବେଳାଭୂମିକୁ ଗିଳି ଦେଇଛି। ଅର୍ଥାତ୍ ସମୁଦ୍ରକୂଳ ସମାନ୍ତରାଳ ଭାବେ ୪ କିମି ଖାଇଥିବାବେଳେ ଭିତରକୁ ୧ କିମି ପର୍ଯ୍ୟନ୍ତ ମାଡ଼ି ଯାଇଛି। ସେହିପରି ପେଣ୍ଠ ଅଞ୍ଚଳରେ ୬ ବର୍ଗକିମିକୁ ମାଡ଼ିଯାଇଛି ସମୁଦ୍ର। ଏହାବ୍ୟତୀତ ସାତଭାୟାରେ ସମୁଦ୍ରକୂଳ ମାଡ଼ିଯିବା ଫଳରେ ସେଠାକାର ବାସିନ୍ଦାଙ୍କୁ ଅନ୍ୟତ୍ର ଥଇଥାନ ପାଇଁ ବାଧ୍ୟ ହୋଇଛନ୍ତି ରାଜ୍ୟ ସରକାର। ଲୋକସଭାରେ ମଧ୍ୟ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ କହିଛନ୍ତି ଯେ ସମୁଦ୍ର ଜଳପତନ ୭ଫୁଟ ବୃଦ୍ଧି ହେଲେ ଓଡ଼ିଶାର ୧୪୦ କିମି ବେଳାଭୂମି ସହ ରାଜ୍ୟର ୩୫.୬ ପ୍ରତିଶତ ବେଳାଭୂମି ବିପଦରେ ପଡ଼ିବ। ଓଡ଼ିଶାର ପ୍ରାୟ ୨୫.୬ ପ୍ରତିଶତ ବେଳାଭୂମିରେ ସମୁଦ୍ର କୂଳ ଲଂଘିଛି। ସେହିପରି ୧୪୦.୭ କିମି ବେଳାଭୂମିରେ ସମୁଦ୍ର ମାଡ଼ିବାରେ ଲାଗିଚି। ଜାତୀୟ ଉପକୂଳ ଗବେଷଣା କେନ୍ଦ୍ର ରିପୋର୍ଟ ଅନୁଯାୟୀ ପ୍ରାୟ ୩୦ ବର୍ଷ ଭିତରେ କେନ୍ଦ୍ରାପଡ଼ା, ଗଞ୍ଜାମ, ପୁରୀ, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର ଜିଲ୍ଲାର ଉପକୂଳ ଅଞ୍ଚଳ ପାଇଁ ସମୁଦ୍ର ଜଳ ପ୍ଲାବନର ବଡ଼ ଆଶଙ୍କା ରହିଛି। ଏହା ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିବ। ଏପରି ଯଦି ସମୁଦ୍ର କୂଳ ଲଂଘେ, ତେବେ ଦିନ ଆସିବ ବିଶ୍ୱ ଐତିହ୍ୟ ଭିତରକନିକା ଦିନେ ସମୁଦ୍ର ଗର୍ଭରେ ଲୀନ ହୋଇଯିବ।

## ଅଷ୍ଟ୍ରେଲିଆକୁ ଧୂଳି ଚଟାଇଲା ରୋହିତବାହିନୀ

# ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ଭାରତ



ଦୁବାଇ,୪।୩: ଆଇସିସି ଚାମ୍ପିଅନ୍ସ ଟ୍ରଫିର ଫାଇନାଲରେ ପ୍ରଶେ କରିଛି ଟିମ୍ ଇଣ୍ଡିଆ। ମଙ୍ଗଳବାର ଦୁବାଇର ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୪ ୱିକେଟରେ ପରାସ୍ତ କରି ଭାରତ ଫାଇନାଲରେ ପ୍ରବେଶ କରିଛି। ଏହାସହିତ ୨୦୨୩ ବିଶ୍ୱକପ୍ ଫାଇନାଲ ପରାଜୟର ପ୍ରତିଶୋଧ ନେଇଛି ଭାରତ। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପକ୍ଷରୁ ଭାରତ ଆଗରେ ବିଜୟ ପାଇଁ ୨୬୫ ରନ୍‌ର ଲକ୍ଷ୍ୟ ରଖାଯାଇଥିଲା । ଭାରତ ପକ୍ଷରୁ ରୋହିତ ଶର୍ମା ଓ ଶୁଭମନ ଗିଲ୍ ଭଲ ଖେଳ ଖେଳିଥିଲେ ବି ଗିଲ୍ ମାତ୍ର ୮ ରନ୍ କରି ଆଉଟ୍ ହୋଇଯାଇଥିଲେ। ତେବେ ରୋହିତ ଶର୍ମା ଓ ବିରାଟ କୋହଲି ସ୍କୋରକୁ ଆଗେଇ ନେଇଥିଲେ। ରୋହିତ ୨୮ ରନ୍ କରି ଆଉଟ୍ ହୋଇଥିଲେ ବି ବିରାଟ ଲଢୁଆ ବ୍ୟାଟିଂ କରି ଦଳକୁ ବିପଦମୁକ୍ତ କରିବା ସହ ବିଜୟରେ ସବୁଠାରୁ ବଡ଼ ଯୋଗଦାନ ଦେଇଥିଲେ। ସେ ୮୪ ରନ୍ କରିଥିଲେ। ଶ୍ରେୟସ ଆୟାର ୪୫ ଓ କେ.ଏଲ.ରାହୁଲ ୪୨ ରନ୍ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ୨୮ ରନ୍ କରିଥିଲେ। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଆରମ୍ଭରୁ ଅଷ୍ଟ୍ରେଲିଆକୁ ବଡ଼ ଧକ୍କା ଦେଇଥିଲେ ଭାରତୀୟ ବୋଲର ମହମ୍ମଦ ସାମି। ସେ କୁପର କନୋଲିଙ୍କୁ ଶୂନ ରନରେ ପ୍ୟାଭିଲିଅନକୁ ପଠାଇ ଦେଇଥିଲେ। ତେବେ ଟ୍ରାଭିସ୍ ହେଡ୍ ଓ ଷ୍ଟିଭ୍ ସ୍ମିଥ୍‌ଙ୍କ ମଧ୍ୟରେ ଭଲ ପାର୍ଟନରସିପ୍ ଦେଖିବାକୁ ମିଳିଥିଲା। ହେଡ୍ ୩୯ ରନ୍ କରିଥିବାବେଳେ ସ୍ମିଥ ୭୩ ରନ୍ କରିଥିଲେ। ମାର୍ଶ୍ଚ ୨୯ ରନ୍ କରିଥିବାବେଳେ ଆଲେକ୍ସ କେରୀ ୬୧ ରନ୍ କରିଥିଲେ। ତେବେ ଦଳର ଅନ୍ୟ • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### 'ବଢ଼ିବନି ବିଜୁଳି ବିଲ୍'

ରାଉରକେଲା,୪।୩(ଭାସ୍କର ନ୍ୟୁଜ): ବିଜୁଳି ଦରବୃଦ୍ଧି ପ୍ରସଙ୍ଗରେ ରାଜ୍ୟ ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏକ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ବିଜୁଳି ଦର ବଢ଼ିବ ନାହିଁ କିମ୍ବା ବିଜୁଳି କଟିବ ନାହିଁ । ରାଉରକେଲାରେ ଆୟୋଜିତ ଏକ ସମାରୋହରେ ଶ୍ରୀ ସିଂହଦେଓ ଏହା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ମହଙ୍ଗା ମାଡ଼ରେ ବିଜୁଳି ବିଲ୍ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଫଳରେ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛି।

### ପଞ୍ଚାୟତିରାଜ ଦିବସ ଛୁଟି ପ୍ରତ୍ୟାହୃତ

ଭୁବନେଶ୍ୱର,୪।୩(ଭାସ୍କର ନ୍ୟୁଜ): ସରକାରୀ କ୍ୟାଲେଣ୍ଡରରେ ମାର୍ଚ୍ଚ ୫ ତାରିଖ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଇଁ ଉଲ୍ଲେଖ ରହିଥିବା ଛୁଟିକୁ ରାଜ୍ୟ ସରକାର ପ୍ରତ୍ୟାହାର କରି ନେଇଛନ୍ତି। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଚାଲିବ ସବୁଜ ହାଇଡ୍ରୋଜେନ ବସ୍

ଭୁବନେଶ୍ୱର,୪।୩(ଭାସ୍କର ନ୍ୟୁଜ): ଖୁବଶୀଘ୍ର ଓଡ଼ିଶାରେ ପ୍ରଚଳନ ହେବ ସବୁଜ ହାଇଡ୍ରୋଜେନ ବସ୍। ଭୁବନେଶ୍ୱର-କୋଣାର୍କ-ପୁରୀ ରୁଟ୍ ସମେତ ଦେଶର ବିଭିନ୍ନ ରୁଟ୍‌ରେ ମୋଟ ୩୭ଟି ବସ୍ ଓ ଟ୍ରକ୍ ଚଳାଚଳ ପ୍ରସ୍ତାବକୁ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ଅନୁମୋଦନ ଦେଇଛି। ଏହାସହ ୯ଟି ହାଇଡ୍ରୋଜେନ ରିଫ୍ୟୁଏଲ୍ ଷ୍ଟେସନ ସହିତ ୫ଟି ପାଇଲଟ୍ ପ୍ରକଳ୍ପକୁ ମଧ୍ୟ ମଞ୍ଜୁରି ଦିଆଯାଇଛି। ଅଟୋମୋଟିଭ ରିସର୍ଚ୍ଚ ଆସୋସିଏସନ ଅଫ୍ ଇଣ୍ଡିଆ ପକ୍ଷରୁ ଏ ନେଇ ପଦକ୍ଷେପ ଗ୍ରହଣ କରାଯାଇଛି। ୧୯.୫ କୋଟି ଟଙ୍କା ବିନିଯୋଗରେ ଏହି ବସ୍ ଓଡ଼ିଶାରେ ଚଳାଚଳ କରିବ।

ସେନ୍‌ସେକ୍ସ: ୭୨,୯୮୯.୯୩
ସର୍ବାଧିକ: ୩୬.୧ ଡିଗ୍ରୀ
ସର୍ବନିମ୍ନ: ୨୩.୨ ଡିଗ୍ରୀ

### ୪।୩।୨୦୨୫ ର ମତାମତ

ଜଂଘରେ ଜଗନ୍ନାଥଙ୍କ ଟାଟୁ କରିଥିବା ବିଦେଶିନୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଉଚିତ ନୁହେଁ କି?




### ଆଜିର ପ୍ରସଙ୍ଗ

ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରାଯିବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଓଏସ୍‌ଏସ୍‌ସି ପରୀକ୍ଷାରେ ୨ ପ୍ରାର୍ଥୀଙ୍କ ମୃତ୍ୟୁ ଘଟଣା

# ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ



- ପରିବାରଙ୍କୁ ଜଣାଇଲେ ସମବେଦନା
- ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା
- ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା

ଭୁବନେଶ୍ୱର,୪।୩(ଭାସ୍କର ନ୍ୟୁଜ) : ଓଏସ୍‌ଏସ୍‌ସି ପରୀକ୍ଷାରେ ଅଘଟଣ। ଶାରୀରିକ ପରୀକ୍ଷା ଚାଲିଥିବା ବେଳେ କେନ୍ଦୁଝରର ବ୍ୟୋମକେଶ ନାୟକ ଓ ସୁନ୍ଦରଗଡ଼ର ପ୍ରବୀଣ କୁମାର ପଣ୍ଡାଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖପ୍ରକାଶ କରିବା ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ଏହି ଦୁଇ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ଏହି ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯିବ। ଓଏସ୍‌ଏସ୍‌ସି ଦ୍ୱାରା ଆୟୋଜିତ ଫରେଷ୍ଟ ଗାର୍ଡ଼, ଫରେଷ୍ଟର ଏବଂ ପ୍ରାଣୀ ଧନ ନିରୀକ୍ଷକ ପଦବୀ ପାଇଁ ଶାରୀରିକ ପରୀକ୍ଷା ବେଳେ ଏହି ଦୁଃଖଦ ଘଟଣା ଘଟିଛି। ଏହି ପରୀକ୍ଷା ଦୌଡ଼ ବେଳେ ପ୍ରାର୍ଥୀଙ୍କ ମୃତ୍ୟୁ ଘଟିଛି। ମୃତ ପ୍ରାର୍ଥୀଙ୍କ ନାମ ପ୍ରବୀଣ କୁମାର ପଣ୍ଡା ଓ ତାଙ୍କ ଘର ରାଉରକେଲା କାଙ୍ଗରପାଲି ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି। ମୃତ ଶ୍ରୀ ପଣ୍ଡା ଫରେଷ୍ଟ ଗାର୍ଡ଼ ଏବଂ ଫରେଷ୍ଟର ପଦବୀ ପାଇଁ ଆବେଦନ କରିଥିଲେ। ମଙ୍ଗଳବାର ସକାଳେ ସୁନ୍ଦରଗଡ଼ ଭବାନୀପୁରରୁ ବାରଗଡ଼ ପର୍ଯ୍ୟନ୍ତ ୨୫କି.ମି. ଦୌଡ଼ରେ ଭାଗ ନେଇଥିବା ବେଳେ ସଦର ଥାନା ଅଞ୍ଚଳର କିରେଇ ନିକଟରେ ସେ ଅଚେତ ହୋଇପଡ଼ିଥିଲେ। ଏହା ପରେ ତୁରନ୍ତ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କେନ୍ଦୁଝରର ବ୍ୟୋମକେଶ ନାୟକ ଶାରୀରିକ ପରୀକ୍ଷା ଦେଇ ସାରିବା ପରେ ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ କେନ୍ଦୁଝର ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଓଏସ୍‌ଏସ୍‌ସି ପକ୍ଷରୁ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ବେଳେ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ରାଜ୍ୟରେ ପାରଦ ଉପରମୁହାଁ

# ପ୍ରଥମ ଥର ପାଇଁ ତାପମାତ୍ରା ୩୯ ଡିଗ୍ରୀ



ଭୁବନେଶ୍ୱର,୪।୩(ଭାସ୍କର ନ୍ୟୁଜ): ରାଜ୍ୟରେ ପାରଦ ଉପରମୁହାଁ ହେବାରେ ଲାଗିଛି। ତାପମାତ୍ରା ବି ବୃଦ୍ଧି ପାଉଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ଉଠିଛି। ପ୍ରଚଣ୍ଡ ଗରମ ସହ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ପ୍ରଭାବିତ କରିଛି। ଏଥିସହ ଅଘୋଷିତ ବିଦ୍ୟୁତ କାଟ୍ ପରିସ୍ଥିତିକୁ ଅଧିକ ସଙ୍ଗୀନ କରି ପକାଉଛି। ସକାଳ ୮ଟାରୁ ସୂର୍ଯ୍ୟଙ୍କ କୋପ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ରହୁଛି। ଦେହରେ ଟାଇଁ ଟାଇଁ ଖରା ବାଜିବା ସହ ଗମ୍‌ଗମ୍ ହୋଇ ଝାଳ ବୋହିଯାଉଛି। ଯେଉଁ ସମୟରେ ଥଣ୍ଡା ଲାଗି ରହିବା କଥା, ସେହି ସମୟରେ ତାତିର ପ୍ରଭାବ ଅଧିକ ଅନୁଭୂତ ହେଉଛି। ଫଳରେ ସତର୍କ ରହିବା ପାଇଁ ଉଭୟ ଆଇଏମ୍‌ଡି ଏବଂ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରପକ୍ଷରୁ ଚେତାବନୀ ଦିଆଯାଇଛି। ମଙ୍ଗଳବାର ତାପମାତ୍ରା ପ୍ରଥମ ଥରପାଇଁ ୩୯ ଡିଗ୍ରୀ ଛୁଇଁଛି। ୩୯ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ବିବେଚିତ ହୋଇଛି। ସେହିଭଳି ବୌଦ୍ଧରେ ପାରଦ ୩୮.୫ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ମାଲକାନଗିରିରେ ୩୮.୪ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ସମ୍ବଲପୁର ଓ ପାରଳାଖେମୁଣ୍ଡିରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୭.୮ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ହୀରାକୁଦରେ ୩୫.୪, ଟିଟିଲାଗଡ଼ରେ ୩୭, ବଲାଙ୍ଗୀରରେ • ପୃଷ୍ଠା ୫ ଦେଖନ୍ତୁ

## ପିଶାଚ ପୁଅର ଜଘନ୍ୟ କାଣ୍ଡ

# ପରିବାରର ୩ ଜଣଙ୍କୁ ମାରିଦେଲା



ଜଗତସିଂହପୁର,୪।୩(ଭାସ୍କର ନ୍ୟୁଜ): ନିଶା ପାଲଟିଲା କାଳ। ଅନଲାଇନ ଗେମ୍ ପାଇଁ ଟଙ୍କା ମାଗି ବ୍ୟର୍ଥ ହେବାପରେ ପରିବାରର ୩ଜଣଙ୍କୁ ଜଘନ୍ୟ ଭାବେ ହତ୍ୟା କଲା ପୁଅ। ଏଭଳି ଏକ ମର୍ମନ୍ତୁଦ ତଥା ଦୁଃଖଦ ଘଟଣା ଘଟିଛି ଜଗତସିଂହପୁର ସହରର ଜୟବଡ଼ ଅଞ୍ଚଳରେ। ସୋମବାର ରାତି ୨ଟାରୁ ୨.୩୦ ଭିତରେ ପୁଅ ବାପା-ମାଆଙ୍କ ସହିତ ନିଜ ଭଉଣୀକୁ ଅତି ବୀଭତ୍ସ ଭାବେ ହତ୍ୟା କରିଛି। ତଦନ୍ତ ସମୟରେ ଘର ଭିତରେ ପଥର ଓ ହେମଦସ୍ତା ପୁଆ ପଡ଼ିଥିବାରୁ ଅଭିଯୁକ୍ତ ତିନିଜଣଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତକମାନେ ହେଲେ ପ୍ରଶାନ୍ତ ସେଠୀ ଓରଫ କାଳିଆ, ତାଙ୍କ ପତ୍ନୀ କନକଲତା ସେଠୀ ଓ ଝିଅ ରୋଜାଲିନ। ସାନପୁଅ ସୂର୍ଯ୍ୟକାନ୍ତ ଏହି ଜଘନ୍ୟକାଣ୍ଡ • ପୃଷ୍ଠା ୫ ଦେଖନ୍ତୁ

## ଗଣଶିକ୍ଷା, ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି

# ଆଜି ସ୍କୁଲ, କଲେଜ ଖୋଲା

ଭୁବନେଶ୍ୱର,୪।୩(ଭାସ୍କର ନ୍ୟୁଜ): ୫ ତାରିଖ ବୁଧବାର ରାଜ୍ୟର ସମସ୍ତ ସ୍କୁଲ ଓ କଲେଜ ଖୋଲା ରହିବ। ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ ସ୍ୱାଭାବିକ ଭାବେ କାର୍ଯ୍ୟ କରିବ। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ସମସ୍ତ ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ଏ ନେଇ ଅବଗତ କରାଯାଇଛି। ସୂଚନାଯୋଗ୍ୟ ଯେ ପଞ୍ଚାୟତିରାଜ ଦିବସ ପାଳନ ପାଇଁ ପୂର୍ବରୁ ମାର୍ଚ୍ଚ ୫ରୁ ଛୁଟି ଘୋଷଣା କରାଯାଉଥିବାବେଳେ ସୋମବାର ସରକାର ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ପାଳନ କରାଯିବା ପାଇଁ ନିଷ୍ପତ୍ତି ନେଇଥିବାରୁ ମାର୍ଚ୍ଚ ୫ ଛୁଟିକୁ ବାତିଲ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ • ପୃଷ୍ଠା ୫ ଦେଖନ୍ତୁ

### ନବୀନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ



ଭୁବନେଶ୍ୱର,୪।୩(ଭାସ୍କର ନ୍ୟୁଜ): ୫ ତାରିଖ ବୁଧବାର ଓଡ଼ିଶାର ବରପୁତ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ କରାଯିବ। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ନିମନ୍ତ୍ରଣ ଜଣାଇଛନ୍ତି। ବିଜୁ ପଟ୍ଟନାୟକଙ୍କ ଜନ୍ମଦିନ ସମାରୋହରେ ବିଶିଷ୍ଟ ଅତିଥିଭାବେ ଯୋଗ ଦେବାକୁ ମୁଖ୍ୟମନ୍ତ୍ରୀ ତାଙ୍କୁ ଅନୁରୋଧ କରିଛନ୍ତି। ଚିଠିରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି- ଆପଣଙ୍କୁ ମୋର ସାଦର ନମସ୍କାର। ୫ ତାରିଖରେ ରାଜ୍ୟ ସରକାର ଓଡ଼ିଶାର ମହାନ ବରପୁତ୍ର, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ରାଜ୍ୟ ସରକାର ମହାସମାରୋହରେ ପାଳନ କରୁଛନ୍ତି। ଏଥିପାଇଁ ଜୟଦେବ ଭବନରେ ଏକ ରାଜ୍ୟସ୍ତରୀୟ ସମାରୋହ ଆୟୋଜନ ସନ୍ଧ୍ୟାରେ କରାଯାଇଛି। ଆପଣ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିଭାବେ ଯୋଗ ଦେବାପାଇଁ ଅନୁରୋଧ କରୁଅଛି। ଆପଣଙ୍କ ଉପସ୍ଥିତି ଏହି କାର୍ଯ୍ୟକ୍ରମର ଶୋଭା ବଢାଇବ ବୋଲି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି।

## ରାଜସ୍ୱ ମନ୍ତ୍ରୀଙ୍କ ସୂଚନା

# ବିପର୍ଯ୍ୟୟ ମୁକାବିଲା ପାଇଁ ଦୀର୍ଘକାଳୀନ ଯୋଜନା



ଭୁବନେଶ୍ୱର,୪।୩(ଭାସ୍କର ନ୍ୟୁଜ): ବନ୍ୟାଠାରୁ ବାତ୍ୟା ପର୍ଯ୍ୟନ୍ତ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଆସୁଛି। ଅଧା ଓଡ଼ିଶା ଉପରେ ଏହାର ପ୍ରଭାବ ପଡୁଛି। ଜିରୋ କାଜୁଆଲିଟି ନୀତିରେ ଯେତେ ମୁକାବିଲା କଲେ ବି ବିପର୍ଯ୍ୟୟବେଳେ ରାଜ୍ୟ ବହୁ କ୍ଷତି ସହୁଛି। ତେବେ ପ୍ରତିବର୍ଷ ଆସୁଥିବା ଏହି ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ରାଜ୍ୟ ସରକାର ଦୀର୍ଘକାଳୀନ ଯୋଜନା କରୁଥିବା ସୂଚନା ମିଳିଛି। ପ୍ରତିବର୍ଷ ବାତ୍ୟା, ବନ୍ୟା ଭଳି ବିପର୍ଯ୍ୟୟରେ ପାଣିରେ ପଡୁଛି ହଜାର ହଜାର କୋଟି ଟଙ୍କା। ବର୍ଷ ବର୍ଷ ଧରି ଏପରି ଚାଲିଆସିଛି। କିନ୍ତୁ ମୋହନ ସରକାର ବିପର୍ଯ୍ୟୟ ମୁକାବିଲା ପାଇଁ ଦୀର୍ଘ ମିଆଦୀ ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି, ଏଥିପାଇଁ ସ୍ୱତନ୍ତ୍ର ବଜେଟ୍ ଆଣିବାକୁ ସରକାର ଯୋଜନା କରୁଛନ୍ତି। ପ୍ରାକୃତିକ ବିପର୍ଯ୍ୟୟବେଳେ ଘରଦ୍ୱାର ଭାଙ୍ଗୁଥିବାରୁ ବାତ୍ୟା, ବନ୍ୟା ପ୍ରବଣ ଅଞ୍ଚଳରେ ପିଏମ୍ ଆବାସ ଅନୁଦାନ ରାଶି ବଢାଇବାକୁ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ପଞ୍ଚାୟତିରାଜ ଦିବସଟା ଆଜ ହେବନାହିଁ ଆଉ ପାଳନ, ଅପ୍ରେଲ ମାସକୁ ଘୁଞ୍ଚିଗଲା ଏହା ରାତାରାତି ପରିବର୍ତ୍ତନ । କିନ୍ତୁ ମୁଖ୍ୟମନ୍ତ୍ରୀ ମୋହନ, ବିଜୁ ଜନ୍ମଦିନ ପାଳିବେ ଯେଉଁଠି ବିଶିଷ୍ଟ ଅତିଥି ନବୀନ !



କୁଜଙ୍ଗ (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲାର ସର୍ବ ପୁରାତନ କୁଜଙ୍ଗ ହାଟ ପରିବା ବ୍ୟବସାୟୀ ସଂଘ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ବାବା ଆଖଣ୍ଡଳମଣୀଙ୍କ ଦ୍ୱାଦଶ ତମ ବାର୍ଷିକ ମେଳା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ଆଜି ସକାଳୁ ମହାନଦୀରୁ ଘଟ କଳସୀ ଆଣି ବାଜା,ବାଣ,ରୋଷଣୀରେ ବଜାର ପରିକ୍ରମା କରି ମେଲଣ ପଡିଆର ଠାକୁରଙ୍କ ବିଜେସ୍ଥଳୀକୁ ଆଣିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯକ୍ରମରେ ପୁରୀରୁ ଆସିଥିବା ପତିତପାବନ ବାବାଙ୍କର ସଙ୍ଗୀତ ପରିବେଷଣ ଶ୍ରୋତାମାନଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା ।ଏହି ମେଳାରେ ବିଶିଷ୍ଟ ପରିବା ବ୍ୟବସାୟୀ ଶମ୍ଭୁନାଥ ନାଥ କର୍ତ୍ତା ଭାବେ ଠାକୁରଙ୍କର ପୂଜା ବିଧି ସମାପନ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ପରିବା ବ୍ୟବସାୟୀ ସଂଘର ସଭାପତି ଶିଶିର କୁମାର ନାୟକ,କୋଷାଧ୍ୟକ୍ଷ ବାବାଜୀ ରାଉତଙ୍କ ସମେତ ସମସ୍ତ ପରିବା ବ୍ୟବସାୟୀ ନିଜ ନିଜର ବ୍ୟବସାୟ,ପ୍ରତିଷ୍ଠାନ ବନ୍ଦ ରଖି ବାବା ଆଖଣ୍ଡଳମଣୀଙ୍କ ପୂଜାରେ ସହଯୋଗ କରିଥିଲେ ।ସଂଘ ପକ୍ଷରୁ ୨ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରଯାଇଥିଲା ।

# ରାଜସ୍ୱ ନିରୀକ୍ଷକଙ୍କ ଅଫିସ ଦିନରେ ତାଲା, ରାତିରେ ଖୋଲା



କୋରେଇ(ଭାସ୍କର ନ୍ୟୁଜ୍): କୋରେଇ ରେ ସରକାରୀ ଅଧିକାରୀ ଙ୍କ ମନ ମାନି ଦିନକୁ ଅସହ୍ୟ ହେଉଥିବା ବେଳେ ସେମାନଙ୍କ ଲାଞ୍ଚ ଖୋର ମନବୃତ୍ତି ଯୋଗୁ ସାଧାରଣ ଲୋକମାନେ ନାହିଁ ନଥିବା ଅସୁବିଧା ଭୋଗୁଥିବା ଦେଖିବାକୁ ମିଳୁଛି. ଆଜି ପଛୀକୋଟ ପଞ୍ଚାୟତ ରେ ଏକ ବେଆଇନ୍ ମହରୋମ୍ ଖଦାନ ବିଷୟରେ ପଛିକୋଟ ରାଜସ୍ୱ ନିରୀକ୍ଷ୍ୟକ ସୁଧୀର କୁମାର ଙ୍କ ପ୍ରତିକ୍ରିୟା ନେବା ପାଇଁ ଫୋନ୍ ଯୋଗେ ଯୋଗା ଯୋଗ କରିଥିଲୁ, ସେ ଚେଙ୍କି ଉଠି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ମୁଁ ଜଣେ ସରକାରୀ ଅଧିକାରୀ ମୋତେ ଫୋନ୍ କଲେ ନମସ୍କାର କରିବେ ତା ପରେ ଯାହା ପଚାରିବେ , ମୁଁ ଭଗବାନ ନୁହେଁ ଯେ କୋଉଠି ମହରୋମ ଖୋଲା ହେବ ମୁଁ ଜାଣିବି, ପରେ ଆମେ ତାଙ୍କ କାର୍ଯ୍ୟାଳୟ ଯାଇଥିଲୁ, ଦିନ ୧୨ଟା ବେଳେ କାର୍ଯ୍ୟାଳୟ ତାଲା ପଡିଥବା ବେଳେ, ସେଠାକୁ ବିଭିର୍ଣ୍ଣ କାମରେ ଆସି ଲୋକମାନେ ଫେରୁଥିବା ଦେଖିବାକୁ ମିଳିଥିଲା.ଏଥିରୁ ଅନୁମାନ କରାଯାଇପାରେ କି ପଛିକୋଟ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ପଛପଟେ ମହରୋମ ଖୋଲା ହେଉଛି ଆର୍ ଆଇ ଏହାକୁ କିପରି ଜାଣି ପାରୁ ନାହାଁନ୍ତି ।ତେଣୁ ଏ ସମସ୍ତ ଘଟଣାକୁ ଜିଲ୍ଲାପାଳ ପୁଙ୍ଖା ନୁ ପୁଙ୍ଖ ତଦନ୍ତ ପରିସର ଭୁକ୍ତ କରି ଦୁର୍ନୀତିଖୋର୍ ଅଧିକାରୀ, ଏବଂ ମାଫିଆ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବୁଦ୍ଧି ଜିବି ମହଲରେ ଆଲୋଚନା ହେଉଛି ।

# ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣରେ ଅନିୟମିତତା ଓ ଚଞ୍ଚକତା ଅଭିଯୋଗ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ଥିବା ଗୋତରା-ଗୋତରା ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣରେ ବ୍ୟାପକ ଚଞ୍ଚକତା ଓ ଅନିୟମିତତା କରାଯାଇଥିବାର ଅଭିଯୋଗ ହୋଇଛି । ଫଳରେ ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଏହାର ତଦନ୍ତ ଦାବି ହୋଇଛି । ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଗୋତରା-ଖନ୍ଦୋଳ ଗ୍ରାମ୍ୟ ଉନ୍ନୟନ ରାସ୍ତାର ରକ୍ଷଣା ବେକ୍ଷଣ ଦାୟୀତ୍ୱ ରହିଛି । ଏହି ରାସ୍ତା ଉପରେ ଗମନା ଗମନ କରିବା ନିମନ୍ତେ ନିଶ୍ଚିନ୍ତକୋଇଲି ବ୍ଲକ ଓ ମାହାଙ୍ଗା ବ୍ଲକର ଶହ ଶହ ପଥଚାରୀ ନିର୍ଭର କରିଥାନ୍ତି । ଏହି ରାସ୍ତାଟି ସ୍ଥାନୀୟ ଲୋକପ୍ରତିନିଧି ଯନ୍ତ୍ରୀ ଓ ଠିକାଦାରଙ୍କ ନିମନ୍ତେ ଏକରକମ ଲେଉଟିଆ କିଆରିରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରତିବର୍ଷ ଏହି ରାସ୍ତା ନିର୍ମାଣ ସରକାରୀ କାଗଜ କଲମରେ କରାଯାଇ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନିଆଯାଉଥିବାର ଅଭିଯୋଗ ହୋଇଛି । ଯନ୍ତ୍ରୀ ଓ ଠିକାଦାରଙ୍କ ଭାଗ୍ୟର ପରିବର୍ତ୍ତନ ହେଉଥିଲା ବେଳେ ଏହି ରାସ୍ତାର ଭାଗ୍ୟ ପରିବର୍ତନ ହେଉନଥିବାର ଅଭିଯୋଗ ହୋଇଛି । ଏପରିକି ଏହି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରାଯାଉଥିବା କାରଣରୁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଥିବାର ଅଭିଯୋଗ ହୋଇଛି । ତେବେ ଦୁଇ ଦିନ ତଳେ ଏହି ରାସ୍ତା ପୁନର୍ବାର ମରାମତି ଓ ପୁନଃନିର୍ମାଣ କରାଯାଇଥିଲା । ସ୍ଥାନୀୟ ରାଜନେତାଙ୍କ ବାହୁ ଛାୟାତଳେ ଥିବା ଜଣେ ଠିକାଦାର ଏହି କାର୍ଯ୍ୟ କରୁଥିବାର ସାଧାରଣରେ କୁହାଯାଉଛି । ତେବେ ରାସ୍ତା ନିର୍ମାଣ ନିମନ୍ତେ କୌଣସି ସୂଚନା ଫଳକ ଦିଆନଯାଇ ଲୋକଙ୍କୁ ଅନ୍ଧାର ଘେରରେ ରଖାଯାଇଥିବାର ଅଭିଯୋଗ ହୋଇଛି । ଅଟକଳ ଅନୁଯାୟୀ ଏହି ରାସ୍ତା ନିର୍ମାଣ କରାଯାଇ ନଥିବାର ଅଭିଯୋଗ ହୋଇଥିଲା ବେଳେ ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବା କାରଣରୁ ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଅପରପକ୍ଷରେ ରାସ୍ତା ନିର୍ମାଣରେ ବ୍ୟାପକ ଚଞ୍ଚକତା ଓ ଅନିୟମିତତା କରାଯାଇଥିବା କାରଣରୁ ନିର୍ମାଣର ମାତ୍ର ଦିନକପରେ ରାସ୍ତାରୁ ପିଚୁ ଉଠିଯାଇଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ଠିକାଦାର ମନମୁଖି ଭାବେ କାର୍ଯ୍ୟ କରୁଥିଲାବେଳେ କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟ ତଦାରଖ କରିନଥିବାର ଅଭିଯୋଗ ହୋଇଛି । ତେବେ ଏହି ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତାର ତଦନ୍ତ କରାଯିବା ନିମନ୍ତେ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଏସମ୍ପର୍କରେ ମତାମତ ନେବା ନିମନ୍ତେ ଆମ ପ୍ରତିନିଧି ବିଭାଗୀୟ ସହକାରୀ ଯନ୍ତ୍ରୀ ଚିନ୍ମୟୀ ପଲେଇଙ୍କ ମୋବାଇଲ ନମ୍ବରକୁ କରିଥିଲେ ମଧ ସେ କଲ ଗ୍ରହଣ ନକରିବା କାରଣରୁ ମତାମତ ନେବା ସମ୍ଭବପର ହୋଇପାରିନାହିଁ । ତେବେ ପ୍ରଶାସନ ତରଫରୁ ଠିକାଦାରଙ୍କ ବିରୁଦ୍ଧରେ କିପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଭବିଷ୍ୟତ ହିଁ କହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।



ସ୍ଥାୟୀତ୍ୱ ନେଇ ସନ୍ଦେହ

# ସରକାରୀ ମହିଳା ମହାବିଦ୍ୟାଳୟର ପୁରାତନ ଛାତ୍ରୀ ପରିଷଦ ବୈଠକ




କେନ୍ଦୁଝର(ଭାସ୍କର ନ୍ୟୁଜ୍): ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରର ଅଧକ୍ଷ ପ୍ରଫେସର ଡକ୍ଟର ଲଳିତ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ପୂର୍ବତନ ଛାତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇ ଯାଇଅଛି । ମହାବିଦ୍ୟାଳୟ ର ପୂର୍ବତନ ଛାତ୍ରୀ ପରିଷଦ ସଭାପତି କଳ୍ପଲତା ଦାସ, ସମ୍ପାଦିକା ଚିନ୍ମୟୀ ମହାନ୍ତଙ୍କ ନେତୃତ୍ୱରେ ବିଭିନ୍ନ ବର୍ଷର ପୁରାତନ ଛାତ୍ରୀମାନେ ଯୋଗଦେଇ ମହାବିଦ୍ୟାଳୟର ବିଭିନ୍ନ ପ୍ରସଙ୍ଗ ଭିତ୍ତିକ ଆଲୋଚନାରେ ଭାଗ ନେଇ ନିଜ ମତାମତ ପ୍ରଦାନ କରିଥିଲେ ଓ ଆଗାମୀ ସମୟ ରେ ମହାବିଦ୍ୟାଳୟର ଉନ୍ନତି ନିମିତ୍ତ ପରିଷଦର କାର୍ଯ୍ୟପନ୍ଥା ସ୍ଥିର କରିଥିଲେ। ପୁରାତନ ଛାତ୍ରୀ ପରିଷଦ ର ସଂଯୋଜିକା ଡକ୍ଟର୍ ଲକ୍ଷ୍ମୀ ଲତା ହୋ ଙ୍କ ଆୟୋଜନରେ ଅନୁଷ୍ଠିତ ବୈଠକ ରେ ମହାବିଦ୍ୟାଳୟର ଶୈକ୍ଷିକ ଅଧିକାରୀ ଡକ୍ଟର ଧର୍ମବୀର ମୋହନ ସିଂ, ଶିକ୍ଷା ବିଭାଗ ମୁଖ୍ୟ ଡକ୍ଟର ରାମଚନ୍ଦ୍ର ମଲ୍ଲ ପ୍ରମୁଖ ଯୋଗ ଦେଇ ପ୍ରସଙ୍ଗଭିତ୍ତିକ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଡକ୍ଟର ସୁରେଶ ଚନ୍ଦ୍ର ବେହେରା ପ୍ରଧାନମନ୍ତ୍ରୀ ଇଣ୍ଟର୍ନସିପ୍ ସ୍କିମ ୨୦୨୫ ର ଉପଯୋଗୀତା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଭୂତତ୍ତ୍ୱ ବିଜ୍ଞାନ ଅତିଥି ଅଧ୍ୟାପକ ରଜତ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲୋକ ସଂସ୍କୃତି ପ୍ରଚାରକଙ୍କ ଶ୍ରଦ୍ଧାଞ୍ଜଳି ସଭା

କଣାସ (ଭାସ୍କର ନ୍ୟୁଜ୍): କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତର ବୈଦ୍ୟନାଥ ପାଟଣା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଲୋକ ସଂସ୍କୃତି ପ୍ରଚାରକ ପ୍ରସନ୍ନ କୁମାର ପାଢୀଙ୍କ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭାରେ କଣାସ ଅଞ୍ଚଳର ବହୁ ବୁଦ୍ଧିଜୀବ ଯୋଗଦେଇ ତାଙ୍କର ସମାଜସେବା ଓ ଲୋକସଂସ୍କୃତି ପ୍ରଚାର ଉପରେ ଯେପରି ଅବଦାନ ଥିଲା ସେ ସଂପର୍କରେ ସମ୍ୟକ ସୂଚନା ଦେବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ବିଜେପିର ସାଂଗଠନିକ ବୈଠକ



ଏରସମା(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ନୂଆଗାଁ ମହାବୀର ଆଶ୍ରମ ପରିସରରେ ବିଜେପିର ଅବହେଳିତ ପୁରାତନ କର୍ମୀ ଓ ସମର୍ଥକମାନଙ୍କୁ ନେଇ ଏକ ସାଙ୍ଗଠନିକ ବୈଠକ ପୂର୍ବତନ ବିଜେପି ଜିଲ୍ଲା ସମ୍ପାଦକ ତଥା ଆଇନଜୀବୀ ଅକ୍ଷୟ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏରସମା ବ୍ଲକ ୪ନଂ ଯୋନର ବରିଷ୍ଠ ବିଜେପି କର୍ମୀମାନଙ୍କୁ ନେଇ ଆୟୋଜିତ ସାଙ୍ଗଠନିକ ବୈଠକରେ ପୁରୁଣା ବିଜେପି କର୍ମୀମାନଙ୍କୁ କିପରି ଅଣଦେଖା କରିବା ସହିତ ଉପେକ୍ଷା କରାଯାଉଛି। ସେମାନଙ୍କୁ କିପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯିବ ଓ ତୃଣମୂଳ ସ୍ତରରୁ ସେମାନଙ୍କୁ ସଙ୍ଗଠିତ କରାଯିବ ସେଥିପ୍ରତି ଯତ୍ନବାନ ହେବାକୁ ଶ୍ରୀ ସ୍ୱାଇଁ କହିଥିଲେ। ୪ନଂ ଯୋନ ଅଞ୍ଚଳ ତଥା ଢ଼ିଙ୍କିଆ ଚାରିଦେଶରେ ନିର୍ମାଣଧୀନ ଜିନ୍ଦଲ ପ୍ରକଳ୍ପରେ ଏରସମା ବ୍ଲକ ଲୋକଙ୍କୁ ଅଣଦେଖା କରି ଅନ୍ୟ ରାଜ୍ୟର ଲୋକଙ୍କୁ ସୁବିଧା ସୁଯୋଗ ଦିଆଯାଉଥିବାରୁ ବୈଠକରେ ଉପସ୍ଥିତ କର୍ମୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଏକ ୧୮ଜଣିଆ ପ୍ରତିନିଧି ଦଳ ବିଜେପିର ବରିଷ୍ଠ ନେତୃମଣ୍ଡଳୀ ମାନଙ୍କୁ ଭେଟି ଏ ସମ୍ପର୍କରେ ଆପତ୍ତି ଅଭିଯୋଗ କରିବେ ବୋଲି ବୈଠକରେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନୂଆଗାଁ ପଞ୍ଚାୟତର କ୍ଷେତ୍ରମୋହନ ସାହୁ ,ନୃସିଂହ ସାହୁ,ଢ଼ିଙ୍କିଆ ପଞ୍ଚାୟତର ନିତ୍ୟାନନ୍ଦ ସ୍ୱାଇଁ,ଦିଲିପ ବର୍ଦ୍ଧନ,ଗଡ଼କୁଜଙ୍ଗ ପଞ୍ଚାୟତର ରଂଜନ ଦାସ,କୁବେର ବେହେରା,ବାଲିତୁଠ ପଞ୍ଚାୟତର ପ୍ରକାଶ ପାଳ,ଅନ୍ଧାରି ପଞ୍ଚାୟତର ସୁଦାମ ପରିଡା, ଜପା ପଞ୍ଚାୟତର ଦେବେନ୍ଦ୍ର ଦାସ, କୁଞ୍ଜକୋଠି ପଞ୍ଚାୟତର ଦେବେନ୍ଦ୍ର ସ୍ୱାଇଁ ପ୍ରମୁଖଙ୍କ ସମେତ ଶତାଧିକ ବିଜେପି କର୍ମୀ ମାନେ ଉକ୍ତ ବୈଠକରେ ଉପସ୍ଥିତ ଥିଲେ।

# ବରିଷ୍ଠ ଆଇନଜୀବୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ଜଗତସିଂହପୁର (ଭାସ୍କର ନ୍ୟୁଜ ) ଜଗତସିଂହପୁର ବରିଷ୍ଠ ଆଇନଜୀବୀ ତଥା ଗାୟତ୍ରୀ ପରିବାରର ବରିଷ୍ଠ ପରିଜନ ସ୍ୱର୍ଗୀୟ ଅରୁଣ ପ୍ରତାପ ବିଶ୍ୱାଳଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ଉଦ୍ଦେଶ୍ୟରେ ସ୍ଥାନୀୟ ଗାୟତ୍ରୀ ପରିବାର ପକ୍ଷରୁ ତାଙ୍କର କଲେଜ ଛକ ସ୍ଥିତ ବାସଭବନରେ ଏକ କୁଣ୍ଡିୟ



ଗାୟତ୍ରୀ ମହାଯଜ୍ଞ ଆୟୋଜନ କରାଯାଇଥିଲା । ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ଆଇନଜୀବୀ ପିତାମ୍ବର ପଣ୍ଡା ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିବା ବେଳେ ଗାୟତ୍ରୀ ପରିବାରର ସ୍ଥାନୀୟ ପରିଜନ ଗଣ ଉପସ୍ଥିତ ରହି ସ୍ୱର୍ଗତ ବିଶ୍ୱାଳଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନରେନ୍ଦ୍ର କୁମାର ଆଚାର୍ଯ୍ୟ, ବିଷ୍ଣୁ କୃଷ୍ଣ ନନ୍ଦ ଓ ଶିକ୍ଷାବିତ ଚନ୍ଦ୍ରଭାନୁ ଷଡ଼ଙ୍ଗୀ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶଶାଙ୍କ ଶେଖର ପଟନାୟକ, ରଶ୍ମିରଞ୍ଜନ ସାହୁ, ସୁକାନ୍ତ ପଟନାୟକ ତଥା ଅନ୍ୟ ପରିଜନ ମାନେ କାର୍ଯ୍ୟକ୍ରମରେ ସହଯୋଗିତା କରିଥିଲେ।

# ବାପୁଜୀ ଆଦର୍ଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝରଗଡ ପୌରପାଳିକା ଅନ୍ତର୍ଗତ ବାପୁଜୀ ଆଦର୍ଶ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ସିଆରସିସି ସୁଧାଂଶୁ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନେ ପାଠ ପଢାରେ ମନୋନିବେଶ କରି ନିଜକୁ ସମାଜରେ ପ୍ରତିଷ୍ଠା କରିବା ସହ ଦେଶ ପାଇଁ କାମ କରିବାକୁ କହିଥିଲେ । ଏହି ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ବିଭିନ୍ନ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି । ତେଣୁ ବର୍ତ୍ତମାନର ଛାତ୍ରଛାତ୍ରୀମାନେ କର୍ତ୍ତବ୍ୟ ନିଷ୍ଠ ହୋଇ ପାଠ ପଢିଲେ ଭଲ ମଣିଷ ହୋଇପାରିବେ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ସ୍ୱତନ୍ତ୍ର ଅଧିକାରୀ ଶରତ କୁମାର ବାରିକ ଯୋଗ ଦେଇ ଉତ୍ତମ ଛାତ୍ର ଗଠନରେ ଏକ ଆଦର୍ଶ ବିଦ୍ୟାଳୟ ଶ୍ରେଷ୍ଠ କାରଖାନା ବୋଲି ବକ୍ତବ୍ୟ ମାଧ୍ୟମରେ କହିଥିଲେ । ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନ କମିଟିର ସଭାପତି କୁନି ଦାସ ଯୋଗ ଦେଇ କଠିନ ପରିଶ୍ରମ ହିଁ ସଫଳତାର ଚାବି କାଠି ତଥା ପିତାମାତାଙ୍କୁ ଭକ୍ତି, ମାତୃଭୂମି ଓ ମାତୃଭାଷା ପ୍ରତି ଆଦର ଦ୍ୱାରା ଜଣେ ସୁନାଗରିକ ହୋଇପାରିବ ବୋଲି ମୂଲ୍ୟବାନ ଉପଦେଶ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ବାରକି ନିଜ ସଭାପତିତ୍ୱ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ଦେଶର ସ୍ୱର୍ଣ୍ଣିଭ ଭବିଷ୍ୟତ ଭାବେ ଅବିହିତ କରି ପାଠପଢା ସମୟରେ ଗଭୀର ଅଧ୍ୟବସାୟ, ନିଷ୍ଠା ଓ ପ୍ରଚେଷ୍ଟା ଜାରି ରଖିଲେ ଛାତ୍ରୀମାନେ ଭବିଷ୍ୟତରେ ସଫଳ ମଣିଷ ହୋଇପାରିବେ ଅତିଥିମାନେ କହିଥିଲେ । ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ଚକ୍ର ବାର୍ଷିକ ବିବରଣୀ ପାଠ ଏବଂ ଶିକ୍ଷୟିତ୍ରୀ ଶୁଭଶ୍ରୀ ପାଲ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ଏହି ଅବସରରେ ପୁରସ୍କାର ବିତରଣ କରାଯାଇଥିଲା । ପରେ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସହକାରୀ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରମିଳା ବିଶ୍ୱାଳ ଏବଂ ଗୀତାଞ୍ଜଳୀ ମାଝୀ ପୁରସ୍କାର ବିତରଣୀରେ ସହଯୋଗ କରିଥିଲେ ।

# ଦୁର୍ଘଟଣାରେ ୧ ମୃତ, ୧ ଗୁରୁତର

ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ପିଡିରି ଠାରୁ ଖମାର ଅଭିମୁଖେ ଯାଇଥିବା ୫୩ନଂ ଜାତୀୟ ରାଜପଥର ସୁରିଆ ହୋଟେଲରୁ କିଛି ଦୂର ବୁଲାଣି ନିକଟବର୍ତ୍ତୀ ରାସ୍ତା ଉପରେ ବିଳମ୍ବିତ ରାତିରେ ଗାଡି ଧକ୍କାରେ ଜନୈକ ବାଇକ ଆରୋହୀ ମୃତ ଓ ଜଣେ ଗୁରୁତର ଆହତ ହୋଇ ଚିକିତ୍ସାରେ ଥିବା ଜଣାପଡ଼ିଛି ।ପ୍ରାପ୍ତ ସୂଚନା ମୁତାବକ



ନିକଟବର୍ତ୍ତୀ କୌଣସି ଜାଗାରେ ଶ୍ରମିକ ଭାବେ କାମ କରୁଥିବା ଯୁବକ ଦୁଇ ଜଣ ବାଇକ ଯୋଗେ ଖମାର ଅଭିମୁଖେ ଯାଉଥିଲେ । ବିପରୀତ ଦିଗରୁ ଏକ ଗାଡି ଆସି ତାଙ୍କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ହେମାନନ୍ଦ ଧଗଡ଼ ଙ୍କର ମୃତ୍ୟୁହୋଇଛି ଏବଂ ଗୁରୁତର ଜଣକ କେନ୍ଦୁଝର ଜିଲ୍ଲା ବାଘମୁଣ୍ଡିଆ ଅଞ୍ଚଳର ସୁକାଟୀ ଗ୍ରାମର ଗଙ୍ଗାଧର ନାୟକଙ୍କ ପୁଅ କନ୍ଦର୍ପ ନାୟକ (୨୨)ବୋଲି ଜଣାପଡିଛି । ଘଟଣା ସ୍ଥଳରୁ ଧକ୍କା ଦେଇଥିବା ଗାଡି ଫେରାର ହୋଇ ଯାଇଥିବା ଜଣାପଡିଛି । ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତକ ଜଣକୁ ଜବତ କରି ଆହତକୁ ପରଜଙ୍ଗ ମେଡିକାଲକୁ ପଠାଇଥିବା ବେଳେ, ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ଏ ସମ୍ବନ୍ଧେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

# ବିଦ୍ୟୁତ କର୍ମଚାରୀଙ୍କ ପ୍ରତୀକ ଧାରଣା



ଭଂଜନଗର(ଭାସ୍କର ନ୍ୟୁଜ୍): ମଜୁରୀ ନିର୍ଦ୍ଧାରଣ ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ, ତାହା ହୋଇ ପାରୁନି । ପ୍ରତି ପାଞ୍ଚ ବର୍ଷକୁ ଥରେ ଏହା ହେବାକଥା । କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ତାହା ହୋଇ ପାରୁନି । ଫଳରେ ଉପଯୁକ୍ତ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି, କାର୍ଯ୍ୟରତ ବିଦ୍ୟୁତ୍ କର୍ମଚାରୀ । ଏହାର ପ୍ରତିବାଦ କରି ଭଂଜନଗର ସ୍ଥିତ ଟିପିଏସଓଡିଲ୍ କାର୍ଯ୍ୟାଳୟ ଆଗରେ ୧ ଘଣ୍ଟା ପାଇଁ ପ୍ରତୀକ ଧାରଣା ଦେଇଥିଲେ ଲାଇନ୍ ମେନ୍ କର୍ମଚାରୀ । ଧାରଣାରତ କର୍ମଚାରୀଙ୍କ ଅଭିଯୋଗ ପ୍ରକାରେ, ଗତବର୍ଷ ଡ଼ିସେମ୍ବର ୨୪ ସୁଧା ସେଟେଲମେଣ୍ଟ ହୋଇଥିଲେ ମଧ୍ୟ, ବର୍ତ୍ତମାନ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ । ଏଣୁ ଏହାର ପ୍ରତିବାଦ କରି ସୋମବାର ଦିନ , ବିଭାଗୀୟ କାର୍ଯ୍ୟାଳୟ ଆଗରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘ, ଭଂଜନଗର ଶାଖା ପକ୍ଷରୁ ୧ ଘଣ୍ଟା ଧରି, କର୍ମଚାରୀ ମାନେ ପ୍ରତୀକ ଧାରଣା ଦେଇଥିଲେ । ଏହା ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଯଦି କର୍ତ୍ତୃପକ୍ଷ ଏଦିଗରେ କୌଣସି ସମାଧାନ ନକରନ୍ତି ତାହେଲେ, ଆସନ୍ତା ୭ ତାରିଖ ଠାରୁ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କହିଛନ୍ତି, ଭଂଜନଗର ଡିଭିଜନ ସଂଘର ସମ୍ପାଦକ କବିରାଜ ପ୍ରଧାନ ।

# ଆଇଆଇଏଫ୍‌ଏଲ୍ ଫାଇନାନ୍ସ କମ୍ପାନୀର ନୂତନ ଶାଖା ସ୍ଥାପନ



ଚିକିଟି(ଭାସ୍କର ନ୍ୟୁଜ ): ଗଞ୍ଜାମ ଜିଲ୍ଲା ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଚିକିଟୀ ପେଣ୍ଠ ଠାରେ ଆଜି ସକାଳ ଏଗାର ଘଣ୍ଟା ସମୟରେ ଆଇ ଆଇ ଏଫ୍ ଏଲ ଫାଇନାନ୍ସ କମ୍ପାନୀର ନୂତନ ଶାଖା ସ୍ଥାପନ ଓ ଉଦଘାଟନ କରାଯାଇଛି। ଉକ୍ତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଦୀପା କୁମାରୀ ସାହୁ ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଜଗବନ୍ଧୁ ପାଢ଼ୀ ଓମାନସ କସ୍ତୁରୀ ଗଣେଶ ପଣ୍ଡା ଉପସ୍ଥିତ ରହି ମଞ୍ଚାସୀନ ଥିଲେ। ଚିକିଟୀ ଶାଖ ପ୍ରବନ୍ଧକ ଗୌରୀ ଶଙ୍କର ଶତପଥୀ ଆଇ ଆଇ ଏଫ୍ ଏଲ ଫାଇନାନ୍ସ କମ୍ପାନୀ ତରଫରୁ ସ୍ଥାନୀୟ ଗ୍ରାହକଙ୍କୁ କିପରି ସେବା ପ୍ରଦାନ କରାଯିବ ଏହି ବିଷୟରେ ଆଲୋକପାତ କରିଥିଲେ। ଏହି କମ୍ପାନୀ ରେ ସୁନା ବନ୍ଧକ ରଖିବା ଗ୍ରାହକ ମାନଙ୍କ ନମନ୍ତେ ବୀମାର ସୁବିଧା ସହ କିସ୍ତି କିସ୍ତି ହିସାବରେ ବନ୍ଧକରୁ ମୁକ୍ତି ମଧ କରିବାର ସୁବିଧା ରହିଥିବା ଶାଖା ପରିଚାଳକ ପ୍ରକାଶ କରିଥିଲେ। ଶେଷରେ ଜଗବନ୍ଧୁ ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ଦେଖିବାକୁ ମିଳିଥିଲା।

# ପ୍ରଧାନଶିକ୍ଷକ ଚନ୍ଦ୍ରମଣି ପ୍ରଧାନଙ୍କୁ ବିଦାୟ ସମ୍ବର୍ଦ୍ଧନା




ଫୁଲନଖରା(ଭାସ୍କର ନ୍ୟୁଜ୍): ବାରଙ୍ଗ ବ୍ଲକ ଅନ୍ତର୍ଗତ ଉଷୁମା ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରାକ୍ତନ ସାଂସଦ ଡଃ.ପ୍ରସନ୍ନ ପାଟଶାଣୀ, ପ୍ରାକ୍ତନ ବିଧାୟକ ଡଃ.ପ୍ରମୋଦକୁମାର ମଲିକ, ବାରଙ୍ଗ ବ୍ଲକ ଶିକ୍ଷାଧିକାରୀ ବିଭୂତିଭୂଷଣ ବେହେରା, ଅଧକ୍ଷା ସାବିତ୍ରୀ ଦଳାଇ, ଶିକ୍ଷାବିତ ପ୍ରଦ୍ୟୁମ୍ନ କୁମାର ପତି, ଓଷ୍ଟା କୋଷାଧକ୍ଷ ଅଶୋକ ମହାପାତ୍ର, ବ୍ୟାଙ୍କ ପରିଚାଳିକା ସରସ୍ୱତୀ ମୁର୍ମୁ, ବିଶ୍ୱରଂଜନ ସ୍ୱାଇଁ, ବିଶ୍ୱରଂଜନ ଦାସ, ସମିତି ସଭ୍ୟା ଶୁଭଲକ୍ଷ୍ମୀ ଦାସ, ମାନସ ପଣ୍ଡା, ଦିବ୍ୟସିଂହ ପାତ୍ର, ସାମ୍ବାଦିକ ଲଳିତକୁମାର ଦାଶ, ଦିଗମ୍ବର ସାହୁ, ବିପ୍ରଚରଣ ପ୍ରଧାନ, ଅଚ୍ୟୁତାନନ୍ଦ ସାହୁ, ତ୍ରିଲୋଚନ ଜେନା, ସ୍ୱପ୍ନାଶି ପଟ୍ଟନାୟକ, ସନ୍ତୋଷକୁମାର ଦାସ ଓ ପ୍ରଧାନ ଶିକ୍ଷକ ପ୍ରତାପ ମହାପାତ୍ର ଅତିଥିରୂପେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ, ଶିକ୍ଷାବିତ, ମୁରବି, ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷିକାଙ୍କ ପକ୍ଷରୁ ସଂଯୁକ୍ତ ପ୍ରଧାନଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପକୁମାର ବାରିକ, ପଣ୍ଡିତ ଅଜୟ କୁମାର ପତି, ତ୍ରିଲୋଚନ ବେହେରା, ଗଣେଶ୍ୱର ନାୟକ, ନଳିନୀପ୍ରଭା ପାତ୍ର, ସୁଜାତା ମହାନ୍ତି, ହରପ୍ରିୟା ମହାପାତ୍ର, ଭିକାରୀ ମହାନ୍ତି, ବନୋଜ ତରାଇ, ସାଲୋନୀ ପରୱିନ, ଦିଲୀପକୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସାମ୍ବାଦିକ ଧିରେନ୍ଦ୍ରକୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ରାଜସ୍ୱ ନିରୀକ୍ଷକ !

କୋରେଇ(ଭାସ୍କର ନ୍ୟୁଜ୍): ରାଜ୍ୟରେ ନୂତନ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଯେମିତି ବ୍ୟାସନଗର ତହସିଲ ଅଧିନରେ ଥିବା ସମସ୍ତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଅବସ୍ଥାପିତ ଥିବା ଆର୍‌ଆଇ ମାନେ ଫୁଙ୍କି ଉଡେଇଦେଉଥିବା ଭଳି ମନେ ହେଉଛି। ସମସ୍ତ ଆର୍‌ଆଇମାନଙ୍କର କାର୍ଯ୍ୟକଳାପ ରୁ ଜଣାଯାଉଛି ଯେମିତି ସେ ତାଙ୍କ ନିଜର କର୍ତ୍ତବ୍ୟ ଭୁଲିଗଲେଣି। ସରକାର ସରକାରୀ ଜମିର ରକ୍ଷଣା ବେକ୍ଷଣ ଓ ନିୟନ୍ତ୍ରଣ କୁ ପ୍ରାଧାନ୍ୟ ଦେବାପାଇଁ ନିଯୁକ୍ତି କରାଯାଇଛି ।କିନ୍ତୁ ଦୁଃଖର ବିଷୟ ଜଗୁଆଳି ସାଜିଛନ୍ତି ଚୋରଙ୍କ ସର୍ଦ୍ଦାର। ସାରା କୋରେଇରେ କୋଉଠି ସରକାରୀ ଜମି ଜବରଦଖଲ,ଗୋଚର ଜମି ଖନନ୍, ନଦୀ ବନ୍ଧ ନିକଟବର୍ତ୍ତୀ ଅଞ୍ଚଳରେ ଖନନ, ବେଆଇନ ଇଟା ଭାଟି, ଜଙ୍ଗଲ ଜମିରେ ମହରମ୍ ଖୋଲା, ଚୋରାବାଲି ଘାଟରୁ ବାଲି ଲୁଟ୍ ପରି ଅନେକ ଅଭିଯୋଗ ଲମ୍ବିବାରେ ଲାଗିଛି। ସାଧାରଣ ଜନତାଙ୍କ ଟିକସରୁ ସରକାରଙ୍କ ଠାରୁ ମୋଟା ଅଙ୍କର ମାସିକ ବେତନ ପାଉଥିବାବେଳେ ସରକାରୀ ଜମି ଏବେ ମାଫିଆଙ୍କ କବଳରେ। ନା ସରକାରଙ୍କ ନିର୍ଦ୍ଦେଶକୁ ଖାତିର ଅଛି ନା କୌଣସି ସାଧାରଣ ଜନତାଙ୍କୁ ଏଠି ପ୍ରଶ୍ନ ଉଠେ ଏମାନେ କଣ ସରକାରୀ ବିଧି ବ୍ୟବସ୍ଥା ଠାରୁ ଉର୍ଦ୍ଧ୍ୱରେ କି ? ଗ୍ରୀଷ୍ମ ଋତୁ ଆସୁଥିବା ବେଳେ ଦିନକୁ ଦିନ ତାତି ବଢ଼ିବାରେ ଲାଗିଛି କୋରେଇର ବିଭିନ୍ନ ଅଞ୍ଚଳରେ ଛତୁ ଫୁଟିଲା ଭଳି ଇଟା ଭାଟି ଚାଲିଥିବା ଦେଖିବାକୁ ମିଳୁଛି ।ଇଟା ଭାଟିରେ ନିର୍ଗତ କୋଇଲା ଧୂଆଁରେ ଅସ୍ତବ୍ୟସ୍ତ ସାଧାରଣ ଜନତା। ସରକାରୀ ନିୟମ ଅନୁସାରେ ଚିମିନୀ ଭାଟି ଓ ନାଳି ଇଟାକୁ ପ୍ରଦୂଷଣ ବିଭାଗ ବ୍ୟାନ କରିଥିବା ବେଳେ ଏହି ଆରଆଇମାନେ ପ୍ରତ୍ୟେକ ଚିମିନୀ ଭାଟି ଓ ଛୋଟ ଇଟା ଭାଟିରୁ ହଜାର ହଜାର ଟଙ୍କା ହାତଗୁଞ୍ଜା ନେଇ ପରୋକ୍ଷରେ ସହଯୋଗ କରୁଥିବା ଅଭିଯୋଗ ହେଉଛି। ଶୁଣିବାକୁ ମିଳୁଛି କୁଆଡେ ଇଟା ଭାଟିରୁ ପଥରପଦା ଆର୍ ଆଇ ଚୋରା ବାଲି ଘାଟରୁ ମୂଳାପାଳ, ତାରାକୋଟ, ମୁକୁନ୍ଦପୁର, ଦୁଲାଖାପାଟଣା, ରଣପୁର ଆର୍ ଆଇ, ମହରମ ରୁ ପଛିକୋଟ, ତଳଗଡ ଆର୍ ଆଇ ପ୍ରମୁଖ ଚୋରା କାରବାରରେ ଲିପ୍ତ ରହିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅନେକ ଆର୍‌ଆଇଙ୍କର ନିର୍ବାଚନ ପରେ ବଦଳି ହୋଇଥିବା ବେଳେ କିଛି ଆର୍ ଆଇଙ୍କର ଏବେ ମଧ ବଦଳି ହୋଇନାହିଁ ସେ କାରଣରୁ ପୁରୁଣା ଦୁର୍ନୀତିଖୋର ମନବୃତି ବଦଳି ନଥିବା ଆଲୋଚନା ହେଉଛି। ଏ ସମସ୍ତ ବେଆଇନ୍ କାର୍ଯ୍ୟକଳାପ କୁ ଜାଣି ସୁଦ୍ଧା ବ୍ୟାସନଗର ତହସିଲଦାର ଏହାକୁ ଘଣ୍ଟ ଘୋଡାଉ ଥିବା ଆଶ୍ଚର୍ଯ୍ୟଜନକ ବୋଲି ଛକ ଛକ ରେ ଲୋକେ କୁହା କୁହି ହେଉଛନ୍ତି। ସାଧାରଣ ଜନତା ବାରମ୍ବାର ତହସିଲ କାର୍ଯ୍ୟାଳୟକୁ କୌଣସି କାର୍ଯ୍ୟ ପାଇଁ ଯାଇ ବିଫଳ ହୋଇ ଫେରୁଥିବା ବେଳେ ମାଫିଆଙ୍କ ଗେହ୍ଲା ପୁଅ ବ୍ୟାସନଗର ତହସିଲଦାର ସାଜିଥିବା ଅଭିଯୋଗ ହେଉଛି। କୋରେଇ ଅଞ୍ଚଳର ବିଭିନ୍ନ ଜବରଦଖଲ ଉଚ୍ଛେଦ ପାଇଁ ଚିଠି ହୋଇଥିଲେ ମଧ ତହସିଲଦାର ଲାଞ୍ଚ ନେଇ ଚିଠିକୁ ଫାଇଲ ତଳେ ଚାପିଦେଇଥିବ ମଧ ସଙ୍ଗୀନ ଅଭିଯୋଗ ହେଉଛି। ଏକ ବେଆଇନ୍ ମହରୋମ୍ ଖଦାନ ବିଷୟରେ ପଛିକୋଟ ଆର୍ ଆଇ ସୁଧୀର କୁମାରଙ୍କ ପ୍ରତିକ୍ରିୟା ନେବା ପାଇଁ ଫୋନ୍ ଯୋଗେ ଯୋଗା ଯୋଗ ପ୍ରଶ୍ନ କରିଥିଲୁ ସେ ଚେଙ୍କି ଉଠି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ମୁଁ ଜଣେ ସରକାରୀ ଅଧିକାରୀ ମୋତେ ଫୋନ୍ କଲେ ନମସ୍କାର କରିବେ ତା ପରେ ଯାହା ପଚାରିବେ , ମୁଁ ଭଗବାନ ନୁହେଁ ଯେ କୋଉଠି ମହରୋମ ଖୋଲା ହେବ ମୁଁ ଜାଣିବି ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ ଯେ ପଛିକୋଟ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ପଛପଟେ ମହରୋମ ଖୋଲା ହେଉଛି ଆର୍‌ଆଇ ଏହାକୁ ସହଯୋଗ କରୁଛନ୍ତି। ତେଣୁ ଏ ସମସ୍ତ ଘଟଣାକୁ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ତଦନ୍ତ ପରିସରଭୁକ୍ତ କରି ଦୁର୍ନୀତିଖୋର୍ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି।



କଟକ(ଭାସ୍କର ନ୍ୟୁଜ୍): ବିଡାନାସୀ ନୂଆସାହି ବସ୍ତିର ୧୭ ପରିବାରକୁ ଦୁଇ ବର୍ଷରୁ ଉର୍ଦ୍ଧ ହେବ ଉଚ୍ଛେଦ ସିଡିଏ ଓ ସିଏମସି ଦ୍ୱାରା କରାଯାଇଥିଲା। ପରେ ସେମାନଙ୍କୁ ପରିବାର ଗୁଡ଼ିକୁ ସିଏମସି ପକ୍ଷରୁ ଜାଗା ମିଶନରେ ସାମିଲ କରାଯାଇଥିଲା। ଜାଗା ମିଶନ ସର୍ଭେ ସହ ଡ୍ରୋନ ସର୍ଭେ କରାଯାଇ ତାଲିକା ପ୍ରସ୍ତୁତ କରାଯାଇଥିଲା। ସିଏମସିର ତଦାରଖ ଦଳ ଆସି ତାଲିକା ଯାଞ୍ଚ ପରେ ସେହି ୧୭ ପରିବାରଙ୍କ ଧବଳେଶ୍ୱର ଗଡାରେ ଥଇଥାନ ପାଇଁ ମେୟର ଏବଂ କମିଶନର ଯୋଗ୍ୟ ବିବେଚିତ ପରିବାର ବୋଲି ରିପୋର୍ଟରେ ମଞ୍ଜୁରୀ ଦେଇଥିଲେ। ଦୁଃଖର ବିଷୟ ଅସହାୟ ଅବସ୍ଥାରେ ଥିବା ସେ ପରିବାର ଗୁଡ଼ିକୁ ଆଦି ପର୍ଯ୍ୟନ୍ତ ଥଇଥାନ କରାଯାଇ ନାହିଁ। ଏହାର ପ୍ରତିବାଦ କରି ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବିଡାନାସୀ ନୂଆସାହିର ବହୁ ସଂଖ୍ୟାରେ ବସ୍ତିବାସିନ୍ଦା ଗଣ ଧାରଣାରେ ବସିଛନ୍ତି। କମିଶନର ନିର୍ଭର ପ୍ରତିଶ୍ରୁତି ନଦେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ। ଜାଗା ମିଶନରେ ସାମିଲ ଥିବା ୧୭ଟି ପରିବାରକୁ ସିଏମସି ଘୋଷଣା ଅନୁଯାୟୀ ଧବଳେଶ୍ୱର ଗଡାରେ ଥଇଥାନ ଓ ମହାନଗର ନିଗମ ଆଇନ ଅନୁଯାୟୀ ଜାଗା ଦେବା ସହ ପଟ୍ଟା ଦେବା ଆଦି ଦାବି ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ କରାଯାଇଛି। ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀଙ୍କ ଅଧ୍ୟକ୍ଷତାରେ ବାମପନ୍ଥୀ ନେତା ବିଶ୍ୱାବସୁ ଦାସ ଧାରଣା ସ୍ଥଳରେ ବକ୍ତବ୍ୟ ଦେଇଥିଲେ।

ରାଜଭବନରେ କୁଳପତି ସମ୍ମିଳନୀ

## ବିକଶିତ ଓଡ଼ିଶା-ବିକଶିତ ଭାରତ ଗଠନ ପାଇଁ ବିଶ୍ୱବିଦ୍ୟାଳୟ ହେଉଛି ଭିତିଭୂମି: ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): 'ବିକଶିତ ଓଡିଶା-ବିକଶିତ ଭାରତ' ଗଠନ ପାଇଁ ବିଶ୍ୱ ବିଦ୍ୟାଳୟ ହେଉଛି ଭିତିଭୂମି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ମଙ୍ଗଳବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ରେ ଆୟୋଜିତ ରାଜ୍ୟର ବିଶ୍ୱ ବିଦ୍ୟାଳୟ ସମୁହର କୁଳପତି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏହା କହିଛନ୍ତି। ଏତଦ୍‌ବ୍ୟତୀତ ବିଶ୍ୱ ବିଦ୍ୟାଳୟରେ ଶିକ୍ଷାଗତ ଉତ୍କର୍ଷତା ଏବଂ ଛାତ୍ର କଲ୍ୟାଣର ତତ୍ତ୍ୱାବଧାରକ ଭାବେ ବିଶ୍ୱ ବିଦ୍ୟାଳୟରେ ସୁରକ୍ଷିତ, ଅନ୍ତର୍ନିବେଶୀ ଓ ଶୃଙ୍ଖଳିତ ପରିବେଶ ସୁନିଶ୍ଚିତ କରିବା ପାଇଁ କୁଳପତିମାନେ କାର୍ଯ୍ୟ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ବିଶ୍ୱ ବିଦ୍ୟାଳୟ ହେଉଛି ଜ୍ଞାନ, ନବ ସୃଜନ ଓ ଦାୟିତ୍ୱବାନ ନାଗରିକ ସର୍ଜନାର କେନ୍ଦ୍ର। ରାଷ୍ଟ୍ର ଗଠନରେ ଉଚ୍ଚ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱ ବିଦ୍ୟାଳୟର ପୁରୋଧା ଭାବରେ ଶୈକ୍ଷିକ ପରିମଣ୍ଡଳକୁ ରୂପରେଖ ଦେବାରେ, ନବ ସୃଜନକୁ ପ୍ରୋତ୍ସାହିତ କରିବାରେ ଏବଂ ଅନୁଷ୍ଠାନକୁ ଜ୍ଞାନ ଓ ଉତ୍କର୍ଷ କେନ୍ଦ୍ର କରିବାରେ କୁଳପତିମାନଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ରାଜ୍ୟର ସମସ୍ତ ସରକାରୀ ବିଶ୍ୱ ବିଦ୍ୟାଳୟରେ ନୂତନ ଶିକ୍ଷାନୀତି-୨୦୨୦ ଲାଗୁ ହୋଇଥିବାରୁ ରାଜ୍ୟପାଳ ଖୁସି ପ୍ରକଟ କରିବା ସହିତ ଏହା ବହୁମୁଖୀ ଶିକ୍ଷା, ଗବେଷଣା, ଦକ୍ଷତା ବିକାଶ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ପ୍ରୋତ୍ସାହନ ଯୋଗାଇବ ବୋଲି କହିଥିଲେ। ନୂତନ ଶିକ୍ଷାନୀତିରେ ଅଭିନବ ଶିକ୍ଷା ପଦ୍ଧତିକୁ ଗ୍ରହଣ କରିବା, ଗବେଷଣା ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ଓ ଅନ୍ତର୍ଜାତୀୟ ଅନୁଷ୍ଠାନ / ପ୍ରତିଷ୍ଠାନ ସହିତ ସମନ୍ୱୟ ଓ ସହଯୋଗ ବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି। ଛାତ୍ରଛାତ୍ରୀଙ୍କୁ କେବଳ ନିଯୁକ୍ତି ପାଇଁ ପ୍ରସ୍ତୁତ ନକରି ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେବା ନିମନ୍ତେ ପ୍ରସ୍ତୁତ କରିବାକୁ ନୂତନ ଶିକ୍ଷାନୀତି ସହାୟକ ହେବ ବୋଲି ରାଜ୍ୟପାଳ କହିଥିଲେ। ରାଜ୍ୟରେ ଶିକ୍ଷା ଓ ଦକ୍ଷତା ଇକୋସିଷ୍ଟମକୁ ରୂପରେଖ ଦେବା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ନୂତନ ଶିକ୍ଷାନୀତି-୨୦୨୦ର ସଫଳ କାର୍ଯ୍ୟାନ୍ୱୟନ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍‌ଟ୍ରୋନିକସ୍ ଓ ଆଇ.ଟି. ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବକ୍ତବ୍ୟ ପ୍ରଦାନ କରି ଉଚ୍ଚ ଶିକ୍ଷା ସହିତ ସଂପର୍କିତ ନିଜ ନିଜ ବିଭାଗର କାର୍ଯ୍ୟକ୍ରମ / ଯୋଜନା ସଂପର୍କରେ ଆଲୋଚନା କରିଥିଲେ। ବସୂଚନାଯୋଗ୍ୟ ଯେ, ଏହି ସମ୍ମିଳନୀରେ ନୂତନ ଶିକ୍ଷାନୀତି-୨୦୨୦ ସହିତ ବିଶ୍ୱ ବିଦ୍ୟାଳୟ ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବିଶଦ୍ ଆଲୋଚନା ହୋଇଥିଲା। ବିଭିନ୍ନ ସମସ୍ୟାର ସମାଧାନ ଏବଂ ବିଶ୍ୱ ବିଦ୍ୟାଳୟର ସୁପରିଚାଳନା ଉପରେ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କୁଳପତି ସମ୍ମିଳନୀର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଉଚ୍ଚ ଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶେଷରେ ରେଭେନ୍‌ସା ବିଶ୍ୱ ବିଦ୍ୟାଳୟର ଭାଇସ୍ ଚ୍ୟାନେସ୍‌ଲର ସଂଜୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ବ୍ୟାପକ ବଜାର ସୁବିଧା ସୃଷ୍ଟି ପାଇଁ ତ୍ରିପାକ୍ଷିକ ବୁଝାମଣା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ଜଳ ସଂପଦ ବିଭାଗ ଦ୍ୱାରା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଓଡ଼ିଶା ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ ରୁରାଲ୍ ମ୍ୟାନେଜମେଣ୍ଟ ଆନନ୍ଦ (ଆଇଆରଏମଏ), ଗୁଜରାଟ ସହ ମଙ୍ଗଳବାର ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ରାଜୀବ ଭବନସ୍ଥିତ ଜଳ ସମ୍ପଦ ବିଭାଗ ସମ୍ମିଳନୀ କକ୍ଷରେ ରାଜ୍ୟ ଉନ୍ନୟନ କମିଶନର ତଥା ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ନିର୍ଦ୍ଦେଶକ ସଦ୍ଦିକ୍ ଆଲାମ୍, ସହନଶୀଳ କୃଷି ପାଇଁ ଓଡ଼ିଶା ସମନ୍ୱିତ ଜଳ ସେଚନ ପ୍ରକଳ୍ପ (ଓଆଇଆଇପିସିଆରଏ)ର ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମିରଞ୍ଜନ ନାୟକ, ଆଇଆରଏମଏ, ଗୁଜରାଟର ନିର୍ଦ୍ଦେଶକ ଡଃ. ଉମାକାନ୍ତ ଦାଶଙ୍କ ସମେତ ଜଳ ସଂପଦ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ, ଜଳ ସଂପଦ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ, କୃଷି ଓ କୃଷକ ସଶକ୍ତୀକରଣ ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ ଓ୍ୱାର୍ଲ୍ ଫିସର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଏହି ବୁଝାମଣା ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ବଜାର ସୁବିଧା( ମାର୍କେଟିଂ) ଉପରେ ମତ୍ସ୍ୟ ଅଧିକାରୀ ଏବଂ ମାଛ ଚାଷ କରୁଥିବା କୃଷକ ଏବଂ ସଂପୃକ୍ତ ଅଂଶୀଦାରମାନଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ । ମତ୍ସ୍ୟ ବଜାର ବିକାଶ ଉପରେ କେନ୍ଦ୍ରିତ ଗଠନମୂଳକ ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ମତ୍ସ୍ୟ ଅଧିକାରୀ ଏବଂ ପ୍ରଗତିଶୀଳ କୃଷକଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ଅଧିକାରୀ ଏବଂ ଅଂଶୀଦାରମାନଙ୍କ ପାଇଁ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଏହି ସହଯୋଗର ମୂଳ ଉଦ୍ଦେଶ୍ୟ ରହିଛି । ମତ୍ସ୍ୟ ଚାଷୀଙ୍କ ନିମନ୍ତେ ଘରୋଇ ବଜାର ପାଇଁ ରଣନୀତି ବିକଶିତ କରିବା, ମାର୍କେଟିଂ କୌଶଳ ସହିତ ପରିଚିତ କରାଇବା ଏବଂ ଉପଭୋକ୍ତାଙ୍କ ବ୍ୟବହାରିକ ଆଚରଣ ବିଷୟରେ ସେମାନଙ୍କୁ ଉନ୍ନତ ପ୍ରଦର୍ଶନ କରାଇବାରେ ସାହାଯ୍ୟ କରିବ ।

ପୂର୍ତ୍ତ ବିଭାଗ ଅଧୀନରେ ଥିବା ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା

## ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ତ୍ତ ବିଭାଗ ଅଧୀନରେ ଥିବା ୧୦୦ କୋଟିରୁ ଅଧିକ ପ୍ରକଳ୍ପ ମୂଲ୍ୟର ରାସ୍ତାଘାଟ, ସେତୁ ତଥା କୋଠାବାଡ଼ି ଆଦି କାର୍ଯ୍ୟର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନ କନ୍‌ଭେନ୍‌ସନ୍ ହଲ୍‌ରେ ମନ୍ତ୍ରୀ ହରିଚନ୍ଦନ କହିଲେ ଯେ ସରକାର ରାଜ୍ୟବାସୀଙ୍କୁ ଉନ୍ନତ ଭିତିଭୂମି ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ। ତେଣୁ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ କିମ୍ବା ଗୁଣବତା ନେଇ ସାଲିସ କରାଯିବ ନାହିଁ। ଏଥି ପାଇଁ ବିଭାଗୀୟ ଅଧିକାରୀ, ମୁଖ୍ୟଯନ୍ତ୍ରୀ, ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ନିୟମିତ କାର୍ଯ୍ୟର ତଦାରଖ ସହ ପ୍ରତି ମାସରେ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିବେ । ଠିକା ସଂସ୍ଥାଙ୍କ ସମସ୍ୟା ସମାଧାନ ସହ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ବିଭାଗୀୟ ଅଧିକାରୀ ଉଦ୍ୟମ ଜାରି ରଖିବେ। କାର୍ଯ୍ୟଭାର ନେଇଥିବା ଏଜେନ୍ସି ଅବା ଠିକା ସଂସ୍ଥା ନିଜର ମାନବସମ୍ବଳ ଓ ଜ୍ଞାନକୌଶଳକୁ ଉପଯୋଗ କରି ଧାର୍ଯ୍ୟ ସମୟସୀମାରେ କାର୍ଯ୍ୟ ଶେଷ ପାଇଁ ଚେଷ୍ଟା କରିବେ । ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ କିମ୍ବା ଗୁଣବତା ନେଇ କୌଣସି ସଂସ୍ଥା ବିରୋଧରେ ଅଭିଯୋଗ ଆସିଲେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛଘୁଞ୍ଚା ଦେବେ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି । ଆଗାମୀ ଦିନରେ ପ୍ରକଳ୍ପ କାର୍ଯ୍ୟାଦେଶ ପ୍ରଦାନ ସମୟରେ ପୂର୍ବ ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯିବ। ବୈଠକରେ ପୂର୍ତ୍ତ ବିଭାଗ ଶାସନ ସଚିବ ବୀର ବିକ୍ରମ ଯାଦବ, ଇଆଇସି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଏଲ୍.କେ. ପାଢ଼ୀ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ସମୀର ହୋତା, ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଠିକା ସଂସ୍ଥା ପ୍ରତିନିଧି ଯୋଗଦେଇଥିଲେ ।

## ଏଟିଏମ୍ ଲୁଟ୍ ଘଟଣାରେ ଆଉ ଦୁଇ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲିଙ୍ଗରାଜ ଥାନା ଅଞ୍ଚଳରେ ଥିବା ଏଟିଏମ୍ ଲୁଟ୍ ଘଟଣାରେ ଆଉ ଦୁଇ ଚୋରଙ୍କୁ ଗିରଫ କରିଛି କମିଶନରେଟ ପୋଲିସ। ପୋଲିସ କମିଶନର ସୁରେଶ ଦେବଦତ ସିଂ କହିଛନ୍ତି ପୂର୍ବରୁ ୬ ଗିରଫ ହୋଇଥିବା ବେଳେ ଆଜି ଆଉ ଦୁଇ ଗିରଫ ହୋଇଛନ୍ତି। ସେମାନେ ହେଲେ ଆନ୍ତଃରାଜ୍ୟ ଚୋର ରୋସ୍ତମ ଏବଂ ରାଜୁ। ରୋସ୍ତମ ଏଲିଆଜ ଅବଦୁଲ ହକ ଗଜିଆବାଦ ଉତରପ୍ରଦେଶରୁ ଧରା ପଡ଼ିଥିବା ବେଳେ ରାଜୁ ଏଲିଆଜ ମେହେମାନ ମୁଲ୍ଲା ପଶ୍ଚିମବଙ୍ଗରୁ ଧରା ପଡିଛି। ଦୁହେଁ ଏଟିଏମ୍ ଚୋରିର ମାଷ୍ଟର ମାଇଣ୍ଡ। ରୋସ୍ତମ ନିକଟରେ ଗୋଆ ଜେଲରୁ ବାହାରିଥିଲା। ସେମାନଙ୍କ ପାଖରୁ ୩୮ ହଜାର ଟଙ୍କା ଓ ମୋବାଇଲ ଜବତ କରିଛି ପୋଲିସ।

## ୫ରେ ପଞ୍ଚାୟତିରାଜ ଦିବସ ପାଳନ ନ କରିବା ନିଷ୍ପତ୍ତିକୁ ବିଜେଡିର ଦୃଢ଼ ନିନ୍ଦା



**୬ରେ ରାଜ୍ୟବ୍ୟାପୀ ପ୍ରତିବାଦ ସଭା**

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ପଞ୍ଚାୟତିରାଜ ଦିବସ ଗତ ପ୍ରାୟ ୩ ଦଶନ୍ଧି ଧରି ମାର୍ଚ୍ଚ ୫ରେ ପାଳିତ ହୋଇଆସୁଥିବା ବେଳେ, ରାଜ୍ୟ ସରକାର ଏହାକୁ ମାର୍ଚ୍ଚ ୫ରେ ନକରି ଏପ୍ରିଲ ୨୪ରେ ପାଳନ କରିବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ ଓ ରାଜ୍ୟ ସରକାରଙ୍କ ସଂକୀର୍ଣ୍ଣ ମନୋଭାବର ପରିଚୟ ବୋଲି ବିଜୁ ଜନତା ଦଳ ତରଫରୁ କୁହାଯାଇଛି । ମାର୍ଚ୍ଚ ୫ ତାରିଖରେ ବିଜୁବାବୁଙ୍କ ଜୟନ୍ତୀ ରାଜ୍ୟବ୍ୟାପୀ ବିଜେଡି ତରଫରୁ ପାଳିତ ହେବ ଓ ମାର୍ଚ୍ଚ ୬ ତାରିଖ ଦିନ ବିଜେଡି ତରଫରୁ ରାଜ୍ୟବ୍ୟାପୀ ପ୍ରତିବାଦ ସଭା ଆୟୋଜିତ ହେବ ବୋଲି ବିଜେଡି ତରଫରୁ କୁହାଯାଇଛି । ଶଙ୍ଖ ଭବନରେ ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର କହିଥିଲେ, ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ଓଡିଶା ଅଗ୍ରଣୀ ରାଜ୍ୟର ଭୂମିକା ନିର୍ବାହ କରିଛି । ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରି କ୍ଷମତାର ବିକେନ୍ଦ୍ରୀକରଣ କରି ତୃଣମୂଳସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ଭଳି ଐତିହାସିକ କାର୍ଯ୍ୟ ବିଜୁବାବୁଙ୍କ ଭଳି ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିଙ୍କ ଯୋଗୁଁ ସମ୍ଭବ ହୋଇପାରିଥିଲା । ବିଜୁ ଜନତା ଦଳର ରୂପାୟନ କମିଟିର ଆବାହକ ସଞ୍ଜୟ ଦାସବର୍ମା କହିଥିଲେ, କ୍ଷମତା ରାଜନୀତିରେ ମହିଳାଙ୍କୁ ସଶକ୍ତ ନକରି ସମାଜର ପୂର୍ଣ୍ଣାଙ୍ଗ ବିକାଶ ପରିକଳ୍ପନା ସମ୍ଭବ ନୁହେଁ ବୋଲି ବିଚାର କରି, ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଏକ ତୃତୀୟାଂଶ ମହିଳାଙ୍କ ପାଇଁ ସଂରକ୍ଷିତ କରାଯାଇଥିଲା । କେନ୍ଦ୍ର ସରକାର ପଞ୍ଚାୟତିରାଜ ଦିବସ ପାଳିବାର ଯଥେଷ୍ଟ ପୂର୍ବରୁ ଓଡିଶା ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳିଆସୁଛି । ଏହି ପରିପ୍ରେକ୍ଷୀରେ, ବର୍ତ୍ତମାନର ବିଜେପି ସରକାର ଏହି ନିଷ୍ପତ୍ତିକୁ ବଦଳେଇ ଦେଇ ଓଡ଼ିଶାର ଗୌରବକୁ କ୍ଷୁଣ୍ଣ କରିଛନ୍ତି । ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ । ନିଷ୍ପତ୍ତି ପଛରେ ରାଜ୍ୟ ସରକାରଙ୍କ ଅସୂୟା ଭାବ ସ୍ପଷ୍ଟ ପରିଲକ୍ଷିତ ହେଉଛି ବୋଲି ଶ୍ରୀ ଦାସବର୍ମା କହିଥିଲେ । ଦଳର ସଭ୍ୟ ସଂଗ୍ରହ ଅଭିଯାନ କମିଟିର ଆବାହକ ଅତନୁ ସବ୍ୟସାଚୀ ନାୟକ କହିଥିଲେ, ରାଜ୍ୟ ସରକାର କ୍ଷମତାକୁ ଆସିବା ଦିନଠାରୁ, ବିଜୁ ପଟ୍ଟନାୟକଙ୍କ କୃତୀକୁ ସୁଚିନ୍ତିତ ଉପାୟରେ ମଳିନ କରିବାକୁ ଅପଚେଷ୍ଟା କରୁଛନ୍ତି । ଉଦାହରଣ ସ୍ୱରୂପ ବିଜୁ ବାବୁଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସମ୍ମାନଜନକ ଆନ୍ତର୍ଜାତୀୟ କଳିଙ୍ଗ ପୁରସ୍କାରକୁ କେନ୍ଦ୍ର ସରକାର ଅନୁଦାନ ଦେବାକୁ ମନା କରିବା ପରେ ଏହା ବନ୍ଦ ହେବାକୁ ଯାଉଛି । ଏନେଇ ବିଜେଡି ବିଧାୟକ ବିଧାନସଭାରେ ଉତଥାନ କରିଥିଲେ ହେଁ ରାଜ୍ୟ ସରକାର ନିରବ ଅଛନ୍ତି । ବିଜେଡି ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକୁ ଦୃଢ଼ ନିନ୍ଦା କରୁଛି । ଦଳର ବରିଷ୍ଠ ମିଡ଼ିଆ ସଂଯୋଜକ ପ୍ରତାପ ଜେନା ଉପସ୍ଥିତ ଥିଲେ ।

DADLS-103



ବିଜୁ ପଟ୍ଟନାୟକ
୫ ମାର୍ଚ୍ଚ ୧୯୧୬ - ୧୭ ଅପ୍ରେଲ ୧୯୯୭

ମହାନ ଜନନାୟକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ
ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ
ଜୟନ୍ତୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

୫ ମାର୍ଚ୍ଚ ୨୦୨୫

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR 15001/13/0440/2025



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



## ବିଶ୍ୱରେ ଖାଦ୍ୟ ସଂକଟର ଆଶଙ୍କା
# ଜାତିସଂଘ ଆଗରେ ବଡ଼ ଆହ୍ୱାନ

ସମଗ୍ର ବିଶ୍ୱରେ ଏବେ ଅର୍ଥନୈତିକ ବୈଷମ୍ୟ ଦ୍ରୁତଗତିରେ ବଢି ଚାଲିଥିବାର ଲକ୍ଷ୍ୟ କରାଯାଉଛି। କେଉଁଠି ଧନଶାଳୀ ବ୍ୟକ୍ତି ଦିନକୁ ଦିନ ଅଧିକ ଧନୀ ହୋଇ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିବା ବେଳେ ଅନ୍ୟ କେଉଁଠି ଗରିବ ଲୋକଟିଏ ଅଧିକ ଗରିବ ହୋଇ ଭୋକ ଉପାସରେ ଦିନ କାଟୁଛି। ବୈଷମ୍ୟର ଏହି ମେଘନାଦ ପ୍ରାଚୀର ବିଭିନ୍ନ ଦେଶରେ ଜନ ଅସନ୍ତୋଷର ମୂଳକାରଣ ହୋଇଛି। ଦାରିଦ୍ର୍ୟ କବଳରୁ ମୁକ୍ତିଲାଭ କରି ଦୁଇଓଳି ଆହାର ମୁଠିଏ ପାଇବାକୁ ମଣିଷର ସଂଗ୍ରାମ ଜାରି ରହିଥିବା ବେଳେ ଯେଉଁଠି ଏଥିରୁ ବଞ୍ଚିତ ହେଉଛି, ସେଠାରେ ହିଂସାର ଆଶ୍ରୟ ନେବାକୁ ପଛାଉନାହିଁ। ବର୍ତ୍ତମାନ ବିଶ୍ୱର ଜନସଂଖ୍ୟା ୮୦୦ କୋଟି ଟପି ସାରିଛି, ଯାହା ଆଗାମୀ ଦିନରେ ଖାଦ୍ୟାଭାବ ଓ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିର ମୁଖ୍ୟ କାରଣ ହେବ। ମିଳିତ ଜାତିସଂଘ ପକ୍ଷରୁ ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଏ କ୍ଷେତ୍ରରେ ଚିନ୍ତାର କାରଣ ପାଲଟିଛି। ଏଥିରେ ଉଲ୍ଲେଖ ରହିଛି ଯେ, ବର୍ତ୍ତମାନ ସାରା ବିଶ୍ୱରେ ପ୍ରାୟ ୮୨ କୋଟି ଲୋକ ପ୍ରତିଦିନ ରାତିରେ ଖାଇବାକୁ ନପାଇ ଉପାସ ରହୁଛନ୍ତି। ଗତ ୨୦୧୯ ମସିହା ଠାରୁ ଖାଦ୍ୟାଭାବର ସମ୍ମୁଖୀନ ହେଉଥିବା ଲୋକଙ୍କ ସଂଖ୍ୟା ୧୩ କୋଟି ୫୦ ଲକ୍ଷରୁ ୩୪ କୋଟି ୫୦ ଲକ୍ଷକୁ ବୃଦ୍ଧି ପାଇଛି। ସେହିପରି ଅକ୍ସଫାମ୍ ତଥ୍ୟ ଦର୍ଶାଉଛି ଯେ, ବିଗତ ୧୦ ବର୍ଷରେ ବିଶ୍ୱର ମାତ୍ର ଏକ ପ୍ରତିଶତ ଧନଶାଳୀ ଲୋକଙ୍କ ସମ୍ପତ୍ତିରେ ୪୨ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି, ଯାହା ବିଶ୍ୱର ଅର୍ଦ୍ଧେକ ଲୋକଙ୍କ ମୋଟ ସମ୍ପତ୍ତିର ୩୬ ଗୁଣ। ଦୁଇବର୍ଷ ପୂର୍ବେ ଇଣ୍ଡୋନେସିଆର ବାଲିଠାରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀରେ ମଧ୍ୟ ଏହି ପ୍ରସଙ୍ଗ ଉତ୍ଥାପିତ ହୋଇଥିଲା। ସେଠାରେ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍ ବିଶ୍ୱନେତାମାନଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ସେ ଉପସ୍ଥାପନ କରିଥିବା ତଥ୍ୟ ଅନୁଯାୟୀ ବିଶ୍ୱର ପାଞ୍ଚଟି ଭିନ୍ନ ଭିନ୍ନ ସ୍ଥାନରେ ଏବେ ଲୋକମାନେ ଦୁର୍ଭିକ୍ଷର ସମ୍ମୁଖୀନ ହେଉଛନ୍ତି। ଏହାର କାରଣ ଜି-୨୦ ରାଷ୍ଟ୍ରଗୁଡ଼ିକରେ ଦୁନିଆର ସର୍ବାଧିକ ଧନଶାଳୀ ବ୍ୟକ୍ତି ବସବାସ କରୁଥିବାର ଆକଳନ କରାଯାଇଛି। ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ଦର୍ଶାଇଛି ଯେ, ସମଗ୍ର ବିଶ୍ୱରେ ପ୍ରତିବର୍ଷ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଉତ୍ପାଦିତ ହେଉଛି। ଏହାର ପରିମାଣ ପ୍ରାୟ ୪ ବିଲିୟନ ଟନ୍ ହୋଇଥିବା ବେଳେ ଏହି ଉତ୍ପାଦିତ ଖାଦ୍ୟରୁ ଏକ ତୃତୀୟାଂଶ ନଷ୍ଟ ହୋଇଯାଉଛି। ନଷ୍ଟ ହେଉଥିବା ଖାଦ୍ୟ ଭିତରେ ମୁଖ୍ୟତଃ ଫଳ, ପନିପରିବା, ଦୁଗ୍ଧ ଓ ମାଂସ ଅନ୍ତର୍ଭୁକ୍ତ, ଯାହାର ପରିମାଣ ୧.୩ ବିଲିୟନ ଟନ୍ ହେବ ବୋଲି ଆକଳନ କରାଯାଉଛି। ଯେତିକି ଖାଦ୍ୟ ନଷ୍ଟ ହେଉଛି, ତାହା ପୁଷ୍ଟିକର ଖାଦ୍ୟ ପାଉନଥିବା ଲୋକଙ୍କୁ ଯୋଗାଇବା ପାଇଁ ଯଥେଷ୍ଟ ହୁଅନ୍ତା। ଅଥଚ ଏତେ ପରିମାଣର ଉନ୍ନତ ଖାଦ୍ୟ ନଷ୍ଟ ହେଲେ ମଧ୍ୟ ମଣିଷ ତାହା ପାଇପାରୁ ନାହିଁ। ବିଶେଷଜ୍ଞଙ୍କ ମତରେ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ବାଧକ ସାଜିଥିବା ଅନ୍ୟ କାରଣଟି ହେଉଛି, ବିଭିନ୍ନ ଖାଦ୍ୟ ସାମଗ୍ରୀର ଅତ୍ୟଧିକ ମୂଲ୍ୟବୃଦ୍ଧି। ଗରିବ ଲୋକ ଅଧିକ ଅର୍ଥ ଖର୍ଚ୍ଚ କରି ତାହା କିଣିବାକୁ ସକ୍ଷମ ହେଉନାହାଁନ୍ତି ଏବଂ ଭୋକ ଉପାସରେ ରହିବାକୁ ବାଧ୍ୟ ହେଉଛନ୍ତି। ଶସ୍ତା ଦରରେ ନିମ୍ନମାନର ଖାଦ୍ୟ ଖାଇବା ଫଳରେ ପୁଷ୍ଟିହୀନତା ବୃଦ୍ଧି ପାଉଛି। ମହିଳା ଓ ଶିଶୁମାନଙ୍କ ପାଇଁ ପୁଷ୍ଟିହୀନତା ଏକ ବଡ଼ ସମସ୍ୟା ରୂପେ ଦେଖାଦେଇଥିବାର ରିପୋର୍ଟରେ ଦର୍ଶାଯାଇଛି। ବିଶେଷକରି ଶିଶୁମାନଙ୍କ ପାଇଁ ଏହା ଅଧିକ କ୍ଷତିକାରକ ହେବାର ସମ୍ଭାବନା ରହିଛି। ପ୍ରାୟ ୩ ବର୍ଷ ଧରି ଚାଲିଥିବା ରୁଷ-ୟୁକ୍ରେନ୍ ଯୁଦ୍ଧ ଫଳରେ ବିଶ୍ୱର ସମସ୍ତ ଦେଶରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ଅତିମାତ୍ରାରେ ବୃଦ୍ଧି ପାଇଛି। ଏହି ଦୁଇ ଦେଶ ସାରା ଦୁନିଆକୁ ଗହମ, ବାର୍ଲି, ମକା ଓ ସୂର୍ଯ୍ୟମୁଖୀ ତେଲ ଯୋଗାଇବାରେ ଅଗ୍ରଣୀ ଭୂମିକା ନେଇଥାନ୍ତି। ଉଭୟ ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଓ ଭୟଙ୍କର ଖାଦ୍ୟ ସଙ୍କଟ ଭବିଷ୍ୟତରେ ହିଂସା ଓ ଅରାଜକତାକୁ ଆମନ୍ତ୍ରଣ କରିଆଣିବା କିଛି ଅସମ୍ଭବ ନୁହେଁ। ତେଣୁ ନେଡ଼ି ଗୁଡ଼ କହୁଣୀକୁ ବୋହିଯିବା ପୂର୍ବରୁ ବିଭିନ୍ନ ଦେଶ ଏହାର ପ୍ରତିକାର ନିମନ୍ତେ ସୁଚିନ୍ତିତ ରଣନୀତି ଆପଣାଇବାକୁ ପଡ଼ିବ। ଏ କ୍ଷେତ୍ରରେ ଜାତିସଂଘ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାର ଯେ ଆବଶ୍ୟକତା ରହିଛି, ଏଥିରେ ସନ୍ଦେହ ନାହିଁ।

# ପ୍ରବାଦ ପୁରୁଷ ବିଜୁବାବୁ



ଚିତ୍ତରଞ୍ଜନ ଧୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

ବୀରପ୍ରସବିନୀ ଉତ୍କଳ ମାଟି ଜନ୍ମ ଦେଇଛି ଅନେକ ବରପୁତ୍ରଙ୍କୁ ।ସେହି ଯୋଗଜନ୍ମା ଯୋଗ୍ୟସୁତଙ୍କୁ ନେଇ ଉତ୍କଳ ମାଟି ଆଜି ଗର୍ବିତ ।ଯେଉଁ ମାନଙ୍କର କୀର୍ତ୍ତି ଆଜି ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି ତନ୍ମଧ୍ୟରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଅନ୍ୟତମ ।୧୯୧୬ ମସିହା ମାର୍ଚ୍ଚ ୫ ତାରିଖରେ ପିତା ଲକ୍ଷ୍ମୀ ନାରାୟଣ ଓ ମାତା ଆଶାଲତାଙ୍କ କୋଳମଣ୍ଡନ କରିଥିଲେ ଉତ୍କଳର ଅନ୍ୟତମ ବରପୁତ୍ର ବିଜୁ ପଟ୍ଟନାୟକ । ବାଲ୍ୟ ଜୀବନରୁ ସେ ଥିଲେ ସ୍ୱାଧୀନ ଚେତା, ଅସୀମ ସାହସୀ ଓ ଦେଶପ୍ରେମୀ । ପ୍ରବାଦପୁରୁଷ ବିଜୁପଟ୍ଟନାୟକ ଉତ୍କଳ ମାଟିର ଜଣେ ସୁଯୋଗ୍ୟ ସନ୍ତାନ ଭାବେ ପରିଚିତ। ଆଧୁନିକ ଓଡ଼ିଶାର ସେ ଥିଲେ ବିଶ୍ୱକର୍ମା। ପ୍ରଗତିଶୀଳ ଓଡ଼ିଶାର ସେ ଥିଲେ ନିର୍ମାତା। ଲୋକପ୍ରିୟ ଜନନାୟକ, ସମାଜ ସେବକ, ଦୀନ ଦୁଃଖୀର ଆଶା ଓ ଭରସା ଥିଲେ ବିଜୁ ବାବୁ। ନାରୀ ସଶକ୍ତିକରଣ, ଆଦିବାସୀଙ୍କ ପାଇଁ ନିରଳସ କାମ କରିବା ଥିଲା ତାଙ୍କ ନେତୃତ୍ୱର ଅନ୍ୟ ଏକ ପରିଚୟ। ଅର୍ଥନୀତିରେ ଉନ୍ନତି ଆଣିବା ଥିଲା ତାଙ୍କ ଲକ୍ଷ୍ୟ ।ଓଡ଼ିଶାର ଗର୍ବ, ଗରିମା ଓ ସ୍ୱାଭିମାନର ସ୍ୱାକ୍ଷର ଆଙ୍କିଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ।ତାଙ୍କର ପ୍ରତିଟି ମୁହୂର୍ତ୍ତ ଥିଲା କର୍ମମୟ। ଦୁର୍ଦ୍ଧର୍ଷ ପାଇଲଟ୍, ସଫଳ ଶିଳ୍ପପତି, ବିଚକ୍ଷଣ ରାଜନୀତିଜ୍ଞ, ଦୂରଦ୍ରଷ୍ଟା,ସ୍ୱାଭିମାନୀ, ସ୍ପଷ୍ଟବାଦୀ, ନିର୍ଭୀକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଏହି ସର୍ବମାନ୍ୟ ନେତା।

ଆଜି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ। ଟଲ୍ ମ୍ୟାନଙ୍କ ସ୍ମୃତିକୁ ମନେ ପକାଉଛି ସାରା ଓଡ଼ିଶା। ସାଲିସବିହୀନ ରାଷ୍ଟ୍ରନୀତିଜ୍ଞ, ଚିନ୍ତାନାୟକ, ଓଡ଼ିଆ ସ୍ୱାଭିମାନର ପ୍ରତୀକ, କଳିଙ୍ଗ ବୀର ଓ ପ୍ରବାଦ ପୁରୁଷ ଭାବରେ ଓଡ଼ିଶାର ଘରେ ଘରେ ପରିଚିତ ବିଜୁ ପଟ୍ଟନାୟକ। କେବଳ ଓଡ଼ିଶା ନୁହେଁ, ଭାରତର ରାଜନୀତିରେ ଯେଉଁ କେତେଜଣ ଉଚ୍ଚରୁ ଉଚ୍ଚତର ସୋପାନରେ ପହଞ୍ଚିପାରିଥିଲେ ସେମାନଙ୍କ ମଧ୍ୟରେ ବିଜୁ ପଟ୍ଟନାୟକ ଅନ୍ୟତମ। ବାଲ୍ୟକାଳରୁ ଥିଲେ ସାହସୀ ଓ ସ୍ୱାଭିମାନୀ। କଟକ ମିସନ ସ୍କୁଲ, ରେଭେନ୍ସା କଲେଜରୁ ଆଇସିଏସ ପରେ ପାଇଲଟ ଭାବେ ପ୍ରଶିକ୍ଷଣ ନେଇଥିଲେ। ନିଜକୁ ଜଣେ ଦକ୍ଷ ପାଇଲଟ ଭାବେ ପ୍ରତିଷ୍ଠା କରି କଳିଙ୍ଗ ବୀର ଭାବେ ଅଭିହିତ ହୋଇଥିଲେ। ଭାରତ, ଇଣ୍ଡୋନେସିଆ ଓ ରଷିଆର ମୁକ୍ତି ଆନ୍ଦୋଳନରେ ସକ୍ରିୟ ଭାଗ ନେଇଥିଲେ ବିଜୁବାବୁ। ଇଣ୍ଡୋନେସିଆ ମୁକ୍ତି ଆନ୍ଦୋଳନରେ ଡଚ୍‌ମାନଙ୍କ କବଳରୁ ସୁଲତାନ ସାଜହରିରଙ୍କୁ ମୁକ୍ତ କରି ସମସ୍ତଙ୍କୁ ବିସ୍ମିତ କରିଥିଲେ। ସେଥିପାଇଁ ବିଜୁବାବୁଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭୂମିପୁତ୍ର' ପ୍ରଦାନ କରାଯାଇଥିଲା। ଓଡ଼ିଶା ରାଜନୀତିରେ ଅର୍ଦ୍ଧଶତାବ୍ଦୀ ଧରି ସେ ଜଡ଼ିତ ଥିଲେ।

ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକ ଯେପରି କାର୍ଯ୍ୟକ୍ଷମ ହେବ, ସେଥିପାଇଁ ବିଜୁ ପଟ୍ଟନାୟକ ପଞ୍ଚାୟତ ଶିଳ୍ପର ପ୍ରବର୍ତ୍ତନ କରିଥିଲେ। କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ରାଜ୍ୟରେ ସମୁଦାୟ ୩୧୪ଟି ପଞ୍ଚାୟତ ସମିତି ଗଠନ କରି ଜଣେ ଲେଖାଏଁ ବିଡିଓ ବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଯୁକ୍ତ କରାଯାଇଥିଲା। ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ମାଧ୍ୟମରେ ଗାଁର ବିକାଶ କରିବା ଥିଲା ବିଜୁ ପଟ୍ଟନାୟକଙ୍କର ମୁଖ୍ୟ ଲକ୍ଷ୍ୟ। ୧୯୯୦ରୁ ୧୯୯୫ ବିଜୁ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥା ସଂପୂର୍ଣ୍ଣ କାର୍ଯ୍ୟକାରୀ ହେବା ସହ ସେ ହିଁ ବାସ୍ତବ କ୍ଷେତ୍ରରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଆରମ୍ଭ କଲେ। ପଞ୍ଚାୟତିରାଜ ବ୍ୟବସ୍ଥା ଅନୁସୂଚିତ ଜାତି ଓ ଜନଜାତିର ଲୋକଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ସାଙ୍ଗକୁ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ରହିଲା ।ନିର୍ବାଚନରେ ମହିଳାଙ୍କ ପାଇଁ



ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣ କରାଯିବା ଫଳରେ ୨୭ ହଜାର ମହିଳା ନିର୍ବାଚିତ ହୋଇପାରିଥିଲେ । ଏପରିକି ପଞ୍ଚାୟତର ସରପଞ୍ଚ ପୁରୁଷ ଥିଲେ ମହିଳା ନାଏବ ସରପଞ୍ଚ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀରେ ପୁରୁଷ ଥିଲେ ଉପାଧ୍ୟକ୍ଷ ପାଇଁ ମହିଳା ରହିବେ ବୋଲି ଆଇନ ପ୍ରଣୟନ କରାଗଲା। ମୋଟାମୋଟି ଭାବେ ବିଜୁବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡ଼ିକ ବେଶ୍ ସୁଦୃଢ଼ ହୋଇପାରିଥିଲା। ଖାଲି ସେତିକି ନୁହେଁ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମେତ ଅନ୍ୟ ପ୍ରମୁଖ କାର୍ଯ୍ୟକ୍ରମରେ ମହିଳାଙ୍କ ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦେବାକୁ ବିଜୁବାବୁ ପ୍ରୟାସ କରିଥିଲେ। ଗ୍ରାମାଞ୍ଚଳର ବିକାଶ ଲାଗି ନିରନ୍ତର ଉଦ୍ୟମ ରହିଥିଲା ବିଜୁବାବୁଙ୍କର। ବିଧାନସଭାରେ ଏସଂପର୍କିତ ବିଲ୍ ପାସ କରି ବିଜୁବାବୁ ଏ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ । ଏପରିକି ସାରା ଦେଶରେ ଏନେଇ ଓଡ଼ିଶା ଥିଲା ପ୍ରଥମ ରାଜ୍ୟ।

ବିଜୁବାବୁ ଦୁଇ ଥର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରରେ ମନ୍ତ୍ରୀ ଥିଲେ। ସେ ଥିଲେ ଜଣେ ବିସ୍ମୟକର ରାଜନେତା। ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ପାରାଦୀପ ବନ୍ଦର, ଡୁବୁରୀରୁ ପାରାଦୀପ ଏକ୍ସପ୍ରେସ ୱେ, ଚୌଦ୍ୱାରରେ ଓଟିଏମ ଓ କଳିଙ୍ଗ ଟ୍ୟୁବ୍‌ସ କାରଖାନା, ଭୁବନେଶ୍ୱରରେ ସୈନିକ ସ୍କୁଲ ଆଦି ପ୍ରତିଷ୍ଠା କରିଥିଲେ। ପ୍ରଶାସନକୁ ଲୋକଙ୍କ ପାଖରେ ସହଜରେ ପହଞ୍ଚାଇବାକୁ ୧୩ଟି ଜିଲ୍ଲାକୁ ୩୦ଟି ଜିଲ୍ଲାରେ ପରିଣତ କରିଥିଲେ। ପ୍ରବାଦ ପୁରୁଷ, କଳିଙ୍ଗବୀର, କଳିଙ୍ଗ ଷଣ୍ଢ, ଭୂମିପୁତ୍ର ଆଦି ଅନେକ ନାଁ ତାଙ୍କର । ହେଲେ ସବୁରି ମୁହଁରେ ଗୋଟିଏ ନାଁରେ ଥିଲେ ସେ ପରିଚିତ 'ବିଜୁବାବୁ।' ସେ କେବଳ ଜଣେ ଦୁଃସାହସିକ, ଅଦମନୀୟ, ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ନ ଥିଲେ ଥିଲେ ଜଣେ ଦରଦୀ ମଣିଷ । ସେ ଥିଲେ ଖାଣ୍ଟି ଓଡ଼ିଆ । ସେ ଦିନେ କହିଥିଲେ, 'ମୁଁ ଖାରବେଳଙ୍କ ବଂଶଧର। ମୋର ସଂସ୍କୃତି ଜଗନ୍ନାଥ ସଂସ୍କୃତି। ଆଉ ମୋର ରାଜ୍ୟ କଳିଙ୍ଗ । ବୀର ପ୍ରସବିନୀ ଉତ୍କଳ ମାଟିର ବରପୁତ୍ର, ଜନପ୍ରତିନିଧି ଓ ଆଧୁନିକ ଓଡିଶାର ସୂକ୍ଷ୍ମ କାରିଗର ଥିଲେ ବିଜୁବାବୁ ।

୧୭ ଏପ୍ରିଲ୍ ୧୯୯୭ରେ ଏହି ମହାନ ଜନନେତାଙ୍କର ମହାପ୍ରୟାଣ ଘଟିଥିଲା। ଉତ୍କଳ ମାତାର ଯୋଗ୍ୟତମ ସୁତ ନିର୍ଭୀକ ଜନ ନାୟକ ବିଜୁବାବୁ ସମସ୍ତଙ୍କୁ ଶୋକ ସାଗରରେ ଭସାଇଦେଇ ଇହଧାମ ତ୍ୟାଗ କଲେ । ଉତ୍କଳ ଜନନୀ ତା'ର ବରପୁତ୍ରକୁ ହରାଇଲା । ସେ ଥିଲେ ଓଡ଼ିଶାର ଗର୍ବ, ଗରିମା ଓ ସ୍ୱାଭିମାନର ବାର୍ତ୍ତାବହ । ବିଜୁବାବୁଙ୍କ ଅବଦାନ କେବଳ ଓଡ଼ିଶାକୁ ନୁହେଁ, ସମଗ୍ର ଦେଶରେ ମଧ୍ୟ ଅତୁଳନୀୟ । ତାଙ୍କର ବୁଦ୍ଧି, ଦକ୍ଷତା ଓ ଦୂରଦୃଷ୍ଟି ବଳରେ ବିଜୟାନନ୍ଦ ପଟ୍ଟନାୟକରୁ ସେ ପାଲଟି ଯାଇଥିଲେ ଶତାବ୍ଦୀ ପୁରୁଷ ବିଜୁ ପଟ୍ଟନାୟକ । ଆଜିର ଏହି ଜୟନ୍ତୀରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଝୁରୁଛି ସାରା ଓଡ଼ିଶା । ତାଙ୍କର ଜୀବନକାଳ ଭିତରେ ସେ ଯେଉଁ କର୍ମ କରିଯାଇଛନ୍ତି, ତାହା ତାଙ୍କୁ ଚିରଦିନ ପାଇଁ ଅମର କରି ରଖିବ ।

# ଋଣ ବୋଝ ଚିନ୍ତାଜନକ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଭାରତର ଅର୍ଥନୈତିକ ଅଭିବୃଦ୍ଧି ପରିମାଣ କ୍ରୟ ଓ ବ୍ୟୟ ଉପରେ ନିର୍ଦ୍ଧାରଣ କରାଯାଇଥାଏ। ତେବେ ସାଂପ୍ରତିକ ବ୍ୟୟ କରିବାର ସାମର୍ଥ୍ୟ ଢାଂଚା ଏକ ଉଦ୍‌ବେଗଜନକ ସଂକେତ ପ୍ରଦାନ କରେ। ଭାରତୀୟମାନେ ସେମାନଙ୍କ ଆୟର ପ୍ରାୟ ଏକ ତୃତୀୟାଂଶ ଋଣ ପରିଶୋଧରେ ବିନିଯୋଗ କରିଥାନ୍ତି। ଏହା ସେମାନଙ୍କର ଋଣଭାର ବୃଦ୍ଧି ପାଇବା ସହ ସେମାନଙ୍କ ଆର୍ଥନୈତିକ ସ୍ଥିରତା ଓ ସ୍ୱଚ୍ଛଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ନିୟତ ନିୟୁତ ଭାରତୀୟ ଏଭଳି ଆର୍ଥିକ ସ୍ଥିତିରେ ଜୀବନ ବିତାଉଥିବା ଏକ ଅନୁଧ୍ୟାନକାରୀ ରିପୋର୍ଟ କହେ। ବହୁ ସଂଖ୍ୟକ ବେତନଭୋଗୀ ସେମାନଙ୍କ ମାସିକ ବେତନର ୩୫ରୁ ୪୫ ପ୍ରତିଶତ ଋଣ ପରିଶୋଧରେ ବ୍ୟୟ କରିଥାନ୍ତି। ଆର୍ଥିକ ଉଦାରତା ଏବେ ବାଧକତାରେ ପରିଣତ ହୋଇଛି। ଯାହାକି କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ନିସନ୍ଦେହ ଯେ, ଦିନ ଥିଲା ସଂଚୟ ଭାରତୀୟମାନଙ୍କର ସଂସ୍କୃତି ଥିବାବେଳେ ଏବେ ସହଜସାଧ୍ୟ ଋଣ ଏବଂ ଧାର, ଋଣ କରିବା ଜୀବନ ଶୈଳୀରେ ପରିଣତ ହୋଇଛି। କହିବା ବାହୁଲ୍ୟ ଯେ, ଉଚ୍ଚ ଆୟ ବର୍ଗକାରୀଙ୍କର ଭ୍ରମଣ ଓ ଆରାମଦାୟକ ତଥା ବିଳାସପୂର୍ଣ୍ଣ ସାମଗ୍ରୀ କ୍ରୟ ପାଇଁ ଋଣ କରିଥିବାବେଳେ ନିମ୍ନ ଆୟକାରୀ ବର୍ଗ ଅତ୍ୟାବଶୀକୀୟ ସାମଗ୍ରୀ କିଣିବାରେ , ଚିକିତ୍ସା ସେବା ପାଇଁ ଔଷଧ କିଣିବା ପାଇଁ ଧାର, କରଜ କରିବା ପାଇଁ ବାଧ୍ୟ ହୋଇଥାନ୍ତି। ଅନ୍ୟପକ୍ଷରେ ପରିବାରର ସଂଚୟ ଗତ ପାଂଚ ବର୍ଷ ମଧ୍ୟରେ ଆଶାତୀତ ଭାବେ ନିମ୍ନଗାମୀ ହୋଇଛି। ଯାହାକି ଜିଡିପିର ୫.୧ପ୍ରତିଶତ ଥିବା କୁହାଯାଇଛି। ଭାରତର ପରମ୍ପରାଗତ ସଂଚୟ ସଂସ୍କୃତି ଏବେ ବିପଦଜନକ ସ୍ଥିତିରେ ବୋଲି କୁହାଯାଏ। ଭାରତୀୟଙ୍କର ଆୟ ବଢୁଥିବା ସତ୍ତ୍ୱେ ବ୍ୟକ୍ତିଗତ ଋଣ ବାର୍ଷିକ ୧୩.୭ ପ୍ରତିଶତରେ ପହଁଚିଛି। ବେତନ ବୃଦ୍ଧି ସତ୍ତ୍ୱେ ସେମାନେ କିପରି ଚାପରେ ଥିବା ତାହା ବେଶ୍ ସ୍ପଷ୍ଟ ଅନୁମେୟ। ଗତ ୬ମାସ ମଧ୍ୟରେ ହାରାହାରୀ ମାସିକ ବେତନ ଅଭିବୃଦ୍ଧି ୯.୧ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ବୃଦ୍ଧି ପାଇଥିବା ଋଣ ସ୍ତର ଦର୍ଶାଏ ଯେ, ଦୃତ ବେଗରେ ବ୍ୟୟ ମଧ୍ୟ ବଢିବାରେ ଲାଗିଛି। କେବଳ ଏତିକି ନୁହେଁ, ଭାରତୀୟମାନେ ଋଣ କରି ଘିଅ ଖାଇବା ନୀତିକୁ ଆପଣାଇ ନେଇଥିବା ମନେହୁଏ। ଋଣରେ ଘର କରଣା ସାମଗ୍ରୀ କ୍ରୟ କରିବା ଏବେ ପ୍ରତି ଭାରତୀୟଙ୍କ ଅଭ୍ୟାସରେ ପରିଣତ ହୋଇଗଲାଣି। ବିଶେଷ କରି ଗାଡିଠାରୁ ଆରମ୍ଭ କରି ବିଭିନ୍ନ ଆରାମ ଦାୟକ ସାମଗ୍ରୀ କିଣିବା ପ୍ରତ୍ୟେକଙ୍କର ଆଭିମୁଖ୍ୟ ହୋଇଯାଇଛି ବୋଲି ହୁଏତ ଅତିରଞ୍ଜିତ ହୋଇନପାରେ। ତେବେ କେବଳ ବ୍ୟକ୍ତିଗତ ସ୍ତରରେ ନୁହେଁ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଋଣ ଭାର ମଧ୍ୟ ବଢିଚାଲିଛି। ଗତ ୧୦ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଋଣ ଭାର ୧୦୫ଲକ୍ଷ କୋଟିକୁ ଅତିକ୍ରମ କରିଥିବା ସରକାରୀ ରିପୋର୍ଟ ପ୍ରକାଶ କରିଥିଲେ ମଧ୍ୟ ରାଜ୍ୟ ସରକାରମାନେ ମଧ୍ୟ ନିଜର ଆବଶ୍ୟକତା ପାଇଁ ଋଣ କରିଥାନ୍ତି। ଉଦାହରଣ ସ୍ୱରୂପ ଗତ ୨୪ବର୍ଷ ମଧ୍ୟରେ ବିଜେଡି ସରକାର ୯୧ ହଜାର ଟଙ୍କା ଋଣ କରିଥିବାବେଳେ ଗତ ୮ମାସ ମଧ୍ୟରେ ବିଜେପି ସରକାରଙ୍କ ଋଣ ପରିମାଣ ୯୬ହଜାର କୋଟି ହୋଇଥିବା କୁହାଯାଇଛି। ଏହା ନିଃସନ୍ଦେହ ଯେ, ବିଭିନ୍ନ ମାଗଣା ଯୋଜନା ଯୋଗୁଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଋଣ ଭାର ବଢିଚାଲିଛି। ଆମ ରାଜ୍ୟରେ ମୁଣ୍ଡପିଛା ଋଣ ଭାର ୨୦ହଜାର ଟଙ୍କାରେ ପହଁଚିଥିବା ସରକାରୀ ରିପୋର୍ଟ କହେ। ମାଗଣା ଯୋଜନା, ସରକାରଙ୍କ ଲଗାମଛଡା ବ୍ୟୟ ଏବଂ ଋଣ ଯୋଗୁଁ ଋଣ ଭାର ବଢିବା ସ୍ୱାଭାବିକ। ଏଥିରୁ ସରକାର କ୍ଷାନ୍ତ ହେବା ଜରୁରୀ। ଅନ୍ୟଥା ଶ୍ରୀଲଙ୍କା ପରି ସ୍ଥିତି ଉପୁଜିବା କିଛି ଅସମ୍ଭବ ନୁହେଁ।

# ଆଧ୍ୟାତ୍ମିକ ଉନ୍ନତି ହିଁ ମୁଖ୍ୟ



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

ମଣିଷ ଜୀବନର ବାଲ୍ୟକାଳରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ଗୋଟିଏ ସୌନ୍ଦର୍ଯ୍ୟ ସଂଲଗ୍ନତା ଓ ଆବଶ୍ୟକତା ଥାଏ। ଯଦିଓ କେହି କାହାର ପୂର୍ଣ୍ଣମାତ୍ରାରେ ପରିପୂରକ ନୁହେଁ, କେହି କାହାକୁ ଛାଡ଼ିବା ପାଇଁ ପ୍ରସ୍ତୁତ ନଥାନ୍ତି। ସେଥିମଧ୍ୟରୁ ଯୌବନ ଏକ ସୁନ୍ଦର ଓ ବିରଳ ସ୍ଥିତି। ଏହା ଏକ ଅଦମ୍ୟ, ଅନ୍ୱେଷା ଓ ଜିଜ୍ଞାଷାର ସ୍ଥିତି। ଯୌବନର ମହାସାଗର, ସୀମାହୀନ ଆକାଶର ବ୍ୟାପ୍ତି, ସୁଦୂରତମ ନକ୍ଷତ୍ରରେ ପହଞ୍ଚିବାର ଝୁଙ୍କ। କାରଣ ଏ ଅବସ୍ଥାରେ ଅନନ୍ତ ପ୍ରାଣ ଶକ୍ତିର ସର୍ଜନାତ୍ମକ ଉର୍ମି ବାରମ୍ବାର କୂଳ ଲଙ୍ଘୁଥାଏ। କାରଣ ଏ ଅବସ୍ଥାରେ ସନ୍ନିହିତ ରହିଥାଏ ଜୀବନର ବୈପ୍ଳବିକ ଅତୃପ୍ତି, ଯେଉଁମାନେ ଯୌବନାନ୍ୱିତ ସେମାନେ ଜୀବନରେ ଓ ଆତ୍ମାରେ ଚାହାନ୍ତି ସୁରକ୍ଷା ଓ ସ୍ଥିରତା। ଯୌବନ କିନ୍ତୁ ଅସୀମର ଆହ୍ୱାନରେ ଅସ୍ଥିର ଓ ଚଳଚଞ୍ଚଳ। ଅନ୍ୱେଷାର ଜ୍ୱାଳା ଭିତରେ ସେ ଖୋଜେ ସତ୍ୟ, ନ୍ୟାୟ ଓ ସର୍ଜନାତ୍ମକ ଜୀବନର ପରିପୂର୍ଣ୍ଣତା। ତେବେ ଯୌବନର ପଥ ସବୁବେଳେ ସରଳ ନଥାଏ। ଥାଏ ବନ୍ଧୁର। ଅନତିକ୍ରମ୍ୟକୁ ଅତିକ୍ରମ କଲାବେଳେ ବାଟରେ ଯେଉଁ ବାଧା, ପ୍ରତିବନ୍ଧକ ଦେଖାଯାଏ ସେଥିରେ ଯିଏ ହାରିଗଲା ବୋଲି ଭାବିଲା ତା' ଜୀବନର ଗତିପଥ ଓ ମାନଚିତ୍ର ବଦଳିଯାଏ। ବହୁ ମୁନିଋଷି ଓ ମହାପୁରୁଷମାନେ ଯୌବନକୁ ବ୍ରହ୍ମଚର୍ଯ୍ୟ, ତପସ୍ୟା, ନିର୍ଭିକତା ଓ ସତ୍‌ଚରିତ୍ରର ଅବସ୍ଥା ବୋଲି ଅଭିହିତ କରିଥାନ୍ତି। କାରଣ ଚାରିତ୍ରିକ ଶୁଦ୍ଧତା ଦିନକରେ ତିଆରି ହୁଏନାହିଁ। ଏଥିପାଇଁ ଯୁଗ ଯୁଗର ସଂଗ୍ରାମର ଆବଶ୍ୟକତା ଥାଏ। ତାହାହିଁ ଜଣକୁ ସତ୍ୟର ଅତି ପାଖାପାଖି କରିଥାଏ। ସତ୍ୟ, ସାଧୁତା ଓ ପବିତ୍ରତା ସର୍ବଦା ଅବିନାଶ। ଏସବୁ ସର୍ବୋତ୍ତମ ଗୁଣର ଯିଏ ଅଧିକାରୀ ତାକୁ ଆମେ କିପରି ସହଜରେ ହିସାବ କରିପାରିବା ବା ବର୍ଣ୍ଣନା କରିପାରିବା। ମନେପକାନ୍ତୁ ଶ୍ରବଣ କୁମାର, ଏକଲବ୍ୟ, ନଚିକେତା, ପ୍ରହ୍ଲାଦ କଥା। ମନେପକାନ୍ତୁ ପ୍ରମିଥିଅସ୍, ହରକ୍ୟୁଲସ୍, ସିସିଫସ୍ ଓ ଜନାଥନ ଲିଭିଙ୍ଗଷ୍ଟନ ସିଗଲ କଥା। ଏମାନଙ୍କ ଜୀବନର ବିଚିତ୍ରତା ସ୍ମରଣ କରାଇଦିଏ ଯୌବନର ଅପରିକଳ୍ପନୀୟ ଗାଥା।

ପୃଥିବୀର ଯେ କୌଣସି ଦେଶରେ, ଯେକୌଣସି ପ୍ରକାରେ ସାମାଜିକ, ସାଂସ୍କୃତିକ, ଆର୍ଥିକ ଓ ରାଜନୈତିକ ପରିବର୍ତ୍ତନ ସଂଗଠିତ ହୋଇଛି ସେ ସବୁର ଅଗ୍ରଭାଗରେ ଯୌବନଦୀପ୍ତ ଯୁବ ସମାଜର ଅଗ୍ରଭୂମିକାକୁ ଅସ୍ୱୀକାର କରିହେବନାହିଁ। ଭାରତର ଦୀର୍ଘ ଦିନର ସ୍ୱାଧୀନତା ସଂଗ୍ରାମ ସମୟରେ କେତେ ଯେ କେତେ ଯୁବ ଗୋଷ୍ଠୀ ନିଜର ସ୍ୱାର୍ଥୋତ୍ସର୍ଗ କରିଛନ୍ତି ତାହା ଅବର୍ଣ୍ଣନୀୟ। ସେମାନଙ୍କ ଉଦ୍ଦେଶ୍ୟ ଥିଲା ପରାଧୀନତାରୁ ଭାରତମାତାକୁ ମୁକ୍ତି ଦେବା ଏବଂ ପରିଶେଷରେ ସେମାନଙ୍କର ସଂକଳ୍ପ ସିଦ୍ଧ ହେଲା। ସେମାନେ କେଉଁ ପ୍ରକାର ଭାରତ ଚାହୁଁଥିଲେ ? ସେମାନେ ଚାହୁଁଥିଲେ ଅପସୃତ ଭାରତୀୟ ସଂସ୍କୃତିର ପୁନଃରୁଦ୍ଧାର ସହ ଏକ କ୍ଷୁଧାମୁକ୍ତ, ଭୟମୁକ୍ତ, ଦୁର୍ନୀତିମୁକ୍ତ ସ୍ୱାଧୀନ ଭାରତ। ତାହା ଏଯାଏ ସମ୍ଭବ ହୋଇପାରିଛି କି? ସ୍ୱାଧୀନୋତ୍ତର ଭାରତରେ ମଧ୍ୟ ଯେଉଁ ଯେଉଁ ବଡ଼ ବଡ଼ ଆନ୍ଦୋଳନ ମୁଣ୍ଡ ଟେକି ସଫଳ ହୋଇଛି ତାହା ମଧ୍ୟ କେବଳ ଯୁବଗୋଷ୍ଠୀର ପ୍ରତିବାଦ ଦ୍ୱାରା ସମ୍ଭବ ହୋଇପାରିଛି। ସଂପ୍ରତି ଭାରତର ସୁରକ୍ଷା ଓ ପ୍ରଗତିରେ ଯଦି କିଛି ପ୍ରଥମ ଅନ୍ତରାୟ ହୋଇଛି ତାହା ବାହ୍ୟଶକ୍ତି ଦ୍ୱାରା ନୁହେଁ, ତାହା ଆମ ସାମାଜିକ, ପ୍ରଶାସନିକ ଓ ରାଜନୈତିକ ଜୀବନରେ ଦୁର୍ନୀତି। ସଂପ୍ରତି ଦୁର୍ନୀତି ହିଁ ଭାରତୀୟ ଜୀବନର ବଡ଼ ଶତ୍ରୁ ଏବଂ ତାହାରି ପାଖରେ ବନ୍ଧାପଡ଼ିଛି ଆମର ନୈତିକ ଓ ସାମାଜିକ ଜୀବନ। ସମାଜର ପ୍ରତିସ୍ତରରେ ଦୁର୍ନୀତି ଏପରି ତାର କାୟା ବିସ୍ତାର କରିଛି ଯେ ଅନ୍ୟ ଦେଶମାନଙ୍କରୁ ଭାରତକୁ ଆସିବା ପାଇଁ ଡରୁଥିବା ବେଳେ ଭାରତୀୟମାନେ ବାହାରକୁ ଗଲେ ଅନ୍ୟମାନେ ସେମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିଛନ୍ତି। ଏଥିପାଇଁ ଦରକାର ଆଉ ଏକ ଆନ୍ତରିକ ଆନ୍ଦୋଳନ, ଯାହା କେବଳ ଯୁବଶକ୍ତିମାନଙ୍କ ଦ୍ୱାରା ସମ୍ଭବ ହୋଇପାରିବ। କିନ୍ତୁ ପରିତାପର ବିଷୟ ଯେ ଆଜିର ଭାରତୀୟ ଯୁବଗୋଷ୍ଠୀ ବହୁଧା ବିଭକ୍ତ। ବିଭିନ୍ନ ରାଜନୈତିକ ଦଳ ଆପଣାର ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ବିଭିନ୍ନ ପ୍ରଲୋଭନ ଦେଖାଇ ସେମାନଙ୍କର ଅଦ୍ୟମ ଇଚ୍ଛାଶକ୍ତି, ଦେଶ ପାଇଁ ପ୍ରତିବଦ୍ଧତା, ଭୟହୀନ ନାୟକତ୍ୱକୁ ନଷ୍ଟ କରିଦେଇଛନ୍ତି। ଆଜି ଯଦି ଭାରତ ସମସ୍ତ ରାଜନୈତିକ ବିଚାରର ଉର୍ଦ୍ଧ୍ୱକୁ ଯାଇ ଯଦି ଅନ୍ତତଃପକ୍ଷେ ଶହେ କୋଟିରୁ ଉର୍ଦ୍ଧ୍ୱ ଭାରତୀୟଙ୍କ ଭିତରୁ ଏକ କୋଟି ଯୁବଗୋଷ୍ଠୀ ଏକାଠି ହୋଇ ଦୁର୍ନୀତି ବିରୋଧରେ ଲଢ଼ନ୍ତେ ତାହାଲେ ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ପୁଣି ଫେରି ଆସନ୍ତା।

କୁରୁକ୍ଷେତ୍ର ରଣାଙ୍ଗନରେ ବିଷାଦଗ୍ରସ୍ତ ଅର୍ଜ୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ ବୁଝାଇବାକୁ ଯାଇ କହିଥିଲେ, 'କ୍ଳୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୟ୍ୟୁପପଦ୍ୟତେ। କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ।।' ଏହି ଆଲୋଚନା ବେଳେ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କଥିତ ଆଧ୍ୟାତ୍ମିକ ପ୍ରସଙ୍ଗର-୨୨୩ ପୃଷ୍ଠାରେ ଉଲ୍ଲେଖିତ 'ଆଧ୍ୟାତ୍ମିକ ଉନ୍ନତି ହିଁ ମୁଖ୍ୟ କି ନୁହଁ' ଏହି ପ୍ରଶ୍ନର ଉତ୍ତରରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାର୍ଗଦର୍ଶନ କରିଥିଲେ - 'କୌଣସି କିଛିକୁ ବାଦ ଦେଇ କୌଣସିଟିର ମହତ୍ୱ ନାହିଁ। ସମସ୍ତ କିଛିକୁ ଧରି ମଣିଷର ଜୀବନ, ଆଉ ତାହା ଅଖଣ୍ଡ। ଅସ୍ତିତ୍ୱର ଭୌତିକ ସ୍ଥିତିକୁ ବାଦ ଦେଇ ଯଦି ଆଧ୍ୟାତ୍ମିକ ବିକାଶର କଥା ଭାବି ବସୁ, ତାହା ହେଲେ ଆତ୍ମିକ ବିକାଶ ହେବ କାହାକୁ ନେଇ ଏବଂ କାହା ଉପରେ ଛିଡ଼ା ହେଇ ? ପୁଣି ଆତ୍ମିକ ବିକାଶର ଦିଗଟାକୁ ବାଦ ଦେଇ ଯଦି କେବଳ ମାତ୍ର ଭୌତିକ ସ୍ଥିତି ଓ ସମୃଦ୍ଧିର କଥାକୁ ବଡ଼ କରି ଦେଖୁ, ତେବେ ତାହା ପ୍ରବୃତ୍ତିର ପ୍ରଭୁତ୍ୱ ଏତେ ପରିମାଣରେ ବଢ଼ିଯିବ ଯେ ତାହା ହିଁ ନିଜର ଓ ଅପରର ବିନାଶର କାରଣ ହୋଇ ଉଠିବ ସମତା ରହିବ ନାହିଁ।

# ଭାରତର ରାଷ୍ଟ୍ରୀୟ ଆନ୍ଦୋଳନ

ସର୍ବେଶ୍ୱର ବେହେରା
ଆଡ଼ଭୋକେଟ, ଖଟବିନସାହି, କଟକ
ମୋ-୯୪୩୭୦୧୬୩୮୪

ଇଂରେଜ ଐତିହାସିକମାନେ ଭାରତର ସୁଦୀର୍ଘ ରାଷ୍ଟ୍ରୀୟ ଆନ୍ଦୋଳନକୁ ଘୋର ଉପେକ୍ଷା ଓ ଉପହାସ କରିଛନ୍ତି । ପ୍ରତ୍ୟକ୍ଷ ବ୍ରିଟିଶ ଶାସନ ପ୍ରତିଷ୍ଠା ହେବା ପରେ ବ୍ରିଟିଶ ସାମ୍ରାଜ୍ୟବାଦୀ ଇତିହାସକାରମାନେ ବହୁ ନୂତନ ମିଥ୍ୟା ଘଟଣା, ଭାରତୀୟ ଇତିହାସକୁ ବିକୃତି କରିବା ଆରମ୍ଭ କରିଦେଇଥିଲେ । ନିଜର ଆଧିପତ୍ୟ ଏଠାରେ ଦୀର୍ଘଦିନ ପର୍ଯ୍ୟନ୍ତ ବିସ୍ତାର କରିବା ପାଇଁ ସେମାନେ ଭାରତର ଇତିହାସକୁ ସୁନିୟୋଜିତ ପଦ୍ଧତିରେ ବ୍ୟାଖ୍ୟା କରିଥିଲେ । ସେମାନେ ଭାରତୀୟ ସମାଜ ଓ ରାଷ୍ଟ୍ରୀୟ ଚେତନା ଆଦିର ବିଚାରକୁ କେବଳ ରାଜନୈତିକ ଉପଯୋଗ ମଧ୍ୟରେ ସୀମିତ ରଖିଥିଲେ । ସେମାନେ ଭାରତର ରାଷ୍ଟ୍ରୀୟ ଚେତନା ଓ ରାଷ୍ଟ୍ରୀୟ ଆନ୍ଦୋଳନକୁ ଘୋର ଅବମାନନା କରିଥିଲେ । ଉଦାହରଣତଃ ସାର୍ ଜନ ଚୈସ୍ନେ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ ଉପରେ ଦୁଇ ପୃଷ୍ଠା ରଚନା କରିଥିଲେ । ସେ ରାଷ୍ଟ୍ରୀୟ କଂଗ୍ରେସ ଆନ୍ଦୋଳନକୁ 'ଚାଟୁକାରିତା' ଓ 'ପାଗଳାମି' ବୋଲି କହିଥିଲେ କାରଣ ସେମାନଙ୍କ କାର୍ଯ୍ୟକ୍ରମ ସବୁ ଖରାପ ଥିଲା । ସେ କଂଗ୍ରେସର ପ୍ରାରମ୍ଭିକ ଅଧ୍ୟକ୍ଷମାନଙ୍କୁ ମୂର୍ଖ ରାଜନୀତିଜ୍ଞ କହିଥିଲା । ସେହିପରି ସାର ଜନ ଷ୍ଟ୍ରେଚୀ, ଯେ ଭାରତ ସରକାରଙ୍କ ଅର୍ଥ ସଚିବ ଥିଲା, ସେ ଭାରତକୁ ଏକ ଭୌଗୋଳିକ ବିନ୍ଦୁ ମାତ୍ର' ରୂପେ ସ୍ୱୀକାର କରିଥିଲା ।

ପରିବର୍ତ୍ତିତ ପରିସ୍ଥିତିରେ ଏହି ଲେଖକମାନେ ଭାରତ ସମ୍ବନ୍ଧରେ ରାଷ୍ଟ୍ରର ପରିକଳ୍ପନାକୁ ପରିବର୍ତ୍ତନ କରିଥିଲେ । ଭାରତୀୟମାନଙ୍କ ମଧ୍ୟରେ କୌଣସି ରାଷ୍ଟ୍ରୀୟତାର ଭାବନା ନଥିଲା କିମ୍ବା ରାଷ୍ଟ୍ରୀୟ ସ୍ୱାଭିମାନ ନଥିଲା ଆଦି ଉଲ୍ଲେଖ କରିଥିଲେ । ଭାଲେଣ୍ଟାଇନ୍ ଚିରୋଲ୍ ନାମକ ଜଣେ ବିଦ୍ୱାନ ଯେ ଇଂଲଣ୍ଡ ଟାଇମ୍ସ ପତ୍ରିକାର ପ୍ରତିନିଧି ଥିଲା, ସେ ଲୋକମାନ୍ୟ ତିଳକଙ୍କୁ ଭାରତୀୟ ଅସନ୍ତୋଷର ପିତା' ଓ କଂଗ୍ରେସକୁ ଏକ ହିନ୍ଦୁମାନଙ୍କର ସଂସ୍ଥା ବୋଲି ଉଲ୍ଲେଖ କରିଥିଲା । ସାର ହେରିଙ୍ଗଟନ ଲାବେଟ ୧୯୧୯ ମସିହାରେ ନିଜର ପ୍ରସିଦ୍ଧ ଗ୍ରନ୍ଥରେ ଭାରତୀୟ ରାଷ୍ଟ୍ରୀୟତାର ବିଚାରକୁ ପାଶ୍ଚାତ୍ୟ ଆମୋଦିତ କରିଥିଲା। ଏହି ସମସ୍ତ ବିଦ୍ୱାନମାନେ ଭାରତର ବିଭିନ୍ନ ପ୍ରଦେଶରେ ଯଥା ତତ୍କାଳୀନ ବେଙ୍ଗଲ, ପଞ୍ଜାବ ଓ ମହାରାଷ୍ଟ୍ରରେ ବର୍ଦ୍ଧିତ ରାଷ୍ଟ୍ରୀୟ ଆନ୍ଦୋଳନକୁ ଅଣଦେଖା କରିଥିଲେ । ବି.ଏ.ସ୍ମିଥ ତଥା ଏଚ.ଏଚ. ଡାଡ଼ୱେଲ ଜାଣିଶୁଣି ଭାରତୀୟ ଚେତନାକୁ ମଧ୍ୟ ଅଣଦେଖା କରିଥିଲେ। ସ୍ମିଥ ୧୯୧୯ରେ ଭାରତ ସମ୍ବନ୍ଧରେ ବିସ୍ତୃତ ଇତିହାସ ରଚନା କରିଥିଲା, କିନ୍ତୁ ରାଷ୍ଟ୍ରୀୟ ଆନ୍ଦୋଳନ ସମ୍ବନ୍ଧରେ ଆଦୌ ଉଲ୍ଲେଖ କରିନଥିଲା। ଡାଡ଼ୱେଲ ୧୯୧୯-୩୬ ମଧ୍ୟରେ ଅନେକ ପୁସ୍ତକ ରଚନା କରିଥିଲେ। ସେଥିରେ ଭାରତର କୌଣସି କ୍ରାନ୍ତିକାରୀଙ୍କ ନାମ ଉଲ୍ଲେଖ କରିନଥିଲା । ମହାତ୍ମା ଗାନ୍ଧୀଙ୍କ ସମ୍ବନ୍ଧରେ କେବଳ ତିନୋଟି ପାରା ଉଲ୍ଲେଖ କରିଥିଲା । ସେ ମହାତ୍ମା ଗାନ୍ଧୀଙ୍କ ନାମ ଜାଣିଶୁଣି ଭୁଲ କରି ଏମ.ଆର.ଗାନ୍ଧୀ ଲେଖିଥିଲା ।

ସ୍ୱାଧୀନତା ପରେ ମୁଖ୍ୟତଃ କ୍ୟାମ୍ବ୍ରିଜ ବିଚାରଧାରାର ବ୍ରିଟିଶ ଇତିହାସକାରମାନେ ଭାରତର ରାଷ୍ଟ୍ରୀୟ ଆନ୍ଦୋଳନକୁ ବିକୃତ ବ୍ୟାଖ୍ୟା କରିଥିଲେ । ସେମାନେ ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ କେବଳ କ୍ଷମତାର ହସ୍ତାନ୍ତରଣ (Transfer of Power) କହିଥିଲେ । ଇଂରେଜମାନେ ଭାରତୀୟମାନଙ୍କୁ ଏକ ସୁନ୍ଦର ଉପହାର ଦେଲେ ବୋଲି ଉଲ୍ଲେଖ କରିଛନ୍ତି। ଅନୀଲ ଶୀଲ ନାମକ ଇତିହାସକାର ନିଜର ପୁସ୍ତକରେ ବ୍ରିଟିଶ ଶାସନର କେତେକ ଅଧିକାରୀ, ଜମିଦାର, ନବାବ ତଥା କେତେକ ଇଂରାଜୀ ପଢ଼ାଲେଖା ଭାରତୀୟମାନଙ୍କ ପରସ୍ପର ସହଯୋଗ ବୋଲି ଉଲ୍ଲେଖ କରିଥିଲା । ସେ ରାଷ୍ଟ୍ରବାଦ ସ୍ଥାନରେ 'ରାଷ୍ଟ୍ରବାଦଗୁଡ଼ିକ' ବୋଲି ଲେଖିଥିଲା। ସ୍ୱାଧୀନତାର କେନ୍ଦ୍ର ଇଂରେଜ ପ୍ରେସିଡ଼େନ୍ସୀଙ୍କ ସମ୍ଭ୍ରାନ୍ତ ବର୍ଗଙ୍କ ଇଚ୍ଛାନୁସାରେ ବୋଲି କହିଥିଲା । କଂଗ୍ରେସର ଜନ୍ମର ମୁଖ୍ୟ ବିଚାର ଲର୍ଡ଼ ଡାରୱିନଙ୍କ ଦାନ ବୋଲି କହିଥିଲା। ଏହିପରି ଅନେକ ଇତିହାସକାର ଗୋର୍ଡ଼ନ ଜନସନ, ଡି.ଏ.ୱ୍ୱସବୁଡ଼, ସି.ଜି.ବେକର, ସି.ଏ.ବାୟସୀମାନେ ଭାରତର ଗୋଟିଏ ଗୋଟିଏ ପ୍ରଦେଶର ଇତିହାସର କାଳଖଣ୍ଡରେ ଇଂରେଜମାନଙ୍କ ବିରୋଧରେ ଆନ୍ଦୋଳନକୁ ଘୋର ସମାଲୋଚନା କରିଥିଲେ। ସେମାନେ ଭାରତର ରାଷ୍ଟ୍ରୀୟ ନେତାମାନଙ୍କ ଚରିତ୍ର ସଂହାର ଅତି ନିମ୍ନ ସ୍ତରରେ କରିଥିଲେ । ସେମାନେ ଭାରତୀୟ ନେତାମାନେ ପରସ୍ପର ଗୋଷ୍ଠୀବାଦରେ ଜଡ଼ିତ, ସ୍ୱାର୍ଥୀ, ସୁବିଧାବାଦୀ, ଷଡ଼ଯନ୍ତ୍ରକାରୀ ଓ ଛଳକପଟକାରୀ ବୋଲି ଉଲ୍ଲେଖ କରିଥିଲେ । ସେମାନେ ଭାରତୀୟ ବିଚାରଧାରାର ଅସ୍ତିତ୍ୱକୁ ଅତି ନିମ୍ନ ସ୍ତରରେ ଉଲ୍ଲେଖ କରିଥିଲେ । ଭାରତୀୟ ନେତାମାନଙ୍କ ଚରିତ୍ର ସଂହାର କରି ମହାତ୍ମା ଗାନ୍ଧୀଙ୍କୁ ଧୂର୍ତ୍ତ, ତିଳକଙ୍କୁ ବିବାଦୀୟ ଓ ଜାତିବାଦୀ, ଲାଲା ଲଜପତ ରାୟଙ୍କୁ ଏକ ରାଜନୈତିକ ଏଣ୍ଡୁଅ', ସି.ଆର.ଦାସଙ୍କୁ ଭାରତୀୟ ରାଜନୀତିର ସୁବିଧାବାଦୀ ବ୍ୟକ୍ତି, ଏସ.ସି.ବୋଷଙ୍କୁ ଜଣେ ଖରାପ ଓ ଦୁର୍ଜନମାନଙ୍କ ନେତା, ସି.ପି.ରାମସ୍ୱାମୀ ଆୟରଙ୍କୁ ଚାକିରି ପାଇଁ ଇଚ୍ଛୁକ ବ୍ୟକ୍ତି ତଥା ବି.ସି.ରାୟଙ୍କୁ ଗୋଷ୍ଠୀ କନ୍ଦଳକାରୀ ବୋଲି ଉଲ୍ଲେଖ କରିଥିଲେ । ସଂକ୍ଷିପ୍ତରେ ସମାନେ ଭାରତୀୟ ରାଷ୍ଟ୍ରୀୟ ଆନ୍ଦୋଳନକୁ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ଭୌତିକ ଲାଭ ବୋଲି କହିଥିଲେ। ଭାରତୀୟ ରାଷ୍ଟ୍ରୀୟ ଆନ୍ଦୋଳନ ପଛରେ କୌଣସି ବିଚାର କିମ୍ବା ଚିନ୍ତନ ନଥିଲା । ତପନ ରାୟ ଚୌଧୁରୀ ବ୍ରିଟିଶ ଇତିହାସକାରଙ୍କ ପରି ଏହାକୁ ପଶୁମାନଙ୍କ ସଂଘର୍ଷ କିମ୍ବା ପଶୁମାନଙ୍କ ରାଜନୀତି ବୋଲି ଉଲ୍ଲେଖ କରିଥିଲେ । ଏହିପରି ବ୍ରିଟିଶ ଇତିହାସକାରଙ୍କ ପରି ଭାରତୀୟ କମ୍ୟୁନିଷ୍ଟମାନେ ଭାରତୀୟ ଇତିହାସକୁ ବିକୃତୀକରଣ କରିବା ସହିତ ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଚରିତ୍ର ସଂହାର କରିଥିଲେ ।

ଭାରତର ସ୍ୱାଧୀନତା ପରେ ଦେଶର ଇତିହାସକାରମାନେ ଦେଶର ପ୍ରକୃତ ନିରପେକ୍ଷ, ତଥ୍ୟମ୍ଳଳିତ ପ୍ରାମାଣିକ ଇତିହାସ ଲେଖିବା ଆବଶ୍ୟକ। ଇତିହାସକୁ ରାଜନୀତିର ଆଖଡ଼ା କହିବା ଆବଶ୍ୟକ ନୁହେଁ । ଭାରତୀୟ ଇତିହାସ ଭାରତୀୟ ଚିନ୍ତନ ଓ ରାଷ୍ଟ୍ରୀୟ ଦୃଷ୍ଟିଆଧାରିତ ହେବା ଆବଶ୍ୟକ । ଭାରତୀୟ ଇତିହାସକୁ ତା'ର ସାଂସ୍କୃତିକ ଧରାତଳର ବିଚାର କରି ଉଲ୍ଲେଖ ହେବା ଆବଶ୍ୟକ । ଭୌତିକ ପ୍ରଗତି ସହିତ ଭାରତର ଆଧ୍ୟାତ୍ମିକ, ବୈଜ୍ଞାନିକ, ଧାର୍ମିକ ତଥା ସାଂସ୍କୃତିକ ପ୍ରଗତି ସହିତ ଭାରତ ବିଶ୍ୱକୁ ଦାନ ଆଦି ବର୍ଣ୍ଣନା କରି ତଥ୍ୟ ସମ୍ବଳିତ ଇତିହାସ ବର୍ଣ୍ଣନା ହେବା ଆବଶ୍ୟକ । ଆମର ମାର୍ଗଦର୍ଶନ କଥା ଇତିହାସ ସତ୍ୟ, କେବଳ ସତ୍ୟ, ସମ୍ପୂର୍ଣ୍ଣ ସତ୍ୟ ଉପରେ ଆଧାରିତ ହେବା ଆବଶ୍ୟକ। ତା' ଉପରେ ଇତିହାସର ଏକ ସୁଦୃଢ଼ ଢ଼ାଞ୍ଚା ନିର୍ମାଣ ହୋଇପାରିବ ।

ଓଡ଼ିଶା
ଭାସ୍କର
ODISHA BHASKAR
ରାଜ୍ୟ ଖବର



କୋରୁକୋଣ୍ଡା(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତ ଅଧିନସ୍ତ କଣ୍ଡେଲ ଗ୍ରାମରେ ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ଅଧକ୍ଷତାରେ ସରକାରଙ୍କ ପକ୍ଷରୁ ପ୍ରଣୟନ କରାଯାଇଥିବା ନୂତନ ଅପରାଧିକା ଆଇନର କାର୍ଯ୍ୟକାରିତା ସମ୍ପକରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସୋମନାଥପୁର ପଞ୍ଚାୟତର ସରପଞ୍ଚ ମଞ୍ଜୁଲତା ଖିଲ, ସମସ୍ତ ୱାର୍ଡମେମ୍ବର, ପଞ୍ଚାୟତବାସୀ, ଏଏସଆଇ ସଂଜୀତ ଟାକ୍ରୀ, ଏଏସଆଇ ବିଜୟ କୁମାର ବେନିଆଙ୍କ ସମେତ ପୋଲିସ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ସଡ଼କ ସୁରକ୍ଷା ଆଇନ, ଶିକ୍ଷିତ ଯୁବତୀ ଯୁବକ ମାନଙ୍କର ନିଯୁକ୍ତି ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ହେଉଥିବା ସାଇବର ଠକେଇରୁ କିପରି ବର୍ତ୍ତିବେ ଏବଂ ସରକାରଙ୍କ ପକ୍ଷରୁ ପ୍ରଣୟନ କରାଯାଇଥିବା ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ପୋଲିସ ପକ୍ଷରୁ ଅଞ୍ଚଳବାସୀଙ୍କୁ ଅବଗତ କରାଯାଇଥିଲା।



### ଅଧାରେ ଅଟକିଛି ବିକାଶ

# କେବେ ଦୂର ହେବ ପଞ୍ଚାୟତର ସମସ୍ୟା ?

ନିମାପଡା(ଭାସ୍କର ନ୍ୟୁଜ): ନିମାପଡାରେ ଅଧାରେ ଅଟକିଛି ପଞ୍ଚାୟତର ବିକାଶ । ବାରମ୍ବାର ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ ଅଧିକାରୀ ଶୁଣୁନାହାଁନ୍ତି ଲୋକଙ୍କ ଅଭିଯୋଗ । ଯାହାକୁ ନେଇ ତୀବ୍ର ଅସନ୍ତୋଷ ଦେଖା ଦେଇଥିବା ବେଳେ ଗ୍ରାମରୁ ଗୁରୁତର ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବା କଷ୍ଟକର ହୋଇପଡିଛି । ତିନିବର୍ଷରୁ ଉର୍ଦ୍ଧ୍ୱ ହେବ ଆମୋଦପ୍ରମୋଦ ଉଦ୍ୟାନ ଅଧାପନ୍ତରିଆ ଭାବେ ପଡିରହିଛି । ଆବଶ୍ୟକ ନଥିବା ସ୍ଥାନରେ କାର୍ଯ୍ୟ ହେଉଥିବା ବେଳେ ଆବଶ୍ୟକ ଥିବା ସ୍ଥାନରେ କାର୍ଯ୍ୟ ହେଉନାହିଁ । ବିକାଶ ହେଉଛି କହି ସରକାର ଡଣ୍ଡିମ ପିଟୁଛନ୍ତି, ମାତ୍ର ଗ୍ରାମବାସୀଙ୍କ ସମସ୍ୟା ଦୂର ହେଉନାହିଁ । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ ଅରିଷଣ୍ଡ ପଞ୍ଚାୟତରେ ସରକାରଙ୍କ ବିକାଶ ବାଟବଣା ହେଉଛି । ଖରିପଡିଆ ଠାରୁ ଡଗରାସାହି ଗ୍ରାମକୁ ବାମଦେଈପୁର ଗଡାଠାରୁ ବେଦବସ୍ତ ତୋଟା ପର୍ଯ୍ୟନ୍ତ ରାସ୍ତା ନଥିବାରୁ ଛାତ୍ରଛାତ୍ରୀମାନେ ସ୍କୁଲ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି । ଗୁରୁତର ରୋଗୀ ମଧ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିପାରୁନାହାଁନ୍ତି । ଏହି ରାସ୍ତା ନିର୍ମାଣ ପାଇଁ ବାରମ୍ବାର ବିଡିଓଙ୍କ ନିକଟରେ ଅଭିଯୋଗ କରାଯାଉଥିଲେ ମଧ ବିଡିଓ ଗ୍ରାମବାସୀଙ୍କ ଅଭିଯୋଗ ଉପରେ ଗୁରୁତ୍ୱ ଦେଉନାହାଁନ୍ତି । ଦୀର୍ଘ ୧୫ବର୍ଷ ତଳେ ଗ୍ରାମ ସଡକଟି ତଳେଇ ହୋଇଥିଲା । ମାତ୍ର ତାହା ନିମ୍ନମାନର କାର୍ଯ୍ୟ ଥିବାରୁ ଗୋଡି ବାହାରି ଖାଲଖମା ସୃଷ୍ଟି ହୋଇଛି । ଏହି ରାସ୍ତା କରନଯାଇ ଦଳୀୟ କର୍ମୀଙ୍କ ଘରକୁ ରାସ୍ତା ନିର୍ମାଣ କରାଯାଇଛି । ପଂଚାୟତରେ ଗତ ତିନିବର୍ଷ ତଳୁ ଆମୋଦପ୍ରମୋଦ ଉଦ୍ୟାନ ପଡିରହିଛି । ପଞ୍ଚାୟତର ଜନସାଧାରଣ ଆମୋଦ ପ୍ରପୋଦ ଉଦ୍ୟାନରୁ ଲାଭ ପାଉନାହାଁନ୍ତି । ବାଲି ପୋତାରେ ନଦୀବନ୍ଧକୁ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଏହା ନିମ୍ନମାନର କାର୍ଯ୍ୟ ହୋଇଥିବା ସୂଚାଇ ଦେଉଛି । ଆଲୋକୀକରଣ ବ୍ୟବସ୍ଥା ବାଟବଣା ହୋଇଛି । ଅନେକ ୱାର୍ଡରେ ଆଲୋକ ଜଳୁନଥିବା ବେଳେ ତାହା ମରାମତି ହୋଇପାରୁନାହିଁ । ବିଭିନ୍ନ ସମସ୍ୟାରେ ଏହି ପଞ୍ଚାୟତଟି ରହିଥିଲେ ମଧ ସରକାର ଦୃଷ୍ଟି ଦେଉନହାଁନ୍ତି । କେତେକ ଦଳୀୟ କର୍ମୀ ପଞ୍ଚାୟତରେ ନିଜ ଫାଇଦା ପାଇଁ କାର୍ଯ୍ୟ କରୁଥିବା ବେଳେ ବିଭିନ୍ନ ଅନୁଷ୍ଠାନରେ ବିବାଦୀୟ ପରିସ୍ଥିତି ସୃଷ୍ଟି କରୁଛନ୍ତି, କିନ୍ତୁ ଗ୍ରାମ ବିକାଶ ଦିଗରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି । ଏହି ଘଟଣା ପ୍ରତି ଉପମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବା ପାଇଁ ଦାବି ହେଉଛି ।

## ନୋ ଏଣ୍ଟ୍ରିକୁ ବେଖାତିର, ଜିଲ୍ଲାପାଳଙ୍କ ଆଦେଶକୁ ଫୁଁ'



ଭୁବନ(ଭାସ୍କର ନ୍ୟୁଜ): ଭୁବନ କାଳୀବଜାରଠାରୁ ଢ଼େଙ୍କାନାଳ ବାଜି ଚୌକ (୪୫ କି ମି) ପୂର୍ତ୍ତ ବିଭାଗ ରାସ୍ତାରେ ମାର୍ଚ୍ଚ ମାସ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ସକାଳ ୮ରୁ ରାତ୍ର ୮ଘଟିକା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ବନ୍ଦ କରାଯାଇଛି । ଜିଲ୍ଲାପାଳ ଚିଠି ନଂ-୫୮୧ ତା ୨୭.୦୨.୨୦୨୫ରେ ଏହି ଆଦେଶକୁ ପାଳନ କରିବା ପାଇଁ ଢ଼େଙ୍କାନାଳ ସଦର ଥାନା, ଟାଉନ ଥାନା, ଗାଁଦିଆ ଓ ଭୁବନ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି । ଇତି ମଧ୍ୟରେ ୪ ଦିନ ବିତି ଯାଇଥିଲେ ସୁଦ୍ଧା ୬ ଚକିଆ, ୧୦ ଚକିଆ ଟ୍ରକ ଓ ହାଇୱା ଗାଡ଼ି ସବୁ ନିର୍ବିଘ୍ନରେ ଚଳାଚଳ କରୁଛି । ଛାତ୍ରଛାତ୍ରୀମାନେ ସ୍କୁଲ ଯିବା ସମୟ ଓ ସ୍କୁଲରୁ ଫେରିବା ସମୟରେ ମାଙ୍କଡ଼ା ପଥର ବୋଝେଇ ଟ୍ରକ ଓ ବାଲି ବୋଝେଇ ହାଇୱା ଗାଡ଼ି ଚାଲୁଥିବାରୁ ରାସ୍ତା ଜାମ ହେବା ସହିତ ବହୁ ଅସୁବିଧା ସୃଷ୍ଟି ହେଉଛି । ଜିଲ୍ଲାପାଳଙ୍କ ନୋ ଏଣ୍ଟ୍ରି ଆଦେଶକୁ ଖାତିର ନକରି ଭାରିଯାନ ନିର୍ବିଘ୍ନରେ ଚାଲୁଛି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜିଲ୍ଲାପାଳଙ୍କ ଆଦେଶ କାର୍ଯ୍ୟକାରୀ କରିବାକୁ ଜନସାଧାରଣରେ ଦାବି ହୋଇଛି ।

## ଅଚିହ୍ନା ଯୁବକର ମୃତଦେହ ଉଦ୍ଧାର

ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଅଧୀନସ୍ତ ଜଲାରପୁର ପଞ୍ଚାୟତ ଲୁଣି ଗାଁ ସାଧୁ ଗୋସେଇଁଙ୍କ କାଜୁ ଜଙ୍ଗଲରେ ଅଚିନ୍ହା ଯୁବକଙ୍କ ମୃତ ଦେହ ପଡ଼ିଥିବା ସ୍ଥାନୀୟ ଲୋକମାନେ ଦେଖି ପୋଲିସକୁ ଖବର ଦେଇଥିଲେ। ମୃତଦେହଟି ପଚି ଯାଇଥିା ବେଳେ ପାଖରେ ଏକ ବିଷ ବୋତଲ ଥୁଆ ହୋଇଛି। ମୃତ ଯୁବକ ଜଣଙ୍କ ନୀଳ ରଙ୍ଗର ସାର୍ଟ ଓ କଳାରଙ୍ଗର ହାଫ ପ୍ୟାଣ୍ଟ ଦେଖିବାକୁ ମିଳିଛି। ଶବଟି ପଚିଯାଇ ଦୁର୍ଗନ୍ଧ ହେଉଛି। ଘଟଣା ସ୍ଥଳରେ ନିଆଳି ପୋଲିସ ବିଜୟ କୁମାର ମାଲିକ ପହଁଚି ତଦନ୍ତ ଆରମ୍ଭ କରିଛି। ବିଶ୍ୱସ୍ତ ସୂତ୍ରରୁ ସୂଚନା ଅନୁଯାଇ ପଡୋଶୀ ଗାଁ କପାଶି ପଂଚାୟତ ପୋଦନା ବାଲି ସାହି ଗ୍ରାମର ସ୍ୱର୍ଗତଃ ପ୍ରସନ ସେନାପତିଙ୍କ ପୁଅ ଦେବେନ୍ଦ୍ର ସେନାପତି (୨୬) ଗତ ୨୪ ଫେବୃଆରୀରୁ ନିଖୋଜ ଥିଲେ। ତାଙ୍କ ମା' ଓ ପରିବାର ପକ୍ଷରୁ ଶବ ଚିହ୍ନଟ କରାଯାଇନଥିବା ବେଳେ ଗ୍ରାମବାସୀ ଦେବେନ୍ଦ୍ରଙ୍କ ଶବ ବୋଲି କହୁଛନ୍ତି। ପୋଲିସ ତଦନ୍ତ ସରିଲା ପରେ ସତ୍ୟାସତ୍ୟ ପ୍ରକାଶ ପାଇବ।

## ନିମାପଡାରେ ବଢିଚାଲିଛି ଜବରଦଖଲ, ରାସ୍ତା ପାଲଟିଛି ପାର୍କିଂ

ନିମାପଡା(ଭାସ୍କର ନ୍ୟୁଜ): ନିମାପଡାରେ ବାରମ୍ବାର ଜବରଦଖଲ ଉଚ୍ଛେଦ କରାଯାଉଥିବା ବେଳେ ବୁର୍ନବାର ଜବରଦଖଲକାରୀମାନେ ରାସ୍ତା କଡରେ ଝୋପଡି ଦୋକାନ ନିର୍ମାଣ କରି ବ୍ୟବସାୟ ଆରମ୍ଭ କରିଛନ୍ତି । ଯାହାଦ୍ୱାରା ଲୋକମାନେ ରାସ୍ତା ବାଇକ ରଖି ସାମଗ୍ରୀ କିଣୁଥିବା ବେଳେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି । ଦୁଇଥରରୁ ଉର୍ଦ୍ଧ୍ୱ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲେ ମଧ ବାରମ୍ବାର ଜବରଦଖଲ ବଢିଚାଲିଛି । ଅନେକ ସ୍ଥାନରେ ଜବରଦଖଲକାରୀ ଗୃହ ନିର୍ମାଣ କରି ରହୁଥିବା ବେଳେ ବ୍ଲକ ଛକ ସମ୍ମୁଖରେ ଝୋପଡି ଦୋକାନ ଯୋଗୁଁ ପ୍ରତ୍ୟେହ ଦୁର୍ଘଟଣା ବୃଦ୍ଧି ପାଉଛି । ଅନେକ ସମାଜସେବୀ ବ୍ଲକ ଛକ ସମ୍ମୁଖରୁ ଜବରଦଖଲ ଉଚ୍ଛେଦ ପାଇଁ ପୌରପରିଷଦ ନିକଟରେ ଦାବି ଜଣାଇଥିଲେ ମଧ ପୌର ଅଧିକାରୀ ଏ ଦିଗରେ ଦୃଟ୍ଟି ନଦେବାରୁ ଜବରଦଖଲ ବଢିବାର ଇଙ୍ଗିତ କରୁଛି ଏଥର ଅଧିକାରୀଙ୍କ ସମ୍ମତି ରହିଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ପୌରପରିଷଦ ଅଂଚଳରେ ଜବରଦଖଲ ବଢିଥିବା ବେଳେ ତଳଅଣ୍ଟିଆଠାରୁ ଦୋଳବେଦୀ ଛକ ପର୍ଯ୍ୟନ୍ତ ଗୋଟିକ ପରେ ଗୋଟିଏ ଗଢି ଉଠୁଛି ଝୋପଡି ଗୃହ । ବାରମ୍ବାର ଉଚ୍ଛେଦ ହେଲେ ମଧ କୌଣସି ଫରକ ପଡୁନାହିଁ ଜବରଦଖଲକାରୀଙ୍କ ଉପରେ । ଖୋଲାଖୋଲି ଭାବେ ଜବରଦଖଲକାରୀ ପ୍ରଶାସନକୁ ଚ୍ୟାଲେଜଂ କରିଚାଲିଛନ୍ତି । ସେହିପରି ପ୍ରାକ୍ଟିସିଂ ସ୍କୁଲଠାରୁ ମୁସଲିମ୍ ବସ୍ତି ପର୍ଯ୍ୟନ୍ତ ଜବରଦଖଲ ବଢିଚାଲିଥିବା ବେଳେ ମୁସଲିମ୍ ବସ୍ତି ପୋଲ ନିକଟରେ କେତେକ ବ୍ୟକ୍ତି ନାଳବନ୍ଧ ରାସ୍ତାକୁ ଜବରଦଖଲ କରି ଗୃହ ନିର୍ମାଣ କରିଛନ୍ତି । ଗାଡିମୋଟର ଚଳାଚଳ କରନପାରି ଦୁର୍ଘଟଣା ବଢୁଛି । ଏପଟେ ପୌରପରିଷଦ ଆସ୍ଫାଳନ କରୁଛି ଜବରଦଖଲ ହଟିଛି ବୋଲି । ଏହି ଘଟଣା ପ୍ରତି ଦୃଷ୍ଟି ଦିଆନଗଲେ ଜବରଦଖଲ ବଢିଚାଲିବ ବୋଲି ଅନେକ ବ୍ୟକ୍ତି ମତ ଦେଇଛନ୍ତି ।

## କରଞ୍ଜିଆ ଓକିଲ ସଂଘ ନିର୍ବାଚନ ପାଇଁ ନୂତନ ଅଧିକାରୀ ନିଯୁକ୍ତ



କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆ ଓକିଲ ସଂଘର ନିର୍ବାଚନ ଚଳିତମାସ ୨୯ ତାରିଖ ହେବା ପାଇଁ ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ସ୍ଥିରୀକୃତ ହୋଇଛି । ନିର୍ବାଚନକୁ ପରିଚାଳନା ନିମନ୍ତେ ଗତ ଫେବୃଆରୀ ୨୮ରେ ସଂଘର ସାଧାରଣ ପରିଷଦ ବୈଠକରେ ବରିଷ୍ଠ ଆଇନଜୀବୀ ତ୍ରିଲୋଚନ ପତିଙ୍କୁ ୨୦୨୫-୨୬ ବର୍ଷର ନିର୍ବାଚନ ଅଧିକାରୀ ଭାବେ ମନୋନୀତ କରାଯାଇଥିଲା । ସଂଘର ନିଷ୍ପତ୍ତିକୁ ରାଜ୍ୟ ପରିଷଦ ସ୍ୱୀକୃତି ଦେବା ପରେ ଶ୍ରୀ ପତିଙ୍କ ଦ୍ୱାରା ଆହୁତ ସାମ୍ବାଦିକ ସମ୍ମିଳନୀରେ ନିର୍ବାଚନ ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ଘୋଷଣା ହୋଇଥିଲା । ସଂଘ ସଭାପତି, ଉପସଭାପତି, ସାଧାରଣ ସମ୍ପାଦକ, ଯୁଗ୍ମ ସମ୍ପାଦକ, କୋଷାଧକ୍ଷ ଏବଂ ଜଣେ ମହିଳା ସଦସ୍ୟଙ୍କୁ ମିଶାଇ ୬ ଜଣ କାର୍ଯ୍ୟକାରୀ ସଦସ୍ୟ ପଦବୀ ନିମନ୍ତେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନରେ ୧୫୫ ଆଇନଜୀବୀ ମତଦାନ କରିବେ ବୋଲି ନିର୍ବାଚନ ଅଧିକାରୀ ପ୍ରକାଶ କରିଥିଲେ । ବିଜ୍ଞପ୍ତି ଅନୁଯାୟୀ ୫ରୁ ୭ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ, ୮ରେ ତାଲିକା ପ୍ରକାଶନ, ୯ରେ ଯାଞ୍ଚ, ୧୦ରେ ବୈଧ ତାଲିକା ପ୍ରକାଶନ, ୧୨ରେ ପ୍ରତ୍ୟାହାର, ୧୩ରେ ସମସ୍ତ ପଦବୀ ପାଇଁ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନ ଏବଂ ୨୯ରେ ନିର୍ବାଚନ ସମ୍ବନ୍ଧରେ ଜଣାଯାଇଛି । ସକାଳ ୭.୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନିର୍ବାଚନ ପ୍ରକ୍ରିୟା ପରେ ଅପରାହ୍ନ ୪ରେ ଫଳ ପ୍ରକାଶ କରାଯିବ । ନିର୍ବାଚନ ସୁପରିଚାଳନା ନିମନ୍ତେ ଓ ନିର୍ବାଚନ ଅଧିକାରୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ ନିମନ୍ତେ ଆଇନଜୀବୀ ଯଶୋବନ୍ତ ନାରାୟଣ ମହାନ୍ତ, ଏମ ବିଠଲ ରାଓ, ପୀତବାସ ମହାନ୍ତ ଓ ସୁଧୀର ସେଠୀଙ୍କୁ ନିର୍ବାଚନ ଅଧିକାରୀ ମନୋନୀତ କରିଥିବା ଜଣାଯାଇଛି ।

## ଏମ୍‌ବିଏରେ ସ୍ୱର୍ଣ୍ଣ ପଦକ ହାସଲ କଲେ ଅରବିନ୍ଦ




ବାରିପଦା(ଭାସ୍କର ନ୍ୟୁଜ): ସାମ୍ପ୍ରତିକ ସମାଜରେ ପିତାମାତା ନିଜନିଜର ପୁଅ ଝିଅଙ୍କୁ ପବ୍ଲିକ ସ୍କୁଲ / ଇଂଲିଶ ମିଡିୟମ ସ୍କୁଲରେ ପଢ଼ାଇବା ପାଇଁ ବେଶ ପ୍ରତିଯୋଗିତା ମନୋଭାବ ଦେଖାଉଛନ୍ତି । ମାତ୍ର ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୱାଲିଗଞ୍ଜର ନବୀନ ମହାନ୍ତି ଓ ପ୍ରଭାତୀ ପଟ୍ଟନାୟକଙ୍କ ପୁତ୍ର ଅରବିନ୍ଦ ମହାନ୍ତିଙ୍କୁ ସରକାରୀ ସ୍କୁଲରେ ପାଠ ପଢ଼ାଇଲେ । ନବୀନ ବାବୁ ଯୋଗାଣ ବିଭାଗରେ ଓ ଶ୍ରୀମତୀ ପଟ୍ଟନାୟକ ବେଲଗଡ଼ିଆ ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ସରକାରୀ ଚାକିରୀ କରୁଥିଲେ ହେଁ ନିଜ ସାନ ପୁଅକୁ ସରକାରୀ ସ୍କୁଲରେ ପାଠ ପଢାଇବାକୁ ମନସ୍ଥ କରିଥିଲେ । ବେଲଗଡ଼ିଆ ସ୍କୁଲରୁ ପ୍ରାଥମିକ ଶିକ୍ଷା ହାସଲ କରିବା ପରେ ଏମ୍‌କେସି ଉଚ୍ଚ ବିଦ୍ୟାଳୟ ଓ ଏମ୍‌ପିସି ଜୁନିୟର ମହାବିଦ୍ୟାଳୟରୁ ବିଜ୍ଞାନରେ ଯୁକ୍ତଦୁଇ ପାସ କରି ଭୁବନେଶ୍ୱରସ୍ଥିତ ସିଭି ରମଣରେ ବି ଟେକ୍ କରିବା ପରେ ନିଜ ପ୍ରତିଭା ବଳରେ ଜାମସେଦପୁର ସ୍ଥିତ ଟାଟା ଷ୍ଟିଲରେ ଆରମ୍ଭ କଲେ ନିଜର କର୍ମମୟ ଜୀବନ । ତାଙ୍କ କାର୍ଯ୍ୟଶୈଳୀକୁ ଲକ୍ଷ୍ୟ କରି କମ୍ପାନୀ ନିଜ ଖର୍ଚ୍ଚରେ ତାଙ୍କୁ ଏକ୍ସଏଲଆରଆଇ ପ୍ରତିଷ୍ଠାନ, ଜାମସେଦପୁରରେ ଏମ୍‌ବିଏ ପଢିବାପାଇଁ ସୁଯୋଗ ଦେଇଥିଲେ । ଅରବିନ୍ଦ କଠିନ ପରିଶ୍ରମ କରି ଶେଷରେ ସର୍ବାଧିକ ନମ୍ବର ରଖି ସ୍ୱର୍ଣ୍ଣ ପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଖବର ପାଇ ପରିବାରରେ ଖୁସିର ଲହରୀ ଖେଳିଯିବା ସହ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି । ତାଙ୍କର ଏହି ସଫଳତା ଆଜିର ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଉଦାହରଣ ବୋଲି ତାଙ୍କୁ ବେଲଗଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ାଇଥିବା ତତ୍କାଳୀନ ଶିକ୍ଷକ ସୋମନାଥ ସିଂହ ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି ବେଲଗଡ଼ିଆ ସ୍କୁଲକୁ ଏକ କାର୍ଯ୍ୟକ୍ରମରେ ଆସିଥିବା ତତ୍କାଳୀନ ଜିଲ୍ଲାପାଳ ସିଟିଏମ ସୁଗୁଣା ମଧ ଅରବିନ୍ଦଙ୍କ ପ୍ରତିଭାକୁ ପରଖି ବେଶ ପ୍ରଶଂସା କରିଥିଲେ ।

## ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ସହକାରୀ ସାମାଜିକ କଲ୍ୟାଣ ଟ୍ରଷ୍ଟର ସାଧାରଣ ବୈଠକ




ପାରାଦୀପ(ଭାସ୍କର ନ୍ୟୁଜ): କାର୍ଯ୍ୟରତ ସାମ୍ବାଦିକଙ୍କ କଲ୍ୟାଣ ନିମନ୍ତେ ପ୍ରତିଷ୍ଠିତ ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ସହକାରୀ ସାମାଜିକ କଲ୍ୟାଣ ଟ୍ରଷ୍ଟର ଚତୁର୍ଥ ସାଧାରଣ ବୈଠକ ପାରାଦୀପସ୍ଥିତ ପୋର୍ଟ କ୍ଲବ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଟ୍ରଷ୍ଟର ଉପଦେଷ୍ଟା ରବୀନ୍ଦ୍ର କୁମାର ଜେନାଙ୍କ ପୌରାହିତ୍ୟରେ ଆୟୋଜିତ ସାଧାରଣ ବୈଠକରେ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଶୁକଦେବ ଜେନା, ଅଧକ୍ଷ ରତ୍ନାକର ସ୍ୱାଇଁ, ସଭାପତି ଶଶାଙ୍କ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, କୋଷାଧକ୍ଷ ସନ୍ତୋଷ ଭାରତୀ ପ୍ରମୁଖ ଯୋଗଦେଇ ସାମ୍ବାଦିକଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରି ସଂଗଠନକୁ ଗତିଶୀଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ଉପସ୍ଥିତ ରହି ସାମ୍ବାଦିକମାନଙ୍କ ଆର୍ଥିକ ବିକାଶ ଉପରେ ଆଲୋଚନା କରି ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ଏତଦବ୍ୟତୀତ ସାମ୍ବାଦିକଙ୍କ ମୃତ୍ୟୁ, ଚିକିତ୍ସା ଓ ଅନ୍ୟାନ୍ୟ ଅସୁବିଧା ସମୟରେ ସେମାନଙ୍କୁ ଆର୍ଥିକ ସହାୟତା ପାଇଁ କଲ୍ୟାଣ ପାଣ୍ଠି ଗଠନ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା ।

## ଭଣ୍ଡାରିପୋଖରୀରେ ବୁଲୁଛି ଗୋଠଛଡା ଦନ୍ତାହାତୀ

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀର ଗଳିକନ୍ଦିରେ ଗୋଠଛଡା ଦନ୍ତାହାତୀ ଇତସ୍ତତଃ ହୋଇ ବୁଲୁଛି। ଢେଙ୍କାନାଳ ବନଖଣ୍ଡ ହାତୀପଲରୁ ଗୋଠଛଡା ହୋଇ ୨ ଦିନ ପୂର୍ବେ ଏକ ଦନ୍ତାହାତୀ ଚମ୍ପୁଆ ରେଞ୍ଜ ଅଞ୍ଚଳ ଓ ହଦଗଡ ରେଞ୍ଜ ଦେଇ ଭଦ୍ରକ ଜିଲ୍ଲାର ବନ୍ତ ଅତିକ୍ରମ କରି ଭଣ୍ଡାରିପୋଖରୀ ଅଞ୍ଚଳରେ ପ୍ରବେଶ କରିଥିଲା ବୋଲି ଭଦ୍ରକ ବନଖଣ୍ଡ ଜିଲ୍ଲା ଅଧିକାରୀ ସୌଭାଗ୍ୟ ସାହୁ ସୂଚନା ଦେଇଛନ୍ତି। ନଗୁଆଁ ପଞ୍ଚାୟତ, ଦକ୍ଷିଣବାଡ ପଞ୍ଚାୟତ ଆଦି ବିଭିନ୍ନ ଗ୍ରାମରେ ହାତୀଟି ଘୁରି ବୁଲିଥିଲା। ଭଣ୍ଡାରିପୋଖରୀ ବ୍ଲକ ଛକ, ବଜାର, ହାଇଲେବୁଲ କେନାଲ ଦେଇ ଏଣେତେଣେ ବୁଲୁଥିବା ଜଣାଯାଇଛି। ହାତୀଟି ବିଭିନ୍ନ ଆଡେ ଯାଉଥିଲେ ମଧ କାହାର କିଛି ଅନିଷ୍ଟ କରୁନଥିବା ଜଣାଯାଇଛି। ବନ ବିଭାଗ ପକ୍ଷରୁ ଶ୍ରୀ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଧାମନଗର ବନଖଣ୍ଡ ରେଞ୍ଜର ସୁଷମା ସାହୁ, ଆଗରପଡା ବନପାଳ ବସନ୍ତ କୁମାର ମାଝୀ, ଭଣ୍ଡାରିପୋଖରୀ ବନପାଳ କୃଷ୍ଣଚନ୍ଦ୍ର ବାସ୍କେ ଓ ଅନ୍ୟ କର୍ମଚାରୀ ହାତୀକୁ ସୁରକ୍ଷା ଦେବା ସହ ଡାକବାଜି ଯନ୍ତ୍ର ଯୋଗେ ଜନସାଧାରଣଙ୍କୁ ସତର୍କ କରାଉଛନ୍ତି।

## ଛତ୍ରପୁର ହସ୍ପିଟାଲରେ ୩ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ

ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ନବନିର୍ମିତ ଶବ ବ୍ୟବଚ୍ଛେଦ ଗୃହ, ଇଣ୍ଟିଗ୍ରେଟେଡ଼ ଫିଜିଓଥେରାପିଷ୍ଟ ୟୁନିଟ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ଲାଗି ଆଶ୍ରୟ ସ୍ଥଳୀ ଉଦଘାଟିତ ହୋଇଯାଇଛି । ଏହାକୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଉଦଘାଟନ କରିଥିଲେ । ଏହି ମେଡ଼ିକାଲ ଉପରେ ଛତ୍ରପୁର ବ୍ଲକ୍, ଗଞ୍ଜାମ ବ୍ଲକ୍, ଖଲ୍ଲିକୋଟ ବ୍ଲକ୍ ସମେତ ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ବ୍ଲକ୍‌ର ଜନସାଧାରଣ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରନ୍ତି । ଶବବ୍ୟବଚ୍ଛେଦ ଗୃହ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ଲାଗି ଆଶ୍ରୟ ସ୍ଥଳୀ ୭୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ବେଳେ ଫିଜିଓଥେରାପିଷ୍ଟ ୟୁନିଟରେ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଉପକରଣ ଆସିଛି । କାର୍ଯ୍ୟକ୍ରମରେ ଛତ୍ରପୁର ଏନଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଛତ୍ରପୁର ବ୍ଲକ ଉପାଧକ୍ଷା ଏସ.ସାରଦା ରେଡ୍ଡୀ, ଛତ୍ରପୁର ଓକିଲ ସଙ୍ଘ ସଭାପତି ପ୍ରଦୀପ କୁମାର ପାଢ଼ୀ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର ପଣ୍ଡା, ଛତ୍ରପୁର ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଗୌଡ଼, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସ୍ୱାଧୀନ ରଥ, ହସ୍ପିଟାଲ ମେନେଜର ଗଣେଷ ନାହାକ ପ୍ରମୁଖ ଉପସ୍ଥିତ ଥିଲେ ।



## ୭୦ ଲକ୍ଷ ଟଙ୍କାର ଅଫିମ ଗଛ ନଷ୍ଟ

କରଞ୍ଜିଆ(ଭାସ୍କର ନ୍ୟୁଜ): ମୟୁରଭଞ୍ଜ ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଦିନ ଶିମିଳିପାଳ ଅଭୟାରଣ୍ୟର ୩ଟି ସ୍ଥାନରେ ଚଢ଼ାଉ କରାଯାଇ ୭୦ ଲକ୍ଷ ଟଙ୍କା ମୂଲ୍ୟର ଅଫିମ



ଚାଷକୁ ନଷ୍ଟ କରାଯାଇଛି । କରଞ୍ଜିଆ ଅବକାରୀ ନିରୀକ୍ଷକ ସଞ୍ଜୟ କୁମାର କାଣ୍ଡିଙ୍କ ନେତୃତ୍ୱରେ ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ଶ୍ରୀଧର ମହାନ୍ତି, କରଞ୍ଜିଆ ଅବକାରୀ ଓଆଇସି ରଶ୍ମିରଞ୍ଜନ ନାଏକ, ସହକାରୀ ଉପ ଆରକ୍ଷୀ ନିରୀକ୍ଷକ ଫୁଲମଣୀ ନାଏକ, ପୀଥନାଥ ମୁର୍ମୁ, ଅଂଶୁମାନ ପରିଡା, ଆଲୋକ ସୁତାର, ଅବକାରୀ ବଳ ଓ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ମିଳିତ ସହଯୋଗରେ ଏହି ଚଢ଼ାଉ ହୋଇଥିଲା । ଶିମିଳିପାଳ ଅଭୟାରଣ୍ୟର ବନ୍ଦିରାପୋଷି, ଅସନବଣି ଓ ଫୁଲବାଡ଼ିଆ ଗ୍ରାମର ନାଳ କଡରେ ଜଙ୍ଗଲ ଜମିରେ ଏହି ଚାଷ ହୋଇଥିଲା । ପ୍ରାୟ ୧ ଏକର ଜମିରେ ୩୫ହଜାର ଅଫିମ ଗଛ ଉପାଡିବା ସହିତ ନିଆଁ ଲଗାଇ ନଷ୍ଟ କରାଯାଇଥିଲା । ଚଢ଼ାଉ ସମୟରେ ମାଜିଷ୍ଟ୍ରେଟ ଭାବେ ଯଶିପୁର ଅତିରିକ୍ତ ତହସିଲଦାର ଜ୍ୟୋତି ପ୍ରକାଶ ସାହୁ, ଯଶିପୁର ରାଜସ୍ୱ ନିରୀକ୍ଷକ, ଯଶିପୁର ଓ ବହଳଦା ଅବକାରୀ ଅଧିକାରୀ ସାମିଲ ଥିଲେ ।

## ଅଗ୍ନିବିପନ୍ନଙ୍କୁ ସହାୟତା କଲା ସ୍ୱେଚ୍ଛାସେବୀ ସଙ୍ଗଠନ



ଟାଙ୍ଗୀ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ନାଚୁଣୀ ଅଞ୍ଚଳରେ ଭୟାବହ ଅଗ୍ନିକାଣ୍ଡ ଯୋଗୁଁ ୮ପରିବାରର ୧୪ ବଖରା ଚାଳଘର ସମେତ ଘରର ସମସ୍ତ ଆସବାବପତ୍ର ଜଳିପୋଡି ପାଉଁଶ ହୋଇଗଲା । ଠିକ୍ ସେହିପରି ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ନିକଟସ୍ଥ ବିନ୍ଧାଣିଆ ଗାଁରେ ଭୟାବହ ଅଗ୍ନିକାଣ୍ଡ ଘଟି ୪ ପରିବାରର ୮ବଖରା ଚାଳଘର ସମେତ ସମସ୍ତ ଧନ-ସମ୍ପତ୍ତି ନିଆଁ ଲାଗି ପାଉଁଶ ହୋଇଗଲା । ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପାଖରେ ସ୍ଥାନୀୟ ପ୍ରଶାସନ ବର୍ତ୍ତମାନ ସୁଦ୍ଧା ପହଞ୍ଚି ନାହିଁ । ଠିକ୍ ଏତିକି ବେଳେ ଗଣମାଧମଠାରୁ ଖବରପାଇ ଖୋର୍ଦ୍ଧା ଜିଲ୍ଲାର ଅଗ୍ରଣୀ ସ୍ୱଚ୍ଛାସେବୀ ସଙ୍ଗଠନ ଇସ୍ୱାର୍ଡ ଏବଂ ଜାତୀୟ ସ୍ତରର ଅଗ୍ରଣୀ ସ୍ୱଚ୍ଛାସେବୀ ସଙ୍ଗଠନ ଗୁଞ୍ଜ୍ ଅଗ୍ନିବିପନ୍ନଙ୍କୁ ଯଥା ସମ୍ଭବ ସହାୟତା ଯୋଗାଇ ଦେଇଛି । ଜରୁରିକାଳୀନ ସେବା ଯୋଗାଇ ଦେବା ହେଉଛି ସ୍ୱେଚ୍ଛାସେବୀ ସଙ୍ଗଠନର ମୂଖ୍ୟ ଦାଇତ୍ୱ । ଇସ୍ୱାର୍ଡ ସ୍ୱଚ୍ଛାସେବୀ ସଙ୍ଗଠନର ମୂଖ୍ୟ ମୃତ୍ୟୁଞ୍ଜୟ ପ୍ରଧାନ ଏବଂ ଜାତୀୟ ସ୍ତରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଗୁଞ୍ଜ୍‌ର ଓଡ଼ିଶା ମୂଖ୍ୟ ସୁରେଶ କୁମାର ଦୁହେଁ ଅଗ୍ନିବିପନ୍ନଙ୍କୁ ସମବେଦନା ଜଣାଇବା ସହ ଶୁଖିଲା ଖାଦ୍ୟ, ଜରି ତମ୍ବୁ ଓ ଆନୁସଙ୍ଗିକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇ ଦେଇଛନ୍ତି । ଏହି ଦୁଇ ସଙ୍ଗଠନକୁ ଅଗ୍ନିବିପନ୍ନମାନେ ଧନ୍ୟବାଦ ଜଣାଇଛନ୍ତି । ବିପନ୍ନମାନେ କିଭଳି ସରକାରୀ ସହାୟତା ପାଇପାରିବେ ସେଥିପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଆଲୋଚନା କରିବେ ବୋଲି ଇସ୍ୱାର୍ଡ ସ୍ୱେଚ୍ଛାସେବୀ ସଙ୍ଗଠନର ମୂଖ୍ୟ ମୃତ୍ୟୁଞ୍ଜୟ ପ୍ରଧାନ ଗଣମାଧମକୁ କହିଛନ୍ତି ।

## ପାରାଦୀପ ବନ୍ଦରରେ ୫୪ତମ ଜାତୀୟ ସୁରକ୍ଷା ଦିବସ ଓ ସପ୍ତାହ ଆରମ୍ଭ



ପାରାଦୀପ(ଭାସ୍କର ନ୍ୟୁଜ): ୫୪ ତମ ଜାତୀୟ ସୁରକ୍ଷା ଦିବସ ଓ ସପ୍ତାହ ପାରାଦୀପ ବନ୍ଦରରେ ଆରମ୍ଭ ହୋଇଛି । ଏହି ଅବସରରେ ମଙ୍ଗଳବାର ଦିନ ପାରାଦୀପ ବନ୍ଦର ପ୍ରାଧିକରଣ ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁରକ୍ଷା ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସାମୁହିକ ସୁରକ୍ଷାର ସପଥପାଠ କରାଇଥିଲେ । ସେହିପରି ବନ୍ଦର ଅଧକ୍ଷ ଶ୍ରୀ ହରନାଦ ସୁରକ୍ଷା ସଚେତନତା ରଥ ଓ ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରାରେ ବନ୍ଦରର କର୍ମଚାରୀ ସାମିଲ ହୋଇ ବନ୍ଦର ପ୍ରଶାସନିକ ଭାବନରୁ ବାହାରି ୪ ନମ୍ବର ଗେଟ ପାଖରେ ସମାପ୍ତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବନ୍ଦର ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା, ସିଏମଇ ସୁଶୀଲ ଚନ୍ଦ୍ର ନାହାକଙ୍କ ସମେତ ବନ୍ଦରର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏହି ସପ୍ତାହ ବ୍ୟାପି ସୁରକ୍ଷା ସଚେତନ କାର୍ଯ୍ୟକ୍ରମରେ ବନ୍ଦର କର୍ମଚାରୀ ଓ ବ୍ୟବହାରକାରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ସୁରକ୍ଷା ସମ୍ପର୍କିତ ବକ୍ତୃତା, ରଚନା, ପୋଷ୍ଟର ପ୍ରତିଯୋଗିତା ଏବଂ ସେମିନାର ଓ ଡକ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହେବ ।

## ୬ମାସରୁ ୩ବର୍ଷ ପର୍ଯ୍ୟନ୍ତ ଶିଶୁ ଘର ଶୁଭାରମ୍ଭ

କରଞ୍ଜିଆ(ଭାସ୍କର ନ୍ୟୁଜ): ଛଅ ମାସରୁ ଆରମ୍ଭ କରି ତିନିବର୍ଷ ପର୍ଯ୍ୟନ୍ତ ଛୁଆଙ୍କ ଯତ୍ନ ନେବ ଏନ୍‌ଜିଓ । ସକାଳ ୮ରୁ ଶିଶୁ ଘରେ ଛୁଆକୁ ଛାଡ଼ି ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅଭିଭାବକ ଘରକାମ, ବିଲକାମ କରିପାରିବେ । ସକାଳ ୮ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଛୁଆ କେତେବେଳେ କଣ ଖାଇବ ଜଳଖିଆ ସମୟରେ ଜଳଖିଆ, ଭାତ ଖାଇବା ସମୟରେ ଭାତ ପୁଣି ପୁଷ୍ଟିକର ଖାଦ୍ୟ ଦେବ ଏନ୍‌ଜିଓ । ପୁଣି ୮ରୁ ୪ଟା ଭିତରେ । ଛୁଆ ମାନେ କେତେବେଳେ ଖେଳିବେ କେତେବେଳେ ଶୋଇବେ ସେ ସୁବିଧା ଦେବ ସଂପୃକ୍ତ ଏନ୍‌ଜିଓ । ଏଭଳି ଏକ ସୁନ୍ଦର ପ୍ରକଳ୍ପ ଆଣିଛି ଏକଜୁଟ ଏନ୍‌ଜିଓ ଯାହାକି ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଳି ବ୍ଲକ୍ ଚତୁରାଙ୍ଗୀଳି ଗ୍ରାମପଞ୍ଚାୟତ ରାମ ସାହିରେ ଆରମ୍ଭ ହୋଇଛି । ଏହି ଉଦ୍ଘାଟନୀ ଉତ୍ସବରେ ଶୁକ୍ରୁଳି ତହସିଲଦାର ଯତୀନ୍ଦ୍ର ସେଠୀ, ଶୁକ୍ରୁଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଶାନ୍ତନୁ ଟୁଡୁ, ଏକଜୁଟ୍ ଏନ୍‌ଜିଓ ପ୍ରକଳ୍ପ ପରିଚାଳକ ଆଦିତ୍ୟ ଜେନା, ସରପଞ୍ଚ ବିଜନ ଚାର୍ତା, ସ୍ଥାନୀୟ ସମିତି ସଭ୍ୟାକ୍ଷ, ଏନ୍‌ଜିଓର କର୍ମକର୍ତ୍ତା ଏବଂ ଗ୍ରାମର ଶତାଧିକ ପୁରୁଷ ମହିଳା ଉପସ୍ଥିତ ଥିଲେ । ଏକଜୁଟ ଏନ୍‌ଜିଓର ଏଭଳି ପ୍ରକଳ୍ପକୁ ସମସ୍ତେ ପ୍ରଶଂସା କରିବା ସହିତ କର୍ମକର୍ତ୍ତାଙ୍କୁ ସାଧୁବାଦ୍ ଜଣାଇଛନ୍ତି । ରାମସାହିରେ ପ୍ରଥମ କରି ପ୍ରକଳ୍ପ ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ଅନ୍ୟ ଗାଁରେ ମଧ ଆରମ୍ଭ କରିବାକୁ ଯୋଜନା ରଖିଛି ଏକଜୁଟ ଏନ୍‌ଜିଓ ।



## ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର ବ୍ଲକ ସ୍ତରୀୟ ଭୀମଭୋଇ ଭିର୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ବ୍ଲକ ଅଧକ୍ଷା କିରଣ କୁମାରୀ ଦାସ, ବ୍ଲକ ଉପାଧକ୍ଷା ଏସ. ସାରଦା ରେଡ୍ଡୀ, ବିଡ଼ିଓ ଅଚ୍ୟୁତା ମାଝୀ, ବ୍ଲକ ଅକାଉଣ୍ଟେଣ୍ଟ ଅଫିସର ଗିରିଶ ଚନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶିବିରରେ ୩୬୧ ଜଣ ଭିର୍ନକ୍ଷମ ଉପସ୍ଥିତ ଥିଲେ । ଶିବିରରେ ବିଭିନ୍ନ ପ୍ରମାଣପତ୍ର, ରାସନକାର୍ଡ, ଭତ୍ତା, ମେଡିକାଲ ସାର୍ଟିଫିକେଟ, ବସ୍ ପାସ, ଡିଆରଆଇ ଋଣ ପାଇଁ ଆବେଦନ ହୋଇଥିଲା । ଏହି ଅବସରରେ ହୁଇଲ ଚେୟାର, ଟ୍ରାଇ ସାଇକେଲ ଏବଂ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଥିଲା । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜଗନ ମୋହନ ସେନାପତି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।

## ମା' ସାହାଡ଼ାଶୁଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ କୋହ୍ଲ ସ୍ଥିତ ମା' ସାହାଡ଼ାଶୁରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇ ଯାଇଛି। ଏହି ଉପଲକ୍ଷେ ଚାଲିଥିବା ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ସେମାବାର ରାତିରେ ସମାପନ ହୋଇଛି। ଶନିବାର ମହିଳାମାନଙ୍କ ଦ୍ୱାରା କଳସ ବୁଡ଼ା ଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ମଣ୍ଡଳାଧି ପୂଜା କରାଯାଇ ଅଗ୍ନି ସ୍ଥାପନ କରାଯାଇଥିଲା। କର୍ତ୍ତା ଭାବେ ସନାତନ ମାଝୀ ଥିବା ବେଳେ ବ୍ରହ୍ମଣ ଭାବେ ପଣ୍ଡିତ ଅନିରୁଦ୍ଧ ପାଣି, ସଦାନନ୍ଦ ପାଣି, ନିରଂଜନ ପାଣି, ମଙ୍ଗରାଜ ପାଣି ଓ ରବିନ୍ଦ୍ର ଦାଶ ଯଜ୍ଞକାର୍ଯ୍ୟ ସମାପନ କରିଥିଲେ। ରବିବାର ଶିଖର ସ୍ନାନ ପରେ ଶ୍ରୀଗଣେଶ, କାର୍ତ୍ତିକ ପ୍ରମୁଖ ପାର୍ଶ୍ୱ ଦେବତାଙ୍କୁ ମନ୍ଦିର ପ୍ରବେଶ କରାଯାଇଥିଲା। ପୂର୍ଣ୍ଣାହୁତି ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥି ସହିତ ବଳରାମ ସେନାପତିଙ୍କ ରଚିତ ମା'ଙ୍କ ମହିମା ଉପରେ ଆଧାରିତ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ମା ସାହାଡ଼ାଶୁଣୀଙ୍କର ଅପୂର୍ବ ମହିମା ରହିଛି। ମା'ଙ୍କ ଗାଧୁଆ ହଳଦୀ ପାଣିରେ ଦୁରାରୋଗ ଆରୋଗ୍ୟ ହୋଇଥାଏ ବୋଲି ବିଶ୍ୱାସ ରହିଛି। ବିଶେଷ କରି ଛୋଟ ପିଲାମାନେ ରୁଗ୍ଣ ହେଲେ ସେମାନଙ୍କୁ ମା' ସାହାଡ଼ାଶୁଣୀଙ୍କ ଗାଧୁଆ ହଳଦୀ ପାଣି ପକାଇଥାନ୍ତି। ଗୁରୁବାର ମା'ଙ୍କ ପୀଠରେ ଯାତ୍ରା ଲାଗିଥାଏ। ସେହିଦିନ ମା'ଙ୍କ ଗାଧୁଆ ହଳଦୀ ପାଣି ପକାଇବା ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥାଏ। ଜିଲା ଓ ଜିଲା ବାହାରୁ ଶ୍ରଦ୍ଧାଳୁମାନେ ଆସି ମା'ଙ୍କ ଗାଧୁଆ ହଳଦୀ ପାଣି ପକାଇଥାନ୍ତି। ମସର ପ୍ରଥମ ଗୁରୁବାର ମା'ଙ୍କ ଗାଧୁଆ ହଳଦୀପାଣି ପକାଇଲେ ମାସ ଶେଷ ଗୁରୁବାର ପର୍ଯ୍ୟନ୍ତ ପିଲାମାନଙ୍କୁ ମା'ଙ୍କ ଗାଧୁଆ ପାଣି ପକାଇବା ପ୍ରଥା ରହିଛି ବୋଲି ଜଣାପଡ଼ିଛି। ସରପଞ୍ଚ କୈଳାସ ପରିଡ଼ା, ଗ୍ରାମବାସୀ ବଳରାମ ସେନାପତି, ଭଗବାନ ସାହୁ, କାହ୍ନୁ ଚରଣ ସେନାପତି, ହୃଦାନନ୍ଦ ପରିଡ଼ା, କମଳାକାନ୍ତ ମାଝୀ, ରଘୁନାଥ ମାଝୀ, ଶିବାନୀ ମାଝୀ, କାର୍ତ୍ତିକ ମାଝୀ, ନିରଂଜନ ମାଝୀ, ଗଣେଶ ମାଝୀ, ଦୀନବନ୍ଧୁ ମାଝୀ, ପ୍ରଦୀପ ମାଝୀ, ଭାଗିରଥି ମାଝୀ, କୃପାସିନ୍ଧୁ ମାଝୀ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ୧୫ ଛେଳି ଚୋରି
## ୨ କୋର୍ଟଚାଲାଣ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା କସର୍ଦା ଫାଣ୍ଡି ଅଧୀନ ରାଣୀଓଳା ପଞ୍ଚାୟତ ଅଳତଳଙ୍ଗ ଗ୍ରାମର ଲୋଚନ ମାଫିଆଙ୍କ ଗୁହାଳୁ ୧୫ଟି ଛେଳି ଚୋରି ହୋଇଥିବା କସର୍ଦା ବିଟ୍ ହାଉସରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅଧାରରେ ୪୮୩/୨୪ରେ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଥିଲା। ଗତକାଲି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଟୁଲୁ ସ୍ୱାଇଁ (୪୦)ଙ୍କ ଘର ଅସ୍ତରଙ୍ଗ ଥାନା ଅଧିନସ୍ତ କୁହୁଡି ଗ୍ରାମରେ ଓ ଅନ୍ୟ ଜଣେ ଅଭିଯୁକ୍ତ ମାନସ ଦାଶ (୩୪) ଚାରିଛକ ଥାନା ଅଧିନସ୍ତ ବଡ଼ ଅମରପ୍ରସାଦ ଗ୍ରାମର ବୋଲି ଜଣାପଡିଛି। ଉଭୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ନିଆଳି ଆଇଆଇସି ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି।

## ଟିପିଏନଓଡିଏଲ ପକ୍ଷରୁ ନୈତିକତା ସପ୍ତାହ ପାଳିତ




ବାଲେଶ୍ୱର(ଭାସ୍କର ନ୍ୟୁଜ): : ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡ଼ିଏଲ) ପକ୍ଷରୁ ଟାଟା ଗ୍ରୁପର ପ୍ରତିଷ୍ଠାତା ଜେ.ଏନ ଟାଟାଙ୍କ ଜନ୍ମ ଜୟନ୍ତୀ ଅବସରରେ ନୈତିକତା ସପ୍ତାହ ୨୪ ଫେବୃଆରୀରୁ ମାର୍ଚ୍ଚ ୩ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଛି। ନୈତିକତା ସପ୍ତାହ ଅବସରରେ କର୍ମଚାରୀଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ପୋଷ୍ଟର ପ୍ରସ୍ତୁତି, ସ୍ଲୋଗାନ୍, କୁଇଜ୍ ଆଦି ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କର୍ମଚାରୀଙ୍କ ମଧ୍ୟରେ ନୈତିକତା ଓ ପାରଦର୍ଶିତାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ଥିବା ବେଳେ ଟିପିଏନଓଡ଼ିଏଲର କର୍ମଚାରୀମାନେ ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରିଥିଲେ। ସପ୍ତାହର ଉଦଯାପନୀ ଦିବସରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦଯାପନୀ ସନ୍ଧ୍ୟାରେ ଟିପିଏନଓଡ଼ିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦ୍ୱିଜଦାସ ବସାକ କର୍ମଚାରୀଙ୍କୁ ସମ୍ବୋଧିତ କରିବା ସହ ସର୍ବଦା ନୀତି ଓ ଆଦର୍ଶରେ ନିଜର ଦାୟିତ୍ୱ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଏହା ସହ ଜେ.ଏନ ଟାଟାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଟିପିଏନଓଡ଼ିଏଲ ସିଏଫଓ ଶିଳାଦିତ୍ୟ ସେନଗୁପ୍ତା, ଚିଫ୍ ଅପରେସନ ନିଲେଶ ପୋଟଫଡେ, ଚିଫ୍ କମର୍ସିଆଲ ଜୟଦୀପ ରୟ, ଫାଇନାନ୍ସ ଜିଏମ ସଂଜୀବ ସାହୁ, ହେଡ୍ ଏଚଆର ରମେନ୍ଦ୍ର ନାରାୟଣ ବଣିକଙ୍କ ସମେତ ଅଧିକାରୀମାନେ ଉପସ୍ଥିତ ଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ମାଲକାନାଗିରି, (ଭାସ୍କର ନ୍ୟୁଜ୍ ) : ବିଜୁ ଜନତା ଦଳ ଗ୍ରାସରୁଟ୍ ସ୍ତରରେ ଦଳୀୟ ଏକତା, ସାଙ୍ଗଠନିକ ଶକ୍ତି, ଏବଂ ନେତୃତ୍ୱ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇ ନିର୍ବାଚନ ପ୍ରକ୍ରିୟାକୁ ଅଗ୍ରସର କରୁଛି । ମାନ୍ୟବର ବିଜୁ ଜନତା ଦଳର ସୁପ୍ରିମୋ ତଥା ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ, ବିଜେଡ଼ି ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସଭାପତିତ୍ୱରେ ମାଥିଲି ବ୍ଲକର ସମସ୍ତ ପଞ୍ଚାୟତର ନେତୃବୃନ୍ଦଙ୍କ ଉପସ୍ଥିତିରେ ନିର୍ବାଚନ ପ୍ରକ୍ରିୟା ନିୟମିତ ଏବଂ ସୁଚାରୁ ଭାବରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଆର୍, ଡିଆର୍‌ଓ, ଏଆର୍‌ଓ, ମାନଙ୍କ ନିଯୁକ୍ତି ହୋଇଥିବା ଅଧିକାରୀଙ୍କ ଦ୍ୱାରା ପଞ୍ଚାୟତର ଦଳର ଉଚ୍ଚ ନେତୃତ୍ୱଙ୍କୁ ନିର୍ବାଚନ ପ୍ରକ୍ରିୟା ନିୟମାବଳି ଦରଖାସ୍ତ ପ୍ରଦାନ କରିଛନ୍ତି। ଏହି ନିର୍ବାଚନ ପ୍ରକ୍ରିୟା ନିୟମ ଅନୁଯାୟୀ ସୁଚାରୁ ଭାବରେ ପରିଚାଳନା କରାଯିବ ବୋଲି ନିର୍ବାଚନ ଅଧିକାରୀ ପରାମର୍ଶ ଦେଲେ। ସମସ୍ତ ଦଳ ନେତୃବୃନ୍ଦଙ୍କ ଉପସ୍ଥିତି ଓ ସହଯୋଗରେ ପଞ୍ଚାୟତ ସଭାପତିମାନଙ୍କ ନାମ ତାଲିକା ଦଳ ଉଚ୍ଚ ନେତୃତ୍ୱଙ୍କ ନିକଟକୁ ପଠାଯିବ ଏବଂ ମାନ୍ୟବର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ମୋହର ପରେ ଆଧିକାରିକ ଘୋଷଣା ହେବ। ବିଜୁ ଜନତା ଦଳ ଏହି ନିର୍ବାଚନ ପ୍ରକ୍ରିୟାକୁ ସଫଳ ଏବଂ ନ୍ୟାୟ ସଂଗତ ଭାବେ କରିବା ପାଇଁ ସଦାସର୍ବଦା ପ୍ରତିବଦ୍ଧ।

## ଶିଳ୍ପ ଏବଂ ସହର ବର୍ଜ୍ୟରେ ପ୍ରଦୂଷିତ ହେଉଛି ଅରଡେଇ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝରର ଅନ୍ୟତମ ଚିରସ୍ରୋତା ନଦୀ ଅରଡେଇ ନଦୀ ପ୍ରଦୂଷିତ ହୋଇପଡିଛି । କେନ୍ଦୁଝର ଜିଲ୍ଲାରେ ବୈତରଣୀ ନଦୀ ପରେ ଅନ୍ୟତମ ପ୍ରମୁଖ ନଦୀ ହେଉଛି ଅରଡେଇ ବୋଲି କୁହାଯାଏ। ଏହି ଅରଡେଇ ନଦୀ ବାଂଶପାଳ ବ୍ଲକର ବାରହାରାଶି ପାହାଡରୁ ବାହାରି ଚମ୍ପୁଆର ସରେଇଠାରେ ବୈତରଣୀରେ ମିଶିଛି। ଏହାର ଉତ୍ପତି ସ୍ଥଳ ପରଠାରୁ ଏହି ନଦୀ ବାଂଶପାଳ ବ୍ଲକ, ସଦର ବ୍ଲକ, ଝୁମ୍ପୁରା ବ୍ଲକ ଅତିକ୍ରମ କରି ଚମ୍ପୁଆ ବ୍ଲକରେ ବୈତରଣୀରେ ମିଶିଛି। କେନ୍ଦୁଝର ସହର ଦେଇ ଯାଇଥିବା ଏହି ନଦୀକୂଳ ଅଞ୍ଚଳରେ ଏକାଧିକ ଗାଁ ରହିଛି। ଗୋବିନ୍ଦପୁରଠାରୁ ଆରମ୍ଭ କରି ଚକ, ମଣ୍ଡୁଆ, କାଶିପୁର, ଶିରିଶପାଳ, ଘୁଟୁର, ଶଙ୍କରପୁର, ବାଁପାର, ବୋଦାପଳସା, ବାଉରୀପଦା, ଗୋବର୍ଦ୍ଧନ, ଯୋଗୀମଠ, ମଙ୍ଗଳାପଶି, ତେଲିଅର୍ଶଳା ଭଳି ଏକାଧିକ ଗାଁ ଏହି ଅରଡେଇ ନଦୀକୂଳରେ ରହିଛି। ତେବେ କେନ୍ଦୁଝର ସହରର ଡ୍ରେନ ପାଣି, ପାଇଖାନା ଆବର୍ଜନା ସହିତ ସହରର ଅନ୍ୟ ବର୍ଜ୍ୟବସ୍ତୁ ସିଧାସଳଖ ଯାଇ ଅରଡେଇ ନଦୀରେ ମିଶୁଛି। ଯାହାକି ଅରଡେଇକୁ ବିଷାକ୍ତ କରୁଛି। ଅରଡେଇ ନଦୀ ଜଳ କେବଳ ବ୍ୟବହାର ଅନୁପଯୋଗୀ ହୋଇନାହିଁ ବରଂ ଭୂତଳ ଜଳକୁ ପ୍ରଭାବିତ କଲାଣି। ପୂର୍ବରୁ ନଦୀ ଜଳକୁ ସ୍ନାନ ଓ କେହି କେହି ଫୁଟାଇ ପିଇବା ପାଇଁ ବ୍ୟବହାର କରୁଥିଲେ। କିନ୍ତୁ ଗତ କିଛି ବର୍ଷ ହେଲା ଏହା ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଲୋକେ ବ୍ୟବହାର କଲେ ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି । ଖାଲି ମଣିଷ ନୁହେଁ ବରଂ ଗାଇ, ମଇଁଷି ଭଳି ଅନେକ ଗୃହପାଳିତ ପଶୁ ମଧ୍ୟ ଅରଡେଇ ନଦୀ ଜଳ ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେବେ ଏହି ନଦୀ ବିଶେଷ କରି ଜିଲ୍ଲାର ଉପରମୁଣ୍ଡରେ ଅଧିକାଂଶ ଅଞ୍ଚଳ ଜଳସେଚନର ସହାୟକ ହେଉଥିଲା ଏବଂ ଚାଷ କାମରେ ବିଶେଷ ଉପଯୋଗୀ ହୋଇ ପାରୁଥିଲା। କିନ୍ତୁ ଦିନକୁ ଦିନ ଏହି ନଦୀ ଆବର୍ଜନାମୟ ହେବାକୁ ବସିଛି। ତେବେ ନଦୀରେ ଆବର୍ଜନା ନମିଶିବା ପାଇଁ କେନ୍ଦୁଝର ନାଗରିକ ମଞ୍ଚ ପକ୍ଷରୁ ଗତ ୨୦୧୭ ମସିହା ଅକ୍ଟୋବର ମାସରେ ସ୍ଥାୟୀ ଲୋକ ଅଦାଲତରେ ଅଭିଯୋଗ ପରେ ତନାଘନା ହୋଇଥିଲା। ନାଗରିକ ମଞ୍ଚ ପକ୍ଷରୁ ଦର୍ଶାଯାଇଥିଲା ଯେ, କେନ୍ଦୁଝର ସହରର ଭୌଗୋଳିକ ସ୍ଥିତି ଅନୁସାରେ ସହରର ପଶ୍ଚିମ ଦିଗରେ ପାହାଡ ଥିବାବେଳେ ପୂର୍ବ ଦିଗରେ ନଦୀ ଅବସ୍ଥିତ। ଏହାକୁ ଲକ୍ଷ୍ୟ କରି ସହରରେ ଡ୍ରେନ ନିର୍ମାଣ କରାଯିବା କଥା। ଏହା ହୋଇଥିଲେ ସହରର ବର୍ଷା ଜଳ ସ୍ୱାଭାବିକ ଭାବେ ପାହାଡିଆ ଅଂଚଳରୁ ଡ୍ରେନ ଯୋଗେ ଖସି ଯିବାରେ କୌଣସି ସମସ୍ୟା ନଥାନ୍ତା। ମାତ୍ର ଏଭଳି ଭୌଗୋଳିକ ସ୍ଥିତିକୁ ନଜର ନଦେଇ ଉତ୍ତର-ଦକ୍ଷିଣ ଦିଗ ଅନୁସାରେ ସହରର ଡ୍ରେନ ନିର୍ମାଣ କରାଯାଇଥିଲା। ସେହି ଡ୍ରେନର ଆବର୍ଜନା ପାଣି ଯାଇ ସିଧାସଳଖ ଅରଡେଇ ନଦୀରେ ମିଶୁଛି। ଏଥିରେ ପ୍ଲାଷ୍ଟିକ ଆବର୍ଜନା ଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନର ରାସାୟନିକ ଆବର୍ଜନା ଓ ପାଇଖାନା ଆବର୍ଜନ ମଧ୍ୟ ସିଧାସଳଖ ଏହି ଡ୍ରେନ ଯୋଗେ ଯାଇ ଅରଡେଇ ନଦୀରେ ମିଶୁଛି । ନଦୀକୁ ପ୍ରଦୂଷଣ ମୁକ୍ତ ପାଇଁ ସ୍ଥାୟୀ ଲୋକ ଅଦାଲତ ପୌର ପ୍ରଶାସନକୁ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ଆବର୍ଜନା ନଦୀରେ ନ ଛାଡିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅଦାଲତର ଏହି ନିର୍ଦ୍ଦେଶକୁ ଅବଜ୍ଞା କରିଥିଲେ। ଖାଲି ସେତିକି ନୁହେଁ, ସ୍ଥାୟୀ ଲୋକ ଅଦାଲତର ନିର୍ଦ୍ଦେଶ ପ୍ରଶାସନ ନ ଶୁଣିବାରୁ ସିଭିଲ କୋର୍ଟରେ ମଧ୍ୟ ମାମଲା ନଂ ୧୩୬/୨୦୧୯ ରୁଜୁ ହୋଇଥିଲା । କିନ୍ତୁ କୌଣସି ସୁଫଳ ମିଳୁନି । ଗୋଟିଏ ପଟେ ଉପରମୁଣ୍ଡରେ ପୋଡୁ ଚାଷ ପାଇଁ ଆଦିବାସୀମାନଙ୍କ ଦ୍ୱାରା ଜଙ୍ଗଲ ନଷ୍ଟ, ଅନ୍ୟାନ୍ୟ ବ୍ୟବସାୟିକ କାରଣରୁ ଗଛ କଟାଯିବା କାରଣରୁ ବର୍ଷା କମ୍ ହେଉଥିବାରୁ ଅଧିକାଂଶ ସମୟ ଅରଡେଇ ଶୁଖିଲା ପଡୁଛି। ଏଭଳି ସ୍ଥଳେ ଯେଉଁ କିଛି ସ୍ଥାନରେ ଏହାର ଜଳସ୍ରୋତ ସ୍ୱାଭାବିକ ରହିଛି, ସେଥିରେ ଆବର୍ଜନା ମିଶାଇ ଏହାକୁ ଅପରିଷ୍କାର କରାଯାଉଛି। ଅନ୍ୟପଟରେ ବର୍ଷା ଦିନରେ ନଦୀ ବଢି ଯୋଗୁଁ ଅରଡେଇ ନଦୀର ବିଭିନ୍ନ ସ୍ଥାନରେ ପାର୍ଶ୍ୱ ମୃର୍ତ୍ତିକା କ୍ଷୟ ହୋଇ ଚାଷ ଜମି କ୍ଷତିଗ୍ରସ୍ତ ହେଉଛି । ନଦୀ ଜଳରେ ମୃର୍ତ୍ତିକା କ୍ଷୟ କାରଣରୁ ମାଟି ନଦୀରେ ପୋତି ହୋଇ ଜଳଧାରଣ କ୍ଷମତା କମୁଛି। ଅରଡେଇ ନଦୀ ତଟରେ ବ୍ୟାପକ ବୃକ୍ଷରୋପଣ କରାଗଲେ ମୃର୍ତ୍ତିକା କ୍ଷୟ ଅନେକାଂଶରେ ରୋକାଯିବା ସହ ପରିବେଶ ସୁରକ୍ଷା ହୋଇପାରିବ ବୋଲି ପରିବେଶବିତ୍ମାନେ ମତପ୍ରକାଶ କରିଛନ୍ତି । ଅରଡେଇ ପ୍ରତି ଶିଳ୍ପାୟନ ଏକ ପ୍ରକାଣ୍ଡ ବିପଦ ଭାବେ ଉଭା ହୋଇଛି । ମୁରୁସୁଆଁ ସ୍ଥିତ ବ୍ରାଣ୍ଡ ସ୍ପଞ୍ଜ କାରଖାନାର ବର୍ଜ୍ୟବସ୍ତୁରେ ନଦୀ ଜଳ ଦୂଷିତ ହେବାରେ ଲାଗିଛି । ଶିଳ୍ପ ଯୋଗୁଁ ନଦୀ ଜଳ ଜହର ହେବାରେ ଲାଗିଛି। ବର୍ଷା ଦିନରେ କାରଖାନାର ବର୍ଜ୍ୟଜଳ ସିଧାସଳଖ ନଦୀରେ ମିଶୁଥିବାରୁ ନଦୀଜଳ ପ୍ରଦୂଷିତ ହେଉଛି । କମ୍ପାନୀ ସରଫେସ ରନ ଅଫ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କରିନଥିବାରୁ ବର୍ଷା ଦିନରେ ବିନା ବିଶୋଧନରେ କାରଖାନା ଭିତରୁ ବର୍ଜ୍ୟଜଳ ସିଧାସଳଖ ନଦୀରେ ମିଶୁଛି। ଏହି ଛୋଟ ନଈର ସୁରକ୍ଷା ନେଇ ଏବେ ଠାରୁ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ଏହାର ଅସ୍ତିତ୍ୱ ଲୋପ ପାଇବାର ସମ୍ଭାବନା ରହିଛି । କେନ୍ଦୁଝରଗଡ ପୌରପାଳିକା ସମେତ ଅନ୍ୟ ଶିଳ୍ପ ସଂସ୍ଥା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ଏଥିସହ ନଦୀର ପୁନରୁଦ୍ଧାର, ନଦୀ ଶଯ୍ୟା ଓ ପଠା ଜମି ଜବରଦଖଲ ମୁକ୍ତ କରିବା ପାଇଁ ପ୍ରଶାସନ ପଦକ୍ଷେପ ନେବା ଜରୁରୀ ।

## ବିପଦସଙ୍କୁଳ ସ୍କୁଲ ଛାତ: ବାରଣ୍ଡାରେ ଚାଲିଛି ପାଠପଢ଼ା



ପରଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗୋଷ୍ଠୀ ଶିକ୍ଷାଧିନ ଜୟପୁରା କାଟେଣୀ ପଞ୍ଚାୟତ ବେଲବସନ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟର ଦୁଇଟି ଛାତ ଘରର ଭିତର ପାଖ ଛାତ ଅତି ଶୋଚନୀୟ ଅବସ୍ଥାରେ ରହିଥିବା ଦେଖାଯାଇଛି। ଭଙ୍ଗା ଛାତ ଶ୍ରେଣୀ ଗୃହରେ ପିଲାମାନେ ପାଠ ପଢିବାପାଇଁ ଅଭିଭାବକ ମାନେ ସୁରକ୍ଷା ଦୃଷ୍ଟିରୁ ଉଚିତ ମଣୁନାହାନ୍ତି। ଏହି ଆଦିବାସୀ ଅଧୁଷିତ ଜଙ୍ଗଲ ଗ୍ରାମ ବିଦ୍ୟାଳୟରେ ମୋଟ ଦୁଇଗୋଟି ଶ୍ରେଣୀ ଗୃହ ରହିଥିବା ବେଳେ, ଏଠାରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଶ୍ରେଣୀର ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି । ଉପସ୍ଥାନ ମୁତାବକ ପ୍ରଥମରେ ୬ଜଣ, ୨ୟରେ ୯ଜଣ, ୩ୟରେ ଜଣେ, ୪ର୍ଥରେ ୪ଜଣ, ୫ମରେ ଜଣେ ଏହିପରି ମୋଟ ୨୧ଜଣ ପିଲାଙ୍କୁ ଦୁଇ ଜଣ ଶିକ୍ଷକ ପାଠ ପଢ଼ାଉଛନ୍ତି । ବଡ଼ ବିଡମ୍ବନାର ବିଷୟ ଏଠାରେ ଅଧିକାଂଶ ସାନ୍ତାଳ ସମ୍ପ୍ରଦାୟର କୁନିକୁନି ପିଲାମାନେ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ଯେଉଁ ଛାତ ଘର ଅଛି ତାହାର ଘର ଭିତର ପାଖ ବଡ଼ ବଡ଼ ଏରିଆ କାଡି ଛାଡ଼ିବା ସହିତ ଲୁହା ଛାତ ରଡ଼ ମାନ ଦେଖାଯାଉଛି। ବିଦ୍ୟାଳୟଟି ବାହାରୁ ସୁନ୍ଦର ଦେଖାଯାଉଥିବା ବେଳେ ଘର ଭିତର ଅବସ୍ଥା ଶୋଚନୀୟ, ଯାହା ଫଳରେ ପାଞ୍ଚଟି ଶ୍ରେଣୀର ପିଲା ଏକତ୍ରିତ ହୋଇ ବାରଣ୍ଡାରେ ପାଠ ପଢିବାକୁ ବାଧ୍ୟ ହେଉଛନ୍ତି । ଶିକ୍ଷାର ବିକାଶ ଏବଂ ଉନ୍ନତିକରଣ ଉପରେ ସରକାରଙ୍କ ଏତେ ବ୍ୟବସ୍ଥା ଥିବାବେଳେ ଏପରି ଆଦିବାସୀ ଅଧୁଷିତ ଜଙ୍ଗଲ ଘେରରେ ଥିବା ସ୍କୁଲ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ସହିତ ପରିଚାଳନା କମିଟି ଯତ୍ନବାନ ନହେବା ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଛାତର ମରାମତି ହେଉ ଅବା ପୁନଃରୁଦ୍ଧାର କାର୍ଯ୍ୟକାରୀ କରିବା ପାଇଁ ଅଞ୍ଚଳ ବାସି ସର୍ବସାଧାରଣରେ ଦାବି ରଖିଛନ୍ତି ।

## ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଘାଟିତ



ଡେରାବିଶ, (ଭାସ୍କର ନ୍ୟୁଜ୍ ) : ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଡେରାବିଶ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ +୩ ପ୍ରଥମ ବର୍ଷ ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ୪ତାରିଖରେ ଉଦ୍‌ଘାଟିତ ହୋଇଯାଇଛି । ଡେରାବିଶ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଚନ୍ଦ୍ର ଶେଖର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ଅତିଥି ଭାବରେ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପୃଷ୍ଟି, ଅଧ୍ୟାପକ ବିଶ୍ୱଜିତ ସାହୁ, ଅଧ୍ୟାପିକା ଡ. ପ୍ରଜ୍ଞା ପଟ୍ଟନାୟକ, ଡ. ସୁଶ୍ରୀ ପ୍ରିୟଦର୍ଶିନୀ ପଣ୍ଡା, ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ଶରତ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗଦେଇ ମହିଳାମାନେ ସାମ୍ପ୍ରତିକ ପରିସ୍ଥିତିରେ ନିଜକୁ ସୁରକ୍ଷିତ ରଖିବା ପାଇଁ କିଛି କଳାକୌଶଳ ହାସଲ କରିବା ଉଚିତ୍ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ସଂଯୋଜିକା ଅଧ୍ୟାପିକା ଡ. ରୁଦ୍ରାଙ୍ଗି ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ଶୁଭଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବାବା ଆଖଣ୍ଡଳମଣିଙ୍କ ଦ୍ୱାଦଶ ତମ ବାର୍ଷିକ ମେଳା



କୁଜଙ୍ଗ, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲାର ସର୍ବ ପୁରାତନ କୁଜଙ୍ଗ ହାଟ ପରିବା ବ୍ୟବସାୟୀ ସଙ୍ଘ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ବାବା ଆଖଣ୍ଡଳମଣୀଙ୍କ ଦ୍ୱାଦଶ ତମ ବାର୍ଷିକ ମେଳା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳୁ ମହାନଦୀରୁ ଘଟ କଳସୀ ଆଣି ବାଜା, ବାଣ, ରୋଷଣୀରେ ବଜାର ପରିକ୍ରମା କରି ମେଲଣ ପଡିଆର ଠାକୁରଙ୍କ ବିଜେସ୍ଥଳୀକୁ ଆଣିଥିଲେ ।ଏହି ଅବସରରେ ସାଂସ୍କୃତିକ କାର୍ଯକ୍ରମରେ ପୁରୀରୁ ଆସିଥିବା ପତିତ ପାବନ ବାବାଙ୍କର ସଙ୍ଗୀତ ପରିବେଷଣ ସୋତ୍ରା ମାନଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା ।ଏହି ମେଳାରେ ବିଶିଷ୍ଟ ପରିବା ବ୍ୟବସାୟୀ ସମ୍ଭୁନାଥ ନାଥ କର୍ତ୍ତା ଭାବେ ଠାକୁରଙ୍କର ପୂଜା ବିଧି ସମାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିବା ବ୍ୟବସାୟୀ ସଙ୍ଘର ସଭାପତି ଶିଶିର କୁମାର ନାୟକ, କୋଷାଧକ୍ଷ ବାବାଜୀ ରାଉତଙ୍କ ସମେତ ସମସ୍ତ ପରିବା ବ୍ୟବସାୟୀ ନିଜ ନିଜର ବ୍ୟବସାୟ, ପ୍ରତିଷ୍ଠାନ ବନ୍ଦ ରଖି ବାବା ଆଖଣ୍ଡଳମଣୀଙ୍କ ପୂଜାରେ ସହଯୋଗ କରିଥିଲେ। ସଙ୍ଘ ପକ୍ଷରୁ ୨ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରଯାଇଥିଲା।

## ମହାକାଳୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍) : ରାଜପୁର ପଞ୍ଚାୟତ ଅନ୍ତର୍ଗତ ସର୍ଗିମାଲ ଦେଓଗାଁ ଠାରେ ମହାକାଳୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଯାଇଛି। ଗତ କାଲି ମନ୍ଦିର ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିନରେ ପ୍ରଥମେ ରତ୍ନମୁଦ ଓ ପରେ ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। କଳସ ପ୍ରତିଷ୍ଠା ପରେ ଆବାହନ ପୂଜା, ଚଣ୍ଡୀ ପାଠ, ଆଳତି, ପୂର୍ଣ୍ଣାହୁତି, କଳସ ସ୍ଥାପନ, ଧ୍ୱଜା ସ୍ଥାପନ, ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ମୋତିଲାଲ ମିଶ୍ର, ପଣ୍ଡିତ ବାସୁଦେବ ଦାଶ, ପଣ୍ଡିତ ସନ୍ତୋଷ ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିଲେ। ଗଦାଧର ରାଏ ଓ ତାଙ୍କ ପତ୍ନୀ ଅନୁସୂୟା ରାଏ, ସୁବ୍ରତ ଚୌଧୁରୀ ଓ ତାଙ୍କ ପତ୍ନୀ ରିତା ଚୌଧୁରୀ, ସୁଶାନ୍ତ ପ୍ରଧାନ ଓ ତାଙ୍କ ପତ୍ନୀ ରିଚା ପ୍ରଧାନ, ସୁରେନ୍ଦ୍ର ଚୌଧୁରୀ ଓ ତାଙ୍କ ପତ୍ନୀ ମୌମିତା ଚୌଧୁରୀ, ଉପେନ୍ଦ୍ର ଧୁରୁଆ ଓ ତାଙ୍କ ପତ୍ନୀ ମୁକ୍ତେଶ୍ୱରୀ ଧୁରୁଆ କର୍ତ୍ତା ଥିଲେ। ଏହି ଉତ୍ସବରେ ସ୍ଥାନୀୟ ଅଞ୍ଚଳ ଓ ଦୂର ଦୁରାନ୍ତରୁ ଆସିଥିବା ଅନେକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଆଳତି, ପୂର୍ଣ୍ଣାହୁତି ଏବଂ ଘଟ ବିସର୍ଜନ କରାଯାଇଥିଲା।

## ୨୫ ଭିନ୍ନକ୍ଷମଙ୍କୁ ୪ଲକ୍ଷ ଟଙ୍କାର ଉପକରଣ ବଣ୍ଟନ




ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍ ) : ଲକ୍ଷ୍ମୀପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ଼ ତରଫରୁ କୃତ୍ରୀମ ଅଙ୍ଗ ଉତ୍ପାଦନ ନିଗମ ସାହାଯ୍ୟରେ ଲକ୍ଷ୍ମୀପୁର ପଞ୍ଚାୟତ ସମିତି ଜରିଆରେ ଭିନ୍ନକ୍ଷମ ମାନଙ୍କୁ ବିଭିନ୍ନ ଉପକାରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତବର୍ଷ ଲକ୍ଷ୍ମୀପୁର ବ୍ଲକ ଠାରେ ଅନୁଷ୍ଠିତ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୨୫ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ସେ ସମସ୍ତଙ୍କୁ ବ୍ୟାଟେରୀ ଚାଳିତ ହ୍ୱିଲ ଚେୟାର ସହ ଚାରି ଲକ୍ଷ ଟଙ୍କାର ୮୯ଟି ଅନ୍ୟାନ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଏହି ବଣ୍ଟନ କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ବ୍ଲକ ଅଧକ୍ଷା ସୁଆଇ କୁଲେସିକା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୁରେଶ୍ୱର୍ ଭୋଇ, ହିନ୍ଦୁସ୍ତାନ ଏରୋନଟିକ୍ସ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଡ.ପାର୍ଥ ସାରଥି ସେଠୀ, ହାଲ କୋଡ଼ିନେଟର ରଞ୍ଜନ ବୋଇତାଇ, ସୁରେନ୍ଦ୍ର ଭୋଇ, ଗୁରୁଦତ୍ତ ଲେଙ୍କା ଉପସ୍ଥିତି ଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଂଶୁମାନ ବେହେରା ପରିଚାଳନା କରିଥିବା ବେଳେ ତ୍ରିନାଥ ବିଷୋୟୀ ସହଯୋଗ କରିଥିଲେ।

## ଦୃଷ୍ଟିହୀନଙ୍କ ପାଇଁ ନୂତନ କମ୍ପ୍ୟୁଟର ଲ୍ୟାବ୍ ଉଦ୍‌ଘାଟନ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା , ସ୍ୱାଧୀନତା ସଂଗ୍ରାମୀ ଇର୍ମା ବାକା ଦୃଷ୍ଟିହୀନ ବିଦ୍ୟାଳୟ, ନାୟକଗୁଡ଼ା ଠାରେ ଭିଜନ ଏମ୍ପାୟାର୍ ଟ୍ରଷ୍ଟ ପକ୍ଷରୁ ଦୃଷ୍ଟି ବାଧୀତ ଛାତ୍ରଛାତ୍ରୀଙ୍କ ନିମନ୍ତେ ଡିଜିଟାଲ ଲିଟରେସିର ଜ୍ଞାନ ଆହରଣ ପାଇଁ ଏକ କମ୍ପ୍ୟୁଟର ଲ୍ୟାବର ଉଦ୍ଘାଟନ କରାଯାଇଛି। ଏହି କମ୍ପ୍ୟୁଟର ଲ୍ୟାବ୍ ଟିକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ, ଉପବିଭାଗୀୟ ସାମାଜିକ ସୁରକ୍ଷା ଅଧିକାରିଣୀ ସସ୍ମିତା ସ୍ୱାଇଁ, ମାଥିଲି ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ (ମୁଖ୍ୟାଳୟ) ରାଜୀବ ପୂଜାରୀ ଏବଂ ପ୍ରଧାନଶିକ୍ଷକ ପ୍ରକାଶ ନନ୍ଦୀ ଉଦ୍ଘାଟନ କରିଥିଲେ। ଏଥିରେ ଭିଜନ ଏମ୍ପାୟାର ଟ୍ରଷ୍ଟର କ୍ଷେତ୍ର ସଂଯୋଜକ ବିଶ୍ୱଜିତ୍ ପରିଡ଼ା, ପୂର୍ଣ୍ଣ ଚନ୍ଦ୍ର ରାଉତ ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଭିଜନ ଏମ୍ପାୟାର ଟ୍ରଷ୍ଟ ୨୦୧୭ ମସିହାରୁ ଦୃଷ୍ଟିହୀନ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷା କ୍ଷେତ୍ରରେ ବିକାଶ ପାଇଁ ସାରା ଭାରତରେ ଏସ୍‌ଟିଏଏମ୍ ଏଜୁକେଶନ ଉପରେ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କୁ ତାଲିମ୍ ପ୍ରଦାନ କରିଆସୁଛି। ଆମ ରାଜ୍ୟ ଓଡ଼ିଶାରେ ୨୦୨୨ ମସିହାରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହ ମିଳିତ ସହଭାଗିତାରେ ଓଡ଼ିଶାର ୨୭ ଟି ଦୃଷ୍ଟିବାଧିତ ବିଦ୍ୟାଳୟରେ ଷ୍ଟେମ୍ ଶିକ୍ଷା ଉପରେ କାମ କରି ଆସୁଛି।

## ବୋମାମାଡରେ ଗୁରୁତର ଡ୍ରାଇଭର କାରଣ ଖୋଜୁଛି ପୋଲିସ



ଭଂଜନଗର, (ଭାସ୍କର ନ୍ୟୁଜ୍): ଏକ ରାସ୍ତା କାମରେ କାର୍ଯ୍ୟରତ ଡ୍ରାଇଭର ଉପରକୁ ବୋମା ମାଡ଼ । ବୋମାମାଡ ପରେ ଗୁରୁତର ଡ୍ରାଇଭରକୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ, ଘଟଣାକୁ ନେଇ ପୋଲିସର ତନାଘନା ଆରମ୍ଭ ହୋଇଛି । ତାରାସିଙ୍ଗି ଥାନା ଅନ୍ତର୍ଗତ ମାଣପୁର - ତିନିଛକିଆ ରାସ୍ତାର ଏକ ପୋଲ ନିକଟରେ ଘଟିଛି ଏଭଳି ଘଟଣା । ଆହତ ଡ୍ରାଇଭର ଜଣକ ଝାଡ଼ଖଣ୍ଡର ବୋଲି ଜଣାପଡ଼ିଛି। ଖବର ନେବାରେ ଜଣାପଡିଛି, ରବିବାର ରାତିରେ ଘଟିଛି ଏଭଳି ଘଟଣା। ଗେରେଡା-ତିନିଛକିଆ ରାସ୍ତା କାମ ଚାଲିଥିବା ବେଳେ ଆଇଜର ନାମକ ଏକ ମେସିନ୍ ଗାଡି ଚଳାଉ ଥିଲେ ପଙ୍କଜ୍ ନାମକ ସଂପୃକ୍ତ ଡ୍ରାଇଭର। ରାସ୍ତା କାମ ସାରି, ପାଖରେ ଥିବା ଶ୍ରମିକ କ୍ୟାମ୍ପକୁ ଫେରୁଥିବା ବେଳେ, ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସିଥିଲେ । ଏବଂ ଡ୍ରାଇଭର ପଙ୍କଜ୍‌କୁ ଲକ୍ଷ କରି ଗାଡି ଉପରକୁ ବୋମା ମାଡ଼ କରି, ଘଟଣା ସ୍ଥଳରୁ ଫେରାର୍ ହୋଇ ଯାଇଥିଲେ । ଏବଂ ଡ୍ରାଇଭର ଜଣକ ଗୁରୁତର ଆହତ ହୋଇଥିଲେ। ଆହତ ଅବସ୍ଥାରେ ଡ୍ରାଇଭରକୁ ଉଧାର କରିଥିଲେ, ପାଖରେ ଥିବା ଅନ୍ୟ ସହଯୋଗୀ ଶ୍ରମିକ ମାନେ । ପ୍ରଥମେ ଭଂଜନଗର ଓ ପରେ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ଜାଣିବା ପରେ, ତାରାସିଙ୍ଗି ଥାନାଧିକାରୀ ଘଟଣା ସ୍ଥଳକୁ ଯାଇ ଅନୁସନ୍ଧାନ କରିଛନ୍ତି । ଖବର ଲେଖା ଶେଷ ସୁଦ୍ଧା, ଏ ସଂକ୍ରାନ୍ତରେ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନଥିବାରୁ, ବୋମା ମାଡ଼ ଘଟଣାର ପ୍ରକୃତ କାରଣ ଜଣାପଡ଼ିନାହିଁ। ଲିଖିତ ଅଭିଯୋଗ ପରେ, କାହିଁକି ଏବଂ କିଏ ବୋମାମାଡ କରିଛି, ତାହା ସ୍ପଷ୍ଟ ହେବ ବୋଲି ଥାନାଧିକାରୀଙ୍କ ସୂତ୍ରରୁ ଜଣାପଡିଛି।

## ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦାବିରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ, କଲେଜରେ ସ୍ଥାୟୀ ଅଧକ୍ଷ ନିଯୁକ୍ତି, ୫ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଥିବା ଅଧ୍ୟାପକ/ଅଧ୍ୟାପିକାଙ୍କୁ ବଦଳି କରାଯିବା, ବର୍ଷବର୍ଷ ଧରି ଚାଲିଥିବା ବ୍ୟାପକ ହରିଲୁଟ, ଅନିୟମିତତା ଓ ଅରାଜକତା ପ୍ରଭୃତିର ତୁରନ୍ତ ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରାଯିବା ଦାବିରେ ପୁରାତନ ଛାତ୍ରମାନଙ୍କ ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ କେନ୍ଦ୍ରାପଡା ଜିଲ୍ଲା ସଂସ୍କୃତି ଭବନରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ବେଳେ ରବିବାର ତାଙ୍କୁ ଏହି ଦାବିପତ୍ର ପୁରାତନଛାତ୍ରଙ୍କ ପକ୍ଷରୁ ବରିଷ୍ଠ ସାମ୍ବାଦିକ ଚି□ରଞ୍ଜନଦାସ ପ୍ରଦାନ କରିଥିଲେ। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ତୁରନ୍ତ ସରକାରୀ ମାନ୍ୟତା ପ୍ରଦାନ, ସ୍ଥାୟୀ ଅଧକ୍ଷ ନିଯୁକ୍ତି, ୫ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଥିବା ଅଧ୍ୟାପକ/ଅଧ୍ୟାପିକାମାନଙ୍କୁ ବଦଳି କରାଯିବା, ବର୍ଷବର୍ଷ ଧରି ଚାଲିଥିବା ବ୍ୟାପକ ହରିଲୁଟ, ଅନିୟମିତତା ଓ ଅରାଜକତା ପ୍ରଭୃତିର ତୁରନ୍ତ ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରାଯିବା ଉଚିତ। ଏସମ୍ପର୍କରେ ପୁରାତନ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ପୂର୍ବରୁ ବାରମ୍ବାର ଅବଗତ କରାଇଥିଲେ ବି ଏହା ମଧ୍ୟରେ ପ୍ରାୟ ୮ମାସ ବିତିଯାଇଥିଲେ ବି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଠାରେ ସୂଚନା ଯୋଗ୍ୟ ଯେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ରାଜ୍ୟର ଏକ ସ୍ୱନାମଧନ୍ୟ ସର୍ବବୃହତ ବେସରାକାରୀ ମହାବିଦ୍ୟାଳୟ। ଯାହାର ଗାରିମା ସାରା ରାଜ୍ୟ ସମେତ ରାଜ୍ୟ ବାହାରେ ମଧ୍ୟ ପରିଚିତ। କିନ୍ତୁ ଦୁର୍ଭାଗ୍ୟର କଥା ଏହି କଲେଜ ଏବେ ବହୁ ସମସ୍ୟା ଦେଇ ଗତି କରୁଛି। କଲେଜକୁ ବିଭିନ୍ନ ସୂତ୍ରରୁ ଆସୁଥିବା ସରକାରୀ ତଥା ଅନ୍ୟାନ୍ୟ ପାଣ୍ଠିକୁ ଆଖିବୁଝା ହରିଲୁଟ କରିଛନ୍ତି କିଛି ଅସାଧୁ କର୍ମଚାରୀ ଯାହାର ଭିଜିଲାନ୍ସ ବିଭାଗ ଦ୍ୱାରା ତୁରନ୍ତ ତଦନ୍ତ କରାଯିବା ଆବଶ୍ୟକ। ଏ ସମସ୍ତ ଦୁର୍ନିତିକୁ ଘଣ୍ଟ ଘୋଡାଉ ଥିବା ଓ ପ୍ରୋତ୍ସାହନ ଯୋଗାଉ ଥିବା ତଥା ୫ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟରତ ସେକ୍ସନ ଅଫିସର ସନ୍ତୋଷ ସେଠୀଙ୍କୁ ତୁରନ୍ତ ସେଠାରୁ ବଦଳି କରାଯିବାକୁ ପୁରାତନ ଛାତ୍ରମାନେ ଦାବି କରିଥିଲେ। ଏଥି ସହିତ ମହାବିଦ୍ୟାଳୟରେ ଖାଲି ପଡିଥିବା ବିଭିନ୍ନ ବିଭାଗର ୩୩ ଅଧ୍ୟାପକ ପଦବୀ ସହ ୫୫ଟି ଶିକ୍ଷା କର୍ମଚାରୀ ପଦବୀକୁ ତୁରନ୍ତ ପୂରଣ କରାଯିବା, ମହାବିଦ୍ୟାଳୟ ଚର୍ତୁପାର୍ଶ୍ୱ ଜମିକୁ ମାପ କରାଯାଇ ଚିହ୍ନଟ କରାଯିବା ସହ ସୁଦୃଢ ପାଚେରୀ ନିର୍ମାଣ ଏବଂ କଲେଜ ପରିସରର ସୁରକ୍ଷାକୁ କଡାକଡି କରାଯିବାକୁ ସେମାନେ ଦୃଢ ଦାବି କରିଥିଲେ। ଏ ସମସ୍ତ ବିଷୟରେ ଲୋକଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ମୁଖ୍ୟ ଶାସନ ସଚିବ ଓ ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବଙ୍କୁ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିପାରିନି। ଅନ୍ୟାୟ ଓ ଅନୀତି ବିରୋଧରେ ଲଢେଇ କରୁଥିବା ତଥା ରାଜ୍ୟର ଏକ ବିଶାଳ ଶିକ୍ଷାନୁଷ୍ଠାନର ୭ହଜାର ୫ଶହରୁ ଉର୍ଦ୍ଧ୍ୱ ପିଲାଙ୍କ ଭବିଷ୍ୟତ ପାଇଁ ଲଢେଇ ଜାରି ରଖିଥିବା ଏହି ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନ୍ୟାୟ ମିଳିବା ଏବେ ସ୍ୱପ୍ନରେ ପରିଣତ ହୋଇଥିବା ସେମାନେ ଅଭିଯୋଗ କରିଥିଲେ। ତେଣୁ ସେମାନେ ପୁନର୍ବାର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି କଲେଜର ଉପରୋକ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ ପାଇଁ ଦାବି କରିଥିଲେ। ନଚେତ୍ ସେମାନେ ବାଧ ହୋଇ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ। ଏଥିସହିତ ଏହି ସମସ୍ୟା ଗୁଡିକର ସମାଧାନ ପାଇଁ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ମଧ୍ୟ ପୁରାତନ ଛାତ୍ରଛାତ୍ରୀମାନେ ଏକ ଦାବିପତ୍ର ପ୍ରଦାନ କରିଥିବା ସୂଚନା ଦେଇଛନ୍ତି।

## ୨୭୩ ହିତାଧିକରୀଙ୍କୁ ଭତ୍ତା ବଣ୍ଟନ

ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍ ) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକରେ ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶରେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକରେ ଥିବା ୨୬ ଗୋଟି ପଞ୍ଚାୟତରୁ ୨୭୩ ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରି ଭତ୍ତା ବଣ୍ଟନ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ କବିସୂର୍ଯ୍ୟନଗର ବିଧାୟକ ପ୍ରତାପଚନ୍ଦ୍ର ନାୟକ, ବ୍ଲକ ଅଧକ୍ଷା ପିଙ୍କି ବେହେରା ଯୋଗ ଦେଇ ଉପସ୍ଥିତ ଥିବା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ । ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ବାର୍ଦ୍ଧକ୍ୟ, ବୃଦ୍ଧ ବୃଦ୍ଧା ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତି ହିତାଧିକାରୀ ଭାବେ ଚୟନ ହୋଇପାରିବେ । ବର୍ତ୍ତମାନ ସ୍ଥିତିରେ ୨୭୩ ଜଣ ନୂତନ ହିତାଧିକାରୀଙ୍କୁ ବଣ୍ଟନ ହେଉଅଛି। ଆଗାମୀ ଦିନରେ ଅନ୍ୟ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରାଯାଇ ତାଙ୍କୁ ଭତ୍ତା ଅନ୍ତର୍ଭୁକ୍ତ କରାଯିବ ବୋଲି ବିଧାୟକ ମତ ବ୍ୟକ୍ତ କରିଥିଲେ। ଏଥିରେ ସମସ୍ତ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଉପସ୍ଥିତ ଥିଲେ ।





ଭଞ୍ଜନଗର(ଭାସ୍କର ନ୍ୟୁଜ୍): ଭଞ୍ଜନଗରର ବେଲଗୁଣ୍ଠା ମୁଖ୍ୟ ସଡ଼କରେ ଅବସ୍ଥିତ କାନାରା ବ୍ୟାଙ୍କ ପରିସରରେ ଗ୍ରାହକ ସେବା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ଶାଖା ପରିଚାଳକ ଡି. ମୋହନ ବାବୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବ୍ରହ୍ମପୁର ଆଞ୍ଚଳିକ କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ କେ. ସୁରେଶ କୁମାର ରେଡି ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଗ୍ରାହକ ମାନଙ୍କ ପାଇଁ ବ୍ୟାଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ବିଭିନ୍ନ ସେବା ଓ ସୁବିଧା ବିଷୟରେ ବୁଝାଇଥିଲେ ଓ ବ୍ୟାଙ୍କ ସହିତ ସମନ୍ୱୟ ରକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ। ଗ୍ରାହକ ମାନଙ୍କ ମଧ୍ୟରୁ ବରିଷ୍ଠ ଗ୍ରାହକ ତଥା ଅବସରପ୍ରାପ୍ତ ଶିକ୍ଷକ ମାଗୁଣି ମିଶ୍ର ଏଟିଏମ ପ୍ରଚଳନ କରିବା ପାଇଁ ଦୃଢ ଦାବି ଜଣାଇଥିଲେ ଏବଂ ଅନ୍ୟାନ୍ୟ ଗ୍ରାହକ ମାନେ ମଧ ତାଙ୍କ ଦାବିକୁ ସମ୍ୱର୍ଥନ ଜଣାଇଥିଲେ। ଚଳିତ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଏଟିଏମ ପ୍ରଚଳନ ନିଶ୍ଚିତ ଭାବେ କରିବା ପାଇଁ ମୁଖ୍ୟ ଅତିଥି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ବୈଠକରେ ଗ୍ରାହକ ସର୍ବ ରାଜେନ୍ଦ୍ର ପଣ୍ଡା, ରାଜେନ୍ଦ୍ର ପତି, ଗୋପାଳ ଚନ୍ଦ୍ର ଦାଶ, ଗାନ୍ଧୀ ବିଶ୍ୱାଳ, ବୁଲୁ ପାଳ, ମଧୁସୂଦନ ସ୍ୱାଇଁ, ସତ୍ୟ ପ୍ରକାଶ ପଣ୍ଡା ରମେଶମେଦିନୀ ରାୟ, ପ୍ରଶନ କୁମାର ସେଠୀ ବିଶ୍ୱନାଥ ବିଷୋୟୀ ଓ ଏସ୍ଏସ୍‌ଜି ମହିଳା ଗ୍ରୁପ ସମେତ ୪୦ରୁ ଅଧିକ ଗ୍ରାହକ ଯୋଗଦେଇ ଥିଲେ। ଶାଖା ପରିଚାଳକଙ୍କ ତରଫରୁ ଜଳଯୋଗର ବ୍ୟବସ୍ଥା କରାଯାଇଥିଲା। ଶେଷରେ ସୁଶାନ୍ତ କୁମାର ପାଣିଗ୍ରାହୀ ସହକାରୀ ଶାଖା ପରିଚାଳକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ନରସିଂହପୁର ଉ.ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



ଡେରାବି. (ଭାସ୍କର ନ୍ୟୁଜ୍): ଡେରାବିଶ ଶିକ୍ଷା ସର୍କଲ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଗହଗା ନରସିଂହପୁର ସ୍ଥିତ ନରସିଂହପୁର ପ୍ରକଳ୍ପ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୩୫ ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ସୁନାମଧନ୍ୟ ଶିଶୁ ଶଲ୍ୟ ବିଶେଷଜ୍ଞ ପ୍ରଫେସର ନିରଞ୍ଜନ ପରିଡ଼ା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ଡେରାବିଶ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ବିଧୁଭୂଷଣ ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ଭାବେ ଗଢ଼ିତୋଳିବାକୁ ହେଲେ ଶିକ୍ଷକଙ୍କ ସହିତ ଘରେ ବାପାମା'ଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ତାଙ୍କ ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥିଭାବରେ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଦୈତାରୀ ସାହୁ ଓ ଦାନପୁର ସରପଂଚ ମାନସୀ ତ୍ରିପାଠୀ ଯୋଗ ଦେଇଥିଲେ । ପୂର୍ବତନ ସରପଂଚ ଉମେଶ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସଂଜୀବ କୁମାର ଦ୍ୱିବେଦୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ସମାଜରେ ନିଜକୁ ପ୍ରତିଷ୍ଠିତ କରାଇପାରିଥିବା ବିଦ୍ୟାଳୟର ପୁରାତନ ଛାତ୍ର ଶିକ୍ଷାବିତ୍ ବିଚିତ୍ରାନନ୍ଦ ଦାସ, ଗବେଷକ ପ୍ରଫେସର ରଘୁନାଥ ପଣ୍ଡା, କୃଷୀ ବୈଜ୍ଞାନିକ ଡକ୍ଟର ମଦନ ମୋହନ ପଣ୍ଡା, ଗ୍ରାମ୍ୟବ୍ୟାଙ୍କର ଆଂଚଳିକ ପରିଚାଳକ ରେବତୀକାନ୍ତ ପଣ୍ଡା, ଷ୍ଟେଟବ୍ୟାଙ୍କର ପରିଚାଳକ କବି ମୃତ୍ୟୁଞ୍ଜୟ ପଣ୍ଡା, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ନୟନ କିଶୋର ପଣ୍ଡାଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ୱର୍ଦ୍ଧିତ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ବାରିକ, ମୁଖ୍ୟବକ୍ତା ଶ୍ରୀ ମହାନ୍ତି ଓ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ବେହେରା ଆୟୋଜକ ଉମେଶ ତ୍ରିପାଠୀ, ଇଂ ଧିରେନ୍ଦ୍ର ଶତପଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ମାନିତ କରିବା ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗୀତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଏଥିସହିତ ଦାନପୁର ପଂଚାୟତର ନୂତନ ଗୃହ ଓ ବିଦ୍ୟାଳୟ ପରିସରରେ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଶ୍ରେଣୀଗୃହକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ଭିତିଭୂମି ଓ ଶିକ୍ଷାଦାନରେ ଉନ୍ନତି ପାଇଁ ସଦା ସର୍ବଦା ଉଦ୍ୟମ ଜାରି ରଖିଥିବା ପୁରାତନ ଛାତ୍ର ଜେନାମଣି ବଳଙ୍କ ଅଦମ୍ୟ ଉଦ୍ୟମକୁ ସମସ୍ତ ଅତିଥିମାନେ ପ୍ରଶଂସା କରିଥିଲେ । ପରେ କେନ୍ଦୁଝରରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତା, ସଭ୍ୟ ଓ ଶିକ୍ଷୟିତ୍ରୀ କୁନା କୁମାରୀ ସ୍ୱାଇଁ, ମିନତୀ ଶତପଥି, ସ୍ୱର୍ଣ୍ଣଲତା ସ୍ୱାଇଁ ଏବଂ ଶିକ୍ଷକ ଜୟାନନ୍ଦ ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

# ନୂତନ ଆଇନ ସମ୍ପର୍କୀତ ସଚେତନତା

ମାଲକାନାଗିରି, (ଭାସ୍କର ନ୍ୟୁଜ୍) : ପଡିଆ ପୋଲିସ ପକ୍ଷରୁ ନୂତନ ଆଇନ୍ ସମ୍ପର୍କିତ ଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରକାରୀ ଉଚ୍ଚ ବିଦ୍ୟାଳୟରେ ଏଥିପାଇଁ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ କରାଯାଇ ନୂତନ ଆଇନ୍, ଏହାର ପରିସର ଓ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା ହୋଇଥିଲା । ୨୦୨୪ ପହିଲାରୁ ଆଇପିସି ବଦଳରେ ଭାରତୀୟ ନାଗରିକ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଦେଶବ୍ୟାପୀ କାର୍ଯକାରି କରାଯିବା ସହ ନ୍ୟାୟିକ ପ୍ରକ୍ରିୟାରେ ଲୋକଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଇଥିବା ବୈଠକରେ କୁହାଯାଇଥିଲା । ଏଥି ସହ ଟ୍ରାଫିକ ନିୟମ ପାଳନ, ସାଇବର ଅପରାଧୀଙ୍କ ବିରୋଧରେ ସଚେତନତା ସୃଷ୍ଟି କରାଯାଇଥିଲା । ପଡିଆ ଥାନା ଅଧିକାରୀ ରାମେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ସରକାର, ଦେବବ୍ରତ ପରମାଣିକ, ସୁଶାନ୍ତ ପ୍ରଧାନ, ଏସ୍ଆଇ ନିରୋଦ କୁମାର ବାଘ, ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଗାଁକୁ ମାଡ଼ି ଆସୁଛି ସମୁଦ୍ର

ଛତ୍ରପୁର, (ଭାସ୍କର ନ୍ୟୁଜ୍) : ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ନିକଟରେ ଥିବା ମତ୍ସ୍ୟ ବିଭାଗର ମାଛଧରା ଜେଟିର ସମୁଦ୍ର ମୁହାଣ ପୋତି ହୋଇଯାଇଛି । ଏଥିସହ ସମୁଦ୍ର କୂଳ ଖାଇ ଗାଁ ଆଡକୁ ମାଡି ଆସିଲାଣି, ଏଠାରେ ନୂତନ ଜେଟି ନିର୍ମାଣ ଆଦି ବିଭିନ୍ନ ସମସ୍ୟା ନେଇ ଆନ୍ଦୋଳନ କରିବାକୁ ସାନ ଆର୍ଯ୍ୟପଲିର ମୁତ୍ୟାଲୁ ପୋଲ୍ଲାମ୍ମା ଗ୍ରାମ୍ୟ କମିଟି ପକ୍ଷରୁ ଆନ୍ଦୋଳନ ନେଇ ସଜବାଜ ହୋଇଛି । ଏନେଇ କମିଟି ପକ୍ଷରୁ ମଙ୍ଗଳବାର ଜେଟି ନିକଟରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି । ଏ ସମ୍ପର୍କରେ ଗଞ୍ଜାମ ଜିଲ୍ଲାପ୍ରଶାସନ ଓ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇ ଆସିଥିଲେ ମଧ କୌଣସି ପଦକ୍ଷେପ ନିଆଯାଉନି । ଏନେଇ ଫେବୃଆରୀ ୨୫ ତାରିଖରେ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରାଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଆଗାମୀ ୧୫ ଦିନ ମଧ୍ୟରେ ସମସ୍ୟା ସମାଧାନ ନହେଲେ ଗୋପାଳପୁର ପୋର୍ଟ ଫାଟକରେ ତାଲା ପକାଇବା ସହ ରାସ୍ତା ରୋକ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି, ଖବରଦାତା ସମ୍ମିଳନୀରେ ଆହୁରି କୁହାଯାଇଛି ଯେ ଦୀର୍ଘବର୍ଷ ଧରି ଏପରି ସ୍ଥିତି ଲାଗି ରହିଛି । ଜେଟିର ମୁହାଣ ଖନନ ଓ ପଥର ବନ୍ଧେଇ ଲାଗି ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ଗୋପାଳପୁର ପୋର୍ଟ ପକ୍ଷରୁ ୨୦୧୭ ଓ ୨୦୧୯ରେ ଚୁକ୍ତିନାମା ହୋଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନି । ପୋର୍ଟ କର୍ତ୍ତୃପକ୍ଷ ଚୁକ୍ତିକୁ ଖିଲାପ କରି ଚାଲିଥିବା ବେଳେ ଗଞ୍ଜାମ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା କମିଟି ପକ୍ଷରୁ କୁହାଯାଇଥିଲା, ଏବେ ଯେଉଁ ମାଛଧରା ଜେଟି ଗୋପାଳପୁର ପୋର୍ଟ ପରିସରରେ ଅଛି ମୁହାଣ ପୋତି ହୋଇଯିବାରୁ ମତ୍ସ୍ୟଜୀବୀଙ୍କୁ ସେମାନଙ୍କ ଡଙ୍ଗୀ ଗୁଡିକୁ ସୁରକ୍ଷିତ ସ୍ଥାନକୁ ଆଣିବାରେ ଅସୁବିଧା ହେଉଛି । ଲହଡାରେ ଡଙ୍ଗା ଭାଙ୍ଗିବା ସହ ମାଛ ନଷ୍ଟ ହେଉଛି, ଏଥିସହ ଏହି ଦୁର୍ଘଟଣାରେ ମତ୍ସ୍ୟଜୀବୀମାନେ ଆହତ ହେଉଥିବା ଅନେକ ସମୟରେ ଦେଖିବାକୁ ମିଳୁଛି । ଏପରିକି ସେମାନଙ୍କ ଜୀବନ ଜୀବିକା ବିଶେଷ ପ୍ରଭାବିତ ହୋଇଛି । ଏହାଫଳରେ ବହୁ ମତ୍ସ୍ୟଜୀବୀ ପେଟପାଟଣା ପାଇଁ ଗାଁ ଛାଡି ସୁଦୂର ଗୋଆ, କେରଳ, ବମ୍ବେ, ମାଡ୍ରାସ ଆଦି ସ୍ଥାନକୁ ଯାଇ ସେଠାରେ ଫିସିଂ ହାରବରରେ କାମ କରିବାକୁ ପଡୁଛି ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି । ଏଠାରେ ସମୁଦ୍ର କୂଳ ଖାଉଥିବାରୁ ଲୋକେ ବିପଦର ସମ୍ମୁଖୀନ ହେବାରେ ଲାଗିଛନ୍ତି, ସମୁଦ୍ର କୂଳ ଖାଇ ଏହା ଆର୍ଯ୍ୟପଲି ପଞ୍ଚାୟତର ବିଭିନ୍ନ ଗାଁ ଆଡ଼କୁ ମାଡି ଆସୁଥିବା ଦେଖିବାକୁ ମିଳିଛି । ଏହାର ନିରାକରଣ ଲାଗି ସମୁଦ୍ରରେ ପଥର ବନ୍ଧେଇର ଜରୁରୀ ହୋଇପଡିଛି । ଏଥିସହ ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ନିକଟ ସମୁଦ୍ର କୂଳରେ ହେବାକୁ ଥିବା ମାଛଧରା ଜେଟି (ଫିସିଂ ହାରବର) ନିର୍ମାଣ କରିବା, ଜେଟିରେ ଆଲୋକୀକରଣ କରିବା ଓ ପାଣି ବ୍ୟବସ୍ଥା କରିବା ଏବଂ ମତ୍ସ୍ୟ ଜେଟିରେ ଥିବା ପୁରୁଣା ଅର୍ଦ୍ଧ ଭଗ୍ନ ଅବସ୍ଥାରେ ଥିବା କାନ୍ଥ ଗୁଡିକୁ ଭଙ୍ଗା ଯାଇ ସଫା କରାଯିବା ପାଇଁ ଦାବି ହୋଇଛି । ଏହି ଖବରଦାତା ସମ୍ମିଳନୀରେ ଗ୍ରାମ୍ୟ କମିଟିର ସଭାପତି ଏଲ. ଆରେୟା, ସମ୍ପାଦକ ମଧୁ ଦିଲୀପ, ବି. ଭୀମସେନ, ସରପଞ୍ଚ ତ୍ରିଲୋଚନ ବେହେରା, ଏନ. ଦୀନବନ୍ଧୁ, କେ. ଦାସରଥି, ଏନ. ଶ୍ୟାମ, ଯେ. ଚିନ୍ନେୟା ପ୍ରମୁଖ ଉପସ୍ଥିତ ଥିଲେ ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ତେଲକୋଇ ଥାନା ଅନ୍ତର୍ଗତ କୃଷ୍ଣପୁର ଗ୍ରାମର ଅଭିଯୁକ୍ତ ରାମା ନାଏକ(୨୫) କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜୋରିମାନା ଓ ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ତା ୧୩।୧।୨୦୨୨ ରିଖରେ ନାବାଳିକା (୬ ବର୍ଷ) ନିଖୋଜ ଥିଲା । ପରିବାର ବର୍ଗ ଖୋଜାଖୋଜି କରି ତା ୧୪।୧।୨୦୨୨ରେ ଆସାମୀ ରାମା ନାଏକ ଘରୁ ତାକୁ ମୁମୂର୍ଷୁ ଅବସ୍ଥାରେ ପାଇଲେ ଏବଂ ଝିଅକୁ ପଚାରିବାରୁ ସେ କହିଲା ଗତକାଲି ସଂନ୍ଧ୍ୟାରେ ଗାଁ ଦାଣ୍ଡରେ ସାଙ୍ଗମାନଙ୍କ ସହ ଖେଳୁଥିବାବେଳେ ଆସାମୀ ନାବାଳିକାକୁ ବିସ୍କୁଟ ଓ କୁରୁକୁରେ ଦେବାକୁ କହି ତା' ଘରକୁ ନେଇ ତା'ସହ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା । ତେଣୁ ନାବାଳିକାକୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ନେଇ ଚିକିତ୍ସା କରିବା ପରେ ତେଲକୋଇ ଥାନାରେ ୧୪।୧।୨୦୨୨ ରେ ଏକ ମକଦ୍ଦମା ରୁଜୁ କରିଥିଲେ । ଏତଲାକୁ ଭିତ୍ତି କରି ସେତେବେଳର ଭାରପ୍ରାପ୍ତ ଥାନା ଅଧିକାରୀ ସାଇପ୍ରଭା ରାଉତ ତେଲକୋଇ ଥାନା କେଶ ନଂ ୧୦ ତା ୧୪।୧।୨୦୨୨ରେ ରୁଜୁ କରି ଆସାମୀକୁ ଭାରତୀୟ ପିଙ୍ଗଳ କୋର୍ଡ ଧାରା ୬ରେ କୋର୍ଟ ଚାଲାଣ କରିଥିଲେ । ଆଜି ମାନ୍ୟବର ବିଚାରପତି ବିଜୟ କୁମାର ମିଶ୍ର ୨୩ ଜଣ ସାକ୍ଷୀଙ୍କ ବୟାନ, ପୋଲିସ ତଦନ୍ତ ରିପୋର୍ଟ ଏବଂ ଫରେନସିକ୍ ରିପୋର୍ଟକୁ ଭିତ୍ତି କରି ଆସାମୀକୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କେଶ ପରିଚାଳନା କରୁଥିଲେ ।

# ୫୭ ଲିଟର ଦେଶୀ ମଦ ଜବତ, ୩ ଗିରଫ



ବୋଲଗଡ, (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଅବକାରୀ ଥାନା ଅଞ୍ଚଳର ଦୁଇଟି ସ୍ଥାନରେ ଚଢାଉ କରି ଦେଶି ମଦ ଜବତ ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ଥାର୍ପା ମାରାଣ୍ଡି ସୂଚନା ଅନୁଯାୟୀ ବୋଲଗଡ଼ ବ୍ଲକ ଅନ୍ତର୍ଗତ ଅସରଳା ଗ୍ରାମର ବିନୋଦ ସାମନ୍ତରାୟ ଓ ମାଳତୀ ଦେଇ ଏବଂ ବାଙ୍କୋଇ ଗ୍ରାମର ଅଶାନ୍ତି ପ୍ରଧାନଙ୍କ ଠାରୁ ମୋଟ ୫୭ ଲିଟର ଦେଶୀ ମଦ ଜବତ ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।

# ମା' ନଟା ମଙ୍ଗଳା ବାର୍ଷିକ ଉତ୍ସବର ପ୍ରସ୍ତୁତି ବୈଠକ



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ ) : ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ପଥରଗଞ୍ଜ ଗୋପକୁଦା ଗ୍ରାମର ଆରାଧ୍ୟାଦେବୀ ମା ନଟା ମଙ୍ଗଳା ବାର୍ଷିକ ଉତ୍ସବ ର ପ୍ରସ୍ତୁତି ବୈଠକ ରଙ୍କନାଥ ବିଶ୍ୱାଳଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦୁଇ ଗ୍ରାମ ର ସମସ୍ତ ମୁରବି ମାନଙ୍କ ଉପସ୍ଥିତରେ ଚଳିତବର୍ଷ କିପରି ବାର୍ଷିକ ଉତ୍ସବ ସରସ ସୁନ୍ଦର ହୋଇପାରିବ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ମା ନଟା ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ପ୍ରତିବର୍ଷ ଚୈତ୍ର ମାସର ପୂର୍ଣ୍ଣମା ଦିନ ଅନୁଷ୍ଠିତ ହୋଇଥାଏ । ଏହି ଉତ୍ସବରେ ମାନସିକ ଧାରୀଙ୍କ ଠାରୁ ଆରମ୍ଭ କରି ପଚାଶ ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ଶୃଙ୍ଖଳିତ ରକ୍ଷା ନିମନ୍ତେ ଯୋଗାଯୋଗ ରଖାଯିବା ନିମନ୍ତେ ସଭାରେ ଆଲୋଚନା କରାଗଲା ।

# ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ



ବୋଲଗଡ (ଭାସ୍କର ନ୍ୟୁଜ୍) ବେଗୁନିଆ ସଦର ମହକୁମା ସ୍ଥିତ ନୂଆସାହି ସଂଲଗ୍ନ ଆମ୍ରକାନନ ପରିସର ଓ ଖୋର୍ଦ୍ଧା ବ୍ଲକର ବରସାହିରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ରିଜର୍ଭ ବ୍ୟାଙ୍କ ସହାୟକ ପ୍ରବନ୍ଧକ ସୌମେନ ବସୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବ୍ୟାଙ୍କରେ ଗ୍ରାହକ ମାନଙ୍କୁ ଦିଆଯାଉଥିବା ସମସ୍ତ ପ୍ରକାର ସୁବିଧା ସୁଯୋଗ ଓ ବିଭିନ୍ନ ପ୍ରକାର ଆର୍ଥିକ ଠକେଇ ସମ୍ବନ୍ଧରେ ଉପସ୍ଥିତ ମହିଳା ମାନଙ୍କୁ ସଚେତନ କରିଥିଲେ । ପରେ ଆର୍ଥିକ ସାକ୍ଷରତା ଉପରେ ନାଟକ 'ନୁକ୍କଡ' କଳାକାର ମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏଫଏଲସି ବିକାଶ ମହାନ୍ତି ଓ ବ୍ଲକର ସିଏଫଏଲ ଦୁର୍ଗା ପ୍ରସାଦ ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ ।

# ବ୍ଲକସ୍ତରୀୟ ଜଳ ବିଭାଜିକା ମହୋତ୍ସବ



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଉରୁମୁଣ୍ଡା ଗ୍ରାମରେ ବ୍ଲକସ୍ତରୀୟ ୱାଟରସେଡ ଯାତ୍ରା ତଥା ଜଳ ବିଭାଜିକା ମହୋତ୍ସବ-୨୦୨୫ର ଶୁଭାରମ୍ଭ ହୋଇଯାଇଛି । ପ୍ରକଳ୍ପ ନିର୍ଦ୍ଦେକ ଜଳ ବିଭାଜିକା କେନ୍ଦୁଝର ଆନୁକୂଲ୍ୟରେ ବାଂଶପାଳ ବ୍ଲକର କୁମୁଣ୍ଡି ପଞ୍ଚାୟତ ଉରୁମୁଣ୍ଡା, ଉପର ରାଇଗୋଡା ପଞ୍ଚାୟତର କମଗାଁ ଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଡାକ୍ତର ଫକରୀ ମୋହନ ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବିଭାଗ ଦ୍ୱାରା ଚାଲିଥିବା ବିଭିନ୍ନ ଯୋଜନାର ଲାଭ ନେବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ । ବିଶେଷ କରି କ୍ଷେତ ପୋଖରୀ, ପ୍ରଧାନମନ୍ତ୍ରୀ କଅଷି ସିଂଚୀ ଯୋଜନା, ଆଡିବନ୍ଧ, ବନୀକରଣ କାର୍ଯ୍ୟରେ ଚାଷୀମାନେ ସାମିଲ ହେବାକୁ ଶ୍ରୀ ନାୟକ ଆହ୍ୱାନ ଦେଇଥିଲେ । କ୍ଷେତ ପୋଖରୀରେ ଚାଷୀମାନେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଏବଂ ପଶୁ ସମ୍ପଦ ବିଭାଗର ସହଯୋଗରେ ବିଭିନ୍ନ ପ୍ରକଳ୍ପ କରି ଲାଭାନ୍ୱିତ ହୋଇପାରିବେ ବୋଲି ସେ କହିଥିଲେ । ସମ୍ମାନୀତ ଅତିଥିଭାବେ ପଦ୍ମଶ୍ରୀ ଦୈତାରୀ ନାଏକ ଏହି ଅଂଚଳରେ ଅଧିକ ଜଳସେଚନର ବ୍ୟବସ୍ଥା କଲେ ଚାଷୀମାନେ ଆତ୍ମ ନିର୍ଭରଶୀଳ ହୋଇ ପାରିବେ ବୋଲି କହିଥିଲେ । ଜଳ ବିଭାଜିକା, ଉପନିର୍ଦ୍ଦେଶକ ଅଶୋକ କୁମାର ସେନାପତି ଜଳ ବିଭାଜିକା ବିଭାଗ ଦ୍ୱାରା ଚାଲିଥିବା ବିଭିନ୍ନ ସ୍କିମ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇଥିଲେ । ଭାଜପା ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଜିଲ୍ଲାରେ ଏହି ବିଭାଗ ଦ୍ୱାରା ବାଂଶପାଳ ବ୍ଲକରେ ଅଧିକରୁ ଅଧିକ କ୍ଷେତ ପୋଖରୀ କରିବାକୁ ବିଭାଗକୁ ପରାମର୍ଶ ଦେଇଥିଲେ । ବାଂଶପାଳ ବ୍ଲକର ନବ ନିଯୁକ୍ତ ବିଡିଓ ରାଜା ରଣଜିତ୍ ଦେଓ ବ୍ଲକର ବିଭିନ୍ନ ଯୋଜନା ସହ ଜଳ ବିଭାଜିକାର ବିଭିନ୍ନ ଯୋଜନା ସହିତ କନଭରଜେନ୍ସ କରି ଲୋକଙ୍କୁ ଅଧିକରୁ ଅଧିକ କର୍ମନିଯୁକ୍ତି ଦିଆଯିବ ଏବଂ ଆତ୍ମ ନିର୍ଭରଶୀଳ ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି କହିଥିଲେ । ପ୍ରାକୃତିକ ସମ୍ପଦର ସୁପରିଚାଳନା ଓ ସୁବିନିଯୋଗ ସହିତ ଜଳ ଓ ମୃତ୍ତିକା ସଂରକ୍ଷଣ ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହାପରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ ହୋଇଥିଲା । ଏହି ଉପଲକ୍ଷେ ଭୂମି ଓ ଜଳ ସଂରକ୍ଷଣ ଶପଥପାଠ କରାଯାଇଥିଲା । ଗ୍ରାମର ଶତାଧିକ ପୁରୁଷ ଓ ମହିଳାଙ୍କ ଦ୍ୱାରା ଶ୍ରମଦାନ କରାଯାଇ ବୃକ୍ଷରୋପଣ କରାଯାଇଥିଲା । ବାଂଶପାଳ ବ୍ଲକର ସଫଳ ଚାଷୀ ଏବଂ ୱାଟରସେଡ ଯୋଦ୍ଧାମାନଙ୍କୁ ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଜଳ ବିଭାଜିକା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ବ୍ଲକସ୍ତରୀୟ ଜନ ସଚେତନତା ଶିବିରରେ ବହୁ ଚାଷୀ ଯୋଗ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ଶ୍ରମିକ କଲ୍ୟାଣ ସମାରୋହ ।।।।।।

# ସହାୟତା ରାଶି ଓ ପରିଚୟପତ୍ର ପ୍ରଦାନ



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍) : ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ କଲ୍ୟାଣ ବୋର୍ଡ ଓ ଓଡିଶା ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ମିଳିତ ଆନୁକୁଲ୍ୟରେ ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଯାଜପୁର ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ପଞ୍ଜୀକୃତ ନିର୍ମାଣର ଶ୍ରମିକ ମାନଙ୍କୁ ବିଭିନ୍ନ ସହାୟତା ରାଶି ଓ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ମୋଟ୨୮୯ ହିତାଧୀକାରୀ ମାନଙ୍କୁ ଶିକ୍ଷା ସହାୟତା, ବିବାହ ସହାୟତା, ପ୍ରସୂତି କାଳୀନ ସହାୟତା, ମୃତ୍ୟୁ କାଳୀନ ସହାୟତା ଓ ଅନ୍ତେଷ୍ଟିକ୍ରୀୟା ସହାୟତା ବାବଦରେ ମୋଟ୧ କୋଟି ୪୭ଲକ୍ଷ ୩୬ହଜାର ୪୦୦ଶହ ଟଙ୍କା ପ୍ରଦାନ କରାଯିବା ସହ ନୂତନ ଭାବେ ପଞ୍ଜିକୃତ ହୋଇଥିବା ହିତାଧିକାରୀ ମାନଙ୍କୁ କାର୍ଡ ବଣ୍ଟନ କରଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ସଭାରେ ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ସଂଜୀତ୍ କୁମାର ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବଡଚଣା ବିଧାୟକ ଅମର ନାୟକ ସଶକ୍ତ ଭାରତ, ସଶକ୍ତ ଓଡ଼ିଶା ନିର୍ମାଣର ଶ୍ରମିକ ମାନେ ହେଲେ ବିଶ୍ୱକର୍ମା ସେମାନଙ୍କୁ ଅଧିକରୁ ଅଧିକ ସହାୟତା ପ୍ରଦାନ କରିବା ଆମ ସମସ୍ତଙ୍କର ଦାୟିତ୍ୱ । ଶ୍ରମିକ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ସେମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ପ୍ରକାରର ଆର୍ଥିକ ସହାୟତା ଯୋଗାଇ ଦେବାକୁ ଉପସ୍ଥିତ ଶ୍ରମ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ଶ୍ରମ ଅଧିକାରୀ ସୁଧୀର କୁମାର ସାହୁ, ବିଭାଗୀୟ ଶ୍ରମ ଆୟୁକ୍ତ ସତ୍ୟ ନାରାୟଣ ଆଚାର୍ଯ୍ୟ, ଯାଜପୁର ଯୁଗ୍ମ ଶ୍ରମ ଆୟୁକ୍ତ ଶିବ ଶଙ୍କର ମିଶ୍ର, ବଡଚଣା ବିଡିଓ ରବିନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ନିର୍ମାଣ ଶ୍ରମିକକଲ୍ୟାଣ ବୋର୍ଡ ଓ ଅଣ ସଂଗଠିତ କଲ୍ୟାଣ ବୋର୍ଡ ଦ୍ୱାରା ପ୍ରଦତ୍ତ ବିଭିନ୍ନ ସହାୟତା ସମ୍ବନ୍ଧରେ ଆଲୋଚନା କରିଥିଲେ । ଶେଷରେ ସହକାରୀ ଶ୍ରମ ଅଧିକାରୀ ସ୍ମୃତି ରଞ୍ଜନ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ରାଶିଫଳ

ବୁଧବାର, ୦୫ ମାର୍ଚ୍ଚ ୨୦୨୫



**ମେଷ:** ସୃଜନଶୀଳ କାର୍ଯ୍ୟ ସଫଳ ହେବ । ଆପଣ ଯେ କୌଣସି ଉତ୍ସବରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ । ସୁଖ ଏବଂ ମନୋରଞ୍ଜନ ଉପଲବ୍ଧ ହେବ । ଭାଇମାନଙ୍କଠାରୁ ସମର୍ଥନ ପାଇବ । ଦୁର୍ଦ୍ଦଶା ଯୋଗୁଁ କ୍ଷତି ହେବ । ଚାକିରିରେ ତୁମେ ପ୍ରଶଂସା ପାଇବ । ତତ୍ପରତା ନାହିଁ ।



**ବୃଷ:** ଟଙ୍କା ଅଭାବରୁ ନିରାଶ ହେବେ । ଥଟ୍ଟା ଠାରୁ ଦୂରେଇ ରୁହନ୍ତୁ । ଅଧିକାରୀମାନେ ଚାକିରିରେ ଅଧିକ ଆଶା କରିବେ । ବସଙ୍କ ସମର୍ଥିତ ହେବେ ନାହିଁ । ବ୍ୟବସାୟ ଲାଭଦାୟକ ହେବ । କଠିନ ପରିଶ୍ରମ ଅଧିକ ହେବ । ଲାଭ ସୁଯୋଗକୁ ସ୍ଥଗିତ ରହିବ ।



**ମିଥୁନ:** ଜମି କ୍ରୟ ଏବଂ ବିକ୍ରୟ ଲାଭଦାୟକ ହେବ । ପ୍ରଗତିର ରାସ୍ତା ପକ୍କା ହେବ । ବିପଦରୁ ଦୂରେଇ ରୁହନ୍ତୁ । ବ୍ୟବସାୟ ବୃଦ୍ଧି ପାଇବ । ବିନିଯୋଗ ଶୁଭ ହେବ । ରୋଜଗାର ବୃଦ୍ଧି ପାଇବ । ଲାଭ ସୁଯୋଗ ଆସିବ । ଘର ବାହାରେ ସୁଖ ମିଳିବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**କର୍କଟ:** ରାଜ୍ୟ ସହାୟତାରେ କାର୍ଯ୍ୟ ସମାପ୍ତ ହେବ । ବ୍ୟବସାୟ ଅନୁକୂଳ ଲାଭ ଦେବ । ବିବାହ ପ୍ରସ୍ତାବ ମିଳିପାରିବ । ଯଦି ଜରୁରୀ ଜିନିଷ ଠିକ୍ ସମୟରେ ଉପଲବ୍ଧ ନହୁଏ ତେବେ ଅକ୍ଷମତା ସେଠାରେ ରହିବ ନାହିଁ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ଆୟ ବୃଦ୍ଧି ପାଇବ । ଅଳସୁଆ ପ୍ରାଧାନ୍ୟ ଦେବ । ଘରେ ଶାନ୍ତି ଏବଂ ସୁଖ ରହିବ ।



**ସିଂହ:** ଯୋଜନା ଫଳପ୍ରଦ ହେବ । ପଦ୍ଧତିରେ ଉନ୍ନତି ହେବ । ଏହି ସଫଳତାରେ ଖୁସି ହେବେ । କଠିନ ପରିଶ୍ରମ ସଫଳ ହେବ । ସମ୍ମାନ ପାଇବେ । ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ । ବିବେକ ଅନୁଯାୟୀ ବ୍ୟବହାର କରନ୍ତୁ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ ।



**କନ୍ୟା:** ଆଧାତ୍ମିକତା ପାଇଁ ଆଗ୍ରହୀ ହେବ । କୌଣସି ଧାର୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିବ । ସୁଖ ଏବଂ ଶାନ୍ତି ରହିବ । ବ୍ୟବସାୟ ସୁରୁଖୁରୁରେ ଚାଲିବ । ସାଙ୍ଗମାନଙ୍କ ସହଯୋଗ ଲାଭ ବୃଦ୍ଧି କରିବ । ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**ତୁଳା:** ପୁରୁଣା ସହକର୍ମୀ ଏବଂ ସମ୍ପର୍କୀୟଙ୍କୁ ଭେଟିବା ଆନନ୍ଦଦାୟକ ହେବ । ଭଲ ଖବର ଗ୍ରହଣ କରାଯିବ । ଏକ ନୂତନ ଉଦ୍ୟମ ଆରମ୍ଭ କରିବାକୁ ଚିନ୍ତା କରାଯିବ । ଦୀର୍ଘ ଯାତ୍ରା ଇଚ୍ଛା ହେବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ତତ୍ପରତା ନାହିଁ ।



**ବିଛା:** ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଘର ବାହାରେ ପଚରାଉଚରା କରାଯିବ । ବ୍ୟବସାୟ ଅନୁକୂଳ ଲାଭ ଦେବ । ଟଙ୍କା ମିଳିବା ସହଜ ହେବ । ଲାଭ ସୁଯୋଗ ଆସିବ । ଚାକିରିରେ ଠିକ୍ ସମୟରେ ପ୍ରଶଂସା ପାଇବେ । ସମୟ ସୁସଙ୍ଗତତାର ସୁଯୋଗ ନିଅନ୍ତୁ । ପାରିବାରିକ ଚିନ୍ତା ହ୍ରାସ ପାଇବ ।



**ଧନୁ:** ବୁଡିଯାଇଥିବା ଟଙ୍କା ଗ୍ରହଣ କରାଯାଇପାରେ । ଯାତ୍ରା ଅନୁକୂଳ ହେବ । ନୂତନ କାର୍ଯ୍ୟଗୁଡ଼ିକ ଆସିବ । ବ୍ୟବସାୟ ଅଭିବୃଦ୍ଧିରେ ଖୁସି ହେବେ । ସମୟ ସୁସଙ୍ଗତତାର ଲାଭ ନିଅ । ଅଧସ୍ତନମାନଙ୍କ ସହଯୋଗ ମିଳିବ । ଲାଭ ସୁଯୋଗ ଆସିବ । ଅଜ୍ଞାତ ଭୟ ରହିବ । ପାରିବାରିକ ସହଯୋଗରେ ଖୁସି ହେବେ । ତତ୍ପରତା ନାହିଁ ।



**ମକର:** ନୂତନ ପୋଷାକ ପାଇଁ ଖର୍ଚ୍ଚ ହେବ । ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ । ଯାତ୍ରା ଅନୁକୂଳ ଲାଭ ଦେବ । ନୂତନ ଚାକିରି ମିଳିପାରିବ । କାର୍ଯ୍ୟ ସନ୍ତୁଷ୍ଟ ହେବେ । ସେଠାରେ ସୁଖ ଏବଂ ଉତ୍ସାହର ପରିବେଶ ରହିବ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଏବଂ ଚାକିରି ଅନୁକୂଳ ଲାଭ ଦେବ । ଶୀଘ୍ର କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଉପହାସରୁ ଦୂରେଇ ରୁହନ୍ତୁ ।



**କୁମ୍ଭ:** ଯାନ, ଯନ୍ତ୍ରପାତି ଏବଂ ଅଗ୍ନି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ । ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ । କୌଣସି ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ । ବ୍ୟବସାୟରୁ ଲାଭବାନ ହେବ । ବିନିଯୋଗରେ ତତ୍ପର ହୁଅନ୍ତୁ ନାହିଁ । ଆୟ ରହିବ । ଥକ୍କା ଏବଂ ଦୁର୍ବଳତା ହୋଇପାରେ ।



**ମୀନ:** କାର୍ଯ୍ୟରେ ମନ ରହିବ ନାହିଁ । ବ୍ୟବସାୟ ଲାଭଦାୟକ ହେବ । ଆୟରେ ନିଶ୍ଚିତତା ରହିବ । ପରିବାରରେ ଶାନ୍ତି ରହିବ । ଇଚ୍ଛାଶକ୍ତି ବୃଦ୍ଧି ପାଇବ । ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । କୌଣସି ନିଷ୍ପତ୍ତି ନେବାକୁ ତତ୍ପର ହୁଅନ୍ତୁ ନାହିଁ । ବକ୍ତବ୍ୟର ନିୟନ୍ତ୍ରଣ ନିଅନ୍ତୁ ।



ଜ୍ୟୋତିଷ ମତ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଡ଼.ପ୍ରଦୀପ କୁମାର ପାଣିଗ୍ରାହୀ, ସାଂସଦ ବ୍ରହ୍ମପୁରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଦିଶା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜି.ତିରୁପତି ରାଓ, ଅଧ୍ୟକ୍ଷ, ଜିଲ୍ଲା ପରିଷଦ ଗଜପତି,ଦାଶରଥି ଗମାଙ୍ଗ, ବିଧାୟକ ମୋହନା,ରୁପେଶ ପାଣିଗ୍ରାହୀ,ବିଧାୟକ ପାରଳାଖେମୁଣ୍ଡି, ବିଜୟ କୁମାର ଦାଶ, ଜିଲ୍ଲାପାଳ, ଗଜପତି, ପୃଥ୍ୱୀରାଜ ମଣ୍ଡଳ,ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଗଜପତି ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହା ସହିତ ବୈଠକରେ ନିର୍ମଳା ସେଠୀ, ଅଧ୍ୟକ୍ଷା, ପୌରପରିଷଦ ପାରଳାଖେମୁଣ୍ଡି, ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ,ଅଧ୍ୟକ୍ଷା ,ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ଓ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଜିଲ୍ଲାପାଳ, ଗଜପତି ଦିଶା କମିଟି ବୈଠକରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇ ଜନ ପ୍ରତିନିଧି ଏବଂ ସଭ୍ୟ ସଭ୍ୟା, ଅଧ୍ୟକ୍ଷ ଅଧ୍ୟକ୍ଷାଙ୍କ ଉପସ୍ଥାପିତ ବିଭିନ୍ନ ପ୍ରଶ୍ନର ଅଭିଯୋଗ ଉପରେ ସଠିକ୍ ମତ ରଖିବାକୁ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଗଜପତିର ସାମଗ୍ରିକ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଅନୁଦାନ ଅର୍ଥର ସଠିକ୍ ବିନିଯୋଗ କରି ଜିଲ୍ଲାର ଲୋକଙ୍କ ସର୍ବନିମ୍ନ ଆବଶ୍ୟକତାକୁ ଅଗ୍ରାଧିକାର ଦେଇ ସମସ୍ତେ ଚେଷ୍ଟା ସହ ଆନ୍ତରିକ ଉଦ୍ୟମ କଲେ ଏହି ସବୁ ଯୋଜନାର ହିତାଧିକାରୀମାନେ ନିଶ୍ଚୟ ସଫଳତା ପାଇପାରିବେ ବୋଲି ବୈଠକରେ ଆଲୋଚନା କରାଯାଇଛି।



# ରକ୍ଷଣାବେକ୍ଷଣ ଅଭାବରୁ ପାଲିଆ ଉପସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥା ଶୋଚନୀୟ

ଉମରକୋଟ(ଭାସ୍କର ନ୍ୟୁଜ):ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉପାନ୍ତ ଅଞ୍ଚଳର ଲୋକ ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ବିଭିନ୍ନ ସ୍ଥାନରେ ଉପସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ହୋଇଛି। ତେବେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ କିଛି ଦଦରା ଅବସ୍ଥାରେ ପଡିଛି ତ ଆଉ କିଛି ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ବିଦ୍ୟୁତ ଓ ପାନୀୟ ଜଳର ସମସ୍ୟା ଦେଖାଦେଇଛି। ଫଳରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀ ମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହି ଭଳି ଏକ ଉପସ୍ୱାସ୍ଥ୍ୟ କେନ୍ଦ୍ର ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ବଡନୀ ଗ୍ରାମରେ ଥିବା ଉପସ୍ୱାସ୍ଥ୍ୟକେନ୍ଦ୍ର ଦେଖିବାକୁ ମିଳିଛି। ସୂଚନା ପ୍ରକାରେ ଦୀର୍ଘ ବର୍ଷ ତଳେ ବଡନୀ ଗ୍ରାମରେ ପ୍ରଶାସନ ପକ୍ଷରୁ ନୂତନ ଭାବେ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ ହୋଇଥିଲା। ଉକ୍ତ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ବିଭାଗ




## ମୁଖ୍ୟ ସମସ୍ୟା ପାଲଟିଛି ବିଦ୍ୟୁତ୍ ଓ ପାଣି

ପକ୍ଷରୁ ମହିଳା ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ହେଉ ନଥିବା ଯୋଗୁଁ ପ୍ରାୟ ସମୟ ବିନା ମହିଳା ସ୍ୱାସ୍ଥ୍ୟ କର୍ମୀରେ ଚାଲୁଥିଲା। ବର୍ତ୍ତମାନ ଦେଢ଼ବର୍ଷ ପରେ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଥିବା ବେଳେ ଉପସ୍ୱାସ୍ଥ୍ୟକେନ୍ଦ୍ରର ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ଶୋଚନୀୟ ଅବସ୍ଥାରେ ପଡିଛି। ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଲାଗିଥିବା ବିଦ୍ୟୁତ ଉପକରଣ ଗୁଡିକ ଚୋରି ହୋଇ ଯାଇଥିବା ଯୋଗୁଁ ବିଦ୍ୟୁତ ସଂଯୋଗ ହୋଇ ପାରୁନାହିଁ। ସେହିପରି ଦୀର୍ଘ ବର୍ଷ ତଳେ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଶାସନ ପକ୍ଷରୁ ଖନନ ହୋଇଥିବା ନୂତନ ନଳକୂପରୁ ବର୍ତ୍ତମାନ ଗୋଳିଆ ପାଣି ବାହାରୁଥିବା ଯୋଗୁଁ ପିଇବା ପାଣି ସମସ୍ୟା ଦେଖାଦେଇଛି।ପ୍ରଶାସନ ପକ୍ଷରୁ ମଧ ସମସ୍ୟା ଗୁଡିକର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି। ଏଭଳି ଅବ୍ୟବସ୍ଥା ଥିବା ବେଳେ ମହିଳା ସ୍ୱାସ୍ଥ୍ୟ କର୍ମୀ ରହିବା କଷ୍ଟ ହେଉଛି। ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ ରହୁଥିବା ବେଳେ ସକାଳୁ ପାଣି ପାଇଁ ଚିନ୍ତା ବଢୁଥିବାରୁ ସଞ୍ଜ ହେଲେ ଅନ୍ଧାର ପାଇଁ ଭୟଭୀତ ହେଉଛନ୍ତି। ସେହିପରି ପାଣି ପାଇଁ ନିକଟରେ ଥିବା ନଳକୂପ ଯିବାପାଇଁ ପଡୁଛି। ତେଣୁ ପ୍ରଶାସନ ପକ୍ଷରୁ ତୁରନ୍ତ ବଡନୀ ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ୟ ଗୁଡିକୁ ସମାଧାନ କରିବା ସାଧାରଣରେ ଦାବି ହେଉଛି।

# ତିନି ଛାତ୍ରୀଙ୍କ କୃତିତ୍ୱ

କୁଚିଣ୍ଡା(ଭାସ୍କର ନ୍ୟୁଜ): କେନ୍ଦ୍ରସରକାରଙ୍କ ଖେଳ ଓ ଯୁବ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ରାଷ୍ଟ୍ରୀୟ ଏକତା ଶିବିରରେ କୁଚିଣ୍ଡା ମହାବିଦ୍ୟାଳୟର ତିନି ଛାତ୍ରୀ ଅଂଶଗ୍ରହଣ କରି ମହାବିଦ୍ୟାଳୟ ପାଇଁ କୃତିତ୍ୱ ହାସଲ କରିଛନ୍ତି। ମହାବିଦ୍ୟାଳୟର ଦୁଇଜଣ ଛାତ୍ରୀ ରାକ୍ଷୀ ଅର୍କ ଏବଂ ସୀମା କିସାନ କନ୍ୟାକୁମାରୀରେ ହୋଇଥିବା ଶିବିର ରେ ଅଂଶଗ୍ରହଣ କରିଥିଲେ। ସେହି ଶିବିରରେ ସମୂହ ଲୋକନୃତ୍ୟରେ ଅଂଶଗ୍ରହଣ କରି ଦ୍ୱିତୀୟ ଏବଂ ଚିତ୍ରାଙ୍କନ ରେ ପ୍ରଥମ ସ୍ଥାନ ରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେହିପରି ଭାବରେ ମହାବିଦ୍ୟାଳୟର ଅନ୍ୟ ଏକ ସ୍ୱେଚ୍ଛାସେବୀ କନିକା ପଟେଲ ଓଡିଶାରେ ଆୟୋଜିତ ହୋଇଥିବା ଶିକ୍ଷା ଓ ଅନୁସନ୍ଧାନ ମହାବିଦ୍ୟାଳୟଙ୍କ ଦ୍ୱାରା ପରିଚାଳିତ ହୋଇଥିବା ରାଷ୍ଟ୍ରୀୟ ଏକତା ଶିବିରରେ ଯୋଗଦାନ ଦେଇଥିଲେ। ତିନି ଛାତ୍ରୀଙ୍କୁ ଅଧ୍ୟକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ର ଓ ଏନଏସଏସ ପ୍ରୋଗ୍ରାମ ଅଫିସର ସୁଶ୍ରୀ ବେଳମତୀ କୁମୁରା ଶୁଭେଚ୍ଛା ଜଣାଇଛନ୍ତି।




# ଭିନ୍ନ ଭିନ୍ନ ଦୁର୍ଘଟଣାରେ ୩ ମୃତ, ୪ ଗୁରୁତର

ମୁନିଗୁଡା(ଭାସ୍କର ନ୍ୟୁଜ୍); ରାୟଗଡା ଜିଲ୍ଲା ମୁନିଗୁଡା ଭୈରବୀ ମନ୍ଦିର ଓ ଇଣ୍ଡିଆନ ଗ୍ୟାସ ନିକଟରେ ଦୁଇଟି ବାଇକ୍ ଦୁର୍ଘଟଣାରେ ୩ ଜଣ ଯୁବକଙ୍କର ମୃତ୍ୟୁ ଘଟିଥିବାବେଳେ ୨ଜଣଙ୍କୁ ଗୁରୁତର ଅବସ୍ଥାରେ ମୁନିଗୁଡା ସ୍ୱାସ୍ଥ୍ୟକେନ୍ଦ୍ରରୁ ରାୟଗଡାକୁ ସ୍ଥାନାନ୍ତର କରା ଯାଇଛି। ମୃତକ ତିନି ଯୁବକ ହେଲେ ରାହୁଲ,ରୀତିକ୍ ଦୁର୍ଗା ଓ ସଦାନନ୍ଦ ମାଣ୍ଡିକା। ଗୁରୁତର ଆହତ ବ୍ୟକ୍ତି ହେଲେ କ୍ଷୀରୋଦ ଦୁର୍ଗା, ପୁରୁଷୋତ୍ତମ ପ୍ରତିକା । ଏମାନଙ୍କ ଘର ଲିଟିଗୁଡା ଓ ରାମନାକୁପୁଲି ବୋଲି ଜାଣିବାକୁ ମିଳିଛି। ସୂଚନା ମୁତାବକ ଆଜି ସନ୍ଧ୍ୟା ପ୍ରାୟ ୬.୩୦ ସମୟରେ ଦୁଇଜଣ ସାଙ୍ଗ ଗୋଟିଏ ରେସିଂ ବାଇକରେ ଷ୍ଟଣ୍ଟ ପ୍ରାକ୍ଟିସ୍ କରୁଥିଲେ । ମୁନିଗୁଡା - ହୁକୁମତୋଳା ମଝି ଇଣ୍ଡିଆନ ଗ୍ୟାସ ଷ୍ଟୋର ନିକଟ ପୂର୍ବ ବିଭାଗ ରାସ୍ତା ମଝିରେ ଷ୍ଟଣ୍ଟ ପ୍ରାକ୍ଟିସ୍ କରୁଥିବା ବେଳେ ବିପରୀତ ଦିଗରୁ ଆପାଚି ବାଇକରେ ୩ ଜଣ ମୁନିଗୁଡାରୁ ମାର୍କେଟିଂ କରି ଫେରୁଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ଷ୍ଟଣ୍ଟ ପ୍ରାକ୍ଟିସ୍ ବାଇକ୍



ଆପାଚ ବାଇକକୁ ପିଟିଥିଲା। ଘଟଣା ସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିଲା।ଖବର ପାଇ ସଙ୍ଗେସଙ୍ଗେ ମୁନିଗୁଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ଓ ମୃତ ବ୍ୟକ୍ତିଙ୍କୁ ଉଦ୍ଧାର କରି ମୁନିଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ଆଉଜଣଙ୍କର ମୃତ୍ୟୁ ହୋଇଥିଲା। ଅପର ପକ୍ଷରେ ପ୍ରଥମେ ସନ୍ଧ୍ୟା ପ୍ରାୟ ୬ ଘଟିକା ସମୟରେ ଭୈରବୀ ମନ୍ଦିର ନିକଟରେ ସ୍କୁଟି ସହ ବୁଲେଟର ଧକ୍କା ଫଳରେ ଆହତ ହୋଇଥିଲେ।ସେମାନେ ମୁନିଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

# ଶବଦାହକୁ ନେଇ ଉତ୍ତେଜନା, ପୋଲିସର ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ

ଉମରକୋଟ(ଭାସ୍କର ନ୍ୟୁଜ): ଉମରକୋଟ ଥାନା ଅନ୍ତର୍ଗତ,ବେହାଡ଼ା ପଂଚାୟତ ଶିଉନାଗୁଡା ଗ୍ରାମର କେଶବ ସନ୍ତା, ବୟସ ୫୫ ବର୍ଷଙ୍କ ପରିବାର ଲୋକେ ଦଶ ବର୍ଷ ତଳେ ହିନ୍ଦୁ ଧର୍ମରୁ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ। ଆଜି ଉକ୍ତ ବ୍ୟକ୍ତିର ମୃତ୍ୟୁ ହୋଇଥିଲା।ତାଙ୍କ ପରିବାର ଶିଉନା ଗୁଡା ମଶାଣିରେ ଖ୍ରୀଷ୍ଟଧର୍ମ ରୀତିରେ ଶବକୁ କବର ଦେବା ନିମନ୍ତେ ପ୍ରସ୍ତୁତି କରିବା ସମୟରେ ଶିଉନାଗୁଡାର ହିନ୍ଦୁ ଧର୍ମାବଲମ୍ବୀ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏହାପରେ କିଛି ସମୟ ପର୍ଯ୍ୟନ୍ତ ଉଭୟ ପକ୍ଷ ମଧ୍ୟରେ ଉତ୍ତେଜନା ଦେଖିବାକୁ ମିଳିଥିଲା।ଉତ୍ତେଜନାକୁ ଆଖି ଆଗରେ ରଖି ଉମରକୋଟ ପୋଲିସ ଏସଆଇ ଶ୍ରୀ ସେଠ ଓ ତହସିଲଦାର ମେଘବାନ ବାଘ ଗ୍ରାମରେ ପହଞ୍ଚିଥିଲେ। ଏହାପରେ ଗ୍ରାମ ଲୋକଙ୍କୁ ଓ କେଶବର ପରିବାରଙ୍କୁ ବୁଝାଇଥିଲେ। ଶେଷରେ କେଶବ ପରିବାରର ଲୋକେ ଖ୍ରୀଷ୍ଟଧର୍ମ ଛାଡି ହିନ୍ଦୁଧର୍ମ ଗ୍ରହଣ କରିବାକୁ ଗାଁ ଲୋକଙ୍କ ଆଗରେ ପ୍ରତିଶ୍ରୁତିଦେବା ପରେ ଓ ହିନ୍ଦୁ ରୀତିନୀତିରେ ଶବକୁ ଦାହ କରିବୁ ବୋଲି ଗାଁ ଲୋକଙ୍କ ଆଗରେ କହିବା ପରେ ହିନ୍ଦୁ ମଶାଣିରେ ଗ୍ରାମବାସୀ ଦାହ ନିମନ୍ତେ ଜାଗା ଦେଇଥିଲେ। ପରେ ଉତ୍ତେଜନା ଶାନ୍ତି ପଡିଥିଲା।

# ରୋଜା ପାଳିଲେ ଛୋଟ ଝିଅ ଓ ପୁଅ



ଉମରକୋଟ(ଭାସ୍କର ନ୍ୟୁଜ) : ମୁସଲମାନ ସମ୍ପ୍ରଦାୟର ରମଜାନ ହେଉଛି ଏକ ପବିତ୍ର ମାସ। ଏହି ମାସରେ ୭ ବର୍ଷରୁ ଉର୍ଦ୍ଧ୍ୱ ଶିଶୁ, ଯୁବକ ଯୁବତୀ ମାନେ ରୋଜା(ଉପବାସ) ରଖନ୍ତି । ୭ ବର୍ଷରୁ କମ୍ ଶିଶୁଙ୍କ ନିମନ୍ତେ ରମଜାନ ମାସରେ ରୋଜା(ଉପବାସ) ପାଳନ କରିବାକୁ ବାଧ ବାଧକତା ନାହିଁ । ତଥାପି ଆଜି ଜଣେ ପାଞ୍ଚ ବର୍ଷ ର ଝିଅ ଓ ୭ ବର୍ଷର ପୁଅ ରୋଜା ପାଳନ କରି ମୁସଲମାନ ସମ୍ପ୍ରଦାୟ ପାଇଁ ଉଦାହରଣ ପାଲଟିଛନ୍ତି । ଏହି ୨ ଜଣ ଉମରକୋଟ ସହରର ଅଜୀମୁଲା ସୁଫି ଓ ଫର ଜନ। ବାନ ଙ୍କ ୫ ବର୍ଷ ର ଝିଅ ଫରିନ ବାନ ଓ ନାଜିମୂଲା। ସୁଫି ଓ ନାଜମାବାନ ଙ୍କ ୭ ବର୍ଷର ପୁଅ ମଇନୁଲା ସୁଫି । ଆଜି ଫରିନ ଓ ମଇନୁଲ ସୁଫି ଏକ ମାସ ରୋଜା ପୂର୍ଣ୍ଣ ପାଳନ କରିଥିବାରୁ ତାଙ୍କ ସମ୍ପର୍କୀୟ ଙ୍କ ସମେତ ନାସିର ସୁଫି, ମୁବାରକ ଅଲ୍ଲୀ, ନାଜି ଅଲି , ହାଜୀ ଆତାଉଲା, ଓ ହାଜି ଜମିଲ ଉଲା ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଦୁହେଁ ରୋଜା ପାଳନ କରିଥିବା ପୁଅ ଓ ଝିଅ ଭାରତ ରେ ଶାନ୍ତି , ସମୃଦ୍ଧି ପାଇଁ ଦୁଆ କରିଥିଲେ।

# ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପାଇଁ କମ୍ପ୍ୟୁଟର ଲ୍ୟାବ୍ ଉଦ୍‌ଘାଟିତ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା , ସ୍ୱାଧୀନତା ସଂଗ୍ରାମୀ ଇର୍ମା ବାକା ଦୃଷ୍ଟିହୀନ ବିଦ୍ୟାଳୟ, ନାୟକଗୁଡ଼ା ଠାରେ ଭିଜନ ଏମ୍ପାୟାର୍ ଟ୍ରଷ୍ଟ ପକ୍ଷରୁ ଦୃଷ୍ଟି ବାଧିତ ଛାତ୍ରଛାତ୍ରୀଙ୍କ ନିମନ୍ତେ ଡିଜିଟାଲ ଲିଟରେସିର ଜ୍ଞାନ ଆହରଣ ପାଇଁ ଏକ କମ୍ପ୍ୟୁଟର ଲ୍ୟାବର ଉଦ୍ଘାଟନ କରା ଯାଇଅଛି। ଏହି କମ୍ପ୍ୟୁଟର ଲ୍ୟାବ୍ ଟିକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ, ଉପବିଭାଗୀୟ ସାମାଜିକ ସୁରକ୍ଷା ଅଧିକାରିଣୀ ସସ୍ମିତା ସ୍ୱାଇଁ, ମାଥିଲି ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ (ମୁଖ୍ୟାଳୟ) ରାଜୀବ ପୂଜାରୀ ଏବଂ ପ୍ରଧାନଶିକ୍ଷକ ପ୍ରକାଶ ନନ୍ଦୀ ଉଦ୍ଘାଟନ କରିଥିଲେ। ଏଥିରେ ଭିଜନ ଏମ୍ପାୟାର ଟ୍ରଷ୍ଟର କ୍ଷେତ୍ର ସଂଯୋଜକ ବିଶ୍ୱଜିତ୍ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ରାଉତ ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ଭିଜନ ଏମ୍ପାୟାର ଟ୍ରଷ୍ଟ ୨୦୧୭ ମସିହାରୁ ଦୃଷ୍ଟିହୀନ ଛାତ୍ରଛାତ୍ରୀମାନଙ୍କ ଶିକ୍ଷା କ୍ଷେତ୍ରରେ ବିକାଶ ପାଇଁ ସାରା ଭାରତରେ ଏସଟି ଏ ଏମ ଏଜୁକେଶନ ଉପରେ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କୁ ତାଲିମ୍ ପ୍ରଦାନ କରିଆସୁଛି। ଆମ ରାଜ୍ୟ ଓଡ଼ିଶାରେ ୨୦୨୨ ମସିହାରୁ



ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହ ମିଳିତ ସହଭାଗିତାରେ ଓଡ଼ିଶାର ୨୭ ଟି ଦୃଷ୍ଟିବାଧିତ ବିଦ୍ୟାଳୟରେ ଷ୍ଟେମ୍ ଶିକ୍ଷା ଉପରେ କାମ କରି ଆସୁଛି।

# ଦୁର୍ଘଟଣାରେ ମହିଳା ଗୁରୁତର

ଅତାବିରା (ଭାସ୍କର ନ୍ୟୁଜ) : ଅତାବିରା ଆରଏମସୀ ସମ୍ମୁଖରେ ରେ ରାସ୍ତା ପାର ହେଉଥିବା ସମୟରେ ଟ୍ରକ ଧକ୍କା ରେ ମହିଳା ଗୁରୁତର ଆହତ ହୋଇଥିବା ବେଳେ ସ୍ଥାନୀୟ ପୋଲିସ ଏବଂ ସାମାଜିକ କର୍ମୀ ଦିବାକର ମାଝୀ ଆହତ ମହିଳାଙ୍କୁ ପୋଲିସ ଗାଡି ରେ ବୁର୍ଲା ପଠେଇଥିଲେ। ଦୁଃଖର ବିଷୟ ଏହିକି ଯେ ୧୦୮ ଆମ୍ବୁଲାନ୍ସ ନ ପହଁଚିବା ରୁ ପୋଲିସ ଗାଡି ରେ ଆହତ ମହିଳା ଙ୍କୁ ପଠା ଯାଇଥିଲା ।

# ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ

କୁଚିଣ୍ଡା (ଭାସ୍କର ନ୍ୟୁଜ): କୁଚିଣ୍ଡାସ୍ଥିତ ଆଦିବାସୀ ଭବନରେ ଆଦିବାସୀ ସାମାଜିକ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ବିଶ୍ୱ ବନ୍ୟ ପ୍ରାଣୀ ଦିବସ ସଭାପତି ପ୍ରକୃତି ବନ୍ଧୁ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ପାଳିତ ହୋଇ ଯାଇଛି । ଏଥିରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି , ମହାରାଷ୍ଟ୍ର ର ବୃଦ୍ଧି ଫାଉଣ୍ଡେସନର ସଂଯୋଜକ ବିନାୟକ ସେହେଗଲ ମୁଖ୍ୟବକ୍ତା , ସାମାଜିକ କର୍ମୀ ପଞ୍ଚାନନ ପଧାନ ଓ ପ୍ରଦୀପ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଦିବସର ମାହାତ୍ମ୍ୟ ସମ୍ପର୍କରେ କହିଥିଲେ । ସଭାପତି ଶ୍ରୀ ନାୟକ ଓ ବକ୍ତା ଗଣ ତାଙ୍କ ଅଭି ଭାଷଣରେ ବନ୍ୟପ୍ରାଣୀ ବିଶ୍ୱକୁ ଈଶ୍ୱରଙ୍କ ଏକ ମହାଦାନ। ସେଥିପାଇଁ ବିଶ୍ୱର ପ୍ରାକୃତିକ ଭାରସାମ୍ୟ ରକ୍ଷା ସକାଶେ ବନ୍ୟ ପ୍ରାଣୀ ବିନା ମନୁଷ୍ୟ ସମାଜ ପୂର୍ଣ୍ଣାଙ୍ଗ ହୋଇ ପାରିବନି ବୋଲି କହିଥିଲେ। ଏହି ଅବସରରେ ନର୍ସିଂ କଲେଜ୍ର ଛାତ୍ରୀ ମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା



ମାଧ୍ୟମରେ ଜନସଚେତନତା ସୃଷ୍ଟି କରା ଯାଇଥିଲା । ଶେଷରେ ଆଦିବାସୀ ସାମାଜିକ ସାଂସ୍କୃତିକ ପରିଷଦ ର ଉପସଭାପତି ରମେଶ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ । ଅନୁରୂପ ଭାବରେ କୁଚିଣ୍ଡା ବନ୍ୟାଞ୍ଚଳ ଅନ୍ତର୍ଗତ ସଲେଭାଡ଼ି ଠାରେ ଏହି ସଂସ୍ଥା ପକ୍ଷରୁ ରାହାସ ବିହାରୀ ହାଇସ୍କୁଲ ର ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଗ୍ରାମ୍ୟ ପରିକ୍ରମା କରି ବନ ଓ ବନ୍ୟ ପ୍ରାଣୀର ସୁରକ୍ଷା ପାଇଁ ବଣରେ ନିଆଁ ନ ଲାଗିବା ଓ ଯଦି ଲାଗିଗଲା ନିର୍ବାପନ କରିବାକୁ ଜନ ସଚେତନତା କରିଥିଲେ। ଏହି ଶୋଭାଯାତ୍ରା ଅନ୍ୟମାନଙ୍କ ସହ ଆଦିବାସୀ ସାମାଜିକ କର୍ମୀ କରୁଣାକର କିସାନ, ଲକ୍ଷ୍ମଣ କିସାନ, ବନପାଳ ତିକନ୍ ଚାନ୍ଦ ଚୌଧୁରୀ, ବନରକ୍ଷୀ ଅତିସ ନାଏକ, ସ୍ୱପ୍ନ ସାଗର ସାହୁ,ଶିକ୍ଷକ ପ୍ରଦୀପ କୁମାର ପଟେଲ,ସଞ୍ଜୀବ ପଟେଲ, ରଞ୍ଜନ ନାୟକ ଓ ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଅଭିଯୋଗ



ରାୟଗଡ଼ା/କଲ୍ୟାଣସିଂହପୁର(ଭାସ୍କର ନ୍ୟୁଜ) : ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ବୁଡାଗୁଡ଼ା ଆର୍ ଏମ୍ ସି ଠାରେ ଧାନକିଣାରେ ଅନିୟମିତତା ନେଇ ଚାଷୀଙ୍କ ହଟଗୋଳ ହେଉଥିବା ଦେଖିବାକୁ ମିଳିଛି । ଚାଷୀ ମଣ୍ଡିକୁ ଧାନ ଆଣି ଏକ ମାସେ ବିତିଗଲା ପରେ ମଧ ଟଙ୍କା ମିଳୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ମଣ୍ଡି ସାମ୍ନା ରେ ଆଣି ଧାନ ରଖି ସନ୍ଧ୍ୟା ଯାଏଁ ଅପେକ୍ଷା କରିବାକୁ ପଡୁଛି । ପରେ କାଗଜ ପତ୍ର କାମ ହେବାକୁ ପୁଣି ଏକ ସପ୍ତାହ ଲାଗି ଯାଉଥିବାର ଅଭିଯୋଗ ହେଉଛି। ତାହା ପରେ ଟଙ୍କା ଆସିବା ପାଇଁ ପୁଣି ଦିନ ଦିନ ଧରି ଅପେକ୍ଷା କରି ଚାଷୀ ହନ୍ତସନ୍ତ ହେଉଥିବା କହିଛନ୍ତି। କଲ୍ୟାଣସିଂହପୁର ବ୍ଲକ୍ର ଏହି ମଣ୍ଡିରେ ପ୍ରାୟ ୭ଟି ପଞ୍ଚାୟତ ରୁ ଧାନ ଉଠୁଥିବା ବେଳେ ଏଠି ବ୍ୟାପକ ଅନିୟମିତତା ଦେଖାଦେଉଛି। ଦଲାଲ ଗିରି କାର୍ଯ୍ୟ ଭିତିରିଆ ଜୋରସୋର୍ ରେ ଚାଲିଥିବା ବେଳେ ସରଳ ଚାଷୀ ବାଧ ହୋଇ ଅପେକ୍ଷା କରିବା ଛଡ଼ା ଆଉ କିଛି ବିକଳ୍ପ ନାହିଁ ବୋଲି ଚାଷୀ କହୁଥିବା ଶୁଣିବାକୁ ମିଳୁଛି। ମଣ୍ଡିକୁ ଧାନ ଦେଇ ମାସେରୁ ଉର୍ଦ୍ଧ ଦିନ ବିତି ଯାଇଥିଲା ପରେ ବି ଟଙ୍କା ମିଳି ନଥିବାରୁ ଚଳିତ ମାସ ୭ ତାରିଖରେ ଝିଅର ବାହାଘର କେମିତି କରିବେ ବୋଲି ମୁଣ୍ଡରେ ହାତ ଦେଇ ବସିଛନ୍ତି। ସୁଳିପଦର୍ ଗ୍ରାମର ଚାଷୀ,ବିଶିକେଶନ ନେମାଲପୁରି । ଧାନ ବିକ୍ରି ପରେ ଲ୍ୟାମ୍ପସ ଚାଷୀଙ୍କୁ ସହଯୋଗ ନକରି ମିଲର ମାନଙ୍କୁ ପରୋକ୍ଷ ଭାବରେ ସାହାଯ୍ୟ କରୁଥିବା ଓ ମଣ୍ଡି ରୁ ସେଥିପାଇଁ ଧାନ ଉଠୁନଥିବା ନେଇ ଚାଷୀ ଅଭିଯୋଗ କରିଛନ୍ତି । ଏଥିରେ ମିଲକୁ ଯିବା ଧାନ କୁ ଥଆରଏମସି ପକ୍ଷରୁ ଧାନର ମାନ ପରୀକ୍ଷଣ ନକରି ମଧ ଠିକ୍ ମାନ ଦର୍ଶାଇ ମିଲର୍ ମାନଙ୍କୁ ସାହାଯ୍ୟ କରୁଛନ୍ତି ରାମକୃଷ୍ଣ ଚୌଧୁରୀ ଏବଂଚାଷୀଙ୍କ ଅଭିଯୋଗ ପରେ ବି ଏଠାକୁ ଏମ୍ଆଇ ଆସି ସ୍ଥିତି ବୁଝୁନଥିବା ନେଇ ବିଜେପି କଲ୍ୟାଣସିଂହପୁର ମଣ୍ଡଳ ସଭାପତି ଅଜିତ୍ କୁମାର ପାଣିଗ୍ରାହୀ ପ୍ରତିକ୍ରିୟା ଦେଇଛନ୍ତି। ବିଜେପି କର୍ମୀ ନିରଞ୍ଜନ ମହାନନ୍ଦିଆ କହିଛନ୍ତି କି ସରକାର ଚାଷୀଙ୍କ ସଙ୍ଗେ ସଙ୍ଗେ ଟଙ୍କା ତାଙ୍କ ଏକାଉଣ୍ଟକୁ ଯିବାର ବ୍ୟବସ୍ଥା କରିଥିବାବେଳେ କିଛି କୁଚକ୍ରୀ ଗୋଷ୍ଠୀ ସରକାରଙ୍କୁ ବଦନାମ୍ କରିବାକୁ ଚେଷ୍ଟା କରୁଛନ୍ତି । ତେଣୁ ଏଭଳି ଚାଷୀଙ୍କୁ ହଇରାଣ କରାଯାଉଛି । ଏନେଇ ଏମ୍ଡି ଚିନ୍ମୟ ତ୍ରିପାଠୀ ଙ୍କୁ ତାଙ୍କର ପ୍ରତିକ୍ରିୟା ପଚାରିଲା ବେଳେ ମିଲର ଧାନ ଉଠାଇ ନଥିବାରୁ ଡେରି ହେଉଛି ବୋଲି କହିଛନ୍ତି। ଚାଷୀଙ୍କ ଏହି ହଟଗୋଳ ସମୟରେ ଅନେକ ଚାଷୀଙ୍କ ସମେତ ବିଜେପି ଦଳୀୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ।

# ନୂତନ ବ୍ଲକ ଗଠନ ପାଇଁ ଦାବିପତ୍ର

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ) : ଗଜପତି ଜିଲ୍ଲାର ରା. ଉଦୟଗିରୀ ଅଧିନରେ ରାମଗିରି, ସୁବଳୟା , ମଙ୍ଗରାଜ ପୁର , ଅନଂଘା, ତାବରସିଂ, ପରିସଲ, ରଣ୍ଡିବା, ସିଆଳିଲଟି, ପୁରୁଣା ପାଣି ସହ ନୂଆଗଡ ବ୍ଲକ ଅଧିନରେ ଟାଙ୍ଗିଲି ଓ ବେତାରସଂ ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ସହ ଜିଲ୍ଲାପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି ପ୍ରମୁଖ ୧୧ ଦଫାର ଏକ ଲିଖିତ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ଯେ ରାମଗିରି ବ୍ଲକରେ ନୂତନ ବ୍ଲକ ହେଲେ ସବୁ ପଞ୍ଚାୟତ ୮ ରୁ ୧୦ କିଲୋମିଟର ପଡ଼ିବ। ପଞ୍ଚାୟତ ଅଧିନରେ ସରକାରୀ ୧୧ ଏକର ଜମି ଅଛି । ଏଠାରେ ବ୍ଲକ କାର୍ଯ୍ୟାଳୟ ପାଇଁ ଓ ବାସଭବନ ପାଇଁ ଉଚିତ ଜାଗା ଅଛି । ରାମଗିରିରେ ସର୍ବପୁରାତନ ଥାନା ସହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, କୋଠାବାଡ଼ି ଓ ଗ୍ରାମ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ , ଶିକ୍ଷା କ୍ଷେତ୍ର ରେ ୬ ଗୋଟି ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଗୋଟିଏ ମଙ୍ଗଳ ବିଭାଗର ଉତ୍ତମ ବିଦ୍ୟାଳୟ, ବନ ବିଭାଗର କାର୍ଯ୍ୟାଳୟ, ମୃତ୍ତିକା ସରକ୍ଷଣ କାର୍ଯ୍ୟାଳୟ, ଭଳି ବିଭିନ୍ନ ସୁବିଧା ଅଛି । ସଭାପତି ତାରିଣୀଚନ୍ଦ୍ର ଗୌଡଙ୍କ ନେତୃତ୍ୱରେ ଗୋପାଳ ଚନ୍ଦ୍ର ଦଳଇ, ସ୍ମିତା କାଜି , ସେକ୍ରେଟେରୀ ପ୍ରଶାନ୍ତ କୁମାର ଦଳୟୀ, କେଶବ ନାୟକ ମାନେ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ ।

# ହୋଟେଲରୁ ଦୁଇ ଶିଶୁଶ୍ରମିକ ଉଦ୍ଧାର

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲାପାଳ ଜିଲାରୁ ସମ୍ପୂର୍ଣ୍ଣ ଶିଶୁ ଶ୍ରମିକ ପ୍ରଥା ବନ୍ଦ କରିବା ପାଇଁ ଅନେକ ପଦକ୍ଷେପ ହାତକୁ ନେଇଥିବା ବେଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ ଶିଶୁ ମାନଙ୍କୁ ବିପଦସଙ୍କୁଳ ଅବସ୍ଥାରୁ ଉଦ୍ଧାର କରି ଥଇଥାନ କରିବା ନିମନ୍ତେ ପଦକ୍ଷେପ ନେଇଥିଲେ। ମିଳିତ ଟିମ ଗତ ୨୮-୨-୨୦୨୫ ଠାରୁ ୦୨-୦୩-୨୦୨୫ ପର୍ଯନ୍ତ ଦୁଇଦିନ ଧରି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡିର ବିଭିନ୍ନ ସ୍ଥାନକୁ ଗସ୍ତ କରି ଯଥା ହୋଟେଲ, ଗ୍ୟାରେଜ,ତେଜରାତି ଦୋକାନ, ଜଳଖିଆ ଦୋକାନ, ସପିଂ ମଲ, ରାସ୍ତା କଡରେ ବିକୁଥିବା ଠେଲାଗାଡି ଦୋକାନ ମାନକୁ ଅତର୍କିତ ଚଢାଉ କରି ଦୁଇଜଣ ନାବାଳକ ଶିଶୁଙ୍କୁ ଉଦ୍ଧାର କରି ଶିଶୁ କଲ୍ୟାଣ ସମିତି ନିକଟରେ ଉପସ୍ଥାପନ କରିଥିଲେ। ଶିଶୁ କଲ୍ୟାଣ ସମିତି ଶିଶୁଙ୍କ ବୟାନ ଗ୍ରହଣ କରିବା ପରେ ଶିଶୁଙ୍କ ତଥ୍ୟ ସଂଗ୍ରହ କରି ଜଣେ ଶିଶୁଙ୍କୁ ତାଙ୍କ ପିତା ମାତାଙ୍କୁ ହସ୍ତାନ୍ତର କରିଥିବା ବେଳେ ଉକ୍ତ ଶିଶୁର ଶିକ୍ଷା ନିମନ୍ତେ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି । ଅନ୍ୟ ଏକ ଶିଶୁଙ୍କୁ ପାରଳାଖେମୁଣ୍ଡିର ଶିଶୁ ଯନ୍ ଅନୁଷ୍ଠାନ ଉତ୍କଳ ବାଳାଶ୍ରମରେ ଥଇଥାନ କରାଯାଇଛି । ତାଙ୍କର ରହିବା ଖାଇବା ଓ ପାଠପଢା ଦାୟିତ୍ୱ ଜିଲା ପ୍ରଶାସନ ହାତକୁ ନେଇଛନ୍ତି । ଜିଲ୍ଲା ଶିଶୁ ମଙ୍ଗଳ ସମିତି, ଗଜପତିଙ୍କ ତରଫରୁ ଶିଶୁ ଶ୍ରମିକ ନିୟୋଜନ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ।

# କୁକୁଡା ମାଂସ ହାଡ଼ ଗିଳି ଯୁବକ ଗୁରୁତର

ଉମରକୋଟ(ଭାସ୍କର ନ୍ୟୁଜ): ଜଣେ ୨୭ ବର୍ଷର ଯୁବକ କୁକୁଡା ମାଂସର ହାଡ଼ ଗିଳି ଗୁରୁତର ହୋଇଯାଇଥିବା ବେଳେ ସଫଳ ଏଣ୍ଡ ସ୍କୋପିକ୍ ଅସ୍ତ୍ରୋପଚାର ମାଧ୍ୟମରେ ଅସ୍ତ୍ରୋପଚାର ହେଇ ଜୀବନଟି ବଞ୍ଚି ଯାଇଛି। ଯୁବକର ନାମ ଗଙ୍ଗାଧର ଭତ୍ର।।ବୟସ ୨୭ ବର୍ଷ। ଘର ଡ଼ାବୁଗା ଥାନା ଅର୍ନ୍ତଗତ କଇଗାଁ ଅଞ୍ଚଳରେ। ଗଙ୍ଗାଧର କାଲି କୁକୁଡା ମାଂସ ଖାଉଥିବା ବେଳେ ଭୁଲବଶତଃ କୁକୁଡ଼ା ଗୋଡର ହାଡ ଗିଳି ଦେଇଥିଲେ। ହାଡ଼ଟି ଯାଇ ଗଳାର ଖାଦ୍ୟ ନଳି ଓ ଶ୍ୱାସ ନଳୀ ମଝିରେ ଯାଇ କ୍ରସ ହେଇକି ଅଟକି ଯାଇଥିଲା। ଫଳ ରେ ଗଙ୍ଗାଧର ଗୁରୁତର ହେଇ ପଡ଼ିବ। ସହ ଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେଲା। ଗଙ୍ଗାଧରର ଗଳା ବ୍ୟାପକ ଭାବେ ବଥା ହେଇ ଫୁଲିଯାଇଥିଲ। ତେବେ ଗଙ୍ଗାଧରକୁ ଗୁରୁତର ଅବସ୍ଥାରେ ଉମରକୋଟ ଠାରେ ଥିବା ସାଇ ହସ୍ପିଟାଲରେ ଭର୍ତ୍ତି ହେଇଥିଲେ। ହସ୍ପିଟାଲର ଏଣ୍ଡୋସ୍କୋପିକ ସର୍ଜନ ଡକ୍ଟର ପୁନ୍ନା।ନା ସ୍ୱାତି ବିନା ଛୁରୀ ବ୍ୟବହାର କରି ଏଣ୍ଡସ୍କୋପିକ ମାଧ୍ୟମରେ ହାଡ଼ଟିକୁ ପାଟି ଦ୍ୱାରା ବାହାର କରି ଦେଇଥିଲେ। ତେବେ ହାଡର ଲମ୍ବା ୩ ଇଞ୍ଚ ଥିବାବେଳେ ଡ଼ାଇମିଟର ୧ ଇଞ୍ଚ ଥିଲା ବୋଲି ଡକ୍ଟର ସ୍ୱାତି କହିଛନ୍ତି। ତେବେ ହାଡ ଗିଳି ଦେଇଥିବା ଯୋଗୁ ଶ୍ୱାସନଳୀରେ ସାମାନ୍ୟ କଟି ଯାଇଥିଲେ ସୁଦ୍ଧା ବିନା ଛୁରୀ ବ୍ୟବହାର କରି ଏଣ୍ଡୋ



ସ୍କୋପିକ୍ ମାଧ୍ୟମ ରେ ସଫଳ ଅସ୍ତ୍ରୋପଚାର କରାଯାଇ ପାରିଛି ବୋଲି କହିବା ସହ ଅସ୍ତ୍ରପ୍ରଚାର ପାଇଁ ୪୫ ମିନିଟ ସମୟ ଲାଗିଥିଲା। ଏଥିରେ ୪ ଜଣ କର୍ମଚାରୀ ସହଯୋଗ କରିଥିଲେ। ତେବେ ସାମାନ୍ୟ ବିଳମ୍ବ ହେଇଥିଲେ ରୋଗୀର ଜୀବନ ପ୍ରତି ବିପଦ ଥିଲା ବୋଲି କହିଛନ୍ତି ଡକ୍ଟର ସ୍ୱାତି। ତେବେ ଗଙ୍ଗାଧର ସମ୍ପୂର୍ଣ୍ଣ ସୁସ୍ଥ ହେଇ ଘରକୁ ଫେରିଯାଇଥିବା ଜଣାପଡ଼ିଛି।

# ମୌଳିକ ସୁବିଧାରୁ ବଞ୍ଚିତ ଟାଇମାଲ୍ ଗ୍ରାମବାସୀ

କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍): ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବହୁ ଜନହିତକର ଯୋଜନା ମାନ ରହିଥିଲେ ମଧ ତୃଣମୂଳସ୍ତରରେ ମୌଳିକ ସୁବିଧା ପହଞ୍ଚି ପାରୁନି। ପ୍ରତ୍ୟେକ ପାଞ୍ଚ ବର୍ଷରେ ବଦଳୁଛନ୍ତି ନେତା। ବିଭିନ୍ନ ସମୟରେ ବଦଳି ହେଉଛନ୍ତି ପ୍ରଶାସନିକ ଅଧିକାରୀ ହେଲେ ବଦଳି ପାରୁନି ଗ୍ରାମବାସୀଙ୍କ ଭାଗ୍ୟ ଓ ମୁଖ୍ୟସ୍ରୋତରେ ସାମିଲ କରିବାକୁ ପ୍ରଶାସନଠାରୁ ଆରମ୍ଭ କରି ଜନପ୍ରତିନିଧିଙ୍କ ନିକଟରେ ବାରମ୍ବାର ନେହୁରା ହୋଇଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ କାଳ କାଟୁଛନ୍ତି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନାକାମାମୁଡ଼ି ଗ୍ରାମ ପଞ୍ଚାୟତ ଅଧିନସ୍ଥ ଟାଇମାଲ୍ ଗ୍ରାମବାସୀ। ଖରାଦିନ ଆରମ୍ଭ ହୋଇନଥିଲେ ମଧ ଆରମ୍ଭ ହୋଇଗଲାଣି ଜଳକଷ୍ଟ। ମୁଖ୍ୟ ରାସ୍ତାରୁ ଗ୍ରାମ ମଧକୁ ଯିବା ପାଇଁ ନାହିଁ ଖଣ୍ଡିଏ ରାସ୍ତା।ଭାରରେ ବୁହା ହେଉଛନ୍ତି ରୋଗୀ। ପ୍ରାକ୍ ଶିକ୍ଷା ଓ ପ୍ରାଥମିକ ଶିକ୍ଷା ନିମନ୍ତେ ଯିବାକୁ ପଡୁଛି ୩କିମି। ପ୍ରଶାସନିକ ଅଧିକାରୀ ଓ ଜନ ପ୍ରତିନିଧିଙ୍କୁ ଗୁହାରୀ କରି କରି ନିରାଶ। ଉକ୍ତ ଗ୍ରାମରେ ପ୍ରଶାସନ ତରଫରୁ ୨୦ରୁ୨୫ପରିବାରରେ ୧୦୦ ରୁ ଉର୍ଦ୍ଧ୍ୱ ଲୋକଙ୍କ ନିମନ୍ତେ ହୋଇଥିବା ପାନୀୟ ଜଳ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହ। ପ୍ରଶାସନ ତରଫରୁ ଉକ୍ତ ଗ୍ରାମରେ ଏକ କୂଅ ଖୋଳାଯାଇ ଗ୍ରାମ ମଧ୍ୟରେ ଏକ ୫୦୦୦ଲିଟର ବିଶିଷ୍ଟ ପାଣି ଟାଙ୍କି ବ୍ୟବସ୍ଥା କରାଯାଇ ପ୍ରତ୍ୟେକଟି ଘରକୁ ମଧ ଗୋଟିଏ ଲେଖାଁଏ ପାଣି ଟ୍ୟାପ ଯୋଗାଇ ଦିଆଯାଇଛି। କିନ୍ତୁ ଖରାଦିନ ଆରମ୍ଭ ନହେଉଣୁ ଉକ୍ତ କୂଅର ପାଣି ଶୁଖିଗଲାଣି। ଯାହା ଦ୍ୱାରା ଗ୍ରାମରେ ପ୍ରଶାସନ ତରଫରୁ ଯୋଗାଇ ଦିଆଯାଇଥିବା ପାଣି ଟାଙ୍କିକୁ ପର୍ଯ୍ୟାପ୍ତ ପାଣି ହେଉନାହିଁ। ପ୍ରାକ୍ ଶିକ୍ଷା ନିମନ୍ତେ ୧୦-୧୫ ଜଣ ଶିଶୁ ଓ ପ୍ରାଥମିକ ଶିକ୍ଷା ନିମନ୍ତେ ୩୦ରୁ ଉର୍ଦ୍ଧ୍ୱଜଣ ପିଲା ଗ୍ରାମରୁ ୩କିମିରୁ ଦୂରରେ ଥିବା ରାବା ଗ୍ରାମର ବିଦ୍ୟାଳୟ ଓ ଅଙ୍ଗନୱାଡ଼ି ଉପରେ ନିର୍ଭର କରନ୍ତି। ଗ୍ରାମବାସୀଙ୍କ ଦାବି ଅନୁଯାୟୀ ଗ୍ରାମରେ ଏକ ମିନି ଅଙ୍ଗନୱାଡ଼ି, ଗ୍ରାମରେ ଏକ ରାସ୍ତା ଏବଂ ଅନ୍ୟ ଗ୍ରାମମାନଙ୍କ ପରି ଟାଇମାଲ୍ ଗ୍ରାମରେ ମଧ ଝରଣା ପାଣିକୁ ପାଇପ୍ ଯୋଗେ ଗ୍ରାମରେ ପାଣି ଯୋଗାଇ ଦେବା ନିମନ୍ତେ ଗ୍ରାମ ମୁଖିଆ ମନୋ ଗୋଲୋରୀ,



ୱାର୍ଡ ମେମ୍ବର ବୁଟିଆ ପାଙ୍ଗି, ସୁକଲ ହନ୍ତାଳ, ଆସୁ ପାଙ୍ଗି, ଘାସି ଖରା, ଜଗନ୍ନାଥ ହନ୍ତାଳ, ଜଗା ଗୋଲୋରି, ମଙ୍ଗୁ ଗୋଲରୀଙ୍କ ସମେତ ସମସ୍ତ ଗ୍ରାମବାସୀ ଦାବି କରିଛନ୍ତି । ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଗୁରୁଙ୍କୁ ଯୋଗାଯୋଗ କରିବାରୁ, ଉକ୍ତ ଗ୍ରାମ ନିମନ୍ତେ ଅନ୍ୟ ଏକ ସୋଲାର ପାନୀୟ ଜଳ ପ୍ରକଳ୍ପ ଅନୁମୋଦନ ହୋଇଛି ଖୁବ୍ ଶୀଘ୍ର ପାନୀୟଜଳ ସମସ୍ୟା ଦୂର କରାଯିବ, ଆଉ ଗ୍ରାମକୁ ଗମନାଗମନ ସମସ୍ୟା ମଧ ଖୁବ୍ ଶୀଘ୍ର ସମାଧାନ କରାଯିବ ଏବଂ ପାକ୍ ଶିକ୍ଷା ଓ ପ୍ରାଥମିକ ଶିକ୍ଷା ନିମନ୍ତେ ଗ୍ରାମରେ ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇବି ବୋଲି କହିଥିଲେ। ଏନେଇ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରବିନ୍ଦ୍ର ବିଶ୍ୱାଳଙ୍କୁ ବହୁବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ଫୋନ ନ ଉଠାଇବା ଯୋଗୁଁ ଯୋଗାଯୋଗ ହୋଇ ପାରି ନାହିଁ। ତେବେ ଦେଖିବାକୁ ବାକି ରହିଲା କେବେ ସୁଧୁରିବ ଟାଇମାଲ୍ ଗ୍ରାମ ସମସ୍ୟା ।

# ପେଣ୍ଡରାନି ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ଆଲୋଚନାଚକ୍ର

ଉମରକୋଟ(ଭାସ୍କର ନ୍ୟୁଜ): ଉମରକୋଟ ପେଣ୍ଡରାନି ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଏକ ଆଲୋଚନ।ଚକ୍ର ଅନୁଷ୍ଠିତ ହେଇଥିଲା। ଏହି ଆଲୋଚନ। ଚକ୍ରରେ ଓଡିଶାର ଉଚ୍ଚ ଶିକ୍ଷାରେ ଅନୁସନ୍ଧାନର ଭୂମିକା ଶୀର୍ଷକ ଉପରେ ଆଲୋଚନ। ଅନୁଷ୍ଠିତ ହେଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅନିଲ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଉଥିବାବେଳେ ଅର୍ଥନୀତି ବିଭାଗର ମୁଖ୍ୟ ଡକ୍ଟର ରବୀନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଧ୍ୟାପିକା ଚାନ୍ଦିନୀ ପାତ୍ର ଓ ଅଶୋକ କୁମାର କୁଜୁର। ଏଥିସହ କଲେଜ ର ୨ ଜଣ ଅଧ୍ୟାପକ ଡକ୍ଟର ପ୍ରଦୋଷ କୁମାର ପଟ୍ଟନାୟକ ଗଣିତ ରେ। ଡକ୍ଟର ଚିନ୍ମୟ କୁମାର ରାଉତ ପଦାର୍ଥ ବିଜ୍ଞାନରେ ଗୁଣୁପୁର ଜିଆଇଇଟି ଶିକ୍ଷା ଅନୁଷ୍ଠାନରୁ ଡକ୍ଟରେଟ ଉପାଧି ପାଇଥିବାରୁ ଅର୍ଥନୀତି ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋଚନାଚକ୍ରରେ ଅଧ୍ୟକ୍ଷ ଡକ୍ଟର ଅନିଲ କୁମାର ମିଶ୍ର, ପ୍ରାଧ୍ୟାପକ ଡକ୍ଟର ରବୀନ୍ଦ୍ର ମିଶ୍ର, ଡକ୍ଟର ପ୍ରଦୋଷ କୁମାର ପଟ୍ଟନାୟକ, ଡକ୍ଟର ଚିନ୍ମୟ କୁମାର ରାଉତ ଓ ଜି. ଧର୍ମେନ୍ଦ୍ର ପଟ୍ଟନାୟକ , ଅଶୋକ କୁଜୁର୍ ଓ ସମୀର ମହାନ୍ତି ପ୍ରମୁଖ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ର ଛାତ୍ରୀମାନେ ମଧ ନିଜ ନିଜ ସନ୍ଦର୍ଭ ପାଠ କରିଥିଲେ। ଏହି ପ୍ରକାର ର ପାଠ ଚକ୍ର କରିବା ଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କ ସୈକ୍ଷିକ ଓ ବୌଦ୍ଧିକ ଉନ୍ନତ ହେବ ବୋଲି ଉପସ୍ଥିତ ଅଭିଭାବକମାନେ ମତ ପ୍ରକାଶ କରିଥିଲେ।



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ) : ଦଳୀୟ ନିର୍ବାଚନ ନିମନ୍ତେ ବିଜୁ ଜନତାଦଳ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାର ପ୍ରତ୍ୟେକ ବ୍ଲକ ଓ ପୌରାଞ୍ଚଳ ପାଇଁ ସହକାରୀ ନିର୍ବାଚନ ଅଧିକାରୀମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ଏନେଇ ମଙ୍ଗଳବାର ଗରାପୁରସ୍ଥିତ ଜିଲ୍ଲା ବିଜେଡି ନିର୍ବାଚନ ଅଧିକାରୀ ଆଇନଜୀବୀ ଭୀମସେନ ଭୂୟାଁଙ୍କ ଅଧ୍ୟକ୍ଷତାରେ ଏକ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଜେଡି ପକ୍ଷରୁ ଆସନ୍ତା ଦଳୀୟ ନିର୍ବାଚନ କିଭଳି ଶାନ୍ତିଶୃଙ୍ଖଳାର ସହିତ ସମାପନ ହେବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଉପସ୍ଥିତ ବ୍ଲକ ଓ ପୌରାଞ୍ଚଳର ସହକାରୀ ନିର୍ବାଚନ ଅଧିକାରୀମାନଙ୍କୁ ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଭୂୟାଁ ନିଯୁକ୍ତିପତ୍ର ପ୍ରଦାନ କରିବା ସହିତ ଏସମ୍ପର୍କରେ ବିଶଦ ଭାବେ ବୁଝାଇ ଦେଇଥିଲେ । ବୈଠକରେ ଆଳି ବ୍ଲକର ଏଆରଓ କୃଷ୍ଣଚନ୍ଦ୍ର ପରିଡ଼ା, ରାଜକନିକା ବ୍ଲକର ଏଆରଓ ଧିରେନ୍ଦ୍ର କୁମାର ମହାପାତ୍ର, କେନ୍ଦ୍ରାପଡା ବ୍ଲକର ଏଆରଓ ପ୍ରଦୀପ୍ତ କୁମାର ଜେନା, କେନ୍ଦ୍ରାପଡା ପୌରାଞ୍ଚଳର ଏଆରଓ ରଶ୍ମୀରଞ୍ଜନ ରାଉତ, ଡେରାବିଶ ବ୍ଲକର ଏଆରଓ ଯୋଗାନନ୍ଦ ମହାନ୍ତି, ଗରଦପୁର ବ୍ଲକର ଏଆରଓ ଶୈଳେନ୍ଦ୍ର କୁମାର ମହାନ୍ତି, ରାଜନଗର ବ୍ଲକର ଏଆରଓ ବିଜୟ କୁମାର ନାୟକ, ପଟ୍ଟାମୁଣ୍ଡାଇ ବ୍ଲକର ଏଆରଓ ରଞ୍ଜନ କୁମାର ବିଶ୍ୱାଳ, ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଏଆରଓ ସୁରେନ୍ଦ୍ର ପ୍ରସାଦ ଗିରି, ମହାକାଳପଡା ବ୍ଲକର ଏଆରଓ ଅମୀୟ ନାୟକ, ମାର୍ଶାଘାଇ ବ୍ଲକର ଏଆରଓ ପ୍ରଫୁଲ୍ଲ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ପାରଦର୍ଶୀ ପୋର୍ଟାଲରେ ପଞ୍ଜିକରଣ ସମୟସୀମା ବୃଦ୍ଧିକୁ ରାଷ୍ଟ୍ରୀୟ ଅଭିଭାବକ ମହାସଂଘର ସ୍ୱାଗତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ଆର୍ଥିକ ଅନଗ୍ରସର ପିଲାଙ୍କ ନିମନ୍ତେ ନିଶୁଳ୍କ ଶିକ୍ଷାଦାନ ପ୍ରଦାନ ନିମନ୍ତେ ବିଦ୍ୟାଳୟ ଏବଂ ପିଲାଙ୍କ ନାମ ପଞ୍ଜିକରଣ ପାଇଁ ଥିବା ସମୟସୀମାକୁ ଶିକ୍ଷା ବିଭାଗ ତରଫରୁ ଏକ ମାସ ପାଇଁ ବର୍ଦ୍ଧିତ କରାଯାଇଛି । ଫଳରେ ବହୁ ଅଧିକ ପିଲା ଏହାର ସୁଫଳ ପାଇବେ ବୋଲି ରାଷ୍ଟ୍ରୀୟ ଅଭିଭାବକ ମହାସଂଘ ତରଫରୁ ସ୍ୱାଗତ କରାଯାଇଛି ବୋଲି ମହାସଂଘ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ପୂର୍ବରୁ ୨୮ ଫେବୃଆରୀ ପର୍ଯ୍ୟନ୍ତ ପଞ୍ଜିକରଣ ନିମନ୍ତେ ସମୟସୀମା ଥିଲା ଯେଉଁଥିରେ ୩୧୫୯ ସ୍କୁଲ୍ ନାମ ପଞ୍ଜିକୃତ କରିଥିଲେ ଏବଂ ମାତ୍ର ୧୨୪୬ ସ୍କୁଲ୍‌ର ଭେରିଫିକେସନ୍ କରାଯାଇଥିଲା ଫଳରେ ମାତ୍ର ୧୭୦୦୦ ପିଲା ନାମ ପଞ୍ଜିକରଣ କରିଥିଲେ ଏବଂ ପାଖାପାଖି ୩୦୦୦୦ ପିଲା ଏଥିରୁ ବଞ୍ଚିତ ହେଉଥିଲେ । ଏହାକୁ ଦୃଷ୍ଟିରେ ରଖି ଶିକ୍ଷା ବିଭାଗ ତରଫରୁ ସମୟସୀମା ବୃଦ୍ଧି କରାଯାଇଥିଲା । ଫଳରେ ମାର୍ଚ୍ଚ ୫ ତାରିଖ ସୁଦ୍ଧା ବିଦ୍ୟାଳୟ ପଞ୍ଜିକରଣ ସଂଖ୍ୟା ୩୨୬୫ରେ ପହଞ୍ଚିଛି ଏବଂ ଭେରିଫାଏଡ ସ୍କୁଲ ସଂଖ୍ୟା ୧୪୫୨ରେ ପହଞ୍ଚିଛି । ପିଲାଙ୍କ ସଂଖ୍ୟା ୨୦ହଜାରରେ ପହଞ୍ଚିଛି । ସମସ୍ତ ବିଦ୍ୟାଳୟର ଭେରିଫିକେସନ୍ ହେବା ପରେ ପାଖାପାଖି ଆହୁରି ୩୦ହଜାର ପିଲା ଏହାର ସୁଫଳ ପାଇପାରିବେ । ପିଲାମାନଙ୍କର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଭାଗୀୟ ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି । ଏ ସମ୍ବନ୍ଧରେ ମହାସଂଘର ଏକ ପ୍ରତିନିଧି ମଣ୍ଡଳୀ ବିଭାଗୀୟ ସଚିବଙ୍କ ସହ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଉପସଭାପତି ଶଙ୍କର ସାମନ୍ତରାୟ, ରଞ୍ଜନ ଦାସ, ସଂପାଦକ ପ୍ରଦୀପ୍ତ ମିଶ୍ର, ସ୍ୱପ୍ନେନ୍ଦୁ ସାମନ୍ତରାୟ, ତାପସ ଦାସ୍, ଅନନ୍ତ ରାଉତ, ଆର୍ତ୍ତତ୍ରାଣ ପାତ୍ର, ପ୍ରଦୀପ ପ୍ରଧାନ, ସଞ୍ଜୟ ମହାନ୍ତି, ପଲ୍ଲବୀ ମହାପାତ୍ର, ଶୁଭ୍ରଜିତ୍ ମହାନ୍ତି ପ୍ରମୁଖ ବହୁ ସଂଖ୍ୟକ କର୍ମକର୍ତ୍ତା ଯୋଗ ଦେଇଥିଲେ ।

## ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ ଜାତୀୟ ସୁରକ୍ଷା ଦିବସ

ସମ୍ବଲପୁର, (ଭାସ୍କର ନ୍ୟୁଜ୍): ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ ସମ୍ବଲପୁର ୱାର୍କ୍ସ ୫୪ତମ ଜାତୀୟ ସୁରକ୍ଷା ଦିବସ ପାଳନ କରିଛ । ଯାହା 'ଶୂନ୍ୟ କ୍ଷତି' ହାସଲ କରିବାର ଦୃଷ୍ଟିକୋଣ ସହିତ ସମାନ । ଏହି ବର୍ଷ ବିପିଏସ୍‌ଏଲ୍‌ରେ ଜାତୀୟ ସୁରକ୍ଷା ଦିବସ 'ବୀକ୍ଷିତ ଭାରତ ପାଇଁ ସୁରକ୍ଷା ଏବଂ କଲ୍ୟାଣ ଗୁରୁତ୍ୱପୂର୍ଣ୍ଣ' ବିଷୟବସ୍ତୁ ଉପରେ ପାଳନ କରାଯାଇଥିଲା । ଏହି ଅବସରରେ ସଭାପତି ଏବଂ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଅନିଲ କୁମାର ସିଂହ ପ୍ଲାଣ୍ଟର କାର୍ଯ୍ୟଦକ୍ଷତା, ଆମେ କିପରି ଅଗ୍ରଗତି କରିଛୁ ତାହା ଉପରେ ଆଲୋକପାତ କରିଥିଲେ । ପ୍ଲାଣ୍ଟର ସିଓଓ, ବରିଷ୍ଠ ନେତୃତ୍ୱ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ସୁରକ୍ଷା ଉପରେ ଆମର କାର୍ଯ୍ୟଦକ୍ଷତାକୁ ବିସ୍ତୃତ କରିଥିଲେ । ଉମେଶ ରାୟ, ମୁଖ୍ୟ ପରିଚାଳନା ଅଧିକାରୀ ଏବଂ ଉମାକାନ୍ତ ସାମନ୍ତରାୟ, କାରଖାନା ଏବଂ ବଏଲର୍ସର ସହାୟକ ନିର୍ଦ୍ଦେଶକ ମଧ୍ୟ ସୁରକ୍ଷା ଉପରେ ଆଲୋଚନାରେ ଯୋଗ ଦେଇଥିଲେ ।

## ଚଳିତ ମାସରେ ରାଷ୍ଟ୍ରୀୟ ଲୋକ ଅଦାଲତ

ପୁରୀ (ଭାସ୍କର ନ୍ୟୁଜ) : ଚଳିତ ମାସ ୮ ତାରିଖ ଶନିବାର ପୁରୀ ଜିଲ୍ଲା ଓ ଦୌରା ଜଜ ଙ୍କ ଅଦାଲତ ସହ ସମସ୍ତ ଅଦାଲତ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ପୁରୀ ଜିଲ୍ଲା ଆଇନ ପ୍ରାଧିକରଣର ସଚିବ ସୂଚନା ଦେଇଛନ୍ତି ।ଏହି ଲୋକ ଅଦାଲତରେ ଫୌଜଦାରୀ (ସାଲିସ ଯୋଗ୍ୟ),ଚେକ ବାଉନ୍ସ,ମୋଟର ଦୁର୍ଘଟଣା ଜନୀତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ଦେୱାନୀ ମୋକଦ୍ଦମା ଇତ୍ୟାଦି ର ଆପୋଷ ସହମତିରେ ସମାଧାନ କରାଯାଇ ପାରିବ ।ଏହି ମାମଲା ଗୁଡିକ ର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ।ତେଣୁ ଏହାର ସୁଯୋଗ ନେଇ ମାମଲାର ସମାଧାନ ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷ ମାନେ ଚଳିତ ମାସ ୮ ତାରିଖରେ ଅଦାଲତ ର ସହଯୋଗ ନେବାକୁ ସଚିବ ଅନୁରୋଧ କରିଛନ୍ତି ।

## ଟିପିଏନ୍‌ଓଡିଏଲ ପାଳିଲା ଲାଇନମ୍ୟାନ୍ ଦିବସ




ବାଲେଶ୍ୱର(ଭାସ୍କର ନ୍ୟୁଜ୍): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍‌ଯୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ଲାଇନମ୍ୟାନ୍ ଦିବସ ପାଳିତ ହୋଇଛି । ଟିପିଏନଓଡିଏଲ ସିଇଓ ଦ୍ୱିଜଦାସ ବସାକଙ୍କ ପୌରୋହିତ୍ୟରେ ଲାଇନମ୍ୟାନ ଦିବସ ବାଲେଶ୍ୱର ଠାରେ ପାଳିତ ହୋଇଥିବାବେଳେ ଜଳେଶ୍ୱରରେ କମର୍ସିଆଲ ମୁଖ୍ୟ ଜୟଦୀପ ରୟ, ଯୋଡ଼ାରେ ଅପରେସନ ମୁଖ୍ୟ ନୀଲେଶ ପୋଟଫଡେ, ସୋରରେ ଇଞ୍ଜିନିୟର ଇନ ଚିଫ୍ ଶରତ ଚନ୍ଦ୍ର ମାହାଲିକ, ଭଦ୍ରକରେ ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ଚିଫ୍ ଇଞ୍ଜିନିୟର ରାଜୀବ ନାୟକ ପ୍ରମୁଖ ଭିନ୍ନ ଭିନ୍ନ ସ୍ଥାନରେ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଲାଇନମେନ ଦିବସର ଆଭିମୁଖ୍ୟ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରି ସିଇଓ ଶ୍ରୀ ବସାକ ଦର୍ଶାଇଥିଲେ ଯେ, ବିଦ୍ୟୁତ ବିତରଣ ସେବା ବିତରଣରେ ଲାଇନମ୍ୟାନ୍‌ମାନେ ହେଲେ ପ୍ରମୁଖ ଅଙ୍ଗ । ଉପଭୋକ୍ତାମାନଙ୍କୁ ନିରବଛିନ୍ନ ଓ ଗୁଣାତ୍ମକ ବିଜୁଳି ସେବା ଯୋଗାଇବାରେ ଲାଇନମ୍ୟାନ୍‌ମାନେ ତୃଣମୂଳ ସ୍ତରରେ ଗୁରୁଦାୟିତ୍ୱ ବହନ କରନ୍ତି । ବାଲେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ଟିପିଏନଓଡ଼ିଏଲ ସିଏଫଓ ଶିଲାଦିତ୍ୟ ସେନଗୁପ୍ତା, ମାନବସମ୍ବଳ ବିଭାଗ ମୁଖ୍ୟ ରମେନ୍ଦ୍ର ବଣିକ, ଅଧିକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ, ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର ବେହେରା, ଦେବାଶିଷ ପୁହାଣ, ସୁରକ୍ଷା ବିଭାଗ ମୁଖ୍ୟ ତପନ କୁମାର ପାତ୍ର, ଲୋକସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚାମ୍ପିଅନ୍ସ ଟ୍ରଫି..

ବ୍ୟାଟ୍ସମ୍ୟାନମାନେ ବିଶେଷ ଯୋଗଦାନ ଦେଇପାରିନଥିଲେ । ଫଳରେ ଦଳ ୪୯.୩ ଓଭରରେ ୨୬୪ ରନ୍ କରି ଅଲଆଉଟ୍ ହୋଇଯାଇଥିଲା । ଭାରତ ପକ୍ଷରୁ ସାମି ୩ ୱିକେଟ ନେଇଥିବାବେଳେ ରବୀନ୍ଦ୍ର ଜାଡେଜ ଓ ବରୁଣ ଚକ୍ରବର୍ତ୍ତୀ ଦୁଇଟି ଲେଖାଏଁ ୱିକେଟ ନେଇଥିଲେ ।

### ବିପର୍ଯ୍ୟୟ...

ସରକାର ବିଚାର କରୁଛନ୍ତି । ଯୋଜନା ଅନୁଯାୟୀ ବାତ୍ୟା, ବନ୍ୟା ଅଞ୍ଚଳରେ ଘରର ଫାଉଣ୍ଡେସନ ଉଚ୍ଚା ରଖାଯିବ । ଫଳରେ ବିପର୍ଯ୍ୟୟବେଳେ କ୍ଷୟକ୍ଷତି କମିବ । ନୂଆ ସରକାର ହୋଇଥିବାରୁ ସମସ୍ୟାକୁ ଦେଖି ବୁଝି ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ କହିଥିଲେ । ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ରାଜ୍ୟ ସରକାର ୮ହଜାର ୩୪୯ କୋଟି ୮୦ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି । ପାଖାପାଖି ୨୫ହଜାର ୫୦୦ କୋଟି ଟଙ୍କା ସରକାର ହରାଉଛନ୍ତି । ତେବେ ଏହାର ସ୍ଥାୟୀ ସମାଧାନ ଲାଗି ନୂଆ ସରକାର ପ୍ରସ୍ତୁତ କରୁଥିବା ଖସଡ଼ା କେତେ କାର୍ଯ୍ୟକାରୀ ହେଉଛି ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ।

### ଆଜି ସ୍କୁଲ...

ଏ ସଂପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି । ତେବେ ୫ ତାରିଖରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । କିନ୍ତୁ ଏହି ଦିବସକୁ ସରକାରୀ ଛୁଟି ଭାବେ ଘୋଷଣା କରାଯିବ ନାହିଁ । ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ପଞ୍ଚାୟତିରାଜ ଦିବସ ପାଳନରେ ରହିଥିବା ଭିନ୍ନତା ଏବଂ ଅସଙ୍ଗତିକୁ ଦୂର କରିବା ଲାଗି ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି ।

### ପରିବାରର...

ଘଟାଇଛି । ପୋଲିସ ଏହି ଘଟଣାରେ ଅଭିଯୁକ୍ତ ସୂର୍ଯ୍ୟକାନ୍ତକୁ ଜଗତସିଂହପୁର ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରୁ ଗିରଫ କରିଛି । ପୋଲିସ କହିଛି, ଶବ ଜବତବେଳେ ତିନୋଟି ମୃତ ଶରୀର ରକ୍ତରେ ଜୁଡୁବୁଡୁ ହୋଇଥିବାବେଳେ ସେମାନଙ୍କ ମୁଣ୍ଡ ନଷ୍ଟ ହୋଇଯାଇଛି । ଖବରପାଇ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ଜଗତସିଂହପୁର ଥାନା ଆଇଆଇସି ପ୍ରଭାସ ସାହୁ ପୋଲିସ ଟିମ୍ ଓ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତ ସୂର୍ଯ୍ୟକାନ୍ତକୁ ପଚରାଉଚୁରା କରାଯାଉଛି । ସମ୍ଭବତଃ ପରିବାରବର୍ଗ ନିଶାପାଇଁ ପଇସା ନ ଦେବାରୁ ସୂର୍ଯ୍ୟକାନ୍ତ ଏଭଳି ଘଟାଇଥିବା ପୋଲିସ ସନ୍ଦେହ କରୁଛି ।

### ପ୍ରଥମ ଥରପାଇଁ...

୩୭.୫, ରାଉରକେଲାରେ ୩୫ ଓ ରାଜଧାନୀ ଭୁବନେଶ୍ୱରରେ ୩୬.୪ ଡିଗ୍ରୀ ରେକର୍ଡ ହୋଇଥିବା ସୂଚନା ମିଳିଛି । ଖରାପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଛି । ସେହିପରି ଶ୍ରମିକମାନଙ୍କୁ ଦିନ ୧୧ଟାଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାମ ନ କରିବା ପାଇଁ ପରାମର୍ଶ ଦିଆଯାଇଛି । ବିଭିନ୍ନ ସହରର ବିଭିନ୍ନ ସ୍ଥାନରେ ଜଳଛତ୍ରମାନ ଖୋଲିବା ଆରମ୍ଭ ହୋଇଛି । ଖରାରୁ ତ୍ରାହି ପାଇବା ପାଇଁ ଲୋକେ ସର୍ବତ ଓ ଲସି ଦୋକାନରେ ଭିଡ଼ ଲଗାଉଥିବା ଦେଖିବାକୁ ମିଳିଛି । ଆଗକୁ ତାପମାତ୍ରାର ପରିମାଣ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି । ସେହିପରି ବିଭିନ୍ନ ହସ୍ପିଟାଲରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି ।

## ନନ୍ଦନକାନନରେ ନୂତନ ପ୍ରାଣୀ ସଂଗ୍ରହ ପାଇଁ ସହାୟତା ପ୍ରଦାନ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ନନ୍ଦନକାନନରେ ଜୈବ ବିବିଧତାର ସମୃଦ୍ଧି ପାଇଁ ବିଭିନ୍ନ ଚିଡ଼ିଆଖାନାରୁ ନୂତନ ପ୍ରାଣୀ ସଂଗ୍ରହ ପାଇଁ ପଦକ୍ଷେପ ନିଆଯାଉଛି । ଏଥିସହିତ ପୋଷ୍ୟ ପ୍ରାଣୀ କାର୍ଯ୍ୟକ୍ରମ ଜରିଆରେ ନନ୍ଦନକାନନ ପ୍ରାଣୀମାନଙ୍କର ଯତ୍ନ, ପାଳନପୋଷଣ ଏବଂ ଅନ୍ୟ ଚିଡ଼ିଆଖାନାରୁ ପ୍ରାଣୀ ସଂଗ୍ରହ ପାଇଁ ବିଭିନ୍ନ ଘରୋଇ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ସାମିଲ କରାଯାଉଛି । ଏହି କ୍ରମରେ ମଙ୍ଗଳବାର ସୁନ୍ଦରଗଡ଼ର ମେସର୍ସ ଗୀତାରାଣୀ ମହାନ୍ତି ରାଇକେଲ ଆଇରନ ଓର୍ ମାଇନ୍ସ ପକ୍ଷରୁ ମ୍ୟାନେଜିଂ ପାର୍ଟନର ଶ୍ରୀନିବାସ ସାହୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ସାକ୍ଷାତ କରି ୧ କୋଟି ୬୭ଲକ୍ଷ ୧୭ ହଜାର ୪୦୦ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି ।

**ODISHA LIFT IRRIGTION CORPORATION LIMITED** CAD-2708
(A Government of Odisha Undertaking)
OFFICE OF THE EXECUTIVE ENGINEER, L.I. DIVISION, BHUBANESWAR
e-Mail: eeolicdivn.bbsr@ymail.com Tel. 0674-2391847
e-Procurement Notice

**Bid Identification No. 370 /2024-25 Dt. 27.02.2025**

The Executive Engineer, Lift Irrigation Division, Bhubaneswar on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites percentage Rate bids in online mode for Revival & Re-Energisation of Lift Irrigation Projects in Puri & Khordha district under PLAN FUND 2024-25 in TURNKEY BASIS as mentioned below from the reputed Contractors/ Firms having valid HT license issued by E.L.B.O, Odisha and Civil license as mentioned below with experience in similar nature of work.

1. Nature of work : Execution of work for installation & Re- Energisation of 51 Nos L. I. Projects in different blocks of Puri & Khordha district.
2. Estimated cost : Varies from Rs. 1128034/- to Rs. 3108568/-
3. Period of completion : 90 days .
4. Date & time of availability of bid documents in the portal : 07.03.2025 at 10.00 A.M.
5. Last date & time for receipt of bids in the portal : 17.03.2025. up to 5.00 P.M.
6. Date & time of seeking clarification : 07.03.2025 at 10.00 A.M. to 16.03.2025 up to 5.00 P.M.
7. Opening date & time : 18.03.2025 at 11.00 A.M.
8. Name & address of the officer inviting Bid : Executive Engineer, Lift Irrigation Division, Bhubaneswar

The details of tender are available in the Government tender web site i.e. www.tendersorissa.gov.in. and other related documents are available in the DTCN for bidding. Any Addendum/ corrigendum/ Cancellation of tender will be available in the said website

Sd/-Executive Engineer
L.I. Division, Bhubaneswar
OIPR 32155/11/0010/2425

**NOTIFIED AREA COUNCIL, BHANJANAGAR**
"e" PROCUREMENT NOTICE C-

Tender Reference No - BNJ/EO/6-2024/25
Tender call Notice No- ୳୦୬ Dt. – 03/03/2025
Bid documents consisting of plans, Specifications, the schedule of quantities and the set of terms and conditions of contract and other necessary documents can be seen in the Govt. web site i.e. www.tendersorissa.gov.in

1. Name of the work: Civil Works.
2. No. of Works: 01 No.
3. Bid value: Rs 10.38
4. Period of Work - 03 months.
5. Date and time of availability of the bid documents in the portal: 04.03.2025 at 11A.M. to 5.00 PM. of dt 20.03.2025.
6. Last date of / Time for receipt of bids in the portal: 20.03.2025 up to 5.00 PM
7. Bids received on line shall be opened on 21.03.2025 at 11A.M
8. Name and Address of the officer inviting Bid: Executive Officer, N.A.C., Bhanjanagar.

Further details can be seen from the procurement portal: www.tendersorissa.gov.in
Sd/-
Executive Officer
NAC Bhanjanagar
OIPR 13144/11/0014/2425

ପୌର ପରିଷଦ ହିଞ୍ଜିଳିକାଟୁ
HINJILICUT MUNICIPAL COUNCIL
ହିଞ୍ଜିଳିକାଟୁ, ଜିଲ୍ଲା – ଗଞ୍ଜାମ, ପିନ୍ - ୭୬୧୧୦୨
At – Hinjilicut, Dist.- Ganjam, Pin - 761102
Contact : 06811-280025, Toll Free No.: 1800 123 004 567
Email-hinjilicutmunicipality@gmail.com
hinjilimunicipality@gmail.com
Hinjilicut Municipality, Hinjilicutmunicipality

Letter No- 518 /2025, Date- 03.03.2025 C-

**Quotation Call Notice**

Sealed quotations are invited in two Covers from authorized dealers / Suppliers /Agencies / Civil Contractors for "Supply of Non Core Components & other balance Works for Extention of Administration Building , sale Counter and Co-compost Shed for Hinjilicut Municipality" . The rate should be quoted against the item excluding taxes. The quotationer are essentially required to enclose their GST Registration Certificate, Latest GST Clearance Certificate , PAN card etc. The quotationer shall be required to produce the original copy of the required document before the undersigned at the time of opening of quotation for verification.

The quotationer Should submit EMD in shape of Banker's Cheque / D.D. / TDA/TDR pledged in favour of Executive officer , Hinjilicut Municipality as mentioned detailed below . The Quotation Paper will be available at the cash section from 10 A.M. of dt. 06.03.2025 to 5.00 P.M. of dt.13.03.2025 in the office hour except Holidays .

The quotation should reach the undersigned on or before 5.00 P.M. of dt. 13.03.2025 and the same will be opened on dt. 17.03.2025 at 11.00 A.M. in presence of respective quotationers or their authorized representatives.

The authority reserves the right to accept, reject or cancel any or all the quotations without assigning any reason thereof.

| Sl No | Name and Nature of Work | Paper Cost | EMD Cost |
|---|---|---|---|
| 1 | Supply of Non Core Components for Extention of Administration Building , sale Counter and Co-compost Shed for Hinjilicut Municipality | Rs. 6000/- | Rs.10000/- |

Sd/-Executive Officer
Hinjilicut Municipality
OIPR 13105/11/0011/2425

**OFFICE OF THE SUPERINTENDING ENGINEER, PORTS & INLAND WATER TRANSPORT, CIVILDIVISION, NEAR STPI, AMBAPUA, BERHAMPUR-11**
Phone-0680-2404455/ E-Mail-ees.piwt@yahoo.in JJ-65

**"e" PROCUREMENT NOTICE**

| Sl. No. | Name of work | Approximate value of work (In Rs.) |
|---|---|---|
| 01. | Construction of Kitchen cum Store Room for Crew Training Institute (Campus-I) at Chandbali in Bhadrak District. vide Bid ID No-06/2024-25 | 44,61,577.00 |

03. No. of Covers :- Double Cover
04. Bid Cost :- Rs. 6,000.00
05. Period of Completion :- 11(Eleven) Calendar Months
06. Date & Time of availability of bid document in the portal :- From 07.03.2025 to 17.03.2025upto5.00 PM.
07. Last date & time for receipt of bids in the portal :- 17.03.2025 Up to 5.00 PM
08. Date of opening of bid document (Cover-I) :- 18.03.2025 from 12 Noon onwards
09. Date of transparent lottery process (If situation arises) :- Intimation will be given through online
10. Class of Contractor "B" Class Contractor only
11. Name and address of officer inviting Tender (OIT) :- Superintending Engineer, Ports & Inland Water Transport, Civil Division, Berhampur, Pin-760010, Phone-0680-2404455, e-Mail- ees.piwt@yahoo.in

Further details can be seen from the e-Procurement market place, https//tendersodisha.gov.in. The Addendum / Corrigendum if any will be hosted in the website only.

Sd/-Superintending Engineer
Ports & IWT, Civil Division,
Berhampur
OIPR 38041/11/0004/2425

## ସମ୍ବଲପୁରରେ ଏନ୍‌କାଉଣ୍ଟର
## ଦୁର୍ଦ୍ଦାନ୍ତ ଅପରାଧୀ ମହେଶ ଗୁରୁତର

ସମ୍ବଲପୁର (ଭାସ୍କର ନ୍ୟୁଜ): ସମ୍ବଲପୁର ଅଇଁଠାପାଲି ଥାନା ଅଞ୍ଚଳରେ ପୋଲିସ ଜଣେ ଦୁର୍ଦ୍ଦାନ୍ତ ଅପରାଧୀକୁ ଏନକାଉଣ୍ଟର କରିଛି । ତା ନାମ ମହେଶ କୁମାର ବୋଲି ପୋଲିସ କହିଛି । ମହେଶ ବହୁ ସଙ୍ଗୀନ ଅପରାଧରେ ସଂପୃକ୍ତ ରହି ପୋଲିସକୁ ଚକମା ଦେଖାଉଥିଲା । ତେବେ ସୋମବାର ମହେଶ ବିରୋଧରେ ପୋଲିସ ଏକ ମାମଲା ରୁଜୁ କରିଥିଲା, ଯେଉଁଥିରେ ସେ ମାରଣାସ୍ତ୍ର ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ୪୫ ହଜାର ଟଙ୍କା ଛଡ଼ାଇ ନେଇଥିଲା । ଏହି ଘଟଣାରେ ପୋଲିସ ତାକୁ ଖୋଜୁଥିଲା । ତେବେ ମଙ୍ଗଳବାର ଭୋର ୫.୪୫ ସମୟରେ ଅଇଁଠାପାଲି ଥାନା ଅଞ୍ଚଳରେ ପୋଲିସ ତାକୁ ଧରିବା ପାଇଁ ଉଦ୍ୟମ କଲାବେଳେ ସେ ପୋଲିସ ଉପରକୁ ଗୁଳି ଚଳାଇଥିଲା । ପୋଲିସ ଏହାର ପାଲଟା ଜବାବ ଦେଇଥିଲା । ଗୁଳିଟି ମହେଶର ବାମ ଗୋଡ଼ରେ ବାଜିଥିଲା । ତାକୁ ଚିକିତ୍ସା ପାଇଁ ବୁର୍ଲା ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତା ନିକଟରୁ ୭ ଏମଏମ ପିସ୍ତଲ ଏବଂ ଦୁଇଟି ଖାଲି ଗୁଳି ଓ ନଗଦ ୪୦ ହଜାର ଟଙ୍କା ସହ ବାଇକ୍ ଜବତ କରାଯାଇଛି । ଏବେ ସେ ବିପଦମୁକ୍ତ ଥିବା ପୋଲିସ ସୂଚନା ଦେଇଛି । ସେ ହସ୍ପିଟାଲରୁ ଫେରିବା ପରେ ପୋଲିସ ତାକୁ ପଚରାଉଚୁରା କରିବ ବୋଲି ସୂଚନା ଦେଇଛି ।

**AFFIDAVIT**
By virtue of an Affidavit sworn before the Executive Magistrate, Nimapara Dated 25.02.2025 I, Lipi Behera, W/o-Sukanta Behera At-Hansapada, Po-Chanarpada, PS-Niamapara, Dist-Puri declare that I have changed my minor daughter's name from SITHI PRANGYA BEHERA (Old Name) to STITI PRANGYAN BEHERA (New Name). Hence Forth, my daughter shall be known as STITI PRANGYAN BEHERA (NEW NAME) for all purposes.
(LIPI BEHERA)

**AFFIDAVIT**
I, Pratima Malik, W/o Late Tukuni Malik, residing at Babakarpur, Rajagad, Mahakalpada block of Kendrapara district, have changed my name from Protima Malik to Pratima Malik by virtue of an affidavit sworn in before Executive Magistrate, Athagarh on 03.03.2025. Hence for all purposes, hereinafter I shall be known as Pratima Malik. Both Pratima and Protima (written elsewhere) are one and same person.

**AFFIDAVIT**
By virtue of an Affidavit sworn before the Executive Magistrate, Nimapara Dated 25.02.2025 I, Lipi Behera, W/o-Sukanta Behera At-Talapataka Hansapada, Po-Chanarpada, PS-Niamapara, Dist-Puri declare that I have changed my minor daughter's name from PREET PRANGYA BEHERA (Old Name) to P R E T I P R A N G Y A BEHERA (New Name). Hence Forth, my daughter shall be known as P R E T I P R A N G Y A BEHERA (NEW NAME) for all purposes.
(LIPI BEHERA)

**ପ୍ରଗତିପଥେ ପୌର ପରିଷଦ, ନୟାଗଡ଼**

୧. ନୟାଗଡ଼ ବଲାଙ୍ଗୀ ପାର୍କ ପରିଦର୍ଶନ ପାଇଁ ଦେଶ ଓ ରାଜ୍ୟ ବାହାରୁ ଆସୁଛନ୍ତି ଲୋକ, ସୌଖିନ ପଥରର କାରୁକାର୍ଯ୍ୟ କିଣି ନେଉଛି ମନ । ପ୍ରାକୃତିକ ଶୋଭାରାଜି, ପରିବାରକୁ ଦେଉଛି ଆକର୍ଷଣ । ଶିଶୁ ଉଦ୍ୟାନ ମନଛୁଆଁ ।
୨. କାର୍ଯ୍ୟକ୍ଷମ ହେଉଛି ଜିଲ୍ଲା ପାଠାଗାର "ଅଧ୍ୟୟନ" , ପାଠକଙ୍କ ପାଇଁ ରହିଛି ଅତ୍ୟାଧୁନିକ ବ୍ୟବସ୍ଥା । ପାଠକମାନଙ୍କ ପରିକଳ୍ପନାକୁ ବାସ୍ତବରୂପ ଦେଉଛି ଏହି ସୃଜନଶୀଳ ପାଠାଗାର । ୨୫ ହଜାର ପୁସ୍ତକ, ପତ୍ର ପତ୍ରିକା, ଏ.ସି. ଓ ସି.ସି. କ୍ୟାମେରାରେ ଆହ୍ଲାଦିତ ହୋଇଛି ପାଠାଗାର ।
୩. ସମସ୍ତ ସହରବାସୀଙ୍କୁ ଅନୁରୋଧ, ନିଜର Holding Tax, Building Plan Approval & Trade license ଠିକ ସମୟ ଅବଧି ଭିତରେ କରାଇ ନିଅନ୍ତୁ ।
୪. ନିଜର ଘର ଏବଂ ଦୋକାନ ଗୃହର ୫ ମିଟର ପରିସୀମା ମଧ୍ୟରେ ସଫା ରଖନ୍ତୁ ।
୫. ଆପଣମାନେ ସଠିକ ସମୟରେ ନିଜର ସେପ୍ଟିକ ଟ୍ୟାଙ୍କକୁ ମ୍ୟୁନିସପାଲଟିର ସେସ୍ପୁଲଗାଡ଼ି ମାଧ୍ୟମରେ ସଫା କରାଇ ନିଅନ୍ତୁ ।
୬. Single used plastic ବ୍ୟବହାର କରନ୍ତୁ ନାହିଁ ଏହା ଆପଣଙ୍କ ସ୍ୱାସ୍ଥ୍ୟ ଓ ପରିବେଶ ପ୍ରତି ବିପଦଜନକ ଅଟେ ।
୭. ଆପଣଙ୍କ ଘର ସହିତ ସହରକୁ ମଧ୍ୟ ସୁନ୍ଦର ରଖିବା ପାଇଁ ଯତ୍ନବାନ ହୁଅନ୍ତୁ ।
୮. ସରକାରୀ ଜାଗା କିମ୍ବା ରାସ୍ତାକୁ ଅବରୋଧ କରନ୍ତୁ ନାହିଁ ।
୯. ନିଜର ଗୃହପାଳିତ ଗାଈ ଗୋରୁ ମାନଙ୍କୁ ସହର ଭିତରକୁ ଛାଡନ୍ତୁ ନାହିଁ ।
୧୦. ଆମ ନୟାଗଡ଼ ସହରକୁ ସୌନ୍ଦର୍ଯ୍ୟକରଣ କରିବାପାଇଁ ଆମେ ସମସ୍ତେ ସହଯୋଗ କରିବା ।

ଆସନ୍ତୁ, ସହରର ଯେତେ ସବୁ ଉନ୍ନତିମୂଳକ କାର୍ଯ୍ୟ ହୋଇଛି
ତା'ର ସୁରକ୍ଷା ଦାୟିତ୍ୱ ନେବା, ସଚେତନ ହେବା ଏବଂ ସୁସ୍ଥ ରହିବା ।

ଶ୍ରୀଯୁକ୍ତ ଗୁରୁ ପ୍ରସାଦ ଜେନା, ଉପାଧ୍ୟକ୍ଷ — ଶ୍ରୀଯୁକ୍ତ ଅକ୍ଷୟ କୁମାର ବେହେରା (ଓ.ପ୍ର.ସେ.), କାର୍ଯ୍ୟ ନିର୍ବାହୀ ଅଧିକାରୀ — ଶ୍ରୀମତୀ ନିରୁପମା ଖଟେଇ, ଅଧ୍ୟକ୍ଷା

ଓ ସମସ୍ତ କାଉନସିଲର ବୃନ୍ଦ , ପୌର ପରିଷଦ, ନୟାଗଡ଼

**ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍** IDFC FIRST Bank
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ୍ ଲିମିଟେଡ୍ ସହିତ ମିଶ୍ରଣ)
ସିଆଇଏନ୍:ଏଲ୍୬୫୧୧୦ଟିଏନ୍୨୦୧୪ପିଏଲ୍‌ସି୦୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ: କେଆର୍‌ଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍ ନଂ: +୯୧୪୪୪୫୬ ୪୦୦୦ । ଫାକ୍ସ: +୯୧ ୪୪ ୪୫୬୪ ୪୦୨୨

**ସର୍ବସାଧାରଣ ନୋଟିସ୍**
**ସୁନା ନିଲାମ ତଥା ଆମନ୍ତ୍ରଣ ନୋଟିସ୍**

ନିମ୍ନଲିଖିତ ଋଣଗ୍ରହୀତାମାନେ ଆଇଡିଏଫ୍‌ସି ଫାଷ୍ଟବ୍ୟାଙ୍କ ଲିମିଟେଡରୁ ସୁନା ବଦଳରେ ନେଇଥିବା ଋଣ ବାରମ୍ବାର ନୋଟିସ୍ ସତ୍ତ୍ୱେ ପରିଶୋଧ କରୁନାହାନ୍ତି । ଯେହେତୁ ଋଣଗ୍ରହୀତା ଏହି ଋଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ତେଣୁ ଆମେ ଆସନ୍ତା ୧୩.୦୩.୨୦୨୫ରେ ସେହି ସୁନାଗହଣାଗୁଡ଼ିକୁ ନିଲାମ କରିବା ପାଇଁ ନିଷ୍ପତ୍ତି ନେଇଛୁ । ଯଦି ନିଲାମ ସମୟରେ ଅଧିକ ଅର୍ଥ ମିଳେ ତେବେ ଋଣଗ୍ରହୀତାଙ୍କୁ ବଳକା ଅର୍ଥ ଫେରସ୍ତ କରାଯିବ, ଯଦି ନିଲାମ ଅର୍ଥରେ କମ୍ ଆସେ ତେବେ ବାକିତକ ଅର୍ଥ ଆଇନଗତ ଉପାୟରେ ଋଣଗ୍ରହୀତାଙ୍କଠାରୁ ଆଦାୟ କରାଯିବ । ଆଇଡିଏଫସି ଫାଷ୍ଟବ୍ୟାଙ୍କ କୌଣସି ବିନା ସୂଚନାରେ ତାଙ୍କର ଏକାଉଣ୍ଟକୁ ରିମୁଭ୍ କରିପାରନ୍ତି । ସେହିପରି ଆଇଡିଏଫସି ଫାଷ୍ଟବ୍ୟାଙ୍କ ବିନା ନୋଟିସରେ ନିଲାମ ତାରିଖକୁ ପରିବର୍ତ୍ତନ କରିବାର ଅଧିକାର ରଖିଛନ୍ତି ।

| ଋଣ ଏକାଉଣ୍ଟ ନଂ | ଋଣଗ୍ରହୀତାଙ୍କ ନାମ | ବ୍ରାଞ୍ଚର ନାମ |
|---|---|---|
| ୧୩୬୦୫୨୨୮୪ | ସୁଜାତା ବାରିକ | ଭଞ୍ଜନଗର ବ୍ରାଞ୍ଚ |
| ୧୩୭୨୧୪୫୭୩ | ସୁରେଶ ଚନ୍ଦ୍ର ପୁଥାଳ | ରେମୁଣା ବ୍ରାଞ୍ଚ |

୧୩.୦୩.୨୦୨୫ର ପୂର୍ବାହ୍ନ ୧୨ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନିଲାମ ପ୍ରକ୍ରିୟା ଅନଲାଇନ https://idfcegold.auctiontiger.net ମାଧ୍ୟମରେ କରାଯିବ । http://gold.samil.in ରେ ୧୩.୦୩.୨୦୨୫ ଅପରାହ୍ନ ୩ଟାରୁ ୫ଟା ମଧ୍ୟରେ କରାଯିବ । ତେଣୁ ଏହି ନୋଟିସ ପ୍ରକାଶନ ଜରିଆରେ ଋଣଗ୍ରହୀତାମାନଙ୍କୁ ଶେଷ ନୋଟିସ ଓ ଶେଷ ସୁଯୋଗ ପ୍ରଦାନ କରାଯାଉଅଛି ଯେ ସେମାନେ ଋଣ ପରିଶୋଧ କରିବାର ସୁବିଧା ନିଅନ୍ତୁ, ଯାହାକି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ସହ ରହିଛି । ତେବେ ଯଦି ଋଣଗ୍ରହୀତା ବିଫଳ ହୁଅନ୍ତି ତାଙ୍କ ବନ୍ଧକ ଗହଣାକୁ ନିଲାମ କରାଯିବ । ଦୟାକରି ନୋଟ୍ କରନ୍ତୁ: ଯଦି କୌଣସି କାରଣ ପାଇଁ ଉକ୍ତଦିନ ଏହି ନିଲାମ ସଂପୂର୍ଣ୍ଣ ହୋଇନପାରେ ତେବେ ପରବର୍ତ୍ତୀ ୭ଦିନ ମଧ୍ୟରେ ସମାନ ନିୟମ ଓ ସର୍ତ୍ତ ଅନୁଯାୟୀ ଆଉଥରେ ନିଲାମ ତାରିଖ ଘୋଷଣା କରାଯିବ । ଯଦି ଋଣଗ୍ରହୀତାଙ୍କର ମୃତ୍ୟୁ ହୋଇଥାଏ ତେବେ ଏହି ସମସ୍ତ ନିୟମ ତାଙ୍କର ଉତ୍ତରାଧିକାରୀଙ୍କ କ୍ଷେତ୍ରରେ ଲାଗୁ କରାଯିବ ।
ତାରିଖ:୦୫.୦୩.୨୦୨୫, ସ୍ଥାନ: ଓଡ଼ିଶା

**कार्यालय, कलेक्टर (जिला निर्माण समिति), जिला उत्तर बस्तर- कांकेर**

**-: अल्प कालिन निविदा :-**

एन.आई.टी. क्रमांक / 74 से 78/ जि.नि.स./2024-25 कांकेर, 28.02.2025

एकीकृत पंजीयन प्रणाली अंतर्गत सक्षम श्रेणी में पंजीकृत ठेकेदारों से निम्नलिखित निर्माण कार्य हेतु सक्षम श्रेणी के ठेकेदारों के लिए निम्नानुसार मैनुअल निविदा आमंत्रित की जाती है:-
1. निविदा प्रपत्र हेतु आवेदन प्राप्ति की अंतिम तिथि (रजिस्टर्ड डाक/स्पीड पोस्ट के माध्यम से) - 10/03/2025 (सायं 5:00 बजे तक)
2. आवेदन परीक्षण पश्चात मनी रसीद कटाने की अंतिम तिथि - 11/03/2025 (सायं 05:00 बजे तक)
3. निविदा प्रपत्र वितरण की तिथि - 12/03/2025 (प्रातः 11:00 बजे से)
4. निविदा प्राप्ति की अंतिम तिथि - 19/03/2025 (सायं 05:00 बजे तक)
5. निविदा खोले जाने की तिथि - 22/03/2025 (दोपहर 12:30 बजे से)

इस कार्य की विस्तृत निविदा कार्यालयीन अवधि अंतर्गत कार्यालय में देख सकते हैं।

| क्र. | NIT No. | कार्य का नाम | लागत (लाख में) | धरोहर राशि |
|---|---|---|---|---|
| 1 | 74 | जिलाः- कांकेर के अन्तर्गत पंखाजूर के हास्पिटल परिसर मे प्रतिक्षालय, शौचालय निर्माण, एवं बोर खनन कार्य। | 31.50 | 24,000/- |
| 2 | 75 | नगर पंचायत पंखाजूर में लाईब्रेरी स्थापना हेतु भवन निर्माण कार्य। | 25.00 | 19,000/- |
| 3 | 76 | एल 087 मेनरोड एल 035 से मर्रीपारा (पुसवाड़ा) मार्ग के आर.डी. 6000 मी. में वृहद पुल 4×6 M Slab Culvert निर्माण कार्य | 100.98 | 76,000/- |
| 4 | 77 | सड़क भण्डारीपारा (कांकेर) से घोटिया मार्ग के आर. डी. 6300 मीटर में वृहद पुल 4x6 M Slab Culvert निर्माण कार्य। | 108.73 | 82,000/- |
| 5 | 78 | खेल मैदान परिसर (तिनी स्टेडियम) कांकेर मे मल्टी परपस इंडोर हॉल एवं अन्य आवश्यक कार्य तथा अतिरिक्त खेल मैदान ग्राउंड निर्माण कार्य कांकेर | 207.07 | 1,04,000/- |

G-242505660/9
कलेक्टर,
जिला-उत्तर बस्तर कांकेर



ନୂଆଦିଲ୍ଲୀ: ଗୁଜରାଟ ପୁଲିସର ଏଟିଏସ୍ ଓ ହରିୟାଣା ଏସଟିଏଫ୍ ର ମିଳିତ ଅପରେସନରେ ଧରାପଡ଼ିଥିବା ଆଇଏସ-କେପି ଆତଙ୍କବାଦୀ ଅବଦୁଲ ରେହମାନଙ୍କୁ ନେଇ ଏକ ବଡ଼ ଖୁଲାସା ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଅଯୋଧାରେ ରାମ ମନ୍ଦିର ଉପରେ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର କରିବା ବ୍ୟତୀତ ପ୍ରୟାଗରାଜ କୁମ୍ଭମେଳା ସମୟରେ ଅଶାନ୍ତି ସୃଷ୍ଟି କରିବା ମଧ୍ୟ ଅବଦୁଲ ରେହମାନର ଉଦ୍ଦେଶ୍ୟ ଥିଲା। ତେବେ ପ୍ରୟାଗରାଜରେ ବ୍ୟାପକ ପୁଲିସ ମୁତୟନ ଯୋଗୁଁ ଅବଦୁଲ ରେହମାନର ଯୋଜନା ବିଫଳ ହୋଇଥିଲା। ଅବଦୁଲ ରେହମାନ ମଧ୍ୟ ହାୱାଲା ଜରିଆରେ ଆତଙ୍କବାଦୀ ଆକ୍ରମଣ ପାଇଁ ଅର୍ଥ ଯୋଗାଉଥିଲା। ଏବେ ଏଜେନ୍ସିମାନେ ତା ଟଙ୍କା କାରବାର ଉପରେ ତଦନ୍ତ କରୁଛନ୍ତି । ଅବଦୁଲ ରେହମାନ ପ୍ରାୟ ଦେଢ଼ ବର୍ଷ ହେବ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍ ଆଇ ସହ ଯୋଗାଯୋଗରେ ଥିଲା। ଅବଦୁଲ ରେହମାନ ମଧ୍ୟ ହାୱାଲା ଜରିଆରେ ଆତଙ୍କବାଦୀ ଆକ୍ରମଣ ପାଇଁ ଅର୍ଥ ଯୋଗାଉଥିଲା।

## ବନ୍ୟପ୍ରାଣୀ ସଂରକ୍ଷଣ, ଉଦ୍ଧାର ଏବଂ ଥଇଥାନ ପ୍ରୟାସ 'ବନତାରା' ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଗୁଜରାଟର ଜାମନଗରଠାରେ ଏକ ଅନନ୍ୟ ବନ୍ୟପ୍ରାଣୀ ସଂରକ୍ଷଣ, ଉଦ୍ଧାର ଏବଂ ଥଇଥାନ ପଦକ୍ଷେପ ବନତାରାକୁ ଉଦଘାଟନ କରିଛନ୍ତି। ଅନନ୍ତ ଅମ୍ବାନୀ ଏବଂ ତାଙ୍କ ସହଯୋଗୀମାନଙ୍କର ସହାନୁଭୂତିଶୀଳ ପ୍ରୟାସକୁ ପ୍ରଶଂସା କରି ସେ କହିଛନ୍ତି ଯେ ପରିବେଶଗତ ଦୀର୍ଘସ୍ଥାୟିତ୍ୱ ଏବଂ ବନ୍ୟପ୍ରାଣୀ କଲ୍ୟାଣକୁ ପ୍ରୋତ୍ସାହନ ଦେବା ସହିତ ବନତାରା ପ୍ରାଣୀମାନଙ୍କ ପାଇଁ ଏକ ନିରାପଦ ଆଶ୍ରୟସ୍ଥଳୀ ପ୍ରଦାନ କରିଥାଏ। ଏ ନେଇ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି। ବନତାରା ଭଳି ପ୍ରୟାସ ପ୍ରକୃତରେ ପ୍ରଶଂସନୀୟ, ଯାହା ଆମ ପୃଥିବୀରେ ବସବାସ କରୁଥିବା ଜୀବମାନଙ୍କୁ ସୁରକ୍ଷା ଦେବା ପାଇଁ ଆମର ଶହ ଶହ ବର୍ଷ ପୁରୁଣା ନୈତିକତାର ଏକ ଜୀବନ୍ତ ଉଦାହରଣ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସୂଚନା ଦେଇ କହିଛନ୍ତି ଯେ, ବନତାରାରେ, ମୁଁ ଏସିଡ୍ ଆକ୍ରମଣର ଶିକାର ହୋଇଥିବା ଏକ ହାତୀକୁ ଦେଖିଲି। ହାତୀଟିକୁ ଅତ୍ୟନ୍ତ ଯତ୍ନ ସହକାରେ ଚିକିତ୍ସା କରାଯାଉଥିଲା। ଅନ୍ୟ କିଛି ହାତୀମାନେ ମଧ୍ୟ ଥିଲେ, ଯେଉଁମାନେ ଅନ୍ଧ ହୋଇଯାଇଥିଲେ। ଦୁଃଖର କଥା ହେଉଛି ମାହୁନ୍ତଙ୍କ ନିର୍ଯାତନାର ଶିକାର ହୋଇ ସେମାନଙ୍କ ଅବସ୍ଥା ଏପରି ହୋଇଥିଲା। ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଗୋଟିଏ ହାତୀକୁ ଧକ୍କା ଦେଇଥିଲା। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସୃଷ୍ଟି କରିଥାଏ। ମଣିଷ କିପରି ଏତେ ଅସାବଧାନତା ଏବଂ ନିଷ୍ଠୁର ହୋଇପାରିବେ ଆସନ୍ତୁ ଏପରି ଦାୟିତ୍ୱହୀନତାର ଅନ୍ତ କରିବା ଏବଂ ପ୍ରାଣୀମାନଙ୍କ ପ୍ରତି ଦୟା ଉପରେ ଧ୍ୟାନ ଦେବା। ଅନ୍ୟ କେତେକ ଘଟଣା ମଧ୍ୟ ଥିଲା। ଗାଡ଼ି ଧକ୍କା କାରଣରୁ ଗୋଟିଏ ସିଂହୀର ମେରୁଦଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ତା'ର ଉପଯୁକ୍ତ ଯତ୍ନ ନିଆଯାଉଥିଲା। ନିଜ ପରିବାର ଦ୍ୱାରା ପରିତ୍ୟକ୍ତ ଏକ କଲରାପତରିଆ ବାଘ ଶାବକ ଉପଯୁକ୍ତ ପୋଷଣ ଯତ୍ନ ସହିତ ଏକ ନୂତନ ଜୀବନ ପାଇଲା। ଏଭଳି ଅନେକ ପ୍ରାଣୀମାନଙ୍କର ଯତ୍ନ ନେଉଥିବାରୁ ମୁଁ ବନତାରାର ଦଳକୁ ପ୍ରଶଂସା କରୁଛି।

## ୨୦୨୭ ସୁଦ୍ଧା ୨୫ ହଜାରକୁ ବୃଦ୍ଧି ପାଇବ ଜନଔଷଧୀ କେନ୍ଦ୍ର

ନୂଆଦିଲ୍ଲୀ: ନୀତି ଆୟୋଗ ସଦସ୍ୟ ଭିକେ ପଲ୍ କହିଛନ୍ତି ଯେ ଜନଔଷଧୀ କେନ୍ଦ୍ର ଗୁଡ଼ିକ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ସରକାର ଏକ ଅଭିଯାନ ଉପରେ କାର୍ଯ୍ୟ କରୁଛନ୍ତି। ଆଗାମୀ ଜନଔଷଧୀ ଦିବସ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ ଜନଔଷଧୀ କେନ୍ଦ୍ରଗୁଡ଼ିକରେ ପାଖାପାଖି ଦୁଇ ହଜାର ଔଷଧ ଓ ୩ ଶହ ଅସ୍ତ୍ରୋପଚାର ଉପକରଣ ଉପଲବ୍ଧ ରହିଛି। ଲୋକଙ୍କୁ ସୁଲଭ ମୂଲ୍ୟରେ ଉନ୍ନତମାନର ଔଷଧ ଯୋଗାଇବା ଏହି ଦୋକାନଗୁଡ଼ିକର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଶ୍ରୀ ପଲ୍ କହିଛନ୍ତି ଯେ ଦେଶରେ ପ୍ରାୟ ୧୫ ହଜାର ଜନଔଷଧୀ କେନ୍ଦ୍ର ରହିଛି ଏବଂ ୨୦୨୭ ସୁଦ୍ଧା ଏହାକୁ ୨୫ ହଜାରକୁ ବୃଦ୍ଧି କରାଯିବ।

### 'ଭିଜିଟର୍ସ କନଫରେନ୍ସ' ଉଦ୍‌ଯାପିତ

## ଜାତୀୟ ଶିକ୍ଷା ନୀତିକୁ କାର୍ଯ୍ୟକାରୀ କରିବା ରାଷ୍ଟ୍ରୀୟ ମିଶନ ହେଉ: ଧର୍ମେନ୍ଦ୍ର




ନୂଆଦିଲ୍ଲୀ: ଭାରତର ଶିକ୍ଷାକୁ ଆକାର ଦେବାର ଦାୟିତ୍ୱ ଆମ କାନ୍ଧ ଉପରେ ନ୍ୟସ୍ତ ରହିଛି । ତେଣୁ ଜାତୀୟ ଶିକ୍ଷା ନୀତି - ୨୦୨୦କୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରିବା ଆମର ରାଷ୍ଟ୍ରୀୟ ମିଶନ ହେବା ହେବା ଦରକାର ବୋଲି ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ 'ଭିଜିଟର୍ସ କନଫରେନ୍ସ-୨୦୨୪-୨୫ର ଉଦଯାପନୀ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରାଷ୍ଟ୍ରପତି ଭବନରେ ଆୟୋଜିତ ଏହି ଅଧିବେଶନରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭିଜିଟର୍ସ କନଫରେନ୍ସରେ ସକ୍ରିୟ ଯୋଗଦାନ ଏବଂ ଫଳପ୍ରଦ ଆଲୋଚନା ପାଇଁ ଆମର ଶିକ୍ଷାବିତ୍ ନେତୃତ୍ୱମାନଙ୍କୁ ଧନ୍ୟବାଦ । ସେମାନଙ୍କର ବିବିଧ ଦୃଷ୍ଟିକୋଣ ଏବଂ ଭବିଷ୍ୟତବାଦୀ ଚିନ୍ତାଧାରା ଏହି ସଂଗମକୁ ସମୃଦ୍ଧ କରିଛି ଏବଂ ଆମ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରିଛି । ଏହି ଦୁଇ ଦିବସୀୟ ଅଧିବେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମାର୍ଗଦର୍ଶନ ଓ ପ୍ରେରଣା ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ। ଛାତ୍ରଛାତ୍ରୀମାନେ ଆମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଷ୍ଟେକହୋଲଡର ଅଟନ୍ତି । ସେମାନେ ହେଉଛନ୍ତି ଆମ ଶିକ୍ଷା ବ୍ୟବସ୍ଥାର ମେରୁଦଣ୍ଡ । ଆମେ ଛାତ୍ରଛାତ୍ରୀଙ୍କ ଆଗ୍ରହ ଥିବା ବିଷୟ ଗୁଡ଼ିକୁ କେବେ ବି ଭୁଲିବା ଉଚିତ୍ ନୁହେଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କହିବାନୁସାରେ ଆମର ଛାତ୍ରଛାତ୍ରୀଙ୍କ ଶିକ୍ଷାରେ ପୁଞ୍ଜିନିବେଶ କରିବା ଆବଶ୍ୟକତା ରହିଛି। ପ୍ରକାଶ ଥାଉ କି, ରାଷ୍ଟ୍ରପତି ଭବନରେ ଦୁଇ ଦିନିଆ ଭିଜିଟର୍ସ କନଫରେନ୍ସ ସମାପ୍ତ ହୋଇଛି। ଏହି ସମ୍ମିଳନୀରେ ଏକାଡେମିକ୍ ପାଠ୍ୟକ୍ରମରେ ସୁଗମତା, କ୍ରେଡିଟ୍ ସେୟାରିଂ ଏବଂ କ୍ରେଡିଟ୍ ଟ୍ରାନ୍ସଫର ସହିତ ଏକାଧିକ ପ୍ରବେଶ ଏବଂ ପ୍ରସ୍ଥାନ ବିକଳ୍ପ ଉପରେ ଆଲୋଚନା କରାଯାଇଥିଲା । ଅନ୍ତର୍ଜାତୀୟକରଣ ପ୍ରୟାସ ଏବଂ ସହଯୋଗ; ଗବେଷଣା, ଉଦ୍ଭାବନ, ପ୍ରଭାବଶାଳୀ ଛାତ୍ରଛାତ୍ରୀ ଚୟନ ପ୍ରକ୍ରିୟା ଏବଂ ଜାତୀୟ ଶିକ୍ଷା ନୀତିର ବିଭିନ୍ନ ଦିଗ ମାନ୍ୟବର ରାଷ୍ଟ୍ରପତିଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା।

## ଏଣିକି ଦୃଷ୍ଟିବାଧିତ ହୋଇବେ ଜଜ୍: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ସୁପ୍ରିମକୋର୍ଟ ଦୃଷ୍ଟିହୀନ ବ୍ୟକ୍ତିମାନଙ୍କୁ ନ୍ୟାୟିକ ସେବାରେ ଯୋଗଦେବାକୁ ଅନୁମତି ଦେଇ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। କୋର୍ଟ ମଧ୍ୟପ୍ରଦେଶ ନ୍ୟାୟିକ ସେବା ନିୟମ (୬ଏ)କୁ ରଦ୍ଦ କରି କହିଛନ୍ତି ଯେ ପ୍ରାର୍ଥୀଙ୍କୁ ତାଙ୍କର ଅକ୍ଷମତାକୁ ଆଧାର କରି କୌଣସି ସୁଯୋଗରୁ ବଞ୍ଚିତ କରାଯାଇପାରିବ ନାହିଁ। ତେବେ ଏହା ସମାନତା ଏବଂ ଅନ୍ତର୍ଭୁକ୍ତିକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅଟେ। ଜଷ୍ଟିସ୍ ଜେ.ବି. ପାରଡିୱାଲା ଏବଂ ଜଷ୍ଟିସ୍ ଆର. ମହାଦେବନଙ୍କ ଖଣ୍ଡପୀଠ କିଛି ଆବେଦନକୁ ନଜରରେ ରଖି ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ଘଟଣା ମଧ୍ୟପ୍ରଦେଶର। ଯେଉଁଠାରେ ଜଣେ ମହିଳା ଏହି ନିୟମକୁ ଚ୍ୟାଲେଞ୍ଜ କରିଥିଲେ କାରଣ ତାଙ୍କର ଦୃଷ୍ଟିହୀନ ପୁଅ ନ୍ୟାୟିକ ସେବାରେ ଯୋଗ ଦେବାକୁ ଚାହୁଁଥିଲେ ମଧ୍ୟ ସେ ଅଂଶଗ୍ରହଣ କରିପାରିନଥିଲା।

## ବିଷ୍ଣୁଦେବଙ୍କୁ ଭେଟିଲେ ଛତିଶଗଡ ଶ୍ରମଜୀବୀ ସାମ୍ବାଦିକ ସଂଘ ପ୍ରତିନିଧିମଣ୍ଡଳୀ



ରାୟପୁର: ମଙ୍ଗଳବାର ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଛତିଶଗଡ ଶ୍ରମଜୀବୀ ସାମ୍ବାଦିକ ସଂଘର ପ୍ରତିନିଧିମଣ୍ଡଳୀ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ସାମ୍ବାଦିକମାନଙ୍କ ଲାଗି ବଜେଟ୍‌ରେ ସହାୟତା ବ୍ୟବସ୍ଥା କରାଯିବା ପାଇଁ ସେମାନେ ଦାବି ଉପସ୍ଥାପନ କରିବା ସହ ସାମ୍ବାଦିକଙ୍କ ସୁରକ୍ଷା ନେଇ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀ ସାଏ କହିଥିଲେ ଯେ, ରାଜ୍ୟରେ ସାମ୍ବାଦିକ ସମ୍ମାନ ନିଧି କାର୍ଯ୍ୟକ୍ରମ ଖୁବ୍ ଶୀଘ୍ର ଆରମ୍ଭ କରାଯିବ। ଏହି ଯୋଜନାରେ ପ୍ରତି ମାସ ପୂର୍ବରୁ ୧୦ହଜାର ଟଙ୍କା ପ୍ରଦାନ କରାଯାଉଥିବା ବେଳେ ଏବେ ଏହାକୁ ୨୦ହଜାର କରିବା ପାଇଁ ବ୍ୟବସ୍ଥା କରାଯାଉଛି। ସେହିପରି ରାୟପୁରରେ ଥିବା ପ୍ରେସ୍ କ୍ଲବ ଭବନର ବିସ୍ତାର ପାଇଁ ଏହାକୁ ଅଧିକ ବୃଦ୍ଧି କରିବା ଲାଗି ୧କୋଟି ଟଙ୍କା ମଞ୍ଜୁର କରାଯାଇଥିବା ଶ୍ରୀ ସାଏ ସୂଚନା ଦେଇଥିଲେ। ଏହି ଅବସରରେ ପ୍ରତିନିଧିମଣ୍ଡଳୀ ଛତିଶଗଡ ଅର୍ଥମନ୍ତ୍ରୀ ଓପି ଚୌଧୁରୀଙ୍କୁ ପ୍ରଶଂସା କରିବା ସହ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଛତିଶଗଡ ଶ୍ରମଜୀବୀ ସାମ୍ବାଦିକ ସଂଘର ଅଧ୍ୟକ୍ଷ ଅରବିନ୍ଦ ଅବସ୍ଥି, ସଂଯୋଜକ ରାଜେଶ ମିଶ୍ରା, ଉପାଧ୍ୟକ୍ଷ ଭରତ ଯୋଗୀ ଏବଂ ମୋହନ ତିୱାରୀ ତଥା ଜିଲ୍ଲା ଅଧ୍ୟକ୍ଷ ରାମ ସାହୁ ଉପସ୍ଥିତ ରହିଥିଲେ।

## ଇସ୍ରାଏଲ-ହମାସ ଅସ୍ତ୍ରବିରତି ଚୁକ୍ତି: ଇସ୍ରାଏଲ ରଖିଲା ନୂଆ ସର୍ତ୍ତ

ନୂଆଦିଲ୍ଲୀ : ପାଲେଷ୍ଟାଇନ ସଶସ୍ତ୍ର ସଙ୍ଗଠନ ହମାସ ସହ ଗାଜାରେ ପରବର୍ତ୍ତୀ ପର୍ଯ୍ୟାୟ ଅସ୍ତ୍ରବିରତି ଚୁକ୍ତି ପାଇଁ ଇସ୍ରାଏଲ ସର୍ତ୍ତ ରଖିଛି। ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ଇସ୍ରାଏଲ ବୈଦେଶିକ ମନ୍ତ୍ରୀ ଗିଡିଓନ ସାଆର କହିଛନ୍ତି ଯେ ଜାନୁଆରୀରେ କାର୍ଯ୍ୟକାରୀ ହୋଇଥିବା ଅସ୍ତ୍ରବିରତି ଚୁକ୍ତିର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ପାଇଁ ତେଲ ଅବିବ ଗାଜା ଉପତ୍ୟକାର ଅସାମରିକୀକରଣ, ହମାସ ଶାସନର ଅନ୍ତ ଏବଂ ସେମାନଙ୍କ ବନ୍ଧକଙ୍କୁ ଫେରାଇ ଆଣିବାକୁ ଦାବି କରିଛି। ସେ କହିଛନ୍ତି, ଦ୍ୱିତୀୟ ପର୍ଯ୍ୟାୟରେ ଏପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ କୌଣସି ବୁଝାମଣା ହୋଇନାହିଁ, କିନ୍ତୁ ଯଦି ହମାସ ଏହି ଦାବିରେ ରାଜି ହୁଏ, ତେବେ ସେମାନେ ଆସନ୍ତାକାଲି ଏହି ଚୁକ୍ତିକୁ କାର୍ଯ୍ୟକାରୀ କରିପାରିବେ। ରବିବାର ସକାଳୁ ଗାଜାକୁ ମାନବିକ ସହାୟତା ବନ୍ଦ କରିବା ପାଇଁ ଇସ୍ରାଏଲର ପଦକ୍ଷେପ ବିଷୟରେ ଇସ୍ରାଏଲ ବୈଦେଶିକ ମନ୍ତ୍ରୀ ଦାବି କରିଛନ୍ତି ଯେ ହମାସ ନିଜ ଉଦ୍ଦେଶ୍ୟରେ ଏହି ସହାୟତାକୁ ବ୍ୟବହାର କରୁଛି। ଅନ୍ୟପକ୍ଷରେ ହମାସର ବରିଷ୍ଠ ଅଧିକାରୀ ମହମ୍ମଦ ମର୍ଦାବି ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ ଇସ୍ରାଏଲ କେବଳ କଏଦୀ ବିନିମୟ ଚୁକ୍ତି ମାଧ୍ୟମରେ ନିଜର ବନ୍ଦୀମାନଙ୍କୁ ଫେରାଇ ଆଣିବାରେ ସକ୍ଷମ ହେବ। ହମାସ ଓ ଇସ୍ରାଏଲ ମଧ୍ୟରେ ହୋଇଥିବା ତିନି ପର୍ଯ୍ୟାୟ ବୁଝାମଣାର ପ୍ରଥମ ୪୨ ଦିନିଆ ପର୍ଯ୍ୟାୟ, ଯେଉଁଥିରେ ମାନବୀୟ ସହାୟତା ବୃଦ୍ଧି ଅନ୍ତର୍ଭୁକ୍ତ ଥିଲା, ଶନିବାର ଶେଷ ହୋଇଛି। ଏହି ଚୁକ୍ତି ଅନୁଯାୟୀ, ଉଭୟ ପକ୍ଷ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା କରିବେ ବୋଲି ଆଶା କରାଯାଉଥିଲା, ଯେଉଁଥିରେ ଇସ୍ରାଏଲ ପ୍ରତ୍ୟାହାର ଏବଂ ସ୍ଥାୟୀ ଅସ୍ତ୍ରବିରତି ବଦଳରେ ହମାସ୍ ଅବଶିଷ୍ଟ ଡଜନାଧିକ ବନ୍ଧକଙ୍କୁ ମୁକ୍ତ କରିବ।

# ବାଣିଜ୍ୟ




ରାଉରକେଲା (ଭାସ୍କର ନ୍ୟୁଜ) : ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି ), ରାଞ୍ଚି ସ୍ଥିତ ଲିଡ୍ସ ସହଯୋଗରେ, ନୂଆଗାଁ ଗ୍ରାମର ୨୦ ଜଣ ବଞ୍ଚିତ ଶ୍ରେଣୀର ମହିଳାଙ୍କ ପାଇଁ କନ୍ଥା ସିଲେଇ ଏବଂ କପଡ଼ା ଚିତ୍ରକଳା ଉପରେ ଏକ ତିନି ମାସିଆ ଜୀବିକା ସୃଷ୍ଟିକାରୀ ସିଲେଇ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହାର ଉଦଘାଟନୀ ସମାରୋହର ଏଚଆର ବିଭାଗର ସିଜିଏମ୍ ଶ୍ରୀମନ୍ତ ପଣ୍ଡା, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ନୂଆଗାଁ ବ୍ଲକର ବିଡିଓ ଜ୍ୟୋତି ବିକାଶ ଦାଶ, ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସିଏସଆର ବିଭାଗର ଜିଏମ୍ ଇନଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା, ଲିଡ୍ସର ନିର୍ଦ୍ଦେଶକ ଏ କେ ସିଂହ ଏବଂ ବ୍ଲକ କାର୍ଯ୍ୟାଳୟର ଅନ୍ୟ ବହୁ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମଟି ଫେବୃଆରୀ ୨୪ ତାରିଖରେ ନୂଆଗାଁ ବ୍ଲକର ଆଇସିଡିଏସ ଆଲୋଚନା କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀ ପଣ୍ଡା ପାରମ୍ପରିକ ହସ୍ତଶିଳ୍ପକୁ ଆଧୁନିକ ବଜାର ସୁଯୋଗ ସହିତ ସଂଯୋଜିତ କରି ଗ୍ରାମୀଣ ମହିଳାମାନଙ୍କ ମଧ୍ୟରେ ଆର୍ଥିକ ସ୍ୱଚ୍ଛଳତା ଆଣିବାରେ ଏପରି ତାଲିମର ସମ୍ଭାବନା ଉପରେ ଆଲୋକପାତ କରିଥିଲେ।

## ଆକ୍ସିସ ବ୍ୟାଙ୍କ ପକ୍ଷରୁ 'ୱାନ ଆକ୍ସିସ ସିଏସ୍‌ଆର୍ ଭିଜନ' ଉନ୍ମୋଚିତ



ନୂଆଦିଲ୍ଲୀ : ଆକ୍ସିସ ବ୍ୟାଙ୍କ ପକ୍ଷରୁ ଏହାର ଏନଜିଓ ସହଯୋଗୀ ଓ ଆକ୍ସିସ ଗ୍ରୁପର ନେତୃତ୍ୱ ଟିମ ସହ ମିଶି 'ଅଭିଶରଣ ୨୦୨୫' ଆୟୋଜନ କରାଯାଇଥିଲା। ସେଥିରେ କମ୍ପାନି ପକ୍ଷରୁ ଏହାର ସାମାଜିକ ପ୍ରଭାବ ସମ୍ପର୍କିତ 'ୱାନ ଆକ୍ସିସ ସିଏସଆର ଭିଜନ'କୁ ଉନ୍ମୋଚନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ପକ୍ଷରୁ 'ମିସନ ୨ ମିଲିଅନ' ଅଭିଯାନର ସଫଳତା ପୂର୍ବକ ସମ୍ପାଦନକୁ ପାଳନ କରାଯାଇଥିଲା ଏବଂ 'ମିସନ ୪ ମିଲିଅନ'ର ଶୁଭାରମ୍ଭ କରାଯାଇଥିଲା। ଏହି ଅଭିଯାନରେ ଆଉ ୨ ନିୟୁତ ଅନଗ୍ରସର ପରିବାରକୁ ସ୍ଥାୟୀ ଜୀବନଜୀବିକା, ଆର୍ଥିକ ସଶକ୍ତୀକରଣ ଓ ଦକ୍ଷତା ବିକାଶ ସୁବିଧା ପ୍ରଦାନ କରାଯିବ। ଅଭିଶରଣ ୨୦୨୫ରେ ଅତିଥି ଭାବେ ଆକ୍ସିସ ବ୍ୟାଙ୍କ ଫାଉଣ୍ଡେସନର ଅଧ୍ୟକ୍ଷ ଏସ ରାମାଦୋରାଇ, ଆକ୍ସିସ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମୁନିଷ ଶାରଦା, ଗ୍ରୁପ ଏକଜିକ୍ୟୁଟିଭ-ଷ୍ଟ୍ରାଟେଜିକ ପ୍ରୋଗ୍ରାମ ଆଣ୍ଡ ସଷ୍ଟେନେବିଲିଟି ବିଜୟ ମୁଲବାଗଲ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୭୦ରୁ ଅଧିକ ଏନଜିଓ ସହଯୋଗୀଙ୍କ ବରିଷ୍ଠ ଅଧିକାରୀ ଭାଗ ନେଇଥିଲେ। ଏହା ବ୍ୟତୀତ ଏଚଏସବିସିର ଏମଡି ତଥା ଗ୍ଲୋବାଲ ହେଡ-ଫିଲାନଥ୍ରୋପି ଆଣ୍ଡ ସଷ୍ଟେନେବିଲିଟି ଆଲୋକା ମଜୁମଦାର, ଟାଟା ଟ୍ରଷ୍ଟର ଉପଦେଷ୍ଟା ତଥା ସର୍ଚର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ଆନନ୍ଦ ବାଙ୍ଗ, ସେଲକୋ ଫାଉଣ୍ଡେସନର ସିଇଓ ହରିଶ ହାଣ୍ଡେ ଓ କେୟାରିଂ ଫ୍ରେଣ୍ଡସର ସହ ପ୍ରତିଷ୍ଠାତା ନିମେଶ ସୁମତି ଉପସ୍ଥିତ ଥିଲେ। ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ଏକଜିକ୍ୟୁଟିଭ୍ ଷ୍ଟ୍ରାଟେଜିକ୍ ପ୍ରୋଗ୍ରାମସ ଆଣ୍ଡ ସଷ୍ଟେନେବିଲିଟି ବିଜୟ ମୁଲବାଗଲ କହିଛନ୍ତି, ଯେ, 'ଅଭିଶରଣ ୨୦୨୫ ଆମର ଅତୀତର ସଫଳତାକୁ ପାଳନ କରିବା ଏବଂ ସ୍ଥାୟୀ ସାମାଜିକ ପ୍ରଭାବ ସୃଷ୍ଟି କରିବା ପାଇଁ ଆମର ଅତୁଟ ପ୍ରତିବଦ୍ଧତାକୁ ଦୋହରାଇବାର ଏକ ଅବସର। ଶିକ୍ଷା, ପରିବେଶ, ସ୍ୱାସ୍ଥ୍ୟସେବା, ଜୀବିକା ଏବଂ କ୍ରୀଡ଼ା ଭଳି ସାତଟି ପ୍ରମୁଖ ସ୍ତମ୍ଭ ଉପରେ ଗୁରୁତ୍ୱ ଦେଉଥିବା ଆମର ଏକ ଆକ୍ସିସ୍ ସିଏସ୍‌ଆର୍ ଭିଜନ ଦ୍ୱାରା ଆମେ ପରିଚାଳିତ। ଆକ୍ସିସ ବ୍ୟାଙ୍କ ଫାଉଣ୍ଡେସନର ସିଇଓ ତଥା କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ଧ୍ରୁବୀ ଶାହ କହିଛନ୍ତି ଯେ, 'ମିସନ ୨ମିଲିଅନ ଆମ ସହଯୋଗୀ ସଂଗଠନର ଶକ୍ତି, ସହଯୋଗ ଏବଂ ଗୋଷ୍ଠୀ ନେତୃତ୍ୱାଧୀନ ପରିବର୍ତ୍ତନନର ଅତୁଟ ବିଶ୍ୱାସ ଉପରେ ଗଠନ ହୋଇଥିଲା । ମିସନ ୪ ମିଲିଅନ ସହ ଆଗକୁ ବଢୁଥିବା ବେଳେ ଆମେ ଦକ୍ଷତା ବୃଦ୍ଧି ଏବଂ ଆନ୍ତଃକ୍ଷେତ୍ର ସହଯୋଗିତା ମାଧ୍ୟମରେ ଆମର ପ୍ରଭାବକୁ ଗଭୀର କରିବାକୁ ଚେଷ୍ଟା କରିବୁ।'

## ୟୁନିଭର୍ସାଲ୍ ଟ୍ରାକ୍ଟର ଟ୍ରାନ୍ସମିସନ୍ ଅଏଲ୍‌ର ଶୁଭାରମ୍ଭ




ନୂଆଦିଲ୍ଲୀ: ଟ୍ରାକ୍ଟର ୱେଟ୍ ବ୍ରେକ୍ ସିଷ୍ଟମ୍ ପାଇଁ ଅଗ୍ରଣୀ ଅରିଜିନାଲ୍ ଇକ୍ୱିପ୍‌ମେଟ ନିର୍ମାତା (ଓଇଏମ୍) ବ୍ରେକ୍ସ ଇଣ୍ଡିଆ (ଟିଏସ୍‌ଏଫ୍ ଗ୍ରୁପର ଅଂଶ) ଆଜି ରେଭିଆ ୟୁଟିଟିଓ (ୟୁନିଭର୍ସାଲ୍ ଟ୍ରାକ୍ଟର ଟ୍ରାନ୍ସମିସନ୍ ଅଏଲ୍)ର ଶୁଭାରମ୍ଭ କରି ଟ୍ରାକ୍ଟର ତୈଳ ବଜାରରେ ପ୍ରବେଶ କରିଛି। ଏହି ରଣନୈତିକ ପଦକ୍ଷେପ ବଢୁଥିବା ଟ୍ରାକ୍ଟର ସେଗମେଟ୍‌ରେ କଂପାନିର ସ୍ଥିତିକୁ ଆହୁରି ସୁଦୃଢ଼ କରିବା ସହ ଏହାର ରେଭିଆ ବ୍ରାଣ୍ଡ ପୋର୍ଟଫୋଲିଓକୁ ବିସ୍ତାର କରିଛି। ରେଭିଆ ୟୁଟିଟିଓ ହେଉଛି ଟ୍ରାନ୍ସମିସନ ସିଷ୍ଟମ, ଓଦା ବ୍ରେକ୍, ହାଇଡ୍ରୋଲିକ୍ସ ଏବଂ ଆଧୁନିକ ଟ୍ରାକ୍ଟରର ଚୂଡ଼ାନ୍ତ ଡ୍ରାଇଭ୍‌ରେ ବ୍ୟବହାର ପାଇଁ ଏକ ଉଚ୍ଚ-କାର୍ଯ୍ୟଦକ୍ଷତା ସାର୍ବଜନୀନ ଲୁବ୍ରିକେଟ୍। ସୁରୁଖୁରୁରେ, ଶବ୍ଦ ମୁକ୍ତ ବ୍ରେକ୍ ଅପରେସନ୍ ପ୍ରଦାନ କରିବା ପାଇଁ ପ୍ରସ୍ତୁତ, ରେଭିଆ ୟୁଟିଟିଓ ଏପିଆଇ ଜିଏଲ୍ ୪ ମାନକପୂରଣ କରେ, ଯାହା ଗୁଣବତା ଏବଂ ବିଶ୍ୱସନୀୟତାକୁ ସୁନିଶ୍ଚିତ କରେ । ଏହାବ୍ୟତୀତ, ଏହି ଫର୍ମୁଲେସନ ଅତ୍ୟଧିକ ପରିସ୍ଥିତିରେ କ୍ଷୟ ସୁରକ୍ଷା ଏବଂ ସ୍ଥିର କାର୍ଯ୍ୟଦକ୍ଷତା ପ୍ରଦାନ କରିଥାଏ, ଯାହା ବ୍ରେକ୍ ଏବଂ ଟ୍ରାନ୍ସମିସନ ସିଷ୍ଟମର ଦୀର୍ଘାୟୁରେ ଯୋଗଦାନ କରିଥାଏ। ବ୍ରେକ୍ସ ଇଣ୍ଡିଆର ବରିଷ୍ଠ ଉପାଧ୍ୟକ୍ଷ ତଥା ଆଫ୍ଟରମାର୍କେଟ୍ ବିଜନେସ୍ ୟୁନିଟ୍‌ର ମୁଖ୍ୟ ସୁଜିତ ନାୟକ କହିଛନ୍ତି, 'ୱେଟ୍ ବ୍ରେକ୍ ସିଷ୍ଟମ୍ସ ଅଗ୍ରଣୀ ଓଇଏମ୍ ନିର୍ମାତା ଭାବେ ବ୍ରେକ୍ସ ଇଣ୍ଡିଆ ଟ୍ରାକ୍ଟର୍ ଅଏଲ୍ କ୍ଷେତ୍ରରେ ନିଜର ସ୍ଥିତି ସୁଦୃଢ଼ କରିବା ପାଇଁ ସକ୍ଷମ।

## ବିଓପିଏଲ୍ ନାଇଲନ୍ ଫିଲ୍ମସ୍ ଉନ୍ମୋଚିତ



ନୂଆଦିଲ୍ଲୀ: ଭାରତର ସବୁଠାରୁ ବଡ଼ ଫ୍ଲେକ୍ସିବଲ୍ ପ୍ୟାକେଜିଂ କମ୍ପାନି ଜିନ୍ଦଲ ପଲି ଫିଲ୍ମସ୍ ଲିମିଟେଡ୍‌ର ସହାୟକ ସଂସ୍ଥା ଜେପିଏଫ୍‌ଏଲ୍ ଫିଲ୍ମସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଭାରତରେ ପ୍ରଥମ ଭାବରେ ବାଇଆକ୍ସିଆଲି ଓରିଏଟେଂଡ୍ ପଲିଆମାଇଡ୍ (ବିଓପିଏଲ) ନାଇଲନ୍ ଫିଲ୍ମର ଶୁଭାରମ୍ଭ ଘୋଷଣା କରାଯାଇଛି। ଜେପିଏଫ୍‌ଏଲ୍ ଫିଲ୍ମସ୍ ପ୍ରାଇଭେଟ୍ ଲିମିଟେଡ୍ ନାସିକ୍‌ରେ ଥିବା ନିଜର ଆଧୁନିକ କାରଖାନାରେ ୧୨୦ କୋଟି ଟଙ୍କା ବିନିଯୋଗ କରିଛି। ଏହି ବିଓପିଏ ନାଇଲନ୍ ଫିଲ୍ମର ଉନ୍ମୋଚନ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପ ସହିତ ସମନ୍ୱିତ ରହିଛି ଏବଂ କମ୍ପାନିର ଅଭିବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ନୂତନ ଉତ୍ପାଦର ଶୁଭାରମ୍ଭ କମ୍ପାନିର ନିର୍ମାଣ ପ୍ରକ୍ରିୟାରେ ପ୍ରଯୁକ୍ତିଗତ ଉନ୍ନତି ଏବଂ ବିନିର୍ମାଣ ପ୍ରକ୍ରିୟାରେ ନବସୃଜନ, ଗୁଣବତା ବୃଦ୍ଧି କରିବା, ଖର୍ଚ୍ଚରେ ଉନ୍ନତି ଏବଂ ଗ୍ରାହକଙ୍କ ତୁଷ୍ଟି ବୃଦ୍ଧି କରିବା ପାଇଁ କମ୍ପାନିର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ବିନିଯୋଗ ଭାରତୀୟ ବଜାର ପ୍ରତି କମ୍ପାନିର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଉଛି। ଜେପିଏଫ୍‌ଏଲ୍ ଫିଲ୍ମସର ଉପ ସିଇଓ (ଗ୍ରୋଥ୍ ଡିଭିଜନ) ଡକ୍ଟର ମହେଶ ଏନ୍ ଗୋପାଳସମୁଦ୍ରମ କହିଛନ୍ତି ଯେ, 'ବିଓପିଏ ନାଇଲନ୍ ଫିଲ୍ମର ଶୁଭାରମ୍ଭ ସହିତ ଜେପିଏଫ୍‌ଏଲ୍ ଫିଲ୍ମସ୍ ପ୍ରାଇଭେଟ୍ ଲିମିଟେଡ୍ ଭାରତୀୟ ବଜାରରେ ପ୍ରଥମ ଭାବରେ ଏହି ନବସୃଜନ ଆଣିଛି। ଏହି ଅନନ୍ୟ ଉତ୍ପାଦର ମୁଖ୍ୟ ବିଶେଷତା ହେଉଛି ଏହାର ଆଇସୋଟ୍ରୋପିସିଟି ଯାହା ସ୍ୱତନ୍ତ୍ର ଜାପାନୀ ଡବଲ୍ ବବଲ୍ ଫିଲ୍ମ ପ୍ରଯୁକ୍ତିରେ ଉତ୍ପାଦନ କରାଯାଉଛି। ଏହା ଉତ୍ପାଦର ଦୈର୍ଘ୍ୟ ଏବଂ ପ୍ରସ୍ଥରେ ସ୍ଥିରତା, ପଂଚର୍ ପ୍ରତିରୋଧ ଏବଂ ସମାନତା ପ୍ରଦାନ କରୁଛି। ଏହା ବ୍ୟତୀତ, ଉତ୍ପାଦଟି ହାଇ-ସ୍ପିଡ୍ ପ୍ରିଂଟିଂ ପାଇଁ ଉପଯୁକ୍ତ ଏବଂ ଗ୍ୟାସ୍ ପାଇଁ ଏକ ପ୍ରଭାବଶାଳୀ ବାରିଅର୍ ଭାବରେ କାର୍ଯ୍ୟ କରିବ। 'ବିଓପିଏ ଫିଲ୍ମ ଆମ ଗ୍ରୁପ୍ କମ୍ପାନୀ ଜିନ୍ଦଲ ନାଇଲନ୍ ଫିଲ୍ମସ୍ ଦ୍ୱାରା ଇଟାଲୀରେ ମଧ୍ୟ ଉତ୍ପାଦନ କରାଯାଉଛି। ଏହି ଅନୁଭବ ଆମକୁ ଭାରତୀୟ ଗ୍ରାହକଙ୍କୁ ସେବା ପ୍ରଦାନ କରିବାରେ ଏବଂ ବିଶ୍ୱସ୍ତରୀୟ ନବସୃଜନକୁ ସ୍ଥାନୀୟ ଭାବରେ ଆଣିବାରେ ସାହାଯ୍ୟ କରିବ ବୋଲି ଡକ୍ଟର ମହେଶ ଏନ୍ ଗୋପାଳସାମୁଦମ୍ କହିଛନ୍ତି।

## ଏନ୍‌ଟିପିସି ପକ୍ଷରୁ ଜାତୀୟ ସୁରକ୍ଷା ଦିବସ ପାଳିତ




ଦର୍ଲିପାଲି (ଭାସ୍କର ନ୍ୟୁଜ): 'ବିକଶିତ ଭାରତ ପାଇଁ ସୁରକ୍ଷା ଏବଂ କଲ୍ୟାଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ' ବିଷୟବସ୍ତୁ ଉପରେ ଗୁରୁତ୍ୱାରୋପ କରି ଏନ୍‌ଟିପିସି ଦର୍ଲିପାଲିରେ ୫୪ତମ ଜାତୀୟ ସୁରକ୍ଷା ଦିବସ ପାଳନ କରିଛି। ଏହି କାର୍ଯ୍ୟକ୍ରମ ରାମ ଭଜନ ମଳିକ, BUH, NTPC ଦର୍ଲିପାଲିଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ସମାବେଶକୁ ସମ୍ବୋଧିତ କରି, ଶ୍ରୀ ମଳିକ ସମସ୍ତ ଠିକା କର୍ମଚାରୀ, ସହଯୋଗୀ ଏବଂ କର୍ମଚାରୀମାନଙ୍କୁ ସତର୍କ ରହିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ରାମ ଭଜନ ମଳିକ ତାଙ୍କ ଭାଷଣରେ କହିଥିଲେ ଯେ ସୁରକ୍ଷା କେବଳ ଏକ ନୀତି ନୁହେଁ ବରଂ ଏକ ସାମୂହିକ ଦାୟିତ୍ୱ ଯାହାକୁ ସମସ୍ତ କର୍ମଚାରୀମାନେ ଗ୍ରହଣ କରିବା ଉଚିତ। ଏହି କାର୍ଯ୍ୟକ୍ରମ ସମୟରେ, ହରେ ରାମ ସିଂହ, ଜିଏମ (ଓ ଆଣ୍ଡ ଏମ୍), 'ବିକଶିତ ଭାରତ'ର ବୃହତ ଦୃଷ୍ଟିକୋଣ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ସୂଚନା ଦେଇଥିଲେ। ଏହି ପବିତ୍ର ଅବସରରେ ସମସ୍ତ ବିଭାଗ ମୁଖ୍ୟ, କର୍ମଚାରୀ, କାର୍ଯ୍ୟନିର୍ବାହୀ ସଂଘ, ସିଆଇଏସଏଫ ଅଧିକାରୀ, ଏଜେନ୍ସି ପ୍ରକଳ୍ପ ପରିଚାଳକ ଏବଂ ଠିକା କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱ ବାରତି ଘଡାଇ, ଡିଜିଏମ (ରସାୟନ ବିଜ୍ଞାନ) ଏବଂ ଅଚ୍ୟୁତାନନ୍ଦ ମହାନ୍ତି, ଡିଜିଏମ, ସୁରକ୍ଷା ଦ୍ୱାରା ସମ୍ମାନିତ ଅତିଥିମାନଙ୍କ ଉପସ୍ଥିତିରେ ଆୟୋଜନ କରାଯାଇଥିଲା

## ଜିଓ, ଏଏମ୍‌ଡି, ସିସ୍କୋ ଏବଂ ନୋକିଆ ମିଳିତ ଭାବେ କାର୍ଯ୍ୟ ଆରମ୍ଭ

ବାର୍ସିଲୋନା: ବିଶ୍ୱର ଚାରୋଟି ବଡ଼ ଟେକ୍ କମ୍ପାନୀ ଖୁବ୍ ଶୀଘ୍ର ମିଳିତ ଭାବରେ ଏକ ନୂତନ ଓପନ ଟେଲିକମ୍ ଏଆଇ ପ୍ଲାଟଫର୍ମ ଆରମ୍ଭ କରିବେ। ବାର୍ସିଲୋନାରେ ଚାଲିଥିବା ମୋବାଇଲ୍ ୱାର୍ଲ୍ଡ କଂଗ୍ରେସ ୨୦୨୫ରେ ଜିଓ ପ୍ଲାଟଫର୍ମସ ଲିମିଟେଡ୍ (ଜେପିଏଲ), ଏଏମଡି, ସିସ୍କୋ ଏବଂ ନୋକିଆ ଏହି ଯୋଜନା ସମ୍ପର୍କରେ ପ୍ରକାଶ କରିଛନ୍ତି। ଏହି ନୂତନ ପ୍ଲାଟଫର୍ମଟି ଟେଲିକମ୍ ଅପରେଟରମାନଙ୍କୁ ଏଆଇ ସମାଧାନ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯିବ। ନୂତନ ଟେଲିକମ୍ ଏଆଇ ପ୍ଲାଟଫର୍ମ ନେଟୱାର୍କର ସୁରକ୍ଷା, ଦକ୍ଷତା ଏବଂ କ୍ଷମତା ବୃଦ୍ଧି କରିବା ସହିତ ଆୟର ନୂତନ ରାସ୍ତା ମଧ୍ୟ ଖୋଲିବ। ରିଲାଏନ୍ସ ଜିଓର ଗ୍ରୁପ୍ ସିଇଓ ମାଥ୍ୟୁ ଓମେନ୍ କହିଛନ୍ତି, 'ସମସ୍ତ ଟେଲିକମ୍ ଲେୟରଗୁଡ଼ିକରେ ଏଜେଣ୍ଟିକ୍ ଏଆଇ ବ୍ୟବହାର କରି, ଆମେ ଏକ ମଲ୍ଟିମୋଡାଲ୍, ମଲ୍ଟିଡୋମେନ୍ ଅର୍କେଷ୍ଟ୍ରେଟେଡ୍ ୱାର୍କଫ୍ଲୋ ପ୍ଲାଟଫର୍ମ ନିର୍ମାଣ କରୁଛୁ ଯାହା ଟେଲିକମ୍ ଶିଳ୍ପରେ ଦକ୍ଷତା, ବୁଦ୍ଧିମତା (ଇଣ୍ଟେଲିଜେନ୍ସ) ଏବଂ ସୁରକ୍ଷାକୁ ପୁନଃପରିଭାଷିତ କରିବ। ଏଏମଡି, ସିସ୍କୋ ଏବଂ ନୋକିଆ ସହଯୋଗରେ ଜିଓ ଓପନ୍ ଟେଲିକମ୍ ଏଆଇ ପ୍ଲାଟଫର୍ମକୁ ଆଗକୁ ବଢ଼ାଉଛି। ଏଏମଡିର ସିଇଓ ଲିସା ସୁ କହିଛନ୍ତି 'ଏଏମଡି ପରବର୍ତ୍ତୀ ପିଢ଼ିର ଏଆଇ-ସଞ୍ଚାଳିତ ଦୂରସଂଚାର ମୌଳିକ ଭିତ୍ତିଭୂମି ନିର୍ମାଣ ପାଇଁ ଜିଓ ପ୍ଲାଟଫର୍ମସ ଲିମିଟେଡ୍, ସିସ୍କୋ ଏବଂ ନୋକିଆ ସହିତ ସହଭାଗିତା କରିବାକୁ ନେଇ ଗର୍ବିତ। ଏକାଠି, ଆମେ ଉଭୟ ଅପରେଟର ଏବଂ ଉପଭୋକ୍ତାମାନଙ୍କ ପାଇଁ ଏଆଇର ଲାଭ ଆଣିବୁ ଏବଂ ଯୋଗାଯୋଗ ଓ କନେକ୍ଟିଭିଟିର ଭବିଷ୍ୟତକୁ ନୂଆ ଆକାର ଦେବୁ। ସିସ୍କୋର ସିଇଓ ଚକ୍ ରବିନ୍ସ କହିଛନ୍ତି, 'ଜିଓ ପ୍ଲାଟଫର୍ମସ ଲିମିଟେଡ୍, ଏଏମଡି ଏବଂ ନୋକିଆ ସହିତ ଏହି ସହଭାଗିତା ଶିଳ୍ପର ଅଭିଜ୍ଞତା ଓ ବିଶେଷଜ୍ଞତାର ଉପଯୋଗ କରିବ। ନୋକିଆର ସଭାପତି ଏବଂ ସିଇଓ ପେକ୍କା ଲୁଣ୍ଡମାର୍କ କହିଛନ୍ତି: 'ନୋକିଆ ଅନେକ କ୍ଷେତ୍ରରେ ଟେକ୍ନୋଲୋଜି ଲିଡର ରହିଛି ଯାହା ମଧ୍ୟରେ ରହିଛି ରାନ (ଆରଏଏନ), କୋ,ଓପନ୍ ଟେଲିକମ୍ ଏଆଇ ପ୍ଲାଟଫମର ଫିକ୍ସଡ୍ ବ୍ରଡବ୍ୟାଣ୍ଡ, ଆଇପି ଓ ଅପ୍ଟିକାଲ୍ ଟ୍ରାନ୍ସପୋର୍ଟ ଇତ୍ୟାଦି। ଜେପିଏଲ, ଏଏମଡି, ସିସ୍କୋ ଏବଂ ନୋକିଆ ଦ୍ୱାରା ନିର୍ମିତ ହେବାକୁ ଯାଉଥିବା ନୂତନ ଓପନ ଟେଲିକମ୍ ଏଆଇ ପ୍ଲାଟଫର୍ମର ଆରମ୍ଭ ଜିଓ ନେଟୱାର୍କରୁ କରାଯିବ।

## ଏଚ୍‌ସିଆଇଏଲ୍ ହୋଣ୍ଡା କାର୍ ବିକ୍ରିର ବଡ଼ ସଫଳତା ହାସଲ




ନୂଆଦିଲ୍ଲୀ: ଭାରତରେ ପ୍ରିମିୟମ କାରଗୁଡ଼ିକର ଏକ ଅଗ୍ରଣୀ ନିର୍ମାତା ହୋଣ୍ଡା କାରସ ଇଣ୍ଡିଆ ଲିମିଟେଡ (ଏଚସିଆଇଏଲ) ଏକ ଗୁରୁତ୍ୱପୂର୍ଣ୍ଣ ବିକ୍ରି ସଫଳତା ହାସଲ କରିଛି। ଯେଉଁଠାରେ ୫୦,୦୦୦ ଏଡିଏଏସ ସମର୍ଥିତ ହୋଣ୍ଡା କାରଗୁଡିକ ସମ୍ପ୍ରତି ଭାରତୀୟ ସଡ଼କରେ ଚଳାଚଳ କରୁଛି। ଏହି ସଫଳତା ପ୍ରତ୍ୟେକଙ୍କ ପାଇଁ ନିରାପତ୍ତାର ବୈଶ୍ୱିକ ଦୃଷ୍ଟିକୋଣ ପ୍ରତି ପ୍ରତିବଦ୍ଧତା। ଏହି ସଫଳତା ସମ୍ପର୍କରେ ଉଲ୍ଲେଖକରି କୁନାଲ ବେହଲ, ଭାଇସ ପ୍ରେସିଡେଣ୍ଟ, ମାର୍କେଟିଂ ଓ ସେଲ୍ସ, ହୋଣ୍ଡା କାରସ ଇଣ୍ଡିଆ ଲିମିଟେଡ କହିଥିଲେ, 'ହୋଣ୍ଡା କାରସ ଇଣ୍ଡିଆରେ ଆମେ କରୁଥିବା ପ୍ରତ୍ୟେକଟି କାର୍ଯ୍ୟରେ ନିରାପତ୍ତା ମୂଳ ବିଷୟ ହୋଇଛି। ଭାରତୀୟ ସଡ଼କରେ ୫୦,୦୦୦ ଏଡିଏଏସ-ସମର୍ଥିତ ଯାନ ଗୁଡିକ ଚଳାଚଳ ସଫଳତା ହାସଲ କରିବାରୁ ସମସ୍ତଙ୍କ ନିରାପତ୍ତା ନିମନ୍ତେ ଆମର ଏକନିଷ୍ଠ ପ୍ରତିବଦ୍ଧତା ପ୍ରତିଫଳିତ ହେଉଛି। ଏହି ସଫଳତା ଆମର ବୈଶ୍ୱିକ ନିରାପତ୍ତା ଦୃଷ୍ଟିକୋଣ ସହିତ କେବଳ ମେଳ ଖାଉନାହିଁ, ତାହାସହିତ ଭାରତୀୟ ଗ୍ରାହକଙ୍କ ମଧ୍ୟରେ ଉନ୍ନତ ଡ୍ରାଇଭର ଆସିଷ୍ଟାନ୍ସ ପ୍ରଯୁକ୍ତିଗୁଡ଼ିକ ପ୍ରତି ବର୍ଦ୍ଧିତ ପସନ୍ଦ ଓ ଗ୍ରହଣୀୟତାକୁ ପ୍ରଦର୍ଶିତ କରୁଛି। ପ୍ରତ୍ୟେକ ଦିନ ଆମେ ଆମର ଯାନବାହନଗୁଡ଼ିକରେ ଉଭୟ ସକ୍ରିୟ ଓ ପରୋକ୍ଷ ନିରାପତ୍ତା ବୈଶିଷ୍ଟ୍ୟଗୁଡ଼ିକରେ ନିରନ୍ତର ଉନ୍ନତି ଆଣିବା ଦିଗରେ କାର୍ଯ୍ୟ କରୁଛୁ। ଯାହାଦ୍ୱାରା ଆମେ ପ୍ରତ୍ୟେକଙ୍କ ପାଇଁ ଏକ ସୁରକ୍ଷିତ ଗାଡି ଚାଳନା ଅନୁଭୂତି ପ୍ରଦାନ କରିବା ସୁନିଶ୍ଚିତ କରୁଛୁ। ନିରାପତ୍ତା ନବସୃଜନରେ ଅଗ୍ରଣୀ ରହିଥିବା ଏଚସିଆଇଏଲ ଦେଶରେ ପ୍ରଥମ ଯାନବାହନ ନିର୍ମାତାଭାବରେ ୨୦୨୩ରେ ହୋଣ୍ଡା ସିଟିରେ ତାହାର ମାନୁଆଲ ଟ୍ରାନ୍ସମିଶସନ (ଏମଟି) ସଂସ୍କରଣରେ ଏଡିଏଏସ ପ୍ରଚଳନ କରିଥିଲା।

# ଖେଳ ଖବର



ନୂଆଦିଲ୍ଲୀ: ଭାରତର କ୍ରିଷ୍ଣା ଜୟଶଙ୍କର ୨୦୨୫ ମାଉଣ୍ଟେନ ୱେଷ୍ଟ ଇନଡୋର ଟ୍ରାକ୍ ଆଣ୍ଡ ଫିଲ୍ଡ ଚାମ୍ପିୟନଶିପରେ ପ୍ରଥମ ଭାରତୀୟ ମହିଳା ଭାବେ ଇନଡୋର ସଟ୍ ପୁଟରେ ୧୬ ମିଟର ଅତିକ୍ରମ କରି ଇତିହାସ ରଚିଛନ୍ତି। ତାଙ୍କ ରେକର୍ଡ ଭାଙ୍ଗିବା ଥ୍ରୋର ତୀବ୍ରତା ୧୬.୦୩ ମିଟର ଥିଲା। ୨୨ ବର୍ଷୀୟ ଏହି ଖେଳାଳି ପୂର୍ବ ଭାରତୀୟ ଇନଡୋର ରେକର୍ଡ ୧୫.୫୪ ମିଟର ଭାଙ୍ଗିଛନ୍ତି। ୨୦୨୩ ଆମେରିକୀୟ ଆଥଲେଟିକ୍ କନଫରେନ୍ସ ଇନଡୋର ଚାମ୍ପିୟନଶିପରେ ପୂର୍ଣ୍ଣରାଓ ରାଣେ ଏହି ରେକର୍ଡ ସ୍ଥାପନ କରିଥିଲେ। ଏହି ପ୍ରତିଯୋଗିତାର ଶେଷ ରାଉଣ୍ଡ ପର୍ଯ୍ୟନ୍ତ କ୍ରିଷ୍ଣା ଚତୁର୍ଥ ସ୍ଥାନରେ ଥିଲେ। ତେବେ ଶେଷ ଥ୍ରୋରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ଆମେରିକାର ମାୟା ଲେସନର ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ସ୍ୱଦେଶୀ ଗ୍ୟାବି ମର୍ନ୍ସ ରୌପ୍ୟ ପଦକ ଜିତିଛନ୍ତି। କ୍ରିଷ୍ଣାଙ୍କ ପୂର୍ବରୁ ଶ୍ରେଷ୍ଠ ଇନଡୋର ଥ୍ରୋ ୧୫.୦୩ ମିଟର ଥିଲା, ଯାହା ଗତ ମାସରେ ସେହି ସ୍ଥାନରେ ରେକର୍ଡ କରାଯାଇଥିଲା। ଭାରତର ମୋଟ ମହିଳା ସଟ୍ ପୁଟ୍ ରେକର୍ଡ ୧୮.୪୧ ମିଟର ରହିଛି। ଆଭା ଖଟୁଆ ଫେଡେରେସନ୍ କପ୍ ୨୦୨୪ରେ ଏହି ସେ ଏହି ସଫଳତା ହାସଲ କରିଥିଲେ।

## ଚାମ୍ପିଅନ୍ସ ଟ୍ରଫିରେ ସଚିନ୍‌ଙ୍କ ରେକର୍ଡ ଭାଙ୍ଗିଲେ କୋହଲି



ଦୁବାଇ: ଚାମ୍ପିଅନ୍ସ ଟ୍ରଫିରେ ମଙ୍ଗଳବର ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ଅଷ୍ଟ୍ରେଲିଆକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ବିରାଟ କୋହଲି ଏକ ବଡ଼ ସଫଳତା ହାସଲ କରିଛନ୍ତି। ସେ ଏବେ ଏହି ଟୁର୍ନାମେଣ୍ଟରେ ସର୍ବାଧିକ ରନ ସ୍କୋର କରିଥିବା ଭାରତୀୟ ବ୍ୟାଟ୍ସମ୍ୟାନ ହୋଇସାରିଛନ୍ତି। ସେ ପୂର୍ବତନ ଭାରତୀୟ ଖେଳାଳି ଶିଖର ଧାୱନଙ୍କ ରେକର୍ଡ ଭାଙ୍ଗିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ୪୦ ରନ୍ କରିବା ପରେ ସେ ଏହି ସଫଳତା ପାଇଥିଲେ। ଧାୱନ ଏହି ଟୁର୍ନାମେଣ୍ଟର ୧୦ଟି ମ୍ୟାଚ୍‌ରେ ୭୦୧ ରନ କରିଥିଲେ। କୋହଲି ଏବେ ଏହି ସଂଖ୍ୟା ଅତିକ୍ରମ କରିସାରିଛନ୍ତି। ଏହାର ଅର୍ଥ ହେଉଛି ଯେ ସେ ଏହି ଟୁର୍ନାମେଣ୍ଟରେ ରନ ସ୍କୋର କରିବା ମାମଲାରେ ନୂତନ ଭାରତୀୟ 'କିଙ୍ଗ୍' ପାଲଟିଛନ୍ତି। ଏହା ବ୍ୟତୀତ ସେ ସଚିନଙ୍କ ଏକ ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି। ବିରାଟ କୋହଲି କେବଳ ଶିଖର ଧାୱନଙ୍କୁ ପଛରେ ପକାଇ ନାହାନ୍ତି ବରଂ ସଚିନଙ୍କ ଆଉ ଏକ ବିଶ୍ୱ ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି। କଙ୍ଗାରୁ ଦଳ ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ କୋହଲି ମଧ୍ୟ ଅର୍ଦ୍ଧଶତକ ହାସଲ କରଛନ୍ତି। ଏହା ସହିତ ସେ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ଦେଇଛନ୍ତି ଏବଂ ଆଇସିସି ଦିନିକିଆ ଟୁର୍ନାମେଣ୍ଟରେ ସର୍ବାଧିକ ୫୦+ ସ୍କୋର କରିଥିବା ଭାରତୀୟ ବ୍ୟାଟ୍ସମ୍ୟାନ ପାଲଟିଛନ୍ତି। ଏହା ପୂର୍ବରୁ ଏହି ବିଶ୍ୱ ରେକର୍ଡ ସଚିନଙ୍କ ନାମରେ ଥିଲା, ଯିଏ ୫୮ ଇନିଂସରେ ୨୩ ଥର ଏହି ସଫଳତା ହାସଲ କରିଥିଲେ। କୋହଲି ଏବେ ୫୩ ଇନିଂସରେ ୨୪ ଥର ୫୦ ରୁ ଅଧିକ ରନ୍ ? କରିସାରିଛନ୍ତି। ଭାରତୀୟ ଅଧିନାୟକ ରୋହିତ ଶର୍ମା ୪୨ ଇନିଂସରେ ୧୮ ୫୦+ ସ୍କୋର ସହିତ ଏହି ତାଲିକାରେ ତୃତୀୟ ସ୍ଥାନରେ, କୁମାର ସାଙ୍ଗାକାରା (୧୭) ଚତୁର୍ଥ ଏବଂ ରିକି ପଣ୍ଟିଂ (୧୬) ପଞ୍ଚମ ସ୍ଥାନରେ ଅଛନ୍ତି। ସେମିଫାଇନାଲରେ ବିରାଟ କୋହଲି ମଧ୍ୟ ଏକଦିବସୀୟ ମ୍ୟାଚ୍ ?ରେ ୮୦୦୦ ରନ ପୂରଣ କରିଛନ୍ତି। ସେ ମାତ୍ର ୧୫୯ ଇନିଂସରେ ଏହି ସଫଳତା ହାସଲ କରିଛନ୍ତି। ସଚିନଙ୍କ ପରେ ଏପରି କରିବାରେ ସେ କେବଳ ଦ୍ୱିତୀୟ ଖେଳାଳି। ସଚିନ ତେନ୍ଦୁଲକର ତାଙ୍କ ଏକଦିବସୀୟ କ୍ୟାରିୟରରେ ୨୩୨ ଇନିଂସରେ ୮୭୨୦ ରନ କରିଥିଲେ। ମ୍ୟାଚ୍‌ରେ କୋହଲି ନିଜ ନାମରେ ଆଉ ଏକ ବଡ଼ ରେକର୍ଡ କରିଛନ୍ତି। ତଥାପି ସେ ଫିଲ୍ଡିଂ ସମୟରେ ଏହି ବଡ଼ ରେକର୍ଡ କରିଥିଲେ। କୋହଲି ଭାରତ ପାଇଁ ସର୍ବାଧିକ ଆନ୍ତର୍ଜାତୀୟ କ୍ୟାଚ୍ ନେବାର ରେକର୍ଡ ନିଜ ନାମରେ କରିଛନ୍ତି। ବିରାଟ ଏହି ବଡ଼ ସଫଳତା ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ବିରାଟଙ୍କ ପାଖରେ ଏବେ ସମସ୍ତ ଫର୍ମାଟରେ ୩୩୫ଟି କ୍ୟାଚ୍ ? ନେବା ସାମିଲ ଅଛି। ଏହି ମାମଲାରେ ସେ ରାହୁଲ ଦ୍ରାବିଡଙ୍କୁ ପଛରେ ପକାଇ ଦେଇଛନ୍ତି। ବିରାଟ ତାଙ୍କର ୫୪୯ତମ ମ୍ୟାଚ୍‌ରେ ଏହି ଐତିହାସିକ ସଫଳତା ହାସଲ କରିଛନ୍ତି।

## ଡ୍ରେସିଂ ରୁମ୍‌ରେ ଗାଳି କଲେ ଗମ୍ଭୀର

ଦୁବାଇ: ମଙ୍ଗଳବାର ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ସେମିଫାଇନାଲ ମ୍ୟାଚ ଚାଲିଥିବମା ବେଳେ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଗାଳି ଦେବାର ଦେଖାଯାଉଥିଲା। ଏମିତିରେ ଅଷ୍ଟ୍ରେଲିଆର ଉଇକେଟ ଯିବା ସମୟରେ କେବଳ ଭାରତୀୟ ଖେଳାଳି ଏବଂ ପ୍ରଶଂସକମାନେ ଉତ୍ସାହିତ ହେଉ ନ ଥିଲେ ବରଂ ଟିମ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ମଧ୍ୟ ଖୁସିବ୍ୟକ୍ତ କରୁଥିଲେ। ହେଲେ କିନ୍ତୁ ଷ୍ଟିଭ ସ୍ମିଥ୍‌ଙ୍କ ଉଇକେଟ ପଡ଼ିବା ପରେ ଗୌତମ ଗମ୍ଭୀର ନିଜର ନିୟନ୍ତ୍ରଣ ହରାଇ ରାଗରେ ଗାଳି ଦେଉଥିବା ନଜର ଆସିଛି। ଯେତେବେଳେ ଟିମ୍ ଇଣ୍ଡିଆ ଟ୍ରାଭିସ ହେଡ୍‌ଙ୍କ ଉଇକେଟ ନେଇଥିଲା, ଗୌତମ ଗମ୍ଭୀର ମଧ୍ୟ ବହୁତ ଖୁସି ହୋଇଯାଇଥିଲେ। ସେ ଦୁଇ ହାତ ଉଠାଇ ତାଳି ମାରିଥିଲେ। ସେହିଭଳି ସ୍ମିଥ ଆଉଟ ହେବା ପରେ ଗମ୍ଭୀର ମଧ୍ୟ ବହୁତ ଉତ୍ସାହିତ ହୋଇ ସିଟ୍‌ରେ ବସି ରାଗରେ ଗାଳି ଦେଇଦେଲେ। ଏବେ ତାଙ୍କର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭାରତ ବିପକ୍ଷରେ ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଷ୍ଟିଭ ସ୍ମିଥ୍ ଏକ ଚମତ୍କାର ଅଧିନାୟକ ଇନିଂସ ଖେଳିବାରେ ସଫଳ ହୋଇଥିଲେ। ସେ ତାଙ୍କ ଦଳ ପାଇଁ ସର୍ବାଧିକ ରନ ସ୍କୋରର ବ୍ୟାଟ୍ସମ୍ୟାନ ହୋଇଥିଲେ। ସେ ୯୬ ବଲ ଖେଳି ୭୩ ରନ କରିଥିଲେ। ଏହି ଅର୍ଦ୍ଧଶତକରେ ତାଙ୍କ ବ୍ୟାଟରୁ ଚାରୋଟି ଚୌକା ଏବଂ ଗୋଟିଏ ଛକା ଆସିଥିଲା। ସ୍ମିଥଙ୍କ ଉଇକେଟ ମହମ୍ମଦ ଶାମି ଏକ ଫୁଲ-ଟସ ବଲ୍‌ରେ ନେଇଥିଲେ। ଶାମି ଅଷ୍ଟ୍ରେଲୀୟ ଅଧିନାୟକଙ୍କୁ ଆଉଟ କରି ପାଭିଲିୟନ ପଠାଇ ଦେଇଥିଲେ।

## କୁସ୍ତିଯୋଦ୍ଧା ହତ୍ୟା ଘଟଣା: ସୁଶୀଲଙ୍କୁ ଜାମିନ



ନୂଆଦିଲ୍ଲୀ: ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟ କୁସ୍ତିଯୋଦ୍ଧା ସୁଶୀଲ କୁମାରଙ୍କୁ ସାଗର ଧନଖଡ଼ଙ୍କ ହତ୍ୟାକାଣ୍ଡ ମାମଲାରେ ଜାମିନ ପ୍ରଦାନ କରିଛନ୍ତି। ୨୦୨୧ରେ ମଇ ୪ ତାରିଖରେ ସୁଶୀଲ କୁମାର ଛତ୍ରସାଲ ଷ୍ଟାଡିୟମରେ କୁସ୍ତିଯୋଦ୍ଧା ଖେଳ ଆୟୋଜନ କରିଥିଲେ। ଏହି ସମୟରେ ଜୁନିଅର କୁସ୍ତିଯୋଦ୍ଧା ସାଗର ଧନଖଡଙ୍କ ଉପରେ କୌଣସି କାରଣରୁ ସୁଶୀଲ କୁମାର ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସାଗରଙ୍କ ଜୀବନ ଚାଲିଯାଇଥିଲା। ଏହି ହତ୍ୟା ଘଟଣାରେ ସୁଶୀଲ କୁମାରଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସାଗରଙ୍କୁ ହତ୍ୟା କରିବାରେ ସୁଶୀଲଙ୍କ ବ୍ୟତୀତଙ୍କ ତାଙ୍କ ସାଙ୍ଗ ସୋନୁ ଏବଂ ଅନ୍ୟ ୩ ଜଣଙ୍କ ହାତ ରହିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଥିଲା। ସୁଶୀଲ କୁମାରଙ୍କୁ ହାଇକୋର୍ଟର ବିଚାରପତି ସଞ୍ଜୀବ ନରୁଲା ୫୦ ଟଙ୍କାର ବଣ୍ଡରେ ଜାମିନ ଦେଇଛନ୍ତି । ଏକ ସମ୍ପତ୍ତି ମାମଲାକୁ ନେଇ ଏହି ବିବାଦ ଆରମ୍ଭ ହୋଇଥିଲା। ଏହାପୂର୍ବରୁ ଜୁଲାଇ ୨୦୨୩ରେ ସୁଶୀଲଙ୍କ ଆଣ୍ଠୁର ଅସ୍ତ୍ରୋପଚାର ପାଇଁ ୭ ଦିନର ଅନ୍ତରୀଣ ଜାମିନ ମିଳିଥିଲା। ଦୁଇ ଥର ଅଲମ୍ପିକ୍ସ ପଦକ ବିଜେତା ସୁଶୀଲ କୁମାର ଛତ୍ରସାଲ ଷ୍ଟାଡିୟମ ଅଖାଡାରୁ ମାତ୍ର ୧୪ ବର୍ଷ ବୟସରେ ନିଜ କ୍ୟାରିଅର ଆରମ୍ଭ କରିଥିଲେ।

### ଚାମ୍ପିୟନ୍ସ ଟ୍ରଫିରେ ଶୋଚନୀୟ ପରାଜୟ ପରେ ଆକ୍ସନ ମୋଡ୍‌ରେ ପିସିବି

## ବିଦାହେଲେ ବାବର, ପଦ ହରାଇଲେ ରାଜୱାନ



ଲାହୋର : ଏଥର ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାକିସ୍ତାନ ଆୟୋଜନ କରିଥିଲା। ଏଥିରେ ପାକିସ୍ତାନ ଶୋଚନୀୟ ପରାସ୍ତ ହୋଇଥିଲା। ଯାହାଫଳରେ ପାକିସ୍ତାନ କ୍ରିକେଟରେ ହଇଚଇ ସୃଷ୍ଟି ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନର ଅଭିଯାନ ଶେଷ ହୋଇଥିଲେ ହେଁ ଦଳ ଏବେ ପରବର୍ତ୍ତୀ ସିରିଜ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଚାମ୍ପିୟନ୍ସ ଟ୍ରଫିର ନୂଆ ଚାମ୍ପିୟନ ହେବା ପୂର୍ବରୁ ପାକିସ୍ତାନ କ୍ରିକେଟ ବୋର୍ଡ ନୂଆ ସିରିଜ୍ ପାଇଁ ଦଳ ଘୋଷଣା କରିଛି। ମହମ୍ମଦ ରିଜୱାନଙ୍କୁ ଟି-୨୦ ଶୃଙ୍ଖଳା ପାଇଁ ଅଧିନାୟକ ପଦରୁ ହଟାଇ ଦିଆଯାଇଛି ଏବଂ ବାବର ଆଜମଙ୍କୁ ମଧ୍ୟ ଦଳରୁ ଦ୍ୱାର ଦେଖାଯାଇଛି। ତେବେ ରିଜୱାନ ଏବେ ବି ଦିନିକିଆରେ ଅଧିନାୟକ ଅଛନ୍ତି। ଚାମ୍ପିୟନ୍ସ ଟ୍ରଫି ପରେ ପାକିସ୍ତାନ ଦଳ ନ୍ୟୁଜିଲାଣ୍ଡ ଗସ୍ତରେ ଯିବ। ସେଠାରେ ସେ ଟି ଟି-୨୦ ମ୍ୟାଚ୍‌ର ସିରିଜ୍ ଖେଳିବା ସହିତ ଦିନିକିଆ ସିରିଜ୍ ମଧ୍ୟ ଖେଳିବ। ସଲମାନ୍ ଅଲ୍ଲୀ ଆଗାଙ୍କୁ ନେଇ ପିସିବି ଏଥର ଟି-୨୦ ମ୍ୟାଚ୍ ପାଇଁ ନୂଆ ଅଧିନାୟକ ନିଯୁକ୍ତ କରିଛି। ଇତିମଧ୍ୟରେ ଶାଦାବ ଖାନ୍ ଦଳକୁ ଫେରିଛନ୍ତି ଏବଂ ତାଙ୍କୁ ଉପଅଧିନାୟକ କରାଯାଇଛି। ଏହି ଦଳରେ ବାବର ଆଜମଙ୍କ ନାଁ ନାହିଁ। ପିସିବି ଅନେକ ନୂଆ ଖେଳାଳିଙ୍କୁ ସୁଯୋଗ ଦେଇଛି। ଏହି ସିରିଜ୍ ପାକିସ୍ତାନକୁ ଆସନ୍ତା ବର୍ଷ ଟି-୨୦ ବିଶ୍ୱକପ୍ ପାଇଁ ପ୍ରସ୍ତୁତି କରିବାରେ ସହାୟକ ହେବ ବୋଲି ବିଶ୍ୱାସ କରାଯାଉଛି। ମହମ୍ମଦ ରିଜୱାନ ଏବଂ ବାବର ଆଜମଙ୍କୁ ଟି-୨୦ ସିରିଜ ପାଇଁ ବିଶ୍ରାମ ଦିଆଯାଇଛି ନା ସେମାନଙ୍କୁ ଦଳରୁ ବାଦ୍ ଦିଆଯାଇଛି ତାହା କହିବା ଏବେ କଷ୍ଟକର ହୋଇପଡ଼ିଛି।

## ଲୋରିୟସ୍ ବିଶ୍ୱ କ୍ରୀଡ଼ା ପୁରସ୍କାର ଦୌଡ଼ରେ ପନ୍ତ



ନୂଆଦିଲ୍ଲୀ: ଭାରତୀୟ ଦଳର ଷ୍ଟାର ବ୍ୟାଟ୍ସମ୍ୟାନ୍ ଓ ୱିକେଟକିପର ଋଷଭ ପନ୍ତୁ ଏକ ସଡ଼କ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଦୀର୍ଘ ଦୁଇ ବର୍ଷ ପରେ କ୍ରିକେଟ୍ ମଇଦାନକୁ ଫେରି ନିଜର ଚମକ ଦେଖାଇଥିଲେ। ତାଙ୍କୁ ସମ୍ମାନଜନକ ଲୋରିୟସ ବିଶ୍ୱ କ୍ରୀଡ଼ା ପୁରସ୍କାର ଦୌଡ଼ରେ ସାମିଲ କରାଯାଇଛି। ୨୦୦୦ ମସିହାରୁ ଆରମ୍ଭ ହୋଇଥିବା ଏହି ପୁରସ୍କାର ଚଳିତ ବର୍ଷ ୨୫ ବର୍ଷ ପୂରଣ କରୁଛି। ଗତ ବର୍ଷ କ୍ରୀଡ଼ାକ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଖେଳାଳିମାନଙ୍କୁ ନେଇ ଏକ ତାଲିକା ପ୍ରସ୍ତୁତ କରାଯାଇଛି। ଏହି ପୁରସ୍କାର ପାଇବାକୁ ଯୋଗ୍ୟ ତାଲିକାରୁ ଭୋଟିଂ ଜରିଆରେ ଶ୍ରେଷ୍ଠ ଖେଳାଳିଙ୍କ ନାମ ଚୟନ କରାଯିବ। ଚଳିତ ବର୍ଷ ଏପ୍ରିଲ୍ ୨୧ ତାରିଖରେ ମାଦ୍ରିଦରେ ହେବାକୁଥିବା ଏକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ। ପନ୍ତଙ୍କ ନାମ ଶ୍ରେଷ୍ଠ କମ୍‌ବ୍ୟାକ୍ ଖେଳାଳି ପୁରସ୍କାର ତାଲିକାରେ ରହିଛି। ପ୍ରତ୍ୟାବର୍ତ୍ତନ ଟେଷ୍ଟ୍‌ରେ ପନ୍ତ ବାଂଲାଦେଶ ବିପକ୍ଷରେ ମ୍ୟାଚ୍ ବିଜୟୀ ଶତକ ଅର୍ଜନ କରିଥିଲେ। ଏଥିସହ ସେ ଭାରତୀୟ ୱିକେଟ୍‌କିପର ଭାବେ ସର୍ବାଧିକ ଟେଷ୍ଟ୍ ଶତକ ଅର୍ଜନକାରୀ ମହେନ୍ଦ୍ର ସିଂହ ଧୋନି (୬)ଙ୍କ ସମକକ୍ଷ ହୋଇଥିଲେ। ଏହି ପୁରସ୍କାର ଲାଗି ଜିମ୍ନାଷ୍ଟ ରେବିକା ଆଣ୍ଡ୍ରାଡେ (ବ୍ରାଜିଲ), ସ୍ୱିମର କାଏଲେବ ଡ୍ରେସେଲ (ଆମେରିକା), ଅଲ୍‌ପାଇନ୍ ସ୍କି ଖେଳାଳି ଲାରା ଗୁଟ-ବେରାମି (ସ୍ୱିଜରଲାଣ୍ଡ), ମୋଟର ସାଇକ୍ଲିଷ୍ଟ ମାର୍କ ମାରକ୍ୱେଜ (ସ୍ପେନ୍), ସ୍ୱିମର ଆରିଆନେ ତିତ୍‌ମସ (ଅଷ୍ଟ୍ରେଲିଆ) ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ଶ୍ରେଷ୍ଠ କ୍ରୀଡ଼ାବିତ୍ (ପୁରୁଷ) ଦୌଡ଼ରେ ରହିଛନ୍ତି ଟେନିସ୍ ଖେଳାଳି କାର୍ଲୋସ ଅଲ୍‌କାରାଜ (ସ୍ପେନ୍), ପୋଲ୍‌ଭଲ୍ଟ ତାରକା ମୁଣ୍ଡୋ ଡୁପ୍ଲାଣ୍ଟିସ୍ (ସ୍ୱିଡେନ୍), ସ୍ୱିମର ଲିଓ ମାର୍ଚାଣ୍ଡ (ଫ୍ରାନ୍ସ), ସାଇକ୍ଲିଷ୍ଟ ତାଦେଜ ପୋଗାକାର (ସ୍ଲୋଭେନିଆ), ମୋଟର ରେସିଂ ତାରକା ମ୍ୟାକ୍ସ ଭର୍ଷ୍ଟାପେନ (ନେଦରଲାଣ୍ଡସ)। ଶ୍ରେଷ୍ଠ କ୍ରୀଡ଼ାବିତ୍ (ମହିଳା)ରେ ଅଛନ୍ତି ଜିମ୍ନାଷ୍ଟ ସିମୋନ ବାଇଲ୍ସ (ଆମେରିକା), ଫୁଟ୍‌ବଲର ଆଇତାନା ବୋନମତି (ସ୍ପେନ୍), ଧାବିକା ସିଫାନ ହାସନ (କେନିଆ), ଧାବିକା ସିଡ୍‌ନି ମ୍ୟାକ୍‌ଲାଫ୍‌ଲିନ୍-ଲେଭରୋନ୍ (ଆମେରିକା), ଟେନିସ ଖେଳାଳି ଆରିନା ସାବାଲେଙ୍କା (ବେଲାରୁଷ)।

### ଏନ୍‌ଟିପିସି ତୀରନ୍ଦାଜ ର୍ୟାଙ୍କିଙ୍ଗ

## ଶୀର୍ଷରେ ଧୀରଜ ଓ ଭଜନ କୌର

ପୁରୀ (ଭାସ୍କର ନ୍ୟୁଜ): ସ୍ଥାନୀୟ ଜଗନ୍ନାଥ କ୍ରିକେଟ ଷ୍ଟାଡିୟମରେ ତୃତୀୟ ଏନଟିପିସି ସର୍ବଭାରତୀୟ ର୍ୟାଙ୍କିଙ୍ଗ ତୀରନ୍ଦାଜ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଦେଶର ଷ୍ଟାର ତୀରନ୍ଦାଜଙ୍କ ମଧ୍ୟରେ ରୋମାଂଚକ ମୁକାବିଲା ଦେଖିବାକୁ ମିଳିଥିଲା। ରିକର୍ଭ ପୁରୁଷ ବିଭାଗରେ ସର୍ଭିସେସ ସ୍ପୋର୍ଟ୍ସ କଂଟ୍ରୋଲ ବୋର୍ଡର ବି.ଧୀରଜ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ମହାରାଷ୍ଟ୍ରର ତୁଷାର ଶେଲକେ ଦ୍ୱିତୀୟ ଓ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡର ଅତନୁ ଦାସ ତୃତୀୟ ସ୍ଥାନରେ ରହିଥିଲେ। ଓଡିଶାର ଅର୍ଜୁନ ଖରା ସଂଘର୍ଷ କରିବା ସତ୍ତ୍ୱେ ଅତନୁଙ୍କଠାର ପଛରେ ପଡି ଯାଇଥିଲେ । ରିକର୍ଭ ମହିଳା ବିଭାଗରେ ହରିୟାଣାର ଭଜନ କୌର ଅଲିମ୍ପିଆନ ଦୀପିକା କୁମାରୀଙ୍କୁ ପରାସ୍ତ କରି ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଦୀପିକା ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଥିବା ବେଳେ ହରିୟାଣାର ଅଭନୀ ରେଲୱେ ସ୍ପୋର୍ଟ୍ସ ପ୍ରୋମୋସନ ବୋର୍ଡର ଅଦିତି ଜୈସୱାଲଙ୍କୁ ହରାଇ ତୃତୀୟ ସ୍ଥାନ ହାସଲ କରିଥିଲେ । କମ୍ପାଉଣ୍ଡ ପୁରୁଷ ବିଭାଗରେ ମହାରାଷ୍ଟ୍ରର ସାହିଲ ରାଜେଶ ଯାଦବ ମଧ୍ୟପ୍ରଦେଶର ଚିରାଗ ବିଦ୍ୟାର୍ଥୀଙ୍କୁ ହରାଇ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସର୍ଭିସେସ କଂଟ୍ରୋଲ ବୋର୍ଡର ସିଜ.ଜିଗନେଶ ଦ୍ୱିତୀୟ ଏବଂ ଚଣ୍ଡୀଗଡର ହର୍ଷ କୁମାର ତୃତୀୟ ସ୍ଥାନରେ ରହିଥିଲେ। ମହିଳା ବିଭାଗରେ ମହାରାଷ୍ଟ୍ରର ପୂର୍ବା ବୋକୋଡୋ, ଦିଲ୍ଲୀର କୁମୁଦ ସାଇନି ଓ ଗୋଆର ସୁଭିକଶା ଯଥାକ୍ରମେ ପ୍ରଥମ ୩ଟି ସ୍ଥାନରେ ରହିଥିଲେ । ପ୍ରଥମ ୩ଟି ସ୍ଥାନରେ ରହିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ରାଶି ବାବଦକୁ ଯଥାକ୍ରମେ ୨୦ ହଜାର, ୧୬ ହଜାର ଓ ୧୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଆସୋସିଏଶନର ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ଏହାକୁ ପରିଚାଳନା କରିଥିଲେ।

### ଅଲ୍ ଇଣ୍ଡିଆ ରେଲୱେ ଟି -୨୦ ପୁରୁଷ କ୍ରିକେଟ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ

## ପୂର୍ବତଟ ରେଲ୍‌ୱେ ଓ ଦକ୍ଷିଣ ପୂର୍ବ ମଧ୍ୟ ରେଲ୍‌ୱେ ବିଜୟୀ






ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ ଆସୋସିଏସନ, ଖୋର୍ଦ୍ଧା ରୋଡ଼ ଦ୍ୱାରା ଆୟୋଜିତ ୬୮ ତମ 'ଅଲ ଇଣ୍ଡିଆ ରେଲୱେ ଟି -୨୦ ପୁରୁଷ କ୍ରିକେଟ୍ ଚାମ୍ପିୟନଶିପ (ଏଲିଟ୍ ପୁଲ୍-ଏ) ୨୦୨୪-୨୫', ରେଲୱେ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ରୋଡ଼ର ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍ ବାଜ୍ୱା, ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଛନ୍ତି। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି), ପି.କେ. ବେହେରା, କ୍ରୀଡା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼, ହିମାଦ୍ରି ଭୂଷଣ ବିଶ୍ୱାଳ ଏବଂ ଅନ୍ୟ ଶାଖା ଅଧିକାରୀ ମାନେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମୋଟ ୬ଟି ରେଲୱେ ଜୋନ୍ ଯଥା ଉତ୍ତର ମଧ୍ୟ ରେଲୱେ, ପୂର୍ବ ରେଲୱେ, ମେଟ୍ରୋ ରେଲୱେ, ପଶ୍ଚିମ ମଧ୍ୟ ରେଲୱେ, ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ ଏବଂ ପୂର୍ବ ତଟ ରେଲୱେ, ଏହି ଏଲିଟ୍ ପୁଲ୍-ଏ ଲିଗ୍ ମ୍ୟାଚ୍‌ରେ ଅଂଶଗ୍ରହଣ କରିଛନ୍ତି । ୪ ତାରିଖରୁ ୧୦ତାରିଖ ପର୍ଯ୍ୟନ୍ତ ୬ଟି ଜୋନ୍ ମଧ୍ୟରେ ମୋଟ ୧୫ ଟି ଲିଗ୍ ମ୍ୟାଚ୍ ଖୋର୍ଦ୍ଧା ରୋଡ଼ରେଲୱେ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ଅବସରରେ ଯୋଗଦେଇ ଏଚ୍ ଏସ ବାଜ୍ୱା, ସେମାନଙ୍କର ସୁସ୍ଥ ଅଂଶଗ୍ରହଣ ପାଇଁ ସମସ୍ତ ଦଳକୁ, ତାଙ୍କର ଶୁଭେଚ୍ଛା ଜଣାଇଛନ୍ତି। ଭାରତୀୟ ରେଳବାଇ, ବିଭିନ୍ନ ଜୋନର ୨୭ଟି ଦଳ ପାଇଁ ୪ ଟି ବିଭିନ୍ନ ସ୍ଥାନରେ ଯଥା,ଖୋର୍ଦ୍ଧା ରୋଡ଼ ରେ ପୁଲ୍-ଏ, କପୂରତାଲା ରେ ପୁଲ୍-ବି, ପଟିଆଲା ରେ ପୁଲ୍-ସି ଏବଂ ଗୌହାଟୀ ରେ ପୁଲ୍ -ଡ ପାଇଁ, ବିଭିନ୍ନ ଲିଗ୍ ମ୍ୟାଚ୍ ଆୟୋଜନ କରୁଛି। ଆଜିର ପ୍ରଥମ ଲିଗ୍ ମ୍ୟାଚ୍ ପୂର୍ବ ତଟ ରେଲୱେ ଏବଂ ଉତ୍ତର ମଧ୍ୟ ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପୂର୍ବ ତଟ ରେଲୱେ ଏହି ମ୍ୟାଚକୁ ୬ ରନରେ ଜିତିଥିଲା। ଇଷ୍ଟକୋଷ୍ଟ ରେଳବାଇର ଅଙ୍କିତ ଯାଦବ, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି), ପି.କେ. ବେହେରା ,ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫିକୁ ପ୍ରଦାନ କରିଥିଲେ। ଆଜିର ଦ୍ୱିତୀୟ ଲିଗ୍ ମ୍ୟାଚ୍, ପୂର୍ବ ରେଲୱେ ଏବଂ ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ ଏହି ମ୍ୟାଚକୁ ୭ ୱିକେଟ୍‌ରେ ଜିତିଥିଲା। ଦକ୍ଷିଣ ପୂର୍ବ ମଧ୍ୟ ରେଳବାଇର ଶ୍ରୀ ଅମିତ୍ ମିଶ୍ର, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ୍ କ୍ରୀଡା ସଚିବ ଏମ୍ ଜାକିରୁଦ୍ଦିନ ତଥା ଇଷ୍ଟକୋଷ୍ଟ ରେଳ ସ୍ପୋର୍ଟସ ଆସୋସିଏସନର ସଦସ୍ୟ ମାନଙ୍କ ଦ୍ୱାରା ଅନୁଷ୍ଠିତ ହେଉଛି।

## ଦିବାରାତ୍ର ଭଲି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଏରସମା (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ଢ଼ିଙ୍କିଆ ପଞ୍ଚାୟତ ଢ଼ିଙ୍କିଆ ନେତାଜୀ ଯୁବକ ସଂଘ ଓ ଜଗନ୍ନାଥ ଯୁବ ପରିଷଦ ମିଳିତ ଆନୁକୁଲ୍ୟରେ ଆୟୋଜିତ ୨ଦିନିଆ ଦିବା ରାତ୍ର ଭଲି ବଲ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ପ୍ରଥମ ଦିବସ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ୮ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲରେ ଏରସମା ବ୍ଲକ ଭିରଙ୍ଗ ଟିମ୍ ଖୁରାଣ୍ଟ ଟିମକୁ ପରାସ୍ତ କରି ବିଜୟୀ ହୋଇଛି ।ସେହିପରି ଦ୍ୱିତୀୟ ଦିନର ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ୬ ଟି ଦଳ ଭାଗ ନେଇଥିଲେ ।ଫାଇନାଲରେ କେ.ଏସ୍.ଆର୍ କ୍ଲବ କଟକ,ଭଦ୍ରକ ଭଲିଟିମକୁ ପରାସ୍ତ କରି ଚାମ୍ପିଆନ୍ ହୋଇଛି ।ଏହି ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଉତ୍ସବରେ ଡ଼,ତନ୍ମୟ ସ୍ୱାଇଁ,ରାଜେଶ ରାଜ୍ ସ୍ୱାଇଁ,ଢ଼ିଙ୍କିଆ ସରପଞ୍ଚ ପିଙ୍କି ଦାସ,ସମାଜସେବୀ ଅନନ୍ତ ନାରାୟଣ ସ୍ୱାଇଁ ଓ ମୁରଲୀଧର ସାହୁ ଯୋଗ ଦେଇଥିଲେ ।ଉଦଯାପନୀ ଉତ୍ସବରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିଆନ୍ ଓ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ ।ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଢିଙ୍କିଆ ଗ୍ରାମର ପ୍ରାକ୍ତନ ଭଲି ଖେଳାଳି ହୃଦାନନ୍ଦ ରାଉତ,ସରୋଜ ରାଉତ,ସଂଗ୍ରାମ ସ୍ୱାଇଁ,ସଂଗ୍ରାମ ଲେଙ୍କା ଓ ପୁଷ୍ପକ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ସାଉଥ୍ ଫିଲ୍ମରେ ଅଭିନୟ କରିବେ ଡେଭିଡ୍ ମିଲର



ହାଇଦ୍ରାବାଦ: ଭାରତୀୟ ସିନେମାରେ କ୍ରିକେଟରଙ୍କୁ ନେଇ ବାୟୋପିକ ନିର୍ମାଣ କରାଯାଇଥାଏ। ଏହି ଫିଲ୍ମ ଗୁଡିକ ମଧ୍ୟ ସଫଳତା ପାଇଥାଏ। ହେଲେ ଅନେକ ସମୟରେ କ୍ରିକେଟର ମାନେ ଡେବ୍ୟୁ କରିଥିବା ନଜର ରହିଛି। ସେମିତି ପୂର୍ବତନ ଅଷ୍ଟ୍ରେଲିୟ କ୍ରିକେଟର ଡେଭିଡ୍ ୱାର୍ଣ୍ଣର ଦକ୍ଷିଣ ସିନେମାରେ ନିଜର ଅଭିନୟର ଯାଦୁ ଦେଖାଇବାକୁ ଯାଉଛନ୍ତି। ଡେଭିଡ୍ ୱାର୍ଣ୍ଣର ଭାରତୀୟ ସିନେମାକୁ ବହୁତ ପସନ୍ଦ କରିଥାନ୍ତି ଏବଂ ସମୟ ସମୟରେ ସେ ଭାରତୀୟ ସିନେମାର ଆକ୍ସନ୍ ଦୃଶ୍ୟ ଏବଂ ଗୀତରେ ରିଲ୍ ତିଆରି କରି ନିଜ ଫ୍ୟାନ୍ସମାନଙ୍କୁ ଏଣ୍ଟରଟେନ ମଧ୍ୟ କରିଥାଆନ୍ତି। ଏବେ ଡେଭିଡ୍ ୱାର୍ଣ୍ଣରଙ୍କ ପ୍ରଶଂସକମାନଙ୍କ ପାଇଁ ଏକ ଖୁସି ଖବର ରହିଛି। ଡେଭିଡ୍ ୱାର୍ଣ୍ଣର ଟଲିଉଡରେ ଡେବ୍ୟୁ କରିବାକୁ ଯାଉଛନ୍ତି। ସାଉଥ୍ ସିନେ ଜଗତର ପପୁଲାର୍ ଆକ୍ଟର ନୀତିନଙ୍କ ଆଗାମୀ ଫିଲ୍ମ ରବିନ୍ ହୁଡ୍‌ରେ ସେ ନଜର ଆସିବେ। ଏନେଇରବିନ୍ ହୁଡ୍ ର ନିର୍ମାତା ପ୍ରକାଶ କରିଛନ୍ତି। ଫିଲ୍ମ ରବିନ୍ ହୁଡ୍ ଭେଙ୍କି କୁଡୁମୁଲାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ଏହା ମୈତ୍ରୀ ମୁଭି ମେକର୍ସ ବ୍ୟାନରରେ ନିର୍ମିତ ହେଉଛି। ଏହି ବ୍ୟାନରରେ 'ପୁଷ୍ପା' ଭଳି ମେଗା-ବ୍ଲକବଷ୍ଟର ଫିଲ୍ମ ମଧ୍ୟ ନିର୍ମିତ ହୋଇଛି। ଏହି ଫିଲ୍ମରେ ନିତିନଙ୍କ ବିପକ୍ଷରେ ଦକ୍ଷିଣ ସିନେମାର ଅଭିନେତ୍ରୀ ଶ୍ରୀଲୀଲା ଲିଡ୍ ରୋଲରେ ନଜର ଆସିବେ। ଏହି ଫିଲ୍ମଟି ତେଲୁଗୁ ଭାଷାରେ ନିର୍ମିତ ହେବ। କୁହାଯାଉଛି ଯେ ଡେଭିଡ୍ ୱାର୍ଣ୍ଣର ଏହି ଫିଲ୍ମରେ ଏକ କ୍ୟାମିଓ କରିବେ। ଫିଲ୍ମଟି ୨୮ ମାର୍ଚ୍ଚରେ ମୁକ୍ତିଲାଭ କରିବାକୁ ଯାଉଛି। ଡେଭିଡ୍ ୱାର୍ଣ୍ଣରଙ୍କୁ ନେଇ ସୋସିଆଲ ମିଡିଆରେ ଜୋରଦାର ଚର୍ଚ୍ଚା ଚାଲିଛି। ଡେଭିଡ୍ ୱାର୍ଣ୍ଣର ରବିନ୍ ହୁଡ୍ ଫିଲ୍ମରେ କ୍ୟାମିଓ କରିବାକୁ ଥିବା ବେଳେ ସେ ପ୍ରତିଦିନ ୧ କୋଟି ଟଙ୍କା ଫିସ୍ ନେବେ ବୋଲି ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା ହେଉଛି। ତେବେ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଏନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

## ସିରାଜଙ୍କ ସମ୍ପର୍କକୁ ନେଇ ମୁହଁ ଖୋଲିଲେ ମାହିରା

ମୁମ୍ବାଇ: ଭାରତୀୟ କ୍ରିକେଟର ତଥା ପେସ ବୋଲର ମହମ୍ମଦ ସିରାଜ ଏବଂ ମାହିରା ଶର୍ମା ପରସ୍ପରକୁ ଭଲ ପାଉଥିବା ଖବର ସୋସିଆଲ ମିଡିଆରେ ବେଶ ଚର୍ଚ୍ଚାର କାରଣ ସାଜିଛି । ଇତି ମଧ୍ୟରେ ମାହିରା ଏହି ସମ୍ପର୍କରେ ମୁହଁ ଖୋଲିଛନ୍ତି । ପୂର୍ବରୁ ତାଙ୍କ ମାଆ ଏହି ଖବରକୁ ଖଣ୍ଡନ କରିଥିଲେ । ମାହିରା କହିଛନ୍ତି ଯେ, ମୋର ଏବେ କାହା ସହିତ ଏ ଭଳି ସମ୍ପର୍କ ନାହିଁ । ଅଯଥା ଗୁଜବ ସୃଷ୍ଟି କରାଯାଉଛି

कार्यपालक अभियंता का कार्यालय,
पथ निर्माण विभाग, पथ प्रमण्डल, हजारीबाग
आवश्यक सूचना
एतद् द्वारा सूचित किया जाता है कि इस कार्यालय से आमंत्रित ई-निविदा IRQP Work for Barkatha-Tetron Road from 0.00 to 32.100 Km (total Length32.100 KM) for the Year 2023-24 Under RCD Road Division Hazaribag जिसका ई-निविदा प्रसंग संख्या (BID Reference No. RCD/HAZARIBAG/194/2024-25 दिनांक 24.02.2025, पी. आर. संख्या 347118 Road(24-25).D दिनांक 25.02.2025 द्वारा प्रकाशित निविदा में निविदा खोलने की तिथि 17.03.2025 के स्थान पर 18.03.2025 पढ़ा जाय।
शेष शर्तें यथावत रहेंगी।
कार्यपालक अभियंता
प.नि.वि. पथ प्रमण्डल, हजारीबाग।
PR 347750 (Road) 24-25 (D)

OFFICE OF THE EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, KHUNTI
e-Procurement Notice
E_Tender Reference No. RCD/KHUNTI/222 Date :- 04-03-2025

| | | |
|---|---|---|
| 1. | Name of the work | IRQP work of Kamdara to Bero Road (MDR 034) From Km 23.46 to Km 51.125 (Total Length=27.665Km) |
| 2. | Estimated Cost (Rs.) | Rs. 17,41,55,375.00 Rs. Seventeen Crore Forty One Lakh Fifty Five Thousand Three Hundred Seventy Five only. |
| 3. | Bid Security (Rs.) | Rs. 17,42,000.00 Rs Seventeen Lakh Forty Two Thousand Only. |
| 4. | Cost of Document (Rs.) | Rs. 10,000.00 Rs. Ten Thousand Only. |
| 5. | Time of Completion | 06 Months |
| 6. | Last date / Time for receipt of bids | 03.04.2025 up to 12:00 Noon |
| 7. | Date of Publication of Tender on website | 10.03.2025 at 12:00 Noon |
| 8. | Name & Address of office Inviting tender | Executive Engineer, Road Construction Department, Road Division, Khunti |
| 9. | Contact no. of Procurement Officer | 06528-221215 |
| 10. | Helpline number of e-Procurement Cell | 0651-2401010 |

Note :- Estimated cost of tender can be increased or decreased
Further details can be seen on website http://jharkhandtenders.gov.in
Executive Engineer,
R.C.D., Road Division, Khunti
PR 347798 Road(24-25)#D

e-Procurement Cell
Executive Engineer, National Rural Employment Programme, Ranchi
JHARKHAND, RANCHI
Very Short Term e-Procurement Notice
Tender Reference No.53/2024-25

| SI. No | Name of Scheme | Estimated Amount (Rs) | Earnest Money (Lac) | BoQ Cost | Scheme Completion Date | Tools & Plant |
|---|---|---|---|---|---|---|
| 1 | Development of Park at Sector-II Dhurwa Ranchi | 20936600.00 | 4.20 | 10000.00 | 18 Month | कार्य के अनुरूप |

| | | |
|---|---|---|
| 3 | Date of Publication of Tender on Website | 07.03.2025 at 11:00 AM |
| 4 | Start Date of Submission of Bids | 07.03.2025 at 10:00 AM |
| 5 | Last Date/Time of Submission of Bids | 12.03.2025 at 11:00 AM |
| 6 | Date/Time of opening of Bid | 17.03.2025 at 2:00 PM |
| 7 | Name & Address of office Inviting tender e-Procurement Cell, | National Rural Employment Programme, Ranchi. |
| 8 | Helpline Number of e-procurement Cell | 94727-45569 |

Any change can be seen on Website *http:// Jharkhandtenders.gov.in.*
*Any other information can be seen on http:// Jharkhandtenders.gov.in.*
Nodal Officer
e-Procurement Cell
Executive Engineer, National Rural Employment Program me, Ranchi
PR 347773 NREP (24-25)_D



ଖାଦ୍ୟ ସର୍ବଦା ସତେଜ ଥିବା ଅବସ୍ଥାରେ ଖାଇବାକୁ ପରାମର୍ଶ ଦିଆଯାଏ । ମାତ୍ର ଅନେକ ସମୟରେ ସମୟ ବଞ୍ଚାଇବାକୁ ଓ ଖାଦ୍ୟ ନଷ୍ଟ ନକରିବା ପାଇଁ ବାସୀ ଖାଦ୍ୟ ମଧ୍ୟ ସେବନ କରି ଥାନ୍ତି । ଏପରି କେତେକ ଖାଦ୍ୟ ରହିଛି, ଯାହାକୁ ବାସି ହେବା ପରେ ଆଦୌ ସେବନ କରିବା ଉଚିତ୍ ନୁହେଁ । କାରଣ ତାହା ଶରୀରରେ ଅନେକ ରୋଗ ସୃଷ୍ଟି କରିଥାଏ । ଜାଣନ୍ତୁ..

ପ୍ରୋଟିନ୍‌ରେ ଭରପୁର ଅଣ୍ଡା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ମାତ୍ର ଏହାକୁ ମଧ୍ୟ ବାସି ଖାଇବା ଅନୁଚିତ୍ । ଅଣ୍ଡାରୁ ତିଆରି ହୋଇଥିବା ଆମ୍‌ଲେଟ୍, ତରକାରୀ, ପରଟା ଆଦିକୁ ସତେଜ ଖାଇବା ଉଚିତ୍। ମାତ୍ର ଏସବୁ ଫ୍ରିଜ୍‌ରେ ରଖିବା ଦ୍ୱାରା ଏଥିରେ ବିଭିନ୍ନ ପ୍ରକାର ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାଏ । ଯାହା ସହଜରେ ହଜମ ହୋଇନଥାଏ । ପାଚନ ଜନିତ ସମସ୍ୟା ସୃଷ୍ଟି କରିଥାଏ। ସବୁଜ ପନିପରିବା ମଧ୍ୟରେ ପାଳଙ୍ଗ, ମେଥି ଆଦିରୁ ତିଆରି ଖାଦ୍ୟ ସତେଜ ହିଁ ଖାଇବା ଉଚିତ୍ । ଏହାକୁ ଫ୍ରିଜ୍‌ରେ ରଖି ବାସି ଖାଇବା ଦ୍ୱାରା ପାଚନ ଜନିତ ଅନେକ ସମସ୍ୟା ସୃଷ୍ଟି କରିବା ସହ ବଦହଜମି, ଛାତିରେ ଜଳାପୋଡା ହୋଇଥାଏ । ସମୟ ବଞ୍ଚାଇବା ପାଇଁ ଲୋକେ ଥରେ ଆଳୁ ସିଝାଇ ରଖି ଦେଇଥାନ୍ତି । ଏହାକୁ ୨ ରୁ ୩ ଦିନ ପର୍ଯ୍ୟନ୍ତ ସେବନ କରିଥାନ୍ତି । ଏଥିରେ ସୃଷ୍ଟି ହୋଇଥିବା ବ୍ୟାକ୍ଟେରିଆ ପେଟ ଭିତରେ ଅନେକ ରୋଗ ସୃଷ୍ଟି ହୋଇଥାଏ । କ୍ଷୀର, ଦହି, ପନୀର ଶୀଘ୍ର ଖରାପ ହୋଇଯାଏ । ତେଣୁ ଏହାକୁ ୨ରୁ ଅଧିକ ଦିନ ପର୍ଯ୍ୟନ୍ତ ରଖି ସେବନ କରିବା ଉଚିତ୍ ନୁହେଁ । ଏହାକୁ ବାସି ସେବନ କରିବା ଦ୍ୱାରା ବାନ୍ତି, ବଦହଜମି ଓ ପେଟ ସହ ଜଡିତ ଅନେକ ସମସ୍ୟା ହୋଇଥାଏ ।



# ଗୁଗ୍‌ଲରେ ଏସବୁ ସର୍ଚ୍ଚ ମନା

ଗୁଗ୍‌ଲରେ ଏସବୁ ସର୍ଚ୍ଚ କଲେ ଯିବେ ଜେଲ। ବର୍ତ୍ତମାନ ସମୟରେ ଗୁଗୁଲ୍‌ର ଚାହିଦା ଢେର ବୃଦ୍ଧି ପାଇଛି । କହିବାକୁ ଗଲେ ଏହା ପ୍ରତ୍ୟେକ ମଣିଷର ଅଭିନ୍ନ ଅଙ୍ଗ ପାଲଟିଛି। କୌଣସି ଅଜଣା ସ୍ଥାନକୁ ଯିବା ହେଉ ଅବା କିଛି ଜାଣିବା ହେଉ, ଅଧିକାଂଶ ଲୋକେ ଗୁଗଲ୍‌ରେ ହିଁ ସର୍ଚ୍ଚ କରନ୍ତି । ହେଲେ କ'ଣ ଆପଣ ଜାଣନ୍ତି କିଛି ଜିନିଷ ଏଭଳି ଅଛି ଯାହାକୁ ଭୁଲ୍‌ରେ ବି ଗୁଗୁଲ୍‌ରେ ସର୍ଚ୍ଚ କରିବା ଅନୁଚିତ।

### ପାଇରେଟେଡେଡ୍ ଫିଲ୍ମ

ପାଇରେସି ଥିବା ଫିଲ୍ମକୁ ଗୁଗୁଲ୍ ?ରେ ସର୍ଚ୍ଚ କରିବା ଅନୁଚିତ। ଭାରତରେ ଏହା କଲେ ଆପଣଙ୍କୁ ୩ ବର୍ଷର ଜେଲଦଣ୍ଡ ସହ ୧୦ ଲକ୍ଷ ଟଙ୍କାର ଜରିମନା ଦେବାକୁ ପଡ଼ିପାରେ।

### ବୋମା ତିଆରି ହେବା ପ୍ରକ୍ରିୟା ଦେଖିଲେ

ଗୁଗୁଲ୍‌ରେ କେବେ ବି ବୋମା ତିଆରି କରିବା ପ୍ରକ୍ରିୟାକୁ ସର୍ଚ୍ଚ କରନ୍ତୁ ନାହିଁ। ଏଥିଯୋଗୁ ଆପଣ ସୁରକ୍ଷା ଏଜେନ୍ସିମାନଙ୍କ ଟାର୍ଗେଟକୁ ଆସିପାରନ୍ତି। ଏହାକୁ ଅପରାଧ ବୋଲି କୁହାଯାଏ।

### ଗର୍ଭପାତ ସମ୍ପର୍କରେ ସୂଚନା

ଗର୍ଭପାତ ସମ୍ପର୍କରେ ଗୁଗୁଲ୍‌ରେ ସର୍ଚ୍ଚ କରିବା ଉଚିତ ନୁହେଁ। କାରଣ ଏହା ବିପଦଜନକ। ବିନା ଡାକ୍ତରଙ୍କ ମଞ୍ଜୁରୀରେ ଏଭଳି କରିବା ଦଣ୍ଡନୀୟ ଅପରାଧ ମଧ୍ୟ।

### ଦୁଷ୍କର୍ମ ପୀଡ଼ିତାଙ୍କ ସମ୍ପର୍କରେ ସୂଚନା

କୌଣସି ବଳାତ୍କାର ପୀଡ଼ିତା/ପୀଡ଼ିତଙ୍କ ସୂଚନା ନେଇ ସର୍ଚ୍ଚ କରିବା ଅନୁଚିତ କାରଣ ଏଥିଯୋଗୁ ଆପଣଙ୍କୁ ୫ରୁ ୭ ବର୍ଷ ଜେଲ ହୋଇପାରେ।

### ଚାଇଲ୍ଡ ପର୍ଣ୍ଣ

ଗୁଗୁଲ୍‌ରେ ଆପଣ ଚାଇଲ୍ଡ ପର୍ନ ସମ୍ପର୍କରେ ସର୍ଚ୍ଚ କରିବା ଉଚିତ ନୁହେଁ। କାରଣ ଏହା କଲେ ୫-୭ ବର୍ଷ ଜେଲଦଣ୍ଡ ହୋଇପାରେ।




# ଚିନ୍ତା ଦୂର କରିବ ସୁଗନ୍ଧିତ ତୈଳ





*ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀ ଯୋଗୁ ମଣିଷକୁ ଟିକେ ଶାନ୍ତି ମିଳିବା କଷ୍ଟ ହୋଇପଡିଛି । ଯାହାଦ୍ୱାରା ଲୋକଙ୍କଠାରେ ବଢିଚାଲିଛି ଷ୍ଟ୍ରେସ୍ ଓ ଆଙ୍ଗ୍‌ଜାଇଟି । ଏହାକୁ କମ୍ କରିବା ପାଇଁ କେତେବେଳେ ଯୋଗ ତ ଆଉ କେତେବେଳେ ଔଷଧର ସାହାର ନେବାକୁ ପଡୁଛି । ଏମିତି କେତେକ ସୁଗନ୍ଧିତ ତୈଳ ରହିଛି, ଯାହା ମନକୁ ଶାନ୍ତ କରିବାରେ ସାହାଯ୍ୟ କରିଥାଏ । ଚାଲନ୍ତୁ ଜାଣିବା ଏମିତି କେତେକ ଏସେନ୍ସିଆଲ୍ ଅଏଲ୍ ବିଷୟରେ ଯାହା ମାନସିକ ଥକ୍କାପଣ ଦୂର କରିବା ସହ ମନକୁ ଶାନ୍ତ କରିଥାଏ ।*

ଏବେ ଷ୍ଟ୍ରେସ୍ ବା ଚିନ୍ତା ସମସ୍ତଙ୍କ ପାଇଁ ଖୁବ୍ ସାମାନ୍ୟ ହୋଇପଡିଛି । ଅଫିସ୍, ପରିବାର ଓ ଭବିଷ୍ୟତ ଚିନ୍ତା ବ୍ୟକ୍ତିକୁ ଘାରିବାରେ ଲାଗିଛି । ଲଗାତାର ଚିନ୍ତାରେ ରହିବା ଦ୍ୱାରା ମାନସିକ ସ୍ଥିତି ଦୁର୍ବଳ ହୋଇଥାଏ। ଫଳରେ ମୁଣ୍ଡବିନ୍ଧା, ରକ୍ତହୀନତା, ରକ୍ତଚାପ ଓ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଥାଏ । ଏହି ସ୍ଥିତିରେ ଏସେନ୍ସିଆଲ୍ ଅଏଲ୍ ଥେରାପୀ ପ୍ରାକୃତିକ ସମାଧାନ ଭାବେ କାମ କରିଥାଏ । ଏସେନ୍ସିଆଲ୍ ଅଏଲ୍‌କୁ ଏରୋମାଥେରାପୀ ଜରିଆରେ ବ୍ୟବହାର କରିବା ଦ୍ୱାରା ମନ ଶାନ୍ତ ରହିବା ସହ ମୁଡ୍ ଭଲ ରହିଥାଏ । ଫଳରେ ଭଲ ନିଦ ହେବା ସହ ଚିନ୍ତା ଦୂର ହୋଇଥାଏ ।

**ଲାଭେଣ୍ଡର ଅଏଲ୍:** ଏହା ଚିନ୍ତା, ଆଙ୍ଗ୍‌ଜାଇଟି ଓ ନିଦ ନ ଆସିବା ସମସ୍ୟାକୁ ଦୂର କରିଥାଏ । ଏହାର ବାସ୍ନା ମନକୁ ଶାନ୍ତ କରିବା ସହ ଗଭୀର ନିଦ ହେବାରେ ସାହାଯ୍ୟ କରିଥାଏ । ଏହାକୁ ତକିଆରେ ଲଗାଇପାରିବେ । ସ୍ନାନ କରିବାକୁ ଥିବା ପାଣିରେ ପକାଇ ସ୍ନାନ କରିପାରିବେ ।

**ଗୋଲାପ ତେଲ:** ଏହା ଅବସାଦକୁ କମ୍ କରିବା ସହ ମୁଡ୍‌କୁ ଭଲ କରିଥାଏ । ମାନସିକ ଚିନ୍ତାକୁ ଦୂରାଏ ।

**ଚନ୍ଦନ ତେଲ:** ଏହା ଧ୍ୟାନକେନ୍ଦ୍ରୀତ କରିଥାଏ । ମନକୁ ଶାନ୍ତ କରିବା ସହ ଭାବନାରେ ସନ୍ତୁଳନ ରକ୍ଷା କରିଥାଏ । ଏହାକୁ ଇନହେଲ୍ କରିପାରିବେ କିମ୍ବା ତ୍ୱଚାରେ ଲଗାଇପାରିବେ ।

**ଜସ୍ମିନ୍ ତେଲ**

ଏହା ଆଣ୍ଟି ଡିପ୍ରେସନ୍ କମାଇବା ସହ ମୁଡ୍‌ରେ ପରିବର୍ତ୍ତନ ଆଣିଥାଏ ।

# ବିଶ୍ୱର ଏହି ଦେଶରେ ଅଛନ୍ତି ସର୍ବାଧିକ ଗାଈ

ବିଶ୍ୱର ସବୁଠାରୁ ଅଧିକ ଗାଈ ଭାରତରେ ଦେଖାଯାଆନ୍ତି। କେବଳ ଏତିକି ନୁହେଁ, ଭାରତରେ ସର୍ବାଧିକ କ୍ଷୀର ଉତ୍ପାଦନ ହୁଏ। ଭାରତରୁ ଅନ୍ୟ ଦେଶକୁ ମଧ୍ୟ କ୍ଷୀର ରପ୍ତାନି କରାଯାଏ। ସୂଚନା ଅନୁଯାୟୀ, ଭାରତରେ ପ୍ରାୟ ୩୦୭.୫ ନିୟୁତ ଗାଈ ଅଛନ୍ତି। ବିଶ୍ୱର ମୋଟ ଗାଈର ପ୍ରାୟ ୨୦% ଭାରତରେ ଅଛନ୍ତି। ଭାରତ ପରେ, ଚାଇନାର ନାମ ଦ୍ୱିତୀୟ ସ୍ଥାନରେ ଅଛି। ଚାଇନାରେ ପ୍ରାୟ ୧୩ କୋଟି ୯୭ ଲକ୍ଷ ୨୧ ହଜାର ଗାଈ ଅଛନ୍ତି। ଆମେରିକା ତୃତୀୟ ସ୍ଥାନରେ ଅଛି, ଆମେରିକାରେ ପ୍ରାୟ ୯ କୋଟି ୬୬ ଲକ୍ଷ ୬୯ ହଜାର ଗାଈ ଅଛନ୍ତି। ୟୁରୋପୀୟ ୟୁନିଅନରେ ପ୍ରାୟ ୮ କୋଟି ୭୬ ଲକ୍ଷ ୫୦ ହଜାର ଗାଈ ଅଛନ୍ତି। ଏହା ବ୍ୟତୀତ ଆର୍ଜେଣ୍ଟିନାରେ ପ୍ରାୟ ୫ କୋଟି ୧୦ ଲକ୍ଷ ୬୨ ହଜାର ଗାଈ ଅଛନ୍ତି। ଭାରତ ସାରା ବିଶ୍ୱରେ କ୍ଷୀର ଉତ୍ପାଦନରେ ମଧ୍ୟ ଏକ ନମ୍ବର। ଭାରତ ପରେ, ଆମେରିକା ବିଶ୍ୱର ଦ୍ୱିତୀୟ ବୃହତ୍ତମ କ୍ଷୀର ଉତ୍ପାଦନକାରୀ ଦେଶ। ଆମେରିକା ବିଶ୍ୱର ପ୍ରମୁଖ କ୍ଷୀର ରପ୍ତାନିକାରୀ ଦେଶମାନଙ୍କ ମଧ୍ୟରୁ ଗୋଟିଏ। ଗାଈ କ୍ଷୀର ପ୍ରୋଟିନ ଏବଂ ଲାକ୍ଟୋଜ ସମେତ ପୁଷ୍ଟିସାରର ଏକ ମୁଖ୍ୟ ଉତ୍ସ। ସାରା ବିଶ୍ୱରେ ୨୬୪ ନିୟୁତରୁ ଅଧିକ ଦୁଗ୍ଧଦାତା ଗାଈ ଅଛନ୍ତି, ଯେଉଁମାନେ ପ୍ରତିବର୍ଷ ପ୍ରାୟ ୬୦୦ ନିୟୁତ ଟନ କ୍ଷୀର ଉତ୍ପାଦନ କରନ୍ତି। ପ୍ରତି ଗାଈ କ୍ଷୀର ଉତ୍ପାଦନର ବିଶ୍ୱ ହାରାହାରି ପ୍ରାୟ ୨,୨୦୦ ଲିଟର। ଆମେରିକାରେ ଗାଈଙ୍କ ସଂଖ୍ୟା ଭାରତ ତୁଳନାରେ କମ। କିନ୍ତୁ ଆମେରିକାରେ କ୍ଷୀର ଉତ୍ପାଦନ ବହୁତ ଅଧିକ। କାରଣ ଆମେରିକାରେ ବିଶ୍ୱର ସବୁଠାରୁ ଅଧିକ କ୍ଷୀର ଉତ୍ପାଦନକାରୀ ଗାଈ ଅଛନ୍ତି। ହୋଲଷ୍ଟାଇନ ପ୍ରଜାତିର ଗାଈ ବିଶ୍ୱରେ ଗୋଟିଏ ଦିନରେ ସର୍ବାଧିକ ପରିମାଣର କ୍ଷୀର ଦିଏ।

# ଡେଟିଂକୁ ନେଇ ମୁହଁ ଖୋଲିଲେ ମାହିରା



ବିଗ୍‌ବସ ଫେମ ମାହିରା ଶର୍ମା ପ୍ରାୟତଃ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଖବରରେ ଥାଆନ୍ତି। ଗୋଟିଏ ସମୟ ଥିଲା ଯେତେବେଳେ ପାରସ ଛାବ୍ରାଙ୍କ ସହ ତାଙ୍କର ସମ୍ପର୍କ ଏକ ରିଆଲିଟି ଶୋ'ରେ ଆରମ୍ଭ ହୋଇଥିଲା କିନ୍ତୁ ତା'ପରେ ଉଭୟଙ୍କ ବ୍ରେକଅପ ହୋଇଯାଇଥିଲା। ଏହା ପରେ ତାଙ୍କ ନାମ ପ୍ରସିଦ୍ଧ କ୍ରିକେଟର ମହମ୍ମଦ ସିରାଜଙ୍କ ସହ ଯୋଡା ଯାଇଥିଲା। ଦୁହେଁ ପରସ୍ପରକୁ ଡେଟ୍ କରୁଥିବାର ଗୁଜବ ଉଠିଥିଲା। ଏବେ ପ୍ରଥମ ଥର ପାଇଁ ମାହିରା ଶର୍ମା ଏହି ଗୁଜବ ଉପରେ ନିଜର ନୀରବତା ଭାଙ୍ଗିଛନ୍ତି। ସେ ଏହି ଗୁଜବଗୁଡ଼ିକୁ ଅସ୍ୱୀକାର କରିଛନ୍ତି। ମାହିରା ଶର୍ମା ତାଙ୍କ କାମ ଏବଂ ବ୍ୟକ୍ତିଗତ ଜୀବନ ପାଇଁ ସବୁବେଳେ ଚର୍ଚ୍ଚାରେ ରୁହନ୍ତି। କିଛି ସମୟ ଧରି ତାଙ୍କ ନାମ କ୍ରିକେଟର ମହମ୍ମଦ ସିରାଜଙ୍କ ସହ ଯୋଡା ହେଉଥିଲା। କିନ୍ତୁ ଏବେ ଏକ ସାକ୍ଷାତକାରରେ ସେ ଏହି ରିପୋର୍ଟଗୁଡ଼ିକୁ ଗୁଜବ ବୋଲି କହିଛନ୍ତି। ଏହା ସହିତ ଡେଟିଂ ଏବଂ ଏପରି ଜିନିଷଗୁଡ଼ିକୁ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି। ଏକ ସାକ୍ଷାତକାରରେ, ଯେତେବେଳେ ତାଙ୍କୁ ପଚରାଗଲା ଯେ ସେ ମହମ୍ମଦ ସିରାଜଙ୍କୁ ଡେଟ୍ କରୁଛନ୍ତି କି, ସେ କହିଲେ ଯେ ଏହି ଖବର ସତ୍ୟ ନୁହେଁ, ସେ କାହାକୁ ଡେଟ୍ କରୁନାହାଁନ୍ତି। ମାହିରା ଏହା ମଧ୍ୟ କହିଛନ୍ତି, ସେ ଜଣେ ଅଭିନେତ୍ରୀ ହୋଇଥିବାରୁ ଏପରି ଗୁଜବକୁ ଏଡାଇବା କଷ୍ଟକର। ଲୋକମାନେ ପ୍ରାୟତଃ ତାଙ୍କୁ ତାଙ୍କ ସହ-କଳାକାରଙ୍କ ସହିତ ମଧ୍ୟ ଯୋଡନ୍ତି। ମାହିରା କହିଛନ୍ତି , ସେ ଏହି ଗୁଜବକୁ ଅଧିକ ଗୁରୁତ୍ୱ ଦିଅନ୍ତି ନାହିଁ।

# 'ଲଭ୍ ସେକ୍ସ ଔର ଧୋଖା'ରୁ ଅଭିନୟ ଆରମ୍ଭ କରିଥିଲେ ଅଦିତି



ବବି ଦେଓଲଙ୍କ ୱେବ୍ ସିରିଜ୍ 'ଆଶ୍ରମ ୩'ର ପାର୍ଟ ୨ ବର୍ତ୍ତମାନ ମୁକ୍ତିଲାଭ କରିଛି। ଯାହା ରିଲିଜ୍ ହେବା ମାତ୍ରେ ଲୋକଙ୍କ ହୃଦୟକୁ କାବୁ କରିଛି। କିନ୍ତୁ ଏଠାରେ ଆମେ ଆପଣଙ୍କୁ ସିରିଜ୍ ବିଷୟରେ ନୁହେଁ ବରଂ ନିରୀହ ପମ୍ମି ବା ଅଦିତି ପୋହନକରଙ୍କ ପ୍ରକୃତ ଜୀବନ ବିଷୟରେ କହିବୁ। ଅନେକ ୱେବ୍ ସିରିଜ୍ ଏବଂ ଚଳଚ୍ଚିତ୍ରରେ କାମ କରିଥିବା ଅଦିତି ପୋହନକରଙ୍କୁ 'ଆଶ୍ରମ'ରୁ ତାଙ୍କର ପ୍ରକୃତ ପରିଚୟ ମିଳିଥିଲା। ଏହି ସିରିଜ୍ ତାଙ୍କୁ ରାତାରାତି ଏକ ଷ୍ଟାର୍ କରିଥିଲା। ଅଦିତି ପୋହନକର ହିନ୍ଦୀ ଚଳଚ୍ଚିତ୍ର 'ଲଭ୍ ସେକ୍ସ ଔର ଧୋଖା (୨୦୧୦)'ରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ। ଏହା ପରେ ସେ ମରାଠୀ ଚଳଚ୍ଚିତ୍ର 'କୁନାସାଥୀ କୁନିତାରୀ'ରେ ମଧ୍ୟ ଅଭିନୟ କରିଥିଲେ। କିନ୍ତୁ ଅଦିତି ପୋହନକର ଓଟିଟି ପ୍ଲାଟଫର୍ମରୁ ତାଙ୍କର ପ୍ରକୃତ ପରିଚୟ ପାଇଲେ। ତାଙ୍କର ପ୍ରଥମ ୱେବ୍ ସିରିଜ୍ ଥିଲା ସିରିଜ୍ 'ସି' ଯାହା ନେଟଫ୍ଲିକ୍ସରେ ଆସିଥିଲା। ତାଙ୍କର ବୋଲ୍ଡ ଅବତାର ମଧ୍ୟ ଏହି ସିରିଜରେ ଦେଖିବାକୁ ମିଳିଥିଲା। ଏହା ପରେ ସେ 'ଆଶ୍ରମ'ରେ ବବି ଦେଓଲଙ୍କ ସହ କାମ କରିବାର ସୁଯୋଗ ପାଇଲେ ଏବଂ ତାଙ୍କର ଚମତ୍କାର ଅଭିନୟ ସହିତ ସେ ସମଗ୍ର ଦେଶର ହୃଦୟ ଜିତିଥିଲେ। ବବିଙ୍କ ସହିତ ଏହି ସିରିଜରେ ତାଙ୍କର କାମକୁ ମଧ୍ୟ ବହୁତ ପ୍ରଶଂସା କରାଯାଏ। 'ଆଶ୍ରମ'ରେ ଜଣେ ନିରୀହ ଝିଅ ଭୂମିକାରେ ଅଭିନୟ କରିଥିବା ଅଦିତି ପୋହନକର ଆଜି କେବଳ ତାଙ୍କ ଅଭିନୟ ପାଇଁ ନୁହେଁ ବରଂ ତାଙ୍କ ସୌନ୍ଦର୍ଯ୍ୟ ଏବଂ ଘାତକ ଲୁକ୍‌ରେ ପ୍ରଶଂସକଙ୍କ ହୃଦୟକୁ ଛୁରି ମାରନ୍ତି। ରିପୋର୍ଟ ଅନୁଯାୟୀ, ଆଜିକାଲି ଅଭିନେତ୍ରୀ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ତାଙ୍କ ସମ୍ପତ୍ତିର ମୂଲ୍ୟ ପ୍ରାୟ ୬୭ କୋଟି ଟଙ୍କା ବୋଲି କୁହାଯାଉଛି। 'ଆଶ୍ରମ'ର ଅପାର ସଫଳତା ପରେ ଅଦିତି ପୋହନକର ମଧ୍ୟ ତାଙ୍କ ଫି ବୃଦ୍ଧି କରିଛନ୍ତି। ଏହି ଅଭିନେତ୍ରୀଙ୍କ ଫଟୋ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହୁଏ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଜିଲ୍ଲା ଶିକ୍ଷକ ପ୍ରଶିକ୍ଷକ ପ୍ରତିଷ୍ଠାନ,ଢେଙ୍କାନାଳ ଅନୁକୂଲ୍ୟରେ ଡି.ଆଇ.ଇ.ଟି.ଦ୍ୱିତୀୟ ବର୍ଷର ଗୁରୁ ଛାତ୍ରଛାତ୍ରୀଙ୍କ ଇଣ୍ଟର୍ଣ୍ଣସିପ୍ ସମୟରେ ଗୁରୁ ଛାତ୍ରଛାତ୍ରୀ ଏବଂ ଡି.ଆଇ.ଇ.ଟି. ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ଏବଂ ପୋଲିସ୍ ଲାଇନ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରେଖା ସାହୁଙ୍କ ମିଳିତ ସହଯୋଗରେ ଉକ୍ତ ବିଦ୍ୟାଳୟର ପିଲାମାନଙ୍କୁ ନେଇ ଏକ ଅଂଶୁଘାତ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। ଏହି ଶୋଭାଯାତ୍ରାରେ ଡି.ଆଇ.ଇ.ଟି.ର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ହରପ୍ରିୟା ପୃଷ୍ଟି ଏବଂ ବିଦ୍ୟାଳୟର ଉପସଭାପତି ପତିତପାବନ ମହାନ୍ତି ଏବଂ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷୟିତ୍ରୀମାନେ ଯୋଗଦେଇ ଶୋଭାଯାତ୍ରାକୁ ସାଫଲ୍ୟମଣ୍ଡିତ କରିଥିଲେ। ଉକ୍ତ ଶୋଭାଯାତ୍ରାଟି ବିଦ୍ୟାଳୟରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ ସହର ପରିକ୍ରମା କରିଥିଲା। ଏଥିରେ ବିଦ୍ୟାଳୟର ଛୋଟଛୋଟ ପିଲାମାନେ ଲୋକମାନଙ୍କୁ ଖରାରେ ବାହାରକୁ ନ ବାହାରିବା ଏବଂ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସଚେତନ ବାର୍ତ୍ତା ଦେଇଥିଲେ।

# ଜଳ ବିଭାଜିକା ମହୋତ୍ସବ ପାଳିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଉରୁମୁଣ୍ଡା ଗ୍ରାମରେ ବ୍ଲକସ୍ତରୀୟ ୱାଟରସେଡ ଯାତ୍ରା ତଥା ଜଳ ବିଭାଜିକା ମହୋତ୍ସବ-୨୦୨୫ର ଶୁଭାରମ୍ଭ ହୋଇଯାଇଛି। ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା, କେନ୍ଦୁଝର ଆନୁକୂଲ୍ୟରେ ବାଂଶପାଳ ବ୍ଲକର କୁମୁଣ୍ଡି ପଂଚାୟତ ଉରୁମୁଣ୍ଡା, ଉପର ରାଇଗୋଡା ପଂଚାୟତର କମଗାଁ ଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଡାକ୍ତର ଫକରୀ ମୋହନ ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବିଭାଗ ଦ୍ୱାରା ଚାଲିଥିବା ବିଭିନ୍ନ ଯୋଜନାର ଲାଭ ନେବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଶେଷ କରି କ୍ଷେତ ପୋଖରୀ, ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା, ଆଡିବନ୍ଧ, ବନୀକରଣ କାର୍ଯ୍ୟରେ ଚାଷୀମାନେ ସାମିଲ ହେବାକୁ ନାୟକ ଆହ୍ୱାନ ଦେଇଥିଲେ। କ୍ଷେତ ପୋଖରୀରେ ଚାଷୀମାନେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଏବଂ ପଶୁ ସମ୍ପଦ ବିଭାଗର ସହଯୋଗରେ ବିଭିନ୍ନ ପ୍ରକଳ୍ପ କରି ଲାଭାନ୍ୱିତ ହୋଇପାରିବେ ବୋଲି ସେ କହିଥିଲେ। ସମ୍ମାନୀତ ଅତିଥି ଭାବେ ପଦ୍ମଶ୍ରୀ ଦୈତାରୀ ନାଏକ ଏହି ଅଞ୍ଚଳରେ ଅଧିକ ଜଳସେଚନର ବ୍ୟବସ୍ଥା କଲେ ଚାଷୀମାନେ ଆତ୍ମ ନିର୍ଭରଶୀଳ ହୋଇ ପାରିବେ ବୋଲି କହିଥିଲେ। ଜଳ ବିଭାଜିକା, ଉପନିର୍ଦ୍ଦେଶକ ଅଶୋକ କୁମାର ସେନାପତି ଜଳ ବିଭାଜିକା ବିଭାଗ ଦ୍ୱାରା ଚାଲିଥିବା ବିଭିନ୍ନ ସ୍କିମ ସମ୍ପର୍କରେ ଚାଷୀ ମାନଙ୍କୁ ଅବଗତ କରାଇଥିଲେ। ଭାଜପା ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଜିଲ୍ଲାରେ ଏହି ବିଭାଗ ଦ୍ୱାରା ବାଂଶପାଳ ବ୍ଲକରେ ଅଧିକରୁ ଅଧିକ କ୍ଷେତ ପୋଖରୀ କରିବାକୁ ବିଭାଗକୁ ପରାମର୍ଶ ଦେଇଥିଲେ। ବାଂଶପାଳ ବ୍ଲକର ନବନିଯୁକ୍ତ ବିଡିଓ ରାଜା ରଣଜିତ୍ ଦେଓ ବ୍ଲକର ବିଭିନ୍ନ ଯୋଜନା ସହ ଜଳ ବିଭାଜିକାର ବିଭିନ୍ନ ଯୋଜନା ସହିତ କନଭରଜେନ୍ସ କରି ଲୋକଙ୍କୁ ଅଧିକରୁ ଅଧିକ କର୍ମନିଯୁକ୍ତି ଦିଆଯିବ ଏବଂ ଆତ୍ମ-ନିର୍ଭରଶୀଳ ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି କହିଥିଲେ। ପ୍ରାକୃତିକ ସମ୍ପଦର ସୁପରିଚାଳନା ଓ ସୁବିନିଯୋଗ ସହିତ ଜଳ ଓ ମୃର୍ତ୍ତିକା ସଂରକ୍ଷଣ ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହା ପରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ ହୋଇଥିଲା। ଏହି ଉପଲକ୍ଷେ ଭୂମି ଓ ଜଳ ସଂରକ୍ଷଣ ଶପଥ ପାଠ କରାଯାଇଥିଲା। ଗ୍ରାମର ଶତାଧିକ ପୁରୁଷ ଓ ମହିଳାଙ୍କ ଦ୍ୱାରା ଶ୍ରମଦାନ କରାଯାଇ ବୃକ୍ଷରୋପଣ କରାଯାଇ ଥିଲା। ବାଂଶପାଳ ବ୍ଲକର ସଫଳ ଚାଷୀ ଏବଂ ୱାଟରସେଡ ଯୋଦ୍ଧାମାନଙ୍କୁ ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଜଳ ବିଭାଜିକା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକସ୍ତରୀୟ ଜନ ସଚେତନତା ଶିବିରରେ ବହୁ ଚାଷୀ ଯୋଗ ଦେଇଥିଲେ।

# ସାମ୍ବାଦିକଙ୍କୁ ମିଳିବ କାର୍ଯ୍ୟାଳୟ ଗୃହ : ପ୍ରତିଶ୍ରୁତି ଦେଲେ ପୌରପାଳିକା ନିର୍ବାହୀ ଅଧିକାରୀ




ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ସାମ୍ବାଦିକମାନଙ୍କର କାର୍ଯ୍ୟାଳୟ ଯୋଗାଣ ଦାବିରେ ସାମ୍ବାଦିକମାନେ ଗଣଧାରଣା ଆରମ୍ଭ କରିଥିଲେ। ସାମ୍ବାଦିକମାନଙ୍କ ପାଇଁ ପୌର ପରିଷଦ ପକ୍ଷରୁ କାର୍ଯ୍ୟାଳୟ ଯୋଗାଣ ନିମନ୍ତେ ଏହି ଦିବା ରାତ୍ର ଚାଲୁ ରହିବ ବୋଲି ଧାରଣାରତ ସାମ୍ବାଦିକ ମାନେ ପ୍ରକାଶ କରିଥିଲେ। ଉକ୍ତ ଗଣଧାରଣାରେ ନେତୃତ୍ୱ ନେଇଥିବା ସର୍ବଶ୍ରୀ ଉପେନ୍ଦ୍ର କୁମାର ନାୟକ ସଞ୍ଜୟ କୁମାର ପଣ୍ଡା ବ୍ରଜବନ୍ଧୁ ଦାଶ ସନ୍ତୋଷ କୁମାର ପତି ପ୍ରମୋଦ ଦାଶ ସୁଶାନ୍ତ କର ପ୍ରମୁଖ ସାମ୍ବାଦିକ ଗଣଧାରଣା ଆନ୍ଦୋଳନରେ ସାମିଲ ହେବା ସହିତ ଅନ୍ୟ ସାମ୍ବାଦିକ ଭାଇ ଓ ଭଉଣୀ ବି ଯୋଗ ଦେଇଥିଲେ। ଏହି ଆନ୍ଦୋଳନକୁ ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁ ରାଜନେତା ସମାଜସେବୀ ଗଣ ସଙ୍ଗଠକ ସମର୍ଥନ ଜଣାଇ ଆନ୍ଦୋଳନକାରୀ ଙ୍କ ଶିବିରରେ ପହଞ୍ଚିଥିଲେ। ଏମାନଙ୍କ ମଧ୍ୟରେ ସର୍ବେଶ୍ୱର ସେଠୀ ପ୍ରମୋଦ କୁମାର ଜେନା ଅବିନାଶ ଲେଙ୍କା ରବୀନ୍ଦ୍ର ମହାନ୍ତି ଅନ୍ତର୍ଯ୍ୟାମୀ ମଳିକ ବିଜୟ କୁମାର ବିଶ୍ୱାଳ ସତ୍ୟପ୍ରିୟ ସାମଲ କଳ୍ପତରୁ ମଳିକ ରଞ୍ଜନ କୁମାର ପ୍ରଧାନ ପ୍ରଭାତ ପ୍ରଧାନ ସୁଧାଂଶୁ ଶେଖର ଜେନା ଈଶ୍ୱର ମଳିକ ତପ ରଞ୍ଜନ ବେହେରା ଅଜୟ କୁମାର ପ୍ରଧାନ କାନନବାଳା ଦାସ ସୁନାକର ପ୍ରଧାନ ଜ୍ୟୋତିପ୍ରକାଶ ପ୍ରଧାନ ସଞ୍ଜୟ କୁମାର ଧଳ ମିଟୁ ମନୋଜ ନାୟକ ସୌମ୍ୟ ରଞ୍ଜନ ଧଳ ସଞ୍ଜୟ କୁମାର ଦାସ ରାଜୀବ ଲୋଚନ ମିଶ୍ର ବିଜ୍ଞାନ ମିହିର ଜେନା, କ୍ଷୀରୋଦ ଦଶ, ନଳିନୀ ବାବୁ, ସମେତ ସତାଧିକ ବ୍ୟକ୍ତି ଉପସ୍ଥିତ ରହି ସମର୍ଥନ ଜଣାଇଥିଲେ। ତୃତୀୟଦିନ ଗଣଧାରଣାରେ ୨୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗ ଦେଇଥିଲେ। ଆମ ଆନ୍ଦୋଳନକୁ ସମର୍ଥନ ଜଣାଇ ପଟ୍ଟାମୁଣ୍ଡାଇ ବାର ଆସୋସିଏସନର ଉପସଭାପତି ସୁରେଶ କୁମାର ନରେନ୍ଦ୍ର, କୋଷାଧ୍ୟକ୍ଷ ଧୀରେନ୍ଦ୍ର ନାଥ ସାହୁ ଦୁଇଜଣ ଆମ ସହିତ ଆନ୍ଦୋଳନକୁ ଆସି ସମର୍ଥନ ଦେଲେ। ପଞ୍ଚମ ଦିନରେ ଚଉଦରୁ ଉର୍ଦ୍ଧ୍ୱ ସାମ୍ବାଦିକ ବସିଥିଲା ବେଳେ ପଟ୍ଟାମୁଣ୍ଡାଇ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କ ସହ ରାଜନଗର ନିର୍ବାଚନ ମଣ୍ଡଳୀର ବିଜେପି ନେତା ଆମରଣ ସ୍ଥଳକୁ ଆସି ସାମ୍ବାଦିକଙ୍କ ସହ ଆଲୋଚନା କରିଥିଲେ। ସାମ୍ବାଦିକ ମାନଙ୍କ ଗଣଧାରଣାର ପଞ୍ଚମ ଦିବସରେ ଆଜି ଧାରଣା ସ୍ଥଳୀରେ ବିଜେପି ବିଧାୟକ ପାର୍ଥ ଲଳିତ ବେହେରା, ପଟ୍ଟାମୁଣ୍ଡାଇ ମୁନିସିପାଲିଟି ନିର୍ବାହୀ ଅଧିକାରୀ, ଆଦର୍ଶ ଥାନା ଆଇଆଇସି, ରାଜନୈତିକ ନେତା ନିଶିକାନ୍ତ ପ୍ରଧାନ, ମିଟୁ ମନୋଜ ନାୟକ, ଅଶୋକ ସାହୁ, ବିଦ୍ୟାଧର ସେଠୀ, ସର୍ବେଶ୍ୱର ସେଠୀଙ୍କ ସମେତ ବହୁ ରାଜନୈତିକ ନେତା ଓ କର୍ମୀଙ୍କ ଉପସ୍ଥିତିରେ ଧାରଣା କକ୍ଷରୀମାନଙ୍କ ସହିତ ଆଲୋଚନା କରାଯାଇ, ଜିଲ୍ଲାପାଳଙ୍କ ସହମତିରେ ଖୁବ୍ ଶୀଘ୍ର ସାମ୍ବାଦିକ ଭବନ ଯୋଗାଇଦେବାକୁ ପ୍ରତିଶ୍ରୁତି ଦିଆଯିବାରୁ ଧାରଣାକାରିମାନେ ଗଣଧାରଣାକୁ ପ୍ରତ୍ୟାହାର କରିନେଇଛନ୍ତି। ଶେଷରେ ପଟ୍ଟାମୁଣ୍ଡାଇ ସାମ୍ବାଦିକ ସଂଘ ତରଫରୁ ପଟ୍ଟାମୁଣ୍ଡାଇ ଜନସାଧାରଣ ଆମ ପ୍ରତି ଭଲପାଇବା ପାଇଁ ଆମେ ଆମ ଗଣଧାରଣାରେ ସଫଳ ହେଲୁ ବୋଲି ସାମ୍ବାଦିକମାନେ କହିଛନ୍ତି।

# ପଞ୍ଚାୟତିରାଜ ଏବଂ ପାନୀୟଜଳ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲୀ ଠାରେ ପଞ୍ଚାୟତ ରାଜ ଏବଂ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ମନ୍ତ୍ରୀଙ୍କ ମାଲକାନଗିରି ଗ୍ରସ୍ତ ସମୟରେ ଗୋବିନ୍ଦପାଲ୍ଲୀ ଫରେଷ୍ଟ ଡାକ ବଙ୍ଗଳା ଠାରେ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଡାକ ବଙ୍ଗଳାକୁ ସ୍ୱାଗତ କରି ନିଆଯାଇଥିଲା। ସେଠାରେ ସେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପରେ ଗୋବିନ୍ଦପାଲ୍ଲୀ ଏବଂ କୁଡୁମୁଲୁଗୁମ୍ମା ଗ୍ରାମରେ ନୂତନ ବ୍ଲକ ସ୍ଥାପନ ପାଇଁ ଉଭୟ ଗ୍ରାମବାସୀଙ୍କ ତରଫରୁ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡମ୍ବୁରୁ ସୀସା, ସାଂସଦ ପ୍ରତିନିଧି ସିଦ୍ଧାର୍ଥ ଶଙ୍କର ରଥ, ମଣ୍ଡଳ ସଭାପତି ବିଦ୍ୟାଧର ସାହାଣୀ, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ଜ୍ୟୋତିରଞ୍ଜନ ବେହେରା, ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ବନମାଳୀ ବରଜା, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସମ୍ପାଦକ ଜଳନ୍ଧର ନାୟକ, ଜିଲ୍ଲା ସମ୍ପାଦିକା ସନ୍ତୋଷିନୀ ପାତ୍ର, ମଣ୍ଟୁ ଜେନା, ପପୁ ସାହୁ, କୁନାଲ ମିଶ୍ର, ଶ୍ରୀକାନ୍ତ ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଡ.ଶଶୀକାନ୍ତ ଆଚାର୍ଯ୍ୟଙ୍କ ବିୟୋଗରେ ଶୋକ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ବିଶିଷ୍ଟ ବୈଜ୍ଞାନିକ ତଥା ସମାଜସେବୀ ପ୍ରଫେସର ଡ. ଶଶୀକାନ୍ତ ଆଚାର୍ଯ୍ୟ ରାଉରକେଲା ଠାରେ ୮୫ ବର୍ଷ ବୟସରେ ପ୍ରାଣତ୍ୟାଗ କରିଛନ୍ତି। ସମାଜରେ ଅନ୍ଧ ବିଶ୍ୱାସ ଦୂର କରିବା ପାଇଁ ପୁସ୍ତକ ରଚନା କରିଛନ୍ତି। ସେ ରାଉରକେଲା ସ୍ଥିତ ରେଜିଓନାଲ ଇଞ୍ଜିନିୟରିଂ କଲେଜ୍‌ର ପ୍ରଫେସର ଥିଲେ। ସେ ଉତ୍ଫୁନାର ବିଭିନ୍ନ କାର୍ଯ୍ୟକ୍ରମରେ ଦୀର୍ଘ ବର୍ଷ ଧରି ସାମିଲ୍ ଥିଲେ। ମଙ୍ଗଳବାର ଆଜି ଉତ୍ଫୁନାର ଅଧ୍ୟକ୍ଷ ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ବିୟୋଗରେ ଉତ୍ଫୁନା ତରଫରୁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ତାଙ୍କ ସହଧର୍ମିଣୀ ବିଶିଷ୍ଟ ସମାଜସେବୀ ବାସନ୍ତୀ ଆଚାର୍ଯ୍ୟ ମଧ୍ୟ ବୈଜ୍ଞାନିକ ଚିନ୍ତାଧାରା ଉପରେ କାର୍ଯ୍ୟ କରୁଛନ୍ତି।

# ନକ୍ସଲଙ୍କ ବର୍ବରକାଣ୍ଡ : ପୂର୍ବତନ ବିଧାୟକଙ୍କ ଶ୍ୱଶୁରଙ୍କୁ ଗଳାକାଟି ହତ୍ୟା

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟର ସୁକୁମା ଜିଲ୍ଲାରେ ପୁଣି ମାଓ ହିଂସା ଦେଖିବାକୁ ମିଳିଛି। ପୂର୍ବତନ ବିଧାୟକ ମନିଷ କୁଞ୍ଜାମଙ୍କ ସାନ ଶଶୁର କମଲୁ ହିଡମାଙ୍କୁ ମାଓବାଦୀମାନେ ଗଳା କାଟି ହତ୍ୟା କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଚିନ୍ତାଗୁମ୍ଫା ଥାନା ଅନ୍ତର୍ଗତ ପେଣ୍ଟାପାଡ ଗାଁ'ରେ ଗତକାଲି ରାତିରେ ନିଜ ଘରେ ୬୫ ବର୍ଷୀୟ ବୃଦ୍ଧ କମଲୁ ଶୋଇଥିବାବେଳେ ୨୦ ରୁ ୨୫ ଜଣ ସଶସ୍ତ୍ର ମାଓବାଦୀ ତାଙ୍କ ଘରେ ପଶି ଯାଇଥିଲେ। କମଲୁ ହିଡିମାଙ୍କୁ ଉଠାଇ ନେଇ ଘର ବାହାରକୁ ଆଣି ଆଖିବୁଜା ଠେଙ୍ଗାରେ ପିଟିଥିଲେ। ଏହା ପରେ ନକ୍ସଲ ସଂଗଠନ ବିରୁଦ୍ଧରେ ଲୋକମାନଙ୍କୁ ଉସକାଇବା ଏବଂ ପୁଲିସକୁ ନକ୍ସଲ ସଂଗଠନର ଗତିବିଧି ସମ୍ପର୍କରେ ସୂଚନା ଦେବା ଅଭିଯୋଗ ତାଙ୍କ ଗଳାକାଟି ଅତି ନିର୍ମମ ଭାବେ ହତ୍ୟାକାଣ୍ଡ କରିଛନ୍ତି ନକ୍ସଲ। ମଙ୍ଗଳବାର ସକାଳେ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ସମ୍ପର୍କରେ ପୁଲିସ ସୂଚନା ପାଇବା ପରେ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ତେବେ ଏ ସମ୍ପର୍କରେ ମୃତକଙ୍କ ଜ୍ୱାଇଁ ତଥା ପୂର୍ବତନ ବିଧାୟକ ମନୀଷ କୁଞ୍ଜାମଙ୍କୁ ପଚାରିବାରୁ ମୋ ଶ୍ୱଶୁର ଜଣେ ଅତି ସରଳ ଲୋକ ଥିଲେ। ଯେଉଁମାନେ ଏଭଳି ହତ୍ୟାକାଣ୍ଡ ଘଟାଇଛନ୍ତି, ସେ ଭାବିବା ଦରକାର ଯେ ଯାହାକୁ ହତ୍ୟା କରୁଛନ୍ତି ତାଙ୍କ ବିଷୟରେ ପ୍ରଥମେ ଯାଞ୍ଚ କରନ୍ତୁ। ତା'ପରେ ଯେକୌଣସି କଠୋର ପଦକ୍ଷେପ ଉଠାନ୍ତୁ। ମୋ ଶ୍ୱଶୁରଙ୍କ ନାଁରେ ପୂର୍ବରୁ ଅନେକ ଥର ଏମିତି ଲୋକଙ୍କୁ ଉସକାଇବା ଏବଂ ପୁଲିସକୁ ଖବର ପ୍ରଦାନ କରିବା ଭଳି ଅଭିଯୋଗ ଆଣି ବିଫଳ ହୋଇଛନ୍ତି। ହେଲେ ନକ୍ସଲ ମାନେ ଯେଉଁଭଳି ନୀରିହ ଲୋକଙ୍କ ହତ୍ୟା କରୁଛନ୍ତି। ଏହା କୌଣସି ସୁସ୍ଥ ସମାଜ ପାଇଁ ଠିକ ନୁହେଁ। ହିଂସା କେବେ ମଧ୍ୟ କୌଣସି ସମାଧାନର ବାଟ ନୁହେଁ। ନକ୍ସଲପନ୍ଥିଙ୍କ ଏହିଭଳି କାର୍ଯ୍ୟକଳାପ ଯୋଗୁଁ ଜନ ସାଧାରଣଙ୍କ ମଧ୍ୟରେ ସେମାନଙ୍କ ପ୍ରତି ଘୃଣା ଭାବ ଆସିଯାଇଛି। ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ। ଏକ ସୁସ୍ଥ ଏବଂ ବିକଶିତ ସମାଜ ଗଠନରେ ସହାୟକ ହୁଅନ୍ତୁ ବୋଲି କହିଛନ୍ତି। ଅପରପକ୍ଷରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ୨୦୨୬ ମସିହା ମାର୍ଚ୍ଚ ସୁଦ୍ଧା ଦେଶରେ ନକ୍ସଲ ସମସ୍ୟାର ସମ୍ପୂର୍ଣ୍ଣ ଭାବେ ସମାଧାନ କରିବାକୁ ନିର୍ଦ୍ଦେଶ ଦେବା ପରେ ଦେଶର ସମସ୍ତ ନକ୍ସଲ ପ୍ରବଣ ଅଞ୍ଚଳରେ ନକ୍ସଲ ଦମନ ଅଭିଯାନକୁ ଜୋରଦାର କରାଯାଇଛି। ସେହିପରି ସୁକୁମା ଜିଲ୍ଲାରେ ନକ୍ସଲପନ୍ଥିଙ୍କ ଦ୍ୱାରା ପୂର୍ବତନ ବିଧାୟକଙ୍କ ଶ୍ୱଶୁରଙ୍କୁ ଗଳାକାଟି ହତ୍ୟା କରିବା ପରେ ଚିନ୍ତାଗୁମ୍ଫା ଥାନା ଅନ୍ତର୍ଗତ ପେଣ୍ଟାପାଡ ଗାଁ ନିକଟସ୍ଥ ଜଙ୍ଗଲରେ କୁମ୍ବିଂ ଅପରେସନକୁ ପୁଲିସ ଦ୍ୱାରା ବଢାଇ ଦିଆଯାଇଛି।

## ଜୁଆ ଖେଳ ବେଳେ ପୋଲିସର ଚଢ଼ାଉ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକ୍ ଅଧିନ ମୁଣ୍ଡାକାଟା ମେଳା ପଡିଆରେ ବେଆଇନ ଭାବେ ଜୁଆ ଖେଳ ଚାଲିଥିବା ବେଳେ ଶୁଳିଆପଦା ପୋଲିସ ଅଚାନକ ଚଢାଉ କରି ଜୁଆ ଖେଳ ସାମଗ୍ରୀ, ନଗଦ ଟଙ୍କା ଜବତ କରିବା ସହିତ ୨ଜଣ ଆସାମୀକୁ ଗିରଫ କରିବାରେ ସଫଳ ହୋଇଛନ୍ତି। ସୂଚନା ମୁତାବକ ମୁଣ୍ଡାକାଟା ମେଳା ପଡିଆରେ ଖେଳ ଚାଲିଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଶୁଳିଆପଦା ଥାନା ଏଏସଆଇ ରସାନନ୍ଦ ମହାନ୍ତି, ସନ୍ତୋଷ କୁମାର ନାୟକ ଓ ଷ୍ଟାଫ୍ ଜୁଆ ଖେଳ ଉପରେ ଅଚାନକ ଚଢ଼ାଉ କରି ଖେଳରେ ବ୍ୟବହୃତ ଗୋଟି, ପାଲି, ଝୁଡି ସହିତ ୧୧ ଶହ ୫୦ ଟଙ୍କା ଜବତ କରି ଖେଳ କରୁଥିବା ଗେଣ୍ଡାଖାଲ ଗ୍ରାମର ଧର୍ମେନ୍ଦ୍ର ହେମ୍ବ୍ରମ ଓ କାଠଗୋହଳା ଗ୍ରାମର କୁଳମଣି ଟୁଡୁଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଅନ୍ୟ ୨ଜଣ ଆସାମୀ ଘଟଣା ସ୍ଥଳରୁ ଖସିଯାଇଥିବା ସୂଚନା ମିଳିଛି। ଏନେଇ ଥାନାରେ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

# ସହିଦଙ୍କ ପରିବାରକୁ ନେଇ ବୈଠକ



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ସର୍କିଟ ହାଉସ, ନବରଙ୍ଗପୁର ଠାରେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବ୍ଲକ ତରଫରୁ ଆସିଥିବା ସ୍ୱାଧୀନତା ସଂଗ୍ରାମର ଦାୟାଦ ଏବଂ ସହୀଦଙ୍କ ପରିବାରକୁ ନେଇ ପ୍ରାୟ ୨୦୦ଜଣଙ୍କୁ ଏକାଠି କରି ଏକ ଜରୁରୀ କାଳିନ ବୈଠକ ହୋଇଥିଲା। ଏହି ବୈଠକରେ ସ୍ୱାଧୀନତା ସଂଗ୍ରାମୀ/ ସହୀଦଙ୍କ ପରିବାରକୁ ଅବହେଳିତ ଏବଂ ଅସମ୍ମାନ କରାଯାଉଥିବା ନେଇ ଆଲୋଚନା କରାଯାଇଥିଲା। ସରକାର ବିଭିନ୍ନ ଯୋଜନା କରୁଛନ୍ତି। କିନ୍ତୁ ଦୁଃଖର କଥା ସେମାନେ ସରକାରର ସୁବିଧା ପାଇ ପାରୁନାହାନ୍ତି ବା କୌଣସି ଜାଗାରେ ତାଙ୍କୁ ସମ୍ମାନ ମିଳୁନାହିଁ। ଏହି ଅବସରରେ ଜିଲ୍ଲାର ଅନେକ ସମସ୍ୟା ଉପରେ ଆଲୋଚନା କରାଗଲା ଏବଂ ସମସ୍ୟାର ସାମାଧାନ ପାଇଁ ସମସ୍ତଙ୍କ ସହମତି ଅନୁଯାୟୀ ଏକ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି କମିଟି, ଜିଲ୍ଲା ନବରଙ୍ଗପୁର ଗଠନ କରାଯାଇଥିଲା। ଏହି ବୈଠକରେ ସ୍ୱାଧୀନତା ସଂଗ୍ରାମୀ ଏବଂ ସହୀଦ ପରିବାରର ଦାୟାଦ ମାନଙ୍କ ତରଫରୁ ସର୍ବସମ୍ମତି କ୍ରମେ ସର୍ବପ୍ରଥମେ ସଭାପତି ପଦ ଓ ଜିଲ୍ଲା ସଂଯୋଜକ ପଦ ପାଇଁ ସିରାଜଉଦ୍ଦିନ ଅହମ୍ମଦଙ୍କୁ ଚୟନ କରାଗଲା। ଉପ ସଭାପତି ରୂପେ କେଶବ ନାୟକ ଓ ମହେଶ୍ୱର ବେବର୍ତ୍ତା, ସମ୍ପାଦକ ରୂପେ କର୍ପୁର ଚନ୍ଦ୍ର ନାୟକ, ସହ ସମ୍ପାଦକ ରୂପେ ନୀଳକଣ୍ଠ ମାଝୀ, କୋଷାଧ୍ୟକ୍ଷ ରୂପେ ଶୁଭମ ଚୌଧୁରୀ, ପ୍ରକଳ୍ପ ନିର୍ଦ୍ଦେଶକ ରୂପେ ପ୍ରଶାନ୍ତ କୁମାର ବେହେରା ଏବଂ ଉପଦେଷ୍ଟା ରୂପେ ରମେଶ ଚନ୍ଦ୍ର ମାଝୀ, ପରମା ପୂଜାରୀ, ଭଗବାନ ମାଝୀ, କେଦାର ତ୍ରିପାଠୀଙ୍କୁ ଏବଂ ପନ୍ଦର ଜଣଙ୍କୁ କାର୍ଯ୍ୟକାରୀ ସଦସ୍ୟ ରୂପେ ଚୟନ କରାଗଲା।

# ସରକାରୀ ସାହାଯ୍ୟ ଅପେକ୍ଷାରେ ସୁରେନ୍ଦ୍ରଙ୍କ ପରିବାର



ରଘୁନାଥପୁର, (ଭାସ୍କର ନ୍ୟୁଜ୍): ଗରିବ ଦିନମଜୁରିଆ ସାଧାରଣ ଲୋକମାନଙ୍କ ପାଇଁ ସରକାର ଯୋଜନା ଉପରେ ଯୋଜନା ପ୍ରସ୍ତୁତ କରିଚାଲିଥିବା ବେଳେ ଏହି ଯୋଜନା ଗୁଡିକ ଅନେକ ସମୟରେ ଲୋକମାନଙ୍କ ପାଖରେ ପହଞ୍ଚିବାରେ ବିଫଳ ହୋଇଥାଏ। ଏହାର ମୁଖ୍ୟ କାରଣ ପ୍ରଶାସନ ଅବହେଳା କିମ୍ବା ପ୍ରଶାସନ ଚାହୁଁଥିଲେବି ସରକାରୀ ନିୟମାବଳୀର ପରିଷରଭୁକ୍ତରୁ ସାମାନ୍ୟ ବଞ୍ଚିତ ରହୁଥିବା ହିତାଧିକାରୀ ମାନଙ୍କୁ ମିଳିପାରୁନି ଏହି ଯୋଜନା। ଏହାଠାରେ ସୂଚନା ଯୋଗ୍ୟ ରଘୁନାଥପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ତଥା ଜଗନ୍ନାଥପୁର ଗ୍ରାମର ସୁରେନ୍ଦ୍ର ଭୋଇଙ୍କ ଝିଅ ସାଦିଶା ଦିବ୍ୟଦର୍ଶନୀ ଭୋଇ ଯିଏକି ଦିର୍ଘବର୍ଷ ଧରି ଚର୍ମ ରୋଗରେ (ଇପିଡ୍ରେମୋଲିସିସି ବୁଲୋସା) ଆକ୍ରାନ୍ତ ରହିଛନ୍ତି। ତାଙ୍କ ଶରୀରରେ ଫୋଟକା ବାହାରି ଫାଟିଯାଉଛି। ବାପା ସୁରେନ୍ଦ୍ର ଜଣେ ଦିନମଜୁରିଆ। ଅତ୍ୟନ୍ତ ଗରିବ ପରିବାର ହୋଇଥିବାରୁ ଝିଅର ଉତ୍ତମ ଚିକିତ୍ସା କରିପାରୁ ନାହାଁନ୍ତି। ପରିବାର ବୁଲିବୁଲି ବିଭିନ୍ନ ସରକାରୀ ଡାକ୍ତର ଖାନାରେ ଚିକିତ୍ସା କରାଉଥିଲେ ମଧ୍ୟ ସେଥିରେ କୌଣସି ସୁଫଳ ମିଳୁନାହିଁ। ଅର୍ଥ ଅଭାବରୁ ଘରୋଇ ଚିକିତ୍ସା ମଧ୍ୟ ତାଙ୍କର ହୋଇପାରୁନାହିଁ। ସୁରେନ୍ଦ୍ର ଝିଅର ଚିକିତ୍ସାପାଇଁ ଅନେକ ଥର ଜିଲ୍ଲାପାଳଙ୍କ ଜନସୁଣାଣିରେ ଗୁହାରୀ କରି ଆସୁଥିଲେ ବି ଏହାର ଆଜିପର୍ଯ୍ୟନ୍ତ ଚିକିତ୍ସାର ସୁବିଧା ହୋଇପାରି ନାହିଁ। ଆହୁରି ମଧ୍ୟ ସୁରେନ୍ଦ୍ର ଭଙ୍ଗାଚାଳଘରେ ୩ଜଣ ପରିବାରକୁ ନେଇ ରହୁଥିଲେବି ତାଙ୍କୁ ସରକାରଙ୍କ ପକ୍ଷରୁ ପକ୍କାଘର ଖଣ୍ଡେ ମିଳିପାରି ନାହିଁ। ସାଦିଶାଙ୍କ ଉତ୍ତମ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଅର୍ଥ ବରାଦ ସହ ତାଙ୍କ ପରିବାରକୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘରଖଣ୍ଡେ ପାଇଁ ସୁରେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆକୁଳ ନେବେଦନ କରିଛନ୍ତି। ତେବେ ରଘୁନାଥପୁର ବ୍ଲକ ଆବାସ ଯୋଜନାର ତଦନ୍ତକାରୀ ଅଧିକାରୀ ଅତିରିକ୍ତ ବିଡିଓ ଜ୍ଞାନନ୍ଦା ନାୟକ ଓ ତାଙ୍କ ଟିମ ସୁରେନ୍ଦ୍ରଙ୍କ ଘର ତଦନ୍ତ କରି ଫେରିଥିବାର ଜଣାଯାଇଛି। ତଦନ୍ତ ପରେ ସୁରେନ୍ଦ୍ରଙ୍କୁ ସରକାରୀ ଯୋଜନା ମିଳିପାରୁଛିକି ନାହିଁ ତାହା ମଧ୍ୟ ସନ୍ଦେହ ଘେରରେ।

# ଆୟକରକୁ ନେଇ ରାସନକାର୍ଡ଼ ଦ୍ୱନ୍ଦ୍ୱ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଆୟକରକୁ ନେଇ ରାସନ କାର୍ଡ କାହାର କଟିବ ବା ରହିବ, ଏ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଆୟକରଦାତାଙ୍କ ପଡ଼ିକାର୍ଡ ବା ରାସନ କାର୍ଡ କଟିବ ନାହିଁ ବୋଲି ମନ୍ତ୍ରୀଙ୍କ ଘୋଷଣା ପରେ ଅଧିକ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ବ୍ୟାଙ୍କରୁ ଋଣ କରିଥିବା ଗରିବ ପଡ଼ିକାର୍ଡଧାରୀ ମୁଣ୍ଡରେ ହାତଦେଇ ବସିବା ଭଳି ଅବସ୍ଥା ଆସିଛି। ଯୋଗାଣ ବିଭାଗର ଅଧିକାରୀ ମାନେ କେଉଁ ଦସ୍ତାବୀଜ ଯାଞ୍ଚ କରି ଯୋଗ୍ୟ ହିତାଧିକାରୀ ରିପୋର୍ଟ ପ୍ରସ୍ତୁତ କରିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏବେ କାର୍ଯ୍ୟାନୁଷ୍ଠାନ ଭୟରେ ଗରିବ ପଡ଼ିକାର୍ଡଧାରୀ ସେମାନଙ୍କ ରାସନ କାର୍ଡ ସମର୍ପଣ ପାଇଁ ବାଧ୍ୟ ହେଉଛନ୍ତି। ଯାହା ଅଧିକ ଅଡୁଆ ପରିସ୍ଥିତିକୁ ମୁହାଁଉଛି। ଗତ ଅଗଷ୍ଟରୁ ରାସନ କାର୍ଡ ହିତାଧିକାରୀଙ୍କ ଯୋଗ୍ୟ ଅଯୋଗ୍ୟର ଯାଞ୍ଚ ପାଇଁ ଇ କେୱାଇସି ବ୍ୟବସ୍ଥା ଆରମ୍ଭ ହୋଇ ଅଦ୍ୟାବଧି ଚାଲିଛି। ଏହି ଯାଞ୍ଚରେ ଅସ୍ତରଙ୍ଗ ବ୍ଲକରେ ୭ଶହ ୫ଜଣ ପଡ଼ିକାର୍ଡଧାରୀ ଆୟକର ଦାତା ଥିବା ଜଣାପଡିବା ପରେ ଯୋଗାଣ ବିଭାଗ ପକ୍ଷରୁ ପ୍ରତ୍ୟେକ ଆୟକରଦାତାଙ୍କୁ ଖୁଚୁରା ବିକ୍ରେତାଙ୍କ ଜରିଆରେ ନୋଟିସ ପ୍ରଦାନ କରାଯାଇ କାହିଁକି ସେମାନଙ୍କ ରାସନ କାର୍ଡ ରଦ୍ଦ କରାନଯିବ ବୋଲି କୈଫିୟତ ତଲବ କରିଥିଲା। ଅନ୍ୟପକ୍ଷରେ ବହୁ ଗରିବ ପଡ଼ିକାର୍ଡଧାରୀ ଛୋଟକାଟର ବ୍ୟବସାୟ କିମ୍ବା ଆଜବେଷ୍ଟ ଛାତଘର ଭଳି କାର୍ଯ୍ୟ ପାଇଁ ବ୍ୟାଙ୍କରୁ ଋଣ କରିଛନ୍ତି ଓ ସେଥିପାଇଁ ଆୟକର ଶୂନ୍ୟ ରିଟର୍ଣ୍ଣ (ଏହା ବାଧ୍ୟତାମୂଳକ) ଫାଇଲି କରିଛନ୍ତି। ଖାଦ୍ୟ ସୁରକ୍ଷା ଆଇନି ଦୃଷ୍ଟିରେ ଆୟକରଦାତା ହୋଇଥିବାରୁ ରାସନ କାର୍ଡ କଟିବ, ତେଣୁ ଗରିବ ପଡ଼ିକାର୍ଡ ଧାରୀଙ୍କ ମଧ୍ୟରେ ଭାଳେଣି ପଡିଲା। ଏହାର ସମାଧାନ ପାଇଁ ଗତ ୨୫ତାରିଖରେ ବିଭାଗୀୟ ମନ୍ତ୍ରୀ ଘୋଷଣା କଲେ ଯେ ଆୟକରଦାତା ମାନଙ୍କ ରାସନ କାର୍ଡ କଟାଯିବ ନାହିଁ, ଯୋଗାଣ ବିଭାଗ ଅଧିକାରୀମାନେ ଘରକୁଘର ବୁଲି ଆୟର ସତ୍ୟାସତ୍ୟ ଯାଞ୍ଚ କରିବେ। ଖାଦ୍ୟ ସୁରକ୍ଷା ଆଇନର ଧାର୍ଯ୍ୟ ଆୟସୀମାରୁ ଅଧିକ ଦେଖାଇ ରିଟର୍ଣ୍ଣ ଫାଇଲି କରିଥିବାରୁ ଗରିବ ଲୋକଟିକୁ ବ୍ୟାଙ୍କ ଋଣ ମିଳିଛି, ଏ କ୍ଷେତ୍ରରେ ବିଭାଗୀୟ ଅଧିକାରୀମାନେ କଣ ଯାଞ୍ଚ କରିବେ ବୋଲି ପ୍ରଶ୍ନ ଉଙ୍କି ମାରିଛି। କାର୍ଯ୍ୟାନୁଷ୍ଠାନ ଭୟରେ ବହୁ ଗରିବ ପଡ଼ିକାର୍ଡଧାରୀ ରାସନ କାର୍ଡ ସମର୍ପଣ କରିବାକୁ ବାଧ୍ୟ ହେଉଛନ୍ତି।

# ସାମ୍ବାଦିକଙ୍କ ମାତୃ ବିୟୋଗ



ବୋଲଗଡ, (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ଫାସିଓଦା ପଂଚାୟତ ଟାଙ୍ଗିସାହି ଗ୍ରାମର ଜଣେ ଧର୍ମପରାୟଣ ବୃଦ୍ଧା ତଥା ସାମ୍ବାଦିକଙ୍କ ମାତୃଙ୍କର ମଙ୍ଗଳବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସୂଚନା ମତେ ମହିୟସୀ ମାତା ଝରି ସ୍ୱାଇଁ(୭୨) ଦୀର୍ଘ ଦିନବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ତେବେ ଆଜି ଅପରାହ୍ନ ସମୟରେ ଅଫେରା ରାଇଜକୁ ପରିବାରକୁ ଛାଡି ଚାଲିଯାଇଛନ୍ତି। ସ୍ୱର୍ଗତା ସ୍ୱାଇଁ ଜଣେ ସ୍ନେହୀ, ମିଷ୍ଟ ଭାଷୀ, ପରପୋକାରୀ, ମେଳାପୀ ଓ ସର୍ବୋପରି ଧର୍ମ ପରାୟଣ ବୃଦ୍ଧାଥିଲେ। ତାଙ୍କ ବିୟୋଗରେ ଟାଙ୍ଗିସାହି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମର ଶରୀର ନିକଟରେ ଆତ୍ମୀୟସ୍ୱଜନ, ପୁତ୍ର, ପୁତ୍ରବଧୁ, ଝିଅ, ଜାମାତା, ନାତି ଓନାତୁଣୀମାନେ ଉପସ୍ଥିତ ଥିଲେ। ପରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ଗ୍ରାମ୍ୟ ପରିକ୍ରମା କରି ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ଜ୍ୟେଷ୍ଠ ପୁତ୍ର ମନୋଜ ସ୍ୱାଇଁ ମୁଖାଗ୍ନି ଦେଇଥିବା ବେଳେ ନିକଟରେ କନିଷ୍ଠ ପୁତ୍ର ସାମ୍ବାଦିକ କାର୍ତ୍ତିକ ସ୍ୱାଇଁ ଉପସ୍ଥିତ ଥିଲେ।

# ସାର୍ଟିଫାଏ କପି ନମିଳିବାରୁ ଧାରଣାରେ ବସିଲେ କାଉନସିଲର୍



ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ଏନଏସିରେ ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି। ବାଲିମେଳା ଏନ୍‌ଏସିରେ ଏକନମ୍ବର ୱାର୍ଡର କାଉନସିଲର ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ତେବେ କାଉନସିଲର ଲକ୍ଷ୍ମୀ ପଟ୍ଟନାୟକଙ୍କ ଠାରୁ ମିଳିଥିବା ସୂଚନା ମୁତାବକ ଗତ ଫେବୃଆରୀ ମାସ ୨୫ତାରିଖ ଦିନ ଉପାଧ୍ୟକ୍ଷ ରଶ୍ମିତା ବାଙ୍କାଙ୍କ ନେତୃତ୍ୱରେ କାଉନସିଲର ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, କୃଷ୍ଣ ବାଘ, ସନ୍ତୋଷ ପଣ୍ଡା, ସୁନିତା ଗୁରୁ, ବିମଳ ବେହେରା, ତୁଳାମଣି ଛତ୍ରି, ମଙ୍ଗୁଳି ହିଆଲ ପ୍ରମୁଖ ଏନ୍‌ଏସି କାର୍ଯ୍ୟାଳୟକୁ ଯାଇ ଏନ୍‌ଏସି ନିର୍ବାହୀ ଅଧିକାରୀ ମୁନା ତୁର୍କୁଙ୍କୁ ସାକ୍ଷାତ କରି ପୂର୍ବରୁ ହୋଇଥିବା ରେଜୁଲେଶନ କପି ଗୁଡ଼ିକର ସାର୍ଟିଫାଏ କପି ପ୍ରଦାନ କରିବାକୁ, ବାଲିମେଳା ଏନ୍‌ଏସିର ନୂତନ ସ୍ମାର୍ଟ ପାର୍କ ନିର୍ମାଣରେ ଦୁର୍ନୀତି, ୱାର୍ଡ ଗୁଡିକରେ ବନ୍ଦ ରହିଥିବା ଶୌଚାଳୟ ଏବଂ କାଉନସିଲରମାନଙ୍କ ବିନା ଅନୁଗତରେ ହେଇଥିବା କାମ ଗୁଡିକ, ଏଭଳି ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ଏନେଇ ଏନ୍‌ଏସି ନିର୍ବାହୀ ଅଧିକାରୀ ମଧ୍ୟ କିଛି ଦିନ ମଧ୍ୟରେ ସେମାନଙ୍କୁ ସାର୍ଟିଫାଏ କପି ପ୍ରଦାନ କରାଯିବା ସହିତ ଉପରୋକ୍ତ ସମସ୍ୟା ଗୁଡିକର ଉଚିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏନେଇ ୧୦ରୁ ଉର୍ଦ୍ଧ୍ୱ ଦିନ ବିତିଯାଇଥିଲେ ସୁଦ୍ଧା ତାଙ୍କୁ ସାର୍ଟିଫାଏ କପି ମିଳିପାରି ନଥିଲା। ସେମାନଙ୍କ ମଧ୍ୟରୁ କାଉନସିଲର ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ କାର୍ଯ୍ୟାଳୟକୁ ଯାଇ ସାର୍ଟିଫାଏ କପି ପ୍ରଦାନ କରିବାକୁ କହିଥିଲେ, କିନ୍ତୁ ଜବାବ ମୁତାବକ କୌଣସି କାରଣରୁ ଏନ୍‌ଏସି କର୍ତ୍ତୃପକ୍ଷ ସାର୍ଟିଫାଏ କପି ପ୍ରଦାନ ନକରିବାରୁ କାଉନସିଲର ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଏହାକୁ ପ୍ରତିବାଦ କରି କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ଧରି ଧାରଣାରେ ବସିଥିଲେ। ଏହାକୁ ସମାଧାନ କରିବା ନିମନ୍ତେ ଏନ୍‌ଏସି ନିର୍ବାହୀ ଅଧିକାରୀ ମୁନା ତୁର୍କୁ କାଉନସିଲର ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ସହିତ ଆଲୋଚନ କରି ଦୁଇଦିନ ମଧ୍ୟରେ କାଉନସିଲରମାନଙ୍କୁ ସାର୍ଟିଫାଏ କପି ପ୍ରଦାନ କରିବେ ବୋଲି ଏକ ଲିଖିତ ଭାବରେ ପ୍ରତିଶ୍ରୁତି ଦେବା ପରେ କାଉନସିଲର ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଧାରଣାରୁ ଉଠିଥିଲେ।

# ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ଉନ୍ନୟନ କମିଟିର ଏକ ବୈଠକ ମଙ୍ଗଳବାର ଜିଲ୍ଲା ପରିଷଦ ସଭାଗୃହଠାରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ମହାପାତ୍ର ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ବିଭାଗୀୟ ବିକାଶମୂଳକ କାର୍ଯ୍ୟକ୍ରମର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ଆଲୋଚ୍ୟ ବିଷୟବସ୍ତୁ ମଧ୍ୟରେ ରାସ୍ତା ଏବଂ କୋଠବାଡି ବିଭାଜନ ଅଧିନସ୍ତ ରାସ୍ତାର ପ୍ରଶସ୍ତିକରଣ ତଥା ନୂତନ ରାସ୍ତା ନିର୍ମାଣ, ଟିପିସିଓଡିଏଲ ଦ୍ୱାରା ବିଦ୍ୟୁତ୍ ସଂଯୋଗୀକରଣ, ନୂତନ ଟ୍ରାନ୍ସଫର୍ମର ସ୍ଥାପନ, ପାଟକୁରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଆମ୍ବୁଲାନ୍ସ, ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନ ଅଧିନରେ ପୁରାତନ ଚିକିତ୍ସାଳୟର ପୁନଃରୁଦ୍ଧାର ଏବଂ ନୂତନ ଚିକିତ୍ସା ଗୃହ ନିର୍ମାଣ, ଆସନ୍ତା ଗ୍ରୀଷ୍ମ ଋତୁରେ ପାନୀୟ ଜଳର ଯୋଗାଣ ନିମନ୍ତେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ଉପଖଣ୍ଡର ପ୍ରସ୍ତୁତି, ଗ୍ରାମ୍ୟ ଉନ୍ନୟନ, କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ପ୍ରାଣୀ ସମ୍ପଦ ଉନ୍ନୟନ ବିଭାଗ ଦ୍ୱାରା କାର୍ଯ୍ୟରତ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନାର ରୂପରେଖ ଓ କାର୍ଯ୍ୟାନ୍ୱୟନ ପ୍ରଭୃତି ସମ୍ପର୍କରେ ବିଧାୟକ ସମୀକ୍ଷା କରିଥିଲେ। ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ ତଥା ସୁବନ୍ଦୋବସ୍ତ ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ଏତଦ୍ ବ୍ୟତୀତ ଜଳ ନିଷ୍କାସନ ନିମନ୍ତେ ବର୍ଷା ଋତୁର ଆଗମନ ପୂର୍ବରୁ ସ୍ଥାୟୀ ନାଳର ନିର୍ମାଣ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ବିଧାୟକ। ଆଗାମୀ ଦିନରେ ନିର୍ବାଚନ ମଣ୍ଡଳୀ ଅଧିନସ୍ତ ସମସ୍ତ ଗ୍ରାମ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି କିଭଳି ସରସ ସୁନ୍ଦର ହୋଇପାରିବ ସେନେଇ ପ୍ରଶାସନିକ ଅଧିକାରୀଙ୍କ ପୂର୍ଣ୍ଣ ସହଯୋଗ କାମନା କରିଥିଲେ ବିଧାୟକ। ସମସ୍ତ ବିକାଶମୂଳକ କାର୍ଯ୍ୟର ତ୍ୱରିତ କାର୍ଯ୍ୟାନ୍ୱୟନ ନିମନ୍ତେ ବିଧାୟକ ଆଲୋକପାତ କରିଥିବା ବେଳେ ଏହା କିପରି ସଠିକ ସମୟ ମଧ୍ୟରେ ସମ୍ପାଦନ ହେବ ସେଥି ପ୍ରତି ଧ୍ୟାନ ଦେବାପାଇଁ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ଡେରାବିଶ, ଗରଦପୁର ଏବଂ ମାର୍ଶାଘାଇ ବ୍ଲକ ଅଧକ୍ଷା/ଅଧକ୍ଷ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧକାରୀ ତଥା ନିର୍ବାହୀ ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ, ଡେରାବିଶ, ବ୍ଲକ ଉନ୍ନୟନ ଅଧିକାରୀ, ଗରଦପୁର, ତହସିଲଦାର ଡେରାବିଶ, ତହସିଲଦାର ଗରଦପୁର ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବଶେଷରେ ଅତିରିକ୍ତ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।



ଆଳି, (ଭାସ୍କର ନ୍ୟୁଜ୍): ଆଳି ତହସିଲ ଅଧୀନରେ ଥିବା ଦେସାହି ଗ୍ରାମ ସରକାରୀ ଗ୍ରାମରେ ଗୋଚର ଜମିକୁ କିଛି ମୁଷ୍ଟିମେୟ ବ୍ୟକ୍ତି ଅବରୋଧ କରି ଅକ୍ତିଆର କରିଥିବା ନେଇ ଆଳି ତହସିଲରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଦେସାହି ପଞ୍ଚାୟତ ୧୦ ନମ୍ବର ୱାର୍ଡରେ କିଛି ମୁଷ୍ଟିମେୟ ବ୍ୟକ୍ତି ନିଜ ଜାଗା ସହିତ ସରକାରୀ ଗୋଚର ଅନ୍ୟର ଜମି (ଦଣ୍ଡା) ଅକ୍ତିଆର କରି ପାଚେରି ନିର୍ମାଣ କରୁଛନ୍ତି। ଜଣେ ବ୍ୟକ୍ତି ମଧ୍ୟ ସମାନ ଢଙ୍ଗରେ ଦଣ୍ଡାକୁ ଅକ୍ତିଆର କରି ପାଚେରି ନିର୍ମାଣ କରିଛନ୍ତି। ଏହାକୁ ହାକୁ ଗ୍ରାମର କିଛି ବ୍ୟକ୍ତି ବିରୋଧ କରିବାରୁ ସେମାନେ ପରସ୍ପରକୁ ଦୋଷାରୋପ କରିଥିଲେ। ଯଦି ଏହିଭଳି ଢଙ୍ଗରେ ଜଣକ ପରେ ଜଣେ ଦଣ୍ଡାକୁ ଅକ୍ତିଆର କରିନିଅନ୍ତି, ତେବେ ତାହା ଗ୍ରାମବାସୀଙ୍କ ଯାତାୟାତରେ ବାଧା ଉପୁଜିବା ସହ ଅଙ୍ଗନବାଡ଼ିର କୁନିକୁନି ଛୁଆ ଖେଳକୁଦ କରିପାରିବେ ନାହିଁ। ତେଣୁ ଏ ନେଇ ତୁରନ୍ତ ଆଳି ତହସିଲ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।



# ‘ଦିଶା’ କମିଟି ବୈଠକ ଅନୁଷ୍ଠିତ





ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ମାନ୍ୟବର ଲୋକସଭା ସାଂସଦ ବଳଭଦ୍ର ମାଝିଙ୍କ ଅଧ୍ୟକ୍ଷତାରେ ‘ଦିଶା’ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ, ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ, ନବରଙ୍ଗପୁର ବିଧାୟକ ଗୌରିଶଙ୍କର ମାଝୀ, ଡାବୁଗାଁ ବିଧାୟକ ମନୋହରରନ୍ଧାରୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ବ୍ଲକ୍ ଅଧ୍ୟକ୍ଷ, ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ, ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଓ ଯାନ୍ତ୍ରିକ ଅଧିକାରୀ, ଦିଶା କମିଟି ସଭ୍ୟ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଜିଲ୍ଲା ଦିଶା କମିଟି ଅଧ୍ୟକ୍ଷ ତଥା ନବରଙ୍ଗପୁର ଲୋକସଭା ସଂସଦ ବଳଭଦ୍ର ମାଝିଙ୍କ ଅଧକ୍ଷତକ୍ଷରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରୀୟ ଅନୁଦାନ ଓ ଯୋଜନା ଅନ୍ତର୍ଭୁକ୍ତ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ, ଶିକ୍ଷା, ଉଦ୍ୟାନ, କୃଷି, ଗମନାଗମନ, ପାନୀୟ ଜଳ ଯୋଗାଣ, ଖାଦ୍ୟ, ଦକ୍ଷତା ବିକାଶ, ଆଦିବାସୀ ଉନ୍ନୟନ, ସାମାଜିକ ସୁରକ୍ଷା ତଥା ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ସହ ଏହି ସମସ୍ତ ବିଭାଗର କାର୍ଯ୍ୟଶୈଳୀକୁ ତର୍ଜମା ଓ ସମୀକ୍ଷା କରାଯାଇ ଥିଲା ଓ ଆଗାମୀ ଦିନରେ ସମସ୍ତ ବିଭାଗ କେନ୍ଦ୍ରୀୟ ଯୋଜନାକୁ ସଠିକ ଭାବରେ କାର୍ଯ୍ୟ କରିବାକୁ ମାନ୍ୟବର ସାଂସଦ ପରାମର୍ଶ ଦେଇଥିଲେ। ଉପସ୍ଥିତ ‘ଦିଶା’ କମିଟି ସଭ୍ୟ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ଉପରେ ବିଶେଷ ଗୁରୁତ୍ୱ ଦେବା ସହ ରକ୍ତ ବ୍ୟାଙ୍କ, ଅଲଟ୍ରାସାଉଣ୍ଡ, ଆୟୁଷ୍ମାନ କାର୍ଡ, ଡାକ୍ତର ଓ ନର୍ସଙ୍କ ଅଭାବ, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଆନ୍ଦୋଳନ, ଶିଶୁ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଉପରେ ବିଭିନ୍ନ ମତ ରଖିଥିଲେ। ସାଂସଦ ନିଜ ବକ୍ତବ୍ୟରେ ଜିଲ୍ଲାର ଚାଷୀମାନଙ୍କୁ ଫସଲବିମା ଯୋଜନା ରେ ଅନ୍ତର୍ଭୁକ୍ତ କରିବା ପାଇଁ କର୍ମଚାରୀଙ୍କ ନିଷ୍ଠାପରତା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ, ପଞ୍ଜୀକୃତ ବିହନ ଯୋଗାଣ ଉପରେ ଗୁରୁତ୍ୱ ଦେଲେ। ସେଭଳି ଶିକ୍ଷା ବିଭାଗରେ ବିନା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅନୁମୋଦନ ରେ ଡେପୁଟେସନ ନିୟମରେ ଶିକ୍ଷକମାନଙ୍କୁ ଅନ୍ୟ ସ୍ଥାନକୁ ବଦଳି କରିବା ଉପରେ ଲଗାମ, ପ୍ରତ୍ୟେକ ବ୍ଲକ୍‌ରେ ପିଏମ୍ ଯୋଜନା ଅନ୍ତର୍ଭୁକ୍ତ ଶିକ୍ଷା ବିଭାଗର କାର୍ଯ୍ୟକ୍ରମକୁ ବ୍ଲକ୍ ଅଧ୍ୟକ୍ଷ ତଦାରଖ କରିବେ ବୋଲି କହିଥିଲେ। ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପରେ ଜିଲ୍ଲାରେ ‘ହର୍ ଘର୍ ଜଲ୍’ ଯୋଜନାରେ ଯେଭଳି ଶତ ପ୍ରତିଶତ ଘରକୁ ପାନୀୟ ଜଳ ଯୋଗାଇ ଦେବାକୁ ଏବଂ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆରଡବ୍ଲୁଏସ୍ଏସ୍ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଦକ୍ଷତା ବିକାଶ ପାଇଁ ଯୁବକଯୁବତୀମାନେ ଯେଭଳି ବିଭିନ୍ନ ଟ୍ରେଡ ରେ ତାଲିମ ପାଇବେ ଏବଂ ବିଭିନ୍ନ କ୍ଷେତ୍ରରେ କର୍ମନିଯୁକ୍ତି ମିଳିବ ତା’ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲା କର୍ମ ନିଯୋଜନ ଓ ଦକ୍ଷତା ବିକାଶ ଅଧିକାରୀଙ୍କୁ କହିଥିଲେ। ଗ୍ରାମ୍ୟ ରାସ୍ତାର ସଂଯୋଗିକରଣ ଓ ଗୁଣବତ୍ତା ଉପରେ ବିଶେଷ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ନିର୍ବାହୀ ଯନ୍ତ୍ରୀଙ୍କୁ ସାଂସଦ ପରାମର୍ଶ ଦେଇଥିଲେ। ଭାରତମାଳା ପ୍ରକଳ୍ପ ଅଧିକାରୀ ଉପସ୍ଥିତ ରହି ସାଂସଦ ଏବଂ ବିଧାୟକଙ୍କ ପଥର ପେଚିଂ ଓ ପ୍ରକଳ୍ପ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ।

# ମାର୍ଚ୍ଚ ୫କୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ ନକରିବା ଦୁର୍ଭାଗ୍ୟଜନକ - ପୂର୍ବତନ ସାଂସଦ ମହେଶ ସାହୁ

ତାଳଚେର, (ଭାସ୍କର ନ୍ୟୁଜ୍): ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାର ସ୍ରଷ୍ଟା, କିମ୍ବଦନ୍ତୀ ପୁରୁଷ ସ୍ୱର୍ଗତ ବିଜୁବାବୁଙ୍କୁ ସମ୍ମାନ ସୂଚକ ତଥା ତାଙ୍କୁ ମନେରଖିବା ପାଇଁ ବିଜୁପଟନାୟକଙ୍କ ଜନ୍ମଦିନକୁ ପଞ୍ଚାୟତରାଜ ଦିବସ ଭାବେ ପାଳନ ପୂର୍ବ ସରକାର ପାଳନ କରୁଥିଲେ। କାରଣ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ଏହି ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା ରାଜ୍ୟରେ ପ୍ରଣୟନ କରି ରାଜ୍ୟ ଶାସନ ବ୍ୟବସ୍ଥାରେ ସୁଧାର ଆଣିଥିଲେ। କିନ୍ତୁ ସରକାର ବଦଳିଯିବା ପରେ ବିଜେପି ନେତୃତ୍ୱାଧିନ ନୂଆ ସରକାର ପ୍ରଥମେ ରଙ୍ଗକୁ ବଦଳାଇବା ଆରମ୍ଭ କରିଥିଲେ। ଏବେ ପୁଣି ରାଜ୍ୟ ତଥା ଦେଶର ଗର୍ବ ଗୌରବ ବହନ କରିଥିବା ଏପରିକି ଦେଶ ବାହାରେ ମଧ୍ୟ ନିଜର ବିରତ୍ୱ ପଦର୍ଶନ କରି ଦେଶ ଓ ରାଜ୍ୟର ଗୌରବ ବଢ଼ାଇଥିବା କିମ୍ବଦନ୍ତୀ ପୁରୁଷ ସ୍ୱର୍ଗତ ବିଜୁପଟ୍ଟନାୟକଙ୍କ ସମ୍ମାନାର୍ଥେ ଏହି ତ୍ରିସ୍ତରୀୟ ପଞ୍ଚାୟତ ଦିବସ ପାଳନ କରାଯାଉଥିବା ବେଳେ ତାଙ୍କ ଜନ୍ମଦିନ ଅବସରରେ ଏହାକୁ ପାଳନ ନ କରିବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ ଓ ଅଗଣିତ ବିଜୁପ୍ରେମୀଙ୍କୁ ବ୍ୟଥିତ କରିଛି ବୋଲି ଢେଙ୍କାନାଳର ପୂର୍ବତନ ସାଂସଦ ତଥା ବରିଷ୍ଠ ବିଜେଡି ନେତା ମହେଶ ସାହୁ ପ୍ରକାଶ କରିଛନ୍ତି। ନୂଆ ସରକାର ଏହି ଦିବସକୁ ଏପ୍ରିଲ ୨୪ରେ ସର୍ବ ଭାରତୀୟସ୍ତରରେ ପାଳନ କରାଯାଉଥିବା ଯୋଗୁଁ ସେହିଦିନ ଏକସଙ୍ଗେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ଯାହା ଗ୍ରହଣୀୟ ଯୋଗ୍ୟ ନୁହେଁ ବୋଲି ସାହୁ କ୍ଷୋଭରସହ ମତବ୍ୟକ୍ତ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଯଦି ଜାତୀୟ ସ୍ତରରେ ପାଳନ କରାଯାଉଥିବା କାରଣରୁ ଏଭଳି ନିଷ୍ପତ୍ତି ନିଆଯାଉଥିବା ସରକାର ଯୁକ୍ତି ବାଢ଼ିଛନ୍ତି ତେବେ ରାଜ୍ୟରେ ସେପ୍ଟେମ୍ବର ପାଞ୍ଚ ଗୁରୁଦିବସ ପାଳନ ପରିବର୍ତ୍ତେ ଅକ୍ଟୋବର ୪ରେ ଇଣ୍ଟରନ୍ୟାସନାଲ ଦିବସ ରେ ଏକ ସଙ୍ଗରେ ଗୁରୁଦିବସ ପାଳନ କରିବେ କି ବୋଲି ସାହୁ ପାଲଟା ପ୍ରଶ୍ନ କରି ସରକାରଙ୍କ ଠାରୁ ଉତ୍ତର ଚାହିଁଛନ୍ତି। ଏଥି ସହିତ ବିଜୁବାବୁଙ୍କୁ କୌଣସି ଦଳୀୟ ମନୋଭାବରେ ନନେଇ ତାଙ୍କ ପ୍ରତି ଉଚିତ୍ ସମ୍ମାନସୂଚକ ଭାବେ ସରକାରଙ୍କ ଏହି ନିଷ୍ପତ୍ତିରୁ ନିବୃତ୍ତ ରୁହନ୍ତୁ ବୋଲି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଏକ ପ୍ରେସ ବିଜ୍ଞପ୍ତିରେ ସାହୁ ପ୍ରକାଶ କରିଛନ୍ତି। ନଚେତ୍ ରାଜ୍ୟର ଅଗଣିତ ବିଜୁ ପ୍ରେମୀ ସଚେତନ ନାଗରିକମାନେ କ୍ଷମା ଦେବେନାହିଁ ବୋଲି ସାହୁ ଯୁକ୍ତି ବାଢ଼ିଛନ୍ତି।

### ସ୍କୁଟି ସହ ଅଟୋ ମୁହାଁମୁହିଁ ଧକ୍କା, ଦୁଇ ଗୁରୁତର

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଭଞ୍ଜନଗର ଥାନା ଅନ୍ତର୍ଗତ ଶାହାଣପଲ୍ଲୀ ଗ୍ରାମ ନିକଟ ସେତୁ ଉପରେ ସ୍କୁଟି ସହ ଅଟୋ ମୁହାଁମୁହିଁ ଧକ୍କା ହୋଇଛି। ଘଟଣାରେ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ସେମାନେ ହେଲେ ଖୋଟାପଲ୍ଲୀ ଗ୍ରାମର ଶିଶିର ନାୟକ ଏବଂ ବେତାର ଗ୍ରାମର ଅଶୋକ କୁମାର ନାୟକ। ଘଟଣା ପ୍ରକାରେ ଅଶୋକ ଓ ଶିଶିର ଏକ ସ୍କୁଟିରେ ବେତାର ଗ୍ରାମକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବିଭିନ୍ନ ଏକ ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସ୍କୁଟିରେ ଯାଉଥିବା ଅଶୋକ ଓ ଶିଶିର ଉଭୟେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଭଂଜନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଶିଶିରଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡଡାକ୍ତରଖାନାକୁ ସ୍ଥାନନ୍ତର କରାଯାଇଛି।

# ଡିଏଭି ଗୁରୁକୁଳ ଚିତ୍ରକୋଣ୍ଡାର ୧୧ତମ ବାର୍ଷିକ ଉତ୍ସବ



ମାଲକାନାଗିରି, (ଭାସ୍କର ନ୍ୟୁଜ୍): ମୁଖ୍ୟ ଅତିଥି ସୁଶ୍ରୀ ରାଜେଶ୍ୱରୀ ଖିଲ, ପଞ୍ଚାୟତ ସମିତି ଅଧକ୍ଷା, ସମ୍ମାନିତ ଅତିଥି ଡ. ଚିନ୍ମୟ କୁମାର ବେହେରା, ସରକାରୀ ଡିଗ୍ରୀ କଲେଜର ଚିତ୍ରକୋଣ୍ଡା, ମୁଖ୍ୟ ବକ୍ତା ଶୁଭମ୍ ପ୍ରସାଦ ସାହୁ, ପ୍ରିନସିପାଲ୍, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଚିତ୍ରକୋଣ୍ଡା, ସମ୍ମାନିତ ଅତିଥି ଉକ୍ତ ଜସ୍ମିନୀ ବେହେରା, ସ୍ୱର୍ଣ୍ଣ ପ୍ରଭା ଦାସ, ସଭାପତି ବିଭୂତି ଭୂଷଣ ଖୁରା, ଉପସ୍ଥାପକ ବୁଲୁ ସେଠୀ, ଦେବବ୍ରତ ପଟ୍ଟନାୟକ, ବାର୍ଷିକ ବିବରଣୀ ପଠନ ରିତା ମହାରଣା, ଆୟୋଜନ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତା ପୁରସ୍କାର ବିତରଣ କରାଯାଇଥିଲା, ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶୀ, ଭଜନ, ପୋପେଟ ନୃତ୍ୟ, କୋଭିଡ ସମୟରେ ପିଲାଙ୍କର ସ୍ୱତନ୍ତ୍ର ଯତ୍ନ ଉପରେ ଏକ ସୁନ୍ଦର ସାମାଜିକ ବାର୍ତ୍ତା ପରିବେଷଣ କରିଥିଲେ। ଅଭିଭାବକଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମଟି ସଫଳ୍ୟ ମଣ୍ଡିତ ହୋଇଥିଲା। ଛାତ୍ରଛାତ୍ରୀ ରାତ୍ରୀ ଭୋଜନ କରିଥିଲେ।

# ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନକୁ ନେଇ ଆସୁଛି ଦ୍ୱନ୍ଦ୍ୱ



କାକଟପୁର/ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଛାତ୍ରଛାତ୍ରୀ ଉପସ୍ଥାନ ବୃଦ୍ଧି, ଅଧାରୁ ପାଠ ପଢ଼ା ଛାଡୁଥିବା ବିଦ୍ୟାର୍ଥୀଙ୍କୁ ରୋକିବା ତଥା ଅପପୃଷ୍ଟି ଦୂର କରିବା ପାଇଁ ସରକାର ମଧ୍ୟାହ୍ନଭୋଜନ ଯୋଜନା ଲାଗୁ କରିଥିଲେ। ହେଲେ ଏହି ଯୋଜନା ଏବେ ଦିଗହରା ହେବାକୁ ବସିଲାଣି। ଏହାକୁ ନେଇ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଦିନକୁଦିନ ସମସ୍ୟା ଜାଲରେ ଛନ୍ଦି ହେଉଛନ୍ତି। ଦିନ ପ୍ରାୟ ୧୧ଟା ସୁଦ୍ଧା କେତେ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିଛନ୍ତି ସେମାନଙ୍କ ତାଲିକା ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷା ବିଭାଗକୁ ଅବଗତ କରିବାର ବିଧି ରହିଛି। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନ ଥିବା କିଛି ବିଦ୍ୟାଳୟରେ ଏହି ନିୟମ ଉଲ୍ଲଂଘନ କରାଯାଉଛି। ନେଟୱାର୍କ ସମସ୍ୟା ଆଳ କରି କିଛି ଶିକ୍ଷକ ଖସିଯିବା ପାଇଁ ଚିନ୍ତା କରୁଥିବା ବେଳେ କିଛି ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଷ୍ଠାପର ଶହ ଦାୟିତ୍ୱ ପାଳନ କରି ପୂର୍ବାହ୍ନ ୧୧ଟା ପୂର୍ବରୁ ମଧ୍ୟ ମେସେଜ ଦେଉଛନ୍ତି। ଏସବୁ ଭିତରେ ଯେଉଁଠି ଅଳ୍ପ ଛାତ୍ର, ଛାତ୍ରୀଙ୍କୁ ନେଇ ସ୍କୁଲ ଚାଲୁଚି ସେଠାରେ ପ୍ରଧାନଶିକ୍ଷକ ନିଜ ପକେଟରୁ ପ୍ରତି ମାସରେ କିଛି ଅର୍ଥ ହାତରୁ ଗଣିବା ପାଇଁ ବାଧ୍ୟ ହେଉଛନ୍ତି। ଆଉ କିଛି ବିଦ୍ୟାଳୟ ରେ ଛାତ୍ର ଛାତ୍ରୀଙ୍କ ନାମ ଉଭୟ ସରକାରୀ ଓ ଘରୋଇ ବିଦ୍ୟାଳୟରେ ରହିଛି। ସେମାନଙ୍କ ଉପସ୍ଥାନ ଦର୍ଶାଇ ଅଧିକ ସଂଖ୍ୟାରେ ଛାତ୍ର ଛାତ୍ରୀ ବିଦ୍ୟାଳୟକୁ ଆସୁଛନ୍ତି ବୋଲି ଦର୍ଶାଯାଇ କିଛି ଶିକ୍ଷକ ବେନିୟମ କାର୍ଯ୍ୟ କରୁଥିବା ମଧ୍ୟ ବିଭିନ୍ନ ସମୟରେ ଅଭିଯୋଗ ଆସୁଛି। ଯେଉଁଠି ଶିକ୍ଷକ ଅଭାବ ସେଠି ଜଣେ ଶିକ୍ଷକ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ନେଇ ଚଳାଇବା ଦ୍ୱାରା ପାଠପଢ଼ା ମଧ୍ୟ ବାହ୍ୟାତ ହେଉଛି। ଅନ୍ୟ କେତେକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଓ ରୋଷେଇ ଦାୟିତ୍ୱ ନେଇଥିବା ମହିଳା ଗୋଷ୍ଠୀ ମଧ୍ୟରେ ସମନ୍ୱୟ ଅଭାବରୁ ବିଦ୍ୟାଳୟରେ ସମସ୍ୟା ଦେଖାଗଲାଣି। ଠିକ ସମୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ନ କଲେ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ପାଖକୁ ଆରମ୍ଭ କରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସରକାରୀ ଭାବେ ମଧ୍ୟାହ୍ନ ଭୋଜନ ରେ ସୋମବାର ଓ ଗୁରୁବାର ଭାତ, ଡାଲମା, ମଙ୍ଗଳବାର ଓ ଶୁକ୍ରବାର ସୋୟାବଡ଼ି, ବୁଧବାର ଓ ଶନିବାର ଅଣ୍ଡା ତରକାରୀ ହେବା ଶିକ୍ଷା ବିଭାଗ ନିର୍ଦ୍ଦେଶ ରହିଛି। ତେବେ ଶିକ୍ଷାବିଭାଗ ଅଧିକାରୀ ମାନେ ମଧ୍ୟାହ୍ନ ଭୋଜନ ଭଳି ଏକ ବ୍ୟବସ୍ଥାକୁ ଅଲଗା କରିବା ପାଇଁ ଅର୍ଥାତ ଶିକ୍ଷକ ମାନଙ୍କୁ ଏଥିରୁ ଦାୟିତ୍ୱ ମୁକ୍ତ କରିବା ପାଇଁ ଅର୍ଥାତ ଶିକ୍ଷକମାନଙ୍କୁ ଏଥିରୁ ଦାୟିତ୍ୱମୁକ୍ତ କରିବା ପାଇଁ ବାରମ୍ବାର ଶିକ୍ଷକ ସ୍ଥାନୀୟ ଅଞ୍ଚଳ ଦାବୀ କରୁଛନ୍ତି। ଏ ସବୁ ଭିତରେ କିଛି ସଚୋଟ, ଦାୟିତ୍ୱବାନ ଓ କର୍ତ୍ତବ୍ୟ ନିଷ୍ଠ ଶିକ୍ଷକ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ପାଇଁ ନାକେଦମ୍ ହେଲେଣି। ଡାଲି, ତେଲ ଦର ବୃଦ୍ଧି ପାଉଥିବା ବେଳେ ଶିକ୍ଷକ ମାନେ ଏହି ଜାଲରେ ଛନ୍ଦି ହୋଇ ଛଟପଟ ହେଉଛନ୍ତି। ଅସ୍ତରଙ୍ଗ ବ୍ଲକର କେତେକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ମଧ୍ୟରେ ସମନ୍ୱୟ ରହୁନଥିବାରୁ ଏବଂ କେତେକ ବିଦ୍ୟାଳୟର ସହକାରୀ ଶିକ୍ଷକ ମାନେ ବିଦ୍ୟାଳୟ ଭିତିରି କଥା ବାହାରେ ପ୍ରକାଶ କରୁଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ମାନେ ପ୍ରଧାନଶିକ୍ଷକଙ୍କୁ ବେପରୁଆ ଭାବେ ଅନେକ ଗୁଡ଼ାଏ ପ୍ରଶ୍ନ ପଚାରୁଛନ୍ତି। ଯେଉଁ ବିଦ୍ୟାଳୟରେ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି ସେହି ବିଦ୍ୟାଳୟର ଛାତ୍ରଛାତ୍ରୀ ଘରୋଇ ଶିକ୍ଷାନୁଷ୍ଠାନରେ କେମିତି ପାଠ ପଢୁଛନ୍ତି। ଏହା ତଦନ୍ତ ପରିସରଭୁକ୍ତ ହେବାର ଆବଶ୍ୟକତା ଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

# ପଞ୍ଚାୟତିରାଜ ଦିବସ ପରିବର୍ତ୍ତନକୁ ବିଜେଡ଼ିର ପ୍ରତିବାଦ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ପଞ୍ଚାୟତିରାଜ ଦିବସ ପରିବର୍ତ୍ତନକୁ ପ୍ରତିବାଦ କରି କେନ୍ଦ୍ରାପଡା ବ୍ଲକ ଓ ନଗର ବିଜୁଜନତା ଦଳ ପକ୍ଷରୁ ମଙ୍ଗଳବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ଏକ ନିଷ୍ପତ୍ତି ନେଇ ମାର୍ଚ୍ଚ ୫ ତାରିଖ ପଞ୍ଚାୟତରାଜ ଦିବସ ଭାବେ ପାଳନ କରାଯିବ ନାହିଁ ବୋଲି ଗତକାଲି ଘୋଷଣା କରିଥିଲେ। ଏହା ଦୁର୍ଭାଗ୍ୟଜନକ ବୋଲି ବିଜେଡି କହିଛି। ଓଡ଼ିଶାର ବରପୁତ୍ର ତଥା ରାଷ୍ଟ୍ରନାୟକ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ଭାବେ ମାର୍ଚ୍ଚ ୫ ତାରିଖରେ ପାଳନ କରାଯାଇଆସୁଛି। ଏହି ନିଷ୍ପତ୍ତିର ପରିବର୍ତ୍ତନ ବିଜେଡି ସଦସ୍ୟ ତଥା ରାଜ୍ୟବାସୀଙ୍କୁ ଆଘାତ ଦେଇଥରବା ବିଜେଡି କହିଛି। ଏହା ପଛରେ ରାଜନୈତିକ ଅଭିସନ୍ଧି ଅଛି। ସରକାରଙ୍କ ସଂକୀର୍ଣ୍ଣ ମନୋଭାବର ଏହା ପରିଚୟ ବୋଲି ବିଜେଡି ଅଭିଯୋଗ କରିଛି। ଜନପ୍ରିୟ ବିଜୁ ବାବୁଙ୍କ ପ୍ରତି ଏହା ଅସୂୟାଭାବ ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ବିଜେଡି କହିଛି। କେନ୍ଦ୍ରାପଡା ବ୍ଲକ ଓ ନଗର ବିଜୁ ଜନତା ଦଳ ଏହାର ଦୃଢ ପ୍ରତିବାଦ କରିଛି। ଏପ୍ରିଲ୍ ୨୪ରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯିବାର ନିଷ୍ପତ୍ତିକୁ ସେମାନେ ସ୍ୱାଗତ କରିଛନ୍ତି। କିନ୍ତୁ ମାର୍ଚ୍ଚ ୫ରେ ଆମ ରାଜ୍ୟରେ ବିଜୁ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ଭାବେ ପାଳନ ନିଷ୍ପତ୍ତିର ପରିବର୍ତ୍ତନକୁ ସେମାନେ ଗ୍ରହଣ କରିପାରିବେ ନାହିଁ ବୋଲି ସଚେତନ କରିଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ତ୍ରୀସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢୀକରଣ କ୍ଷେତ୍ରରେ ଓ ମହିଳାମାନଙ୍କୁ ଉପଯୁକ୍ତ ସମ୍ମାନ ସହ ସଶକ୍ତିକରଣ କରିବା କ୍ଷେତ୍ରରେ ବିଜୁବାବୁଙ୍କ ଭୂମିକା ଅତୁଳନୀୟ। ପ୍ରତ୍ୟେକ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦରେ ୫୦ ଭାଗ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷଣ ନିଷ୍ପତ୍ତି ଭାରତବର୍ଷରେ ପ୍ରଥମେ ବିଜୁବାବୁଙ୍କ ସରକାର ଗ୍ରହଣ କରିଥିଲେ। ଅଧିକନ୍ତୁ ୭୩ତମ ସମ୍ବିଧାନ ସଂଶୋଧନ ପୂର୍ବରୁ ପ୍ରତ୍ୟେକ ବ୍ଲକ, ମୁନିସିପାଲିଟି ଓ ପଞ୍ଚାୟତରେ କୌଣସି ମହିଳା ନଥିଲେ। ଜଣେ ନାଏବ ସରପଞ୍ଚ ଓ ଉପାଧ୍ୟକ୍ଷା ନିଯୁକ୍ତିର ନିଷ୍ପତ୍ତି ସମଗ୍ର ଭାରତ ବର୍ଷରେ ବିଜୁବାବୁ ହିଁ ଆଇନଗତ ବ୍ୟବସ୍ଥା କରିଥିଲେ। ତାଙ୍କର ଏହି ମହତ୍ତ୍ୱପୂର୍ଣ୍ଣ ଅବଦାନ ପାଇଁ ତାଙ୍କ ଜନ୍ମଦିନକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଏ। ତେଣୁ ପୂର୍ବଭଳି ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୫ ତାରିଖକୁ ରାଜ୍ୟ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବାକୁ କେନ୍ଦ୍ରାପଡା ବ୍ଲକ ଓ ନଗର ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟପାଳଙ୍କ ନିକଟରେ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ବିଜେଡି ସଭାପତି ଧିରେନ ସାହୁ, ନଗରପାଳ ସରିତା ସାହୁ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, କାଉନସିଲର କାଳୀପ୍ରସାଦ ମିଶ୍ର, ଆଲୋକ ସାହୁ, ହିରଣ୍ୟ କୁମାର ପଣ୍ଡା, ପ୍ରତାପ ମହାପାତ୍ର, ପ୍ରଦୀପ୍ତ ମହାନ୍ତି, ବିଚିତ୍ର ଲେଙ୍କା, ତପନ କୁମାର ଦାସ, ରଞ୍ଜିତ ସାହୁ, ପ୍ରକାଶ କୁମାର ସାହୁ, ରଶ୍ମିତା ସେଠୀ, ସେକ ଅସଲମ୍, ବିଜୟ ନାୟକ, ସମ୍ବିତ ଶ୍ରୀଚନ୍ଦନ, ସୋମନାଥ ଜେନା, ମୁକ୍ତାର ଖାନ୍, ଧନଞ୍ଜୟ ମହାନ୍ତି, ସୁରେଶ ମହାନ୍ତି ପ୍ରମୁଖ ଶତାଧିକ ବିଜୁ ଜନତାଦଳ କର୍ମୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ନୂଆ ଆଇନ୍‌କୁ ନେଇ ସଚେତନତା



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ସାରା ଦେଶରେ ଗତ ବର୍ଷ ଠାରୁ ତିନୋଟି ବ୍ରିଟିଶ ଆଇନ୍‌କୁ ହଟାଯାଇ ନୂଆ ଆଇନ ଲାଗୁ ହୋଇଛି। ଆଇପିସି, ସିଆର୍‌ପିସି ଓ ଏଭିଡେନ୍ସ ଆକ୍ଟକୁ ହଟାଯାଇ ତା ବଦଳରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ ଅଧିନିୟମ କରାଯାଇଛି। ପୁରୁଣା ଆଇନରେ ଥିବା ବହୁ ଅନ୍ୟାବଶକ ଧାରା ହଟାଯାଇ କିଛି ଗୁରୁତ୍ୱପୂର୍ଣ୍ଣ ନୂଆ ଧାରା ମଧ୍ୟ ଯୋଡ଼ା ଯାଇଥିବା ବେଳେ ପୋଲିସ ନିୟମ ମଧ୍ୟ ବଦଳାଯାଇଛି। ଯାହା ବିଷୟରେ ଜଣେ ସାଧାରଣ ନାଗରିକ ଜାଣିବା ନିହାତି ଆବଶ୍ୟକ ରହିଥିବାରୁ ଲକ୍ଷ୍ମୀପୁର ଥାନା ଠାରେ ନୂଆ ଆଇନକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସୁଜ୍ଞାନୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ଏସ୍.ଡି.ପି.ଓ ତୁଫାନ ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂଆ ଆଇନ ବିଷୟରେ ବୁଝାଇଥିଲେ। ଏଥିସହ ଥାନାରେ ଯଦି ବୟସ୍କ, ଦିବ୍ୟାଙ୍ଗ, ଅସୁସ୍ଥମାନଙ୍କୁ କୌଣସି ଘଟଣାକୁ ନେଇ ଅଭିଯୋଗ କରିବାକୁ ଚାହନ୍ତି ତେବେ ତାଙ୍କୁ ଥାନାକୁ ଆସିବା ବାଧ୍ୟ ନୁହେଁ, ସିଏ ଚାହିଁଲେ ୧୧୨ ନମ୍ବରରେ ଫୋନ କରି ଘରେ ରହି ପୋଲିସ ସହାୟତା ପାଇ ପାରିବେ, ନହେଲେ ଅନଲାଇନ୍ ଜରିଆରେ ମଧ୍ୟ ଲିଖିତ ଅଭିଯୋଗ କରିପାରିବେ ବୋଲି କହିଥିଲେ। ପୋଲିସ ବିଭାଗର ବଡ଼ ବଡ଼ ଅଧିକାରୀଙ୍କ ନାମରେ ଆସୁଥିବା ମିଥ୍ୟା କଲ୍ ପ୍ରତି ଜମାରୁ ଗୁରୁତ୍ୱ ଦେବେନି, ପୋଲିସର ସହାୟତା ବିନା କୌଣସି ପଦକ୍ଷେପ ଗ୍ରହଣ କରନ୍ତୁ ନାହିଁ ବୋଲି ବୈଠକ ଶେଷରେ ଏକ ସଚେତନତା ବାର୍ତ୍ତା ଲକ୍ଷ୍ମୀପୁର ପୋଲିସ ତରଫରୁ ପ୍ରଦାନ କରାଯାଇଥିଲା। ଏହି ବୈଠକରେ ବିଡ଼ିଓ ଗୁରେଶ୍ୱର ଭୋଇ ଯୋଗଦେଇ ଗଳ୍ପ ମାଧ୍ୟମରେ ନୂତନ ଅପରାଧିକ ଆଇନ ବିଷୟରେ ବୁଝାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରୀକ ମହାଦେବ ଶତପଥୀ, ମାଥିୟୁ ଗରଡ଼ା, ବଳଭଦ୍ର ଖରା, ସୀମା ଗରଡ଼ା, ମଙ୍ଗଳ ଖସଲା, ଶିକ୍ଷକ ରମେଶ ଦୋରା ଓ ବଣିକ ସଂଘ ସଭାପତି ମନୋଜ ସାହୁଙ୍କ ସମେତ ଅଞ୍ଚଳର ଅନେକ ମାନ୍ୟ ଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ଚିଲିକାକୁ ମତ୍ସ୍ୟଜୀବୀଙ୍କ ନୌକା ଯାତାୟତ ବନ୍ଦ

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା ଓ ମକରା ନଦୀରେ ଭରପୁର କଳିକତି ଦଳ ଜମି ରହିଥିବାରୁ ଚିଲିକା ଉପରେ ନିର୍ଭର କରୁଥିବା କଣାସ ଅଞ୍ଚଳର ୧୦ ହଜାରରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାରର ନୌକା ଚିଲିକାକୁ ମାଛ ମାରିବାକୁ ଯାଇପାରି ନଥିବାରୁ ଉକ୍ତ ପରିବାରଗୁଡିକ ଭୋକ ଉପାସରେ ଦିନ କାଟୁଛନ୍ତି। ଖବର ନେବାରେ ଜଣାପଡିଛି କଣାସ ବ୍ଲକର ଜାଗୁଲାଇପଦର, କଉଡିଖଣି, ସରସ୍ୱତୀ ନଗର, ଗଙ୍ଗାଧରପୁର, ନଇକୂଳପାଟଣା, ନୂଆଗାଁ, ଜଙ୍କିଆ, ଗଡବଳଭଦ୍ରପୁର, ଦୟାବିହାର, ନୂଆଦୋକନ୍ଦା, କଦଳୀଦଣ୍ଡା, ବାଲିପାଟଣା ଗ୍ରାମର ଶହଶହ ମତ୍ସ୍ୟଜୀବୀ ଦୈନନ୍ଦିନ ପ୍ରଭାତରୁ ନୌକା ନେଇ ଚିଲିକାକୁ ମାଛ ଧରିବା ପାଇଁ ଯାଇଥାନ୍ତି। ଦିନସାରା ଚିଲିକାରେ ମାଛ ମାରି ସନ୍ଧ୍ୟା ସମୟକୁ ଗ୍ରାମକୁ ଫେରିଆସିଥାନ୍ତି। ଦୀର୍ଘ ଦୁଇମାସ ହେଲା ନଦୀରେ ଭରପୂର କଳିକତି ଦଳ ଯୋଗୁଁ ନୌକା ଯାତାୟତ ବନ୍ଦ ହୋଇଯାଇଛି।

# ପିଏମ୍ ଇଣ୍ଟରନସିପ୍ ଯୋଜନାରେ ପଞ୍ଜିକୃତ ପାଇଁ ପରାମର୍ଶ ବୈଠକ

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ବ୍ୟାସନଗର ସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ପିଏମ ଇଣ୍ଟରନସିପ୍ ଯୋଜନାରେ ପୁରାତନବିଦ୍ୟାର୍ଥୀଙ୍କୁ ପଞ୍ଜୀକୃତ ହେବା ନିମନ୍ତେ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ରତ୍ନାକର ଜେନାଙ୍କ ଅଧ୍ୟକ୍ଷତାରେଯୋଜନାର ନୋଡାଲ ଅଧିକାରୀ ଅଧ୍ୟାପକ ସନ୍ତୋଷ କୁମାର ଜେନା ସଞ୍ଚାଳନା କରିଥିଲେ। ଅତିଥି ଭାବେ ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ରାଉତ ଯୋଗଦେଇ ଯୋଗଦେଇ ପୁରତନ ବିଦ୍ୟାର୍ଥୀ ଯୋଜନାରେ ପଞ୍ଜୀକୃତ ହେବା ଲାଗି +୩ ପାସ କରିଥିବେ, ତାଙ୍କୁ ୨୧ରୁ ୨୪ ବର୍ଷମଧ୍ୟରେ ହୋଇଥିବ, ନିୟମିତ ଭାବେ (ରେଗୁଲାର) ଉଚ୍ଚଶିକ୍ଷା ଅଧ୍ୟୟନକରୁ ନଥିବେ ବୋଲି ସୂଚନା ଦେଇଥିଲେ। ପଞ୍ଜୀକୃତ ହେଲାପରେ ଯୋଜନା ଅଧିକୃତ କମ୍ପାନୀ ପକ୍ଷରୁ ପିଲାଙ୍କ ନିକଟକୁ ଫୋନକଲ ଆସିବା ପରେ ସେମାନେ ଏକ ସ୍ଥିରିକୃତ ସହରରେ ପ୍ରଶିକ୍ଷଣ ନେବେ ଓପ୍ରଥମ ପର୍ଯ୍ୟାୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକକାଳୀନ ୬ହଜାର ଟଙ୍କା ଡିବିଟି ଜରିଆରେ ପାଇବେ। ଏହାବାଦ ପ୍ରଶିକ୍ଷଣ ସମୟରେପିଲାଙ୍କୁ କମ୍ପାନୀ ପକ୍ଷରୁ ସ୍ୱାସ୍ଥ୍ୟବୀମା ସହ ମାସିକ ୫୦୦ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ୪୫୦୦ଟଙ୍କା ୧୨ମାସ ଯାଏ ମିଳିବ। ୧୨ ମାସିଆପ୍ରଶିକ୍ଷଣ ପରେ ଏକ ପ୍ରମାଣପତ୍ର ମିଳିବା ସହ ଭଲ ପ୍ରଦର୍ଶନ କରୁଥିବା ପିଲାଙ୍କୁ ଅଧିକୃତ କମ୍ପାନୀ ପକ୍ଷରୁ ଚାକିରି ମିଳିବାର ବ୍ୟବସ୍ଥା କରାଯାଇଥିବା କଥା ରାଉତ ପ୍ରସଙ୍ଗକ୍ରମେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ରୋଜାଲିନା ମହାନ୍ତି, ଝୁନୁମଣୀ ଜେନା, ଅଧ୍ୟାପକଅରୁଣ କୁମାର ମିଶ୍ର, ମଳୟ କୁମାର ମଲ୍ଲିକ, ପଦ୍ମଭୁଷଣ ରାଉତରାୟ ପ୍ରମୁଖ ଯୋଗଦେଇ ସମସ୍ତ ବିଭାଗୀୟ ଅଧ୍ୟାପ/ଅଧ୍ୟାପିକାଙ୍କ ଦ୍ୱାରାଚଳିତମାସ ୧୨ତାରିଖ ମଧ୍ୟରେ ପଞ୍ଜୀକୃତ କରିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ବୈଠକରେ ଶାତାଧିକ ପୁରତନ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟକିରାଣୀ ପ୍ରଦୀପକୁମାର ପରିଡା, ପ୍ରଶାନ୍ତ କୁମାର ପଲେଇ, ଦୁର୍ଗାବତୀ ସ୍ୱାଇଁ, ବିଚିତ୍ର ଦଳେଇ, ପବିତ୍ରମୋହନ ଜେନା, ପ୍ରଶାନ୍ତ କୁମାର ଦାସ ଓ କବିତା କଲ୍ଲୋଳିନୀ ସିହ୍ନା ପ୍ରମୁଖ ଅଧ୍ୟାପକ/ ଅଧ୍ୟାପିକା ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ନୋଡଲ ଅଧିକାରୀ ଅଧ୍ୟାପକ ଜେନା ଧନ୍ୟବାଦ ଦେଇଥିଲେ।

# ଟ୍ରାକ୍ଟର ପାଇଁ ଋଣ କରି ପରିବାର ସର୍ବସ୍ୱାନ୍ତ

ବେଲପାହାଡ଼, (ଭାସ୍କର ନ୍ୟୁଜ୍): ଚାଷ କରିବା ପାଇଁ ବ୍ୟାଙ୍କରୁ ଲୋନ କରି ଟ୍ରାକ୍ଟର କିଣିଥିଲେ। ହେଲେ ଟ୍ରାକ୍ଟର ଚୋରୀ ହେବାରୁ ଲୋନ ସୁଝି ପାରିଲେନି। ଏହାପରେ ବ୍ୟାଙ୍କ ପକ୍ଷରୁ ନୋଟିସ ଦେଇ ଘର ସିଜ କରାଯିବାସହ ନିଲାମ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ତେବେ ବ୍ୟାଙ୍କ ଘର ସିଜ୍ କରି ଦେଇଥିବାରୁ ୧ ମାସରୁ ଉର୍ଦ୍ଧ୍ୱ ହେଲାଣି ଜରି ତଳେ ଗଛ ମୂଳେ ରହୁଛନ୍ତି ୯ ପ୍ରାଣୀ କୁଟୁମ୍ବ। ଝାରସୁଗୁଡା ଜିଲ୍ଲା ବେଲପାହାଡ ପୌର ପରିଷଦରେ ଘଟିଛି ଏହିପରି ଏକ ଘଟଣା। ବେଲପାହାଡ ପୌର ପରିଷଦ ୮ ନମ୍ବର ୱାର୍ଡ ରେ ରହୁଥିବା ସନ୍ତୋଷ ବେରିହାଙ୍କ ବଡ଼ ପୁଅ ଗୌତମ ବେରିହା ଏକ ଟ୍ରାକ୍ଟର କିଣିବା ପାଇଁ ୨୦୦୭ ମସିହାରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ବେଲପାହାଡ ଶାଖାରୁ ଋଣ ନେଇଥିଲେ। ଏହି ଟ୍ରାକ୍ଟରକୁ ଚାଷ କାର୍ଯ୍ୟରେ ନିୟୋଜିତ କରି ପରିବାର ପ୍ରତିପୋଷଣ କରିବାସହ ଲୋନ ଟଙ୍କା ମଧ୍ୟ ଧୀରେ ଧୀରେ ଶୁଝୁଥିଲେ। ହେଲେ ୨୦୧୨ ମସିହାରେ ଟ୍ରାକ୍ଟରଟି ଚୋରୀ ହେବା ପରେ ରୋଜଗାରର ମାଧ୍ୟମ ହରାଇବା ସହ ଋଣ ଟଙ୍କା ମଧ୍ୟ ପରିଶୋଧ କରିବାରେ ଅକ୍ଷମ ହୋଇଥିଲେ ଗୌତମ। ଟ୍ରାକ୍ଟର ଚୋରୀ ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ ବି ଆଉ ନିଜ ଟ୍ରାକ୍ଟର ଫେରି ପାଇ ନଥିଲେ ସେ। ଫଳରେ ଟ୍ରାକ୍ଟର କିଣିବା ପାଇଁ ନେଇଥିବା ୪ ଲକ୍ଷ ୯୭ ହଜାର ଋଣ ଟଙ୍କା ଏବେ ସୁଧସହ ୪୬ଲକ୍ଷ ୪୦ହଜାର ୫୪୮ ଟଙ୍କାକୁ ପହଞ୍ଚିଛି। ଯାହାକୁ ପରିଶୋଧ କରିପାରିନାହାନ୍ତି ଗୌତମ। ଋଣ ଟଙ୍କା ପରିଶୋଧରେ ଗୌତମ ଅକ୍ଷମ ହେବା ପରେ ବ୍ୟାଙ୍କ ପକ୍ଷରୁ ଗତ ଜାନୁଆରୀ ୨୧ ତାରିଖ ସନ୍ତୋଷ ବେରିହାଙ୍କ ୯ ଡେସିମିଲ ଜମିରେ ଥିବା ସମସ୍ତ ଘରକୁ ବ୍ୟାଙ୍କ କର୍ତ୍ତୁପକ୍ଷ ସିଲ କରାଇବାସହ ଏହାକୁ ଆଗାମୀ ମାର୍ଚ୍ଚ ୧୨ ତାରିଖ ଦିନ ଇ ନିଲାମ କରିବା ପାଇଁ ଇସ୍ତିହାର ଜାରି କରିଛି। ବ୍ୟାଙ୍କ ଗତ ଜାନୁଆରୀ ୨୧ ତାରିଖରେ ସନ୍ତୋଷଙ୍କ ଘରେ ତାଲା ପକାଇବା ପରେ ୯ ପ୍ରାଣୀ କୁଟୁମ୍ବ ଏବେ ଗଛ ତଳେ ଜାରି ଟାଙ୍ଗୀ ରହୁଛନ୍ତି। ଘରର ଆସବାବ ପତ୍ର, ଖଟ ଠାରୁ ନେଇ ସମସ୍ତ ଆସବାବ ସାମଗ୍ରୀ ଏବେ ଖୋଲା ଆକାଶ ତଳେ ଏଣେତେଣେ ପଡିରହିଛି। ସନ୍ତୋଷ ବେରିହାଙ୍କ ଏହି ୯ ଡେସିମିଲ ପୈତୃକ ଜାଗାରେ ତାଙ୍କର ଦୁଇପୁଅ ଏବଂ ଜଣେ ଡିଭୋର୍ସି ଝିଅ ରୁହନ୍ତି। ଝିଅଙ୍କୁ ସ୍ୱାମୀ ଛାଡି ଦେଲା ପରେ ସନ୍ତୋଷ କିଛି ଜାଗା ନିଜ ଝିଅ ମମତା ବେରିହାଙ୍କୁ ଦେଇଥିଲେ। ମମତା ସମସ୍ତ କାଗଜପତ୍ର ଜୁଟାଇ ସରକାରୀ ସହାୟତା ମିଳିବା ପରେ ଏହି ସ୍ଥାନରେ ପ୍ରଧାନମନ୍ତ୍ରୀ ଆବାସ ଘର ଟିଏ ପାଇଥିଲେ। ଆବାସ ଘର ନିର୍ମାଣ ହେବା ପରେ ପ୍ରାୟ ୬ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ସେ ଏଠାରେ ରହି ଆସୁଥିଲେ। ହେଲେ ବ୍ୟାଙ୍କ ପକ୍ଷରୁ ସନ୍ତୋଷ ଏହି ୯ ଡେସିମିଲ ପୈତୃକ ଜମିକୁ ସିଜ କରାଯିବା ସମୟରେ ମମତାଙ୍କ ପ୍ରଧାନମନ୍ତ୍ରୀ ଆବାସ ଘରକୁ ମଧ୍ୟ ସିଜ୍ କରିଛି ବ୍ୟାଙ୍କ। ଯାହାଫଳରେ କୌଣସି ଉପାୟ ନପାଇ ଜରି ଟାଙ୍ଗୀ ରହୁଛନ୍ତ ମାମତା। ବ୍ୟାଙ୍କ ପକ୍ଷରୁ ଘର ସିଜ୍ କରାଯିବା ପରେ ବୃଦ୍ଧ ସନ୍ତୋଷ ତାଙ୍କ ବୃଦ୍ଧା ସ୍ତ୍ରୀ, ଦୁଇପୁଅ, ବୋହୂ, ଝିଅ ଏବେ ନିରାଶ୍ରୟ ହୋଇପଡିଛନ୍ତି। ଚାଷ କରିବା ପାଇଁ ଟ୍ରାକ୍ଟର କିଣିବାକୁ ନେଇଥିବା ୪ ଲକ୍ଷ ୯୭ ହଜାର ଋଣ ଟଙ୍କା ଏବେ ୪୬ ଲକ୍ଷକୁ ପହଞ୍ଚି ଯାଇଥିବାରୁ ତାକୁ କେମିତି ପରିଶୋଧ କରିବେ ଏବଂ ନିଜ ଘର ଫେରି ପାଇବେ ସେନେଇ ଅନିଶ୍ଚିତତାରେ ଅଛନ୍ତି ସମଗ୍ର ପରିବାର।

# ଗୋପ ବ୍ଲକ୍‌ରେ ୧୫୨୪ ସରକାରୀ ନଳକୂପରୁ ଶତାଧିକ ଅଚଳ

ଗୋପ, (ଭାସ୍କର ନ୍ୟୁଜ୍): ଖରା ଆରମ୍ଭରୁ ଗୋପ ବ୍ଲକ୍‌ରେ ପାନୀୟ ଜଳର ସଂକଟ ଦେଖା ଦେଇଛି। ନଦୀନାଳ ଶୁଖିଲା ସାଙ୍ଗକୁ ଶତାଧିକ ନଳକୂପ ଅଚଳ ହୋଇପଡିଛି। ଗୋପ ବ୍ଲକର ୩୧ ଗୋଟି ପଞ୍ଚାୟତରେ ୧୫୨୪ ଗୋଟି ସରକାରୀ ନଳକୂପ ଥିବା ସରକାରୀ କାଗଜପତ୍ର କହୁଥିବା ବେଳେ ଏବେ ସେଥିମଧ୍ୟରୁ ଶତାଧିକ ନଳକୂପ ଅଚଳ ହୋଇପଡିଛି। ସେହିପରି ବସୁଧା ଯୋଜନା ମଧ୍ୟ ଅନେକ ପଂଚାୟତରେ କାର୍ଯ୍ୟ କରୁନି। ଦୀପ ତଳ ଅନ୍ଧାର ପରି ଗୋପ ବ୍ଲକ୍ ଠାରୁ ମାତ୍ର ୧କିମି ଦୂରରେ ଥିବା ଗୋପ ଉଦୟଗିରି ସାହିରେ ବସୁଧା ଯୋଜନା ପାଣି ପହଁଚି ପାରୁନଥିବା ବେଳେ ସେଠାରେ ଥିବା ଏକମାତ୍ର ନଳକୂପ ଦୀର୍ଘ ଦିନ ହେଲା ଅଚଳ ହୋଇପଡିଛି। ଫଳରେ ଲୋକମାନେ ଗାଁ’ଠାରୁ ୫ ଶହ ମିଟର ଦୂର ଗହିରରେ ଥିବା ଜଣେ ବ୍ୟକ୍ତିଙ୍କ ପାଣି ପମ୍ପରୁ ପାଣି ଆଣୁଥିବା ଦେଖିବାକୁ ମିଳିଛି। ଏପରିକି ବ୍ଲକ ଠାରୁ ମାତ୍ର ୩ ଶହ ମିଟର ଦୂର ଗୋପ ଦେବୀ ବଜାରରେ ଥିବା ଏକମାତ୍ର ନଳକୂପ ଦୀର୍ଘ ଦିନ ହେଲା ଅଚଳ ହୋଇପଡିଥିବା ବେଳେ ତାହା ସଚଳ ହୋଇପାରୁନଥିବାରୁ ଏହି ନଳକୂପ ଉପରେ ନିର୍ଭର କରୁଥିବା ଶତାଧିକ ବ୍ୟବସାୟୀ ନାହିଁ ନଥିବା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ସେହିପରି ନିମ୍ନମାନର କାର୍ଯ୍ୟ ଯୋଗୁଁ ପୟରା ପଂଚାୟତର ଜମରା ଗ୍ରାମରେ ଥିବା ଓଭରହେଡ୍ ଟାଙ୍କିରୁ ଗୋଳିଆ ପାଣି ବାହାରୁଥିବାରୁ ଲୋକମାନେ ପିଇବା ପାଣି ଉହଳ ବିକଳ ହେଉଛନ୍ତି। ଏରବଙ୍ଗ ପଂଚାୟତ କଥା ନକହିବା ଭଲ। ଷ୍ଟାଣ୍ଡ ପୋଷ୍ଟ ଅଛି ହେଲେ ବସୁଧା ଯୋଜନା କାର୍ଯ୍ୟକ୍ଷମ ହେବା ଦିନରୁ ସେହି ଷ୍ଟାଣ୍ଡ ପୋଷ୍ଟରୁ ପାଣି ବାହାରୁନି। ଫଳରେ ଲୋକମାନେ ପାଣି ପାଇଁ ପ୍ରାୟ ୧ କିମି ଯିବା ସହ ସେଠାରେ ଲୋକମାନଙ୍କର ଲମ୍ବା ଲାଇନ୍ ଯୋଗୁଁ ଘଣ୍ଟାଘଣ୍ଟା ଧରି ଛିଡା ହେଉଛନ୍ତି। ବିଭାଗିୟ ଅଧିକାରୀଙ୍କ ତଦାରଖ ଅଭାବରୁ ଠିକାଦାର ନିମ୍ନମାନର କାର୍ଯ୍ୟ କରି ଛୁ ମାରିଥିବା ବେଳେ ବସୁଧ ଯୋଜନା ଗୋପ ବ୍ଲକରେ ଫେଲ୍ ମାରିଛି। ଫଳରେ ସମ୍ପୃକ୍ତ ଗ୍ରାମବାସୀ ତାର ପରିଣାମ ଭୋଗୁଛନ୍ତି। କେତକ ସ୍ଥାନରେ ଅଚଳ ନଳକୂପକୁ ସଚଳ କରିବା ପାଇଁ ତ ଆଉ କେତକ ସ୍ଥାନରେ ଟ୍ୟାଙ୍କର ସାହାର୍ଯ୍ୟରେ ପାଣି ଯୋଗାଇବା ପାଇଁ ବ୍ଲକ୍ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ବ୍ଲକ୍ ପ୍ରଶାସନ ଦୃଷ୍ଟି ଦେଉ ନଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅଚଳ ନଳକୂପକୁ ସଚଳ କରିବା ପାଇଁ ପଞ୍ଚାୟତ ସ୍ତରରେ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତି ବର୍ଷ କୋଟିକୋଟି ଟଙ୍କା ବ୍ୟୟ କରାଯାଉଥିବା ସରକାରଙ୍କୁ ଦର୍ଶାଯାଉଥିବା ବେଳେ କ’ଣ ପାଇଁ ପ୍ରକୃତର ଅଚଳ ନଳକୂପ ଗୁଡିକୁ କାର୍ଯ୍ୟକ୍ଷମ କରାଯାଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ମଙ୍ଗଳା ମହାବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ପ୍ରଫେସର ଡ଼ଃ ସଂଗ୍ରାମ ଛାଟୋଇ କାର୍ଯ୍ୟଭାର ଗ୍ରହଣ କରିବା ପରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଛାତ୍ର ଛାତ୍ରୀମାନେ ଡ଼ଃ ଛାଟୋଇଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ଏହି ମହାବିଦ୍ୟାଳୟରେ ଡ଼ଃ ଛାଟୋଇ ଓଡ଼ିଆ ବିଭାଗର ମୁଖ୍ୟ ଥିବା ବେଳେ ତାଙ୍କର ପ୍ରଶାସନିକ ଅଭିଜ୍ଞତା ରହିଥିବା ବେଳେ ଓଡ଼ିଆ ଭାଷା ଓ ସାହିତ୍ୟର ଅଧ୍ୟୟନ ମାଧ୍ୟମରେ ଓଡ଼ିଆ ଅସ୍ମିତାକୁ ଉଜାଗର କରିପାରିବେ ବୋଲି ଅତିଥି ଭାବେ ଯୋଗଦେଇ ରାଜନୀତି ବିଜ୍ଞାନର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଲଲାଟେନ୍ଦୁ ସ୍ୱାଇଁ ତାଙ୍କ ବକ୍ତବ୍ୟରେ କହିଥିଲେ । ମହାବିଦ୍ୟାଳୟରେ ଓଡ଼ିଆ ବିଭାଗର ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିବା ତାଙ୍କର ପ୍ରାଥମିକ କାର୍ଯ୍ୟ ହେବ ବୋଲି ଅଧକ୍ଷ ଡ଼ଃ ଛାଟୋଇ କହିଥିଲେ କ୍ଷ ଏହି ସମ୍ବର୍ଦ୍ଧନା ଉତ୍ସବରେ ଅଧ୍ୟାପକ ପ୍ରଫୁଲ୍ଲ କୁମାର ନାହାକ, ଦେବାଶିଷ ପ୍ରଧାନ, ଶଶୀଭୂଷଣ ମୁଦୁଲି, ସୁଶ୍ରୀ ଝରଣା ବେହେରା, କାଜଲ ସ୍ୱାଇଁ ଜ୍ୟୋତିର୍ମୟୀ ସେଠୀ, ଶୁଭଦ୍ରା ବେହେରା, ରାନୀ କାଣ୍ଡି, ରଶ୍ମିତା ନାୟକ, ଶୀତମ ଭୋଇ ସନ୍ତୋଷ ଦୀକ୍ଷିତଙ୍କ ସମେତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

# ଚିତ୍ରକୋଣ୍ଡା ଛାତ୍ରୀ ମାଆ ହେବା ଘଟଣାରେ ଜିଲ୍ଲା କଂଗ୍ରେସର ଉଦ୍‌ବେଗ




ମାଲକାନଗିରି(ଭାସ୍କର ନ୍ୟୁଜ): ରାଜ୍ୟରେ ପ୍ରତ୍ୟେକ ଦିନ ଘଟୁଥିବା ନାରୀ ନିର୍ଯ୍ୟାତନା ଓ ଅତ୍ୟାଚାରକୁ ହୃଦୟଙ୍ଗମ କରି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ।ପ୍ରଦେଶ କଂଗ୍ରେସ ତରଫରୁ ଏକ ତଥ୍ୟ ଅନୁଧ୍ୟାନକାରୀ ଦଳ ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର କୁମାର ପ୍ରଧାନଙ୍କ ନେତୃତ୍ୱରେ ଗତକାଲି ଚିତ୍ରକୋଣ୍ଡା ଏସ୍.ଏସ୍.ଡି. ବାଳିକା ଉଚ୍ଚ ବିଦ୍ୟାଳୟ ଯାଇ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ସହ ନାବାଳିକା ଛାତ୍ରୀ ସନ୍ତାନ ଜନ୍ମ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଆବାସିକ ବିଦ୍ୟାଳୟରେ ଛାତ୍ରୀ ମାନଙ୍କ ଉପଯୁକ୍ତ ଯତ୍ନ ନିଆଯାଇ ନଥିଲା, ବିଦ୍ୟାଳୟର କର୍ମଚାରୀମାନଙ୍କ ଦାୟିତ୍ୱହୀନତା ଓ ଅବହେଳା ଏବଂ ଛାତ୍ରୀମାନଙ୍କ ପ୍ରତି କର୍ତ୍ତବ୍ୟରେ ତ୍ରୁଟି ସ୍ପଷ୍ଟ ପ୍ରଦେଶ କଂଗ୍ରେସ ଅନୁଧ୍ୟାନକାରୀଙ୍କ ଦ୍ୱାରା କୁହାଯାଇଛି । ଏହାପରେ ଉକ୍ତ ଦଳ ପୀଡିତା ବାଳିକାର ନିଜ ଗାଁ ଦିଶାରୀଗୁଡା ଗସ୍ତ କରି ପୀଡ଼ିତାଙ୍କ ନିକଟ ସମ୍ପର୍କୀୟ ତଥା ପଡୋଶୀମାନଙ୍କ ସହିତ ଆଲୋଚନା କରି ତଥ୍ୟ ସଂଗ୍ରହ କରିଥିଲେ । ତଦ୍ ପଶ୍ଚାତ୍ ମାଲକାନଗିରି ଜିଲ୍ଲାର କଂଗ୍ରେସ ଦଳର ନେତୃବୃନ୍ଦ ଏବଂ ସାଧାରଣ ନାଗରିକ ମାନଙ୍କ ସହିତ ମଧ୍ୟ ଆଲୋଚନା କରି ଉକ୍ତ ଅଘଟଣର ତଥ୍ୟ ସଂଗ୍ରହ କରିଥିଲେ । ପରେ ପ୍ରଦେଶ କଂଗ୍ରେସ ତଥ୍ୟ ଅନୁଧ୍ୟାନକାରୀ ଦଳ ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ମାଲକାନଗିରି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଉକ୍ତ ଅଘଟଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଏବଂ ଜିଲ୍ଲାପାଳ ଏହାକୁ ଏକ ଦୁର୍ଭାଗ୍ୟଜନକ ଘଟଣା ଓ ଭବିଷ୍ୟତରେ ଏହାର ପୁନରାବୃତ୍ତି ହେବନାହିଁ ବୋଲି ପ୍ରତିଶୃତି ଦେଇଥିଲେ କିନ୍ତୁ ଏହା ରାଜ୍ୟ ସରକାରଙ୍କର ପ୍ରଶାସନିକ ସ୍ଥାଣୁତା, ଦୂରଦୃଷ୍ଟିର ଅଭାବ ଏବଂ ନାରୀ ମାନଙ୍କ ପ୍ରତି ଅତ୍ୟାଚାର ମନୋଭାବ ବୋଲି ସ୍ପଷ୍ଟ ପ୍ରମାଣିତ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ଉକ୍ତ ଗସ୍ତ ଏବଂ ଆଲୋଚନା ସମୟରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ତଥ୍ୟ ଅନୁସନ୍ଧାନକାରୀ ଦଳର ସଦସ୍ୟ ତଥା ଆଇନଜୀବି ସୁଜିତ ପାଢ଼ି, ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗୋ, ଆଇନଜୀବି ମାନସ ମଲ୍ଲିକ, ଡାଃ. ଲିପିକା ମାଝୀ, ନବରଙ୍ଗପୁର କଂଗ୍ରେସ ସାଂସଦ ପ୍ରାର୍ଥୀ ଭୁଜବଳ ମାଝୀ, କୋଟପାଡ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅନାମ ଦିଆନ୍, ନବରଙ୍ଗପୁର କଂଗ୍ରେସ ପ୍ରାର୍ଥୀ ଦିଲିପ ପ୍ରଧାନୀ, ମାଲକାନଗିରି ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ମାଲକାନଗିରି କଂଗ୍ରେସ ବିଧାୟକ ପ୍ରାର୍ଥୀ ମାଳା ମାଢ଼ି, ଯୁବ ନେତା ଇଶାକ ଖୋସଲା, ଜିଲ୍ଲା ପରିଷଦ ସଦସ୍ୟା ବିନନ୍ତି ଖିଲ, କୃଷ୍ଣଚନ୍ଦ୍ର ଅନୁଗୁ ପ୍ରମୁଖ ଯୋଗ ଦେଇଥିଲେ ।

# ୧୯ତମ ବାର୍ଷିକ ଉତ୍ସବରେ ପୂର୍ବତନ ଅଧକ୍ଷାଙ୍କୁ ନାରୀରତ୍ନ ସମ୍ମାନ




ଢେଙ୍କାନାଳ(ଭାସ୍କର ନ୍ୟୁଜ): ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଠାରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ରାଜ୍ୟ ସ୍ତରୀୟ ମାତୃ ସମିଳନୀରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ସମ୍ମାନିତ ଅତିଥି ଭୁବନ ଏନ୍ଏସିର ପୂର୍ବତନ ଅଧକ୍ଷା କବିତା ବାରିକ, ସୁକିନ୍ଦା ବ୍ଲକର ପୂର୍ବତନ ଅଧକ୍ଷା ଭାଗବତି ମହାନ୍ତ, ରାୟବା ବେଗମ, ବାସ୍ତୁବିଜ୍ଞାନୀ ଡକ୍ଟର ସୁଚେତା ରାଉତ, ସୁଧାଂଶୁ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଓମେନ୍ସ ସଂସ୍ଥାର ସଭାନେତ୍ରୀ ସରୋଜିନୀ ମହାନ୍ତି, ଅନୁଷ୍ଠାନର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ସାମାଜିକ କ୍ଷେତ୍ରରେ ଆର୍ଥିକ ବିକାଶ ପାଇଁ ମହିଳାଙ୍କ ଅବଦାନ, ସାଂସ୍କୃତିକ କ୍ଷେତ୍ରରେ ମହିଳାଙ୍କ ଭାଗିଦାରିତା ସଂପର୍କରେ ଆଲୋକପାତ କରାଯାଇଥିଲା । କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ବିନୟ ପଟ୍ଟନାୟକ, କୃଷ୍ଣପ୍ରସାଦ ବାରିକ, ପୂର୍ଣ୍ଣଚନ୍ଦ୍ର ସାହୁ । ମହିଳାଙ୍କୁ ସଶକ୍ତିକରଣ କ୍ଷେତ୍ରରେ ସଂଗ୍ରାମି ମହିଳା ମୋର୍ଚାର ଢେଙ୍କାନାଳ ଜିଲା ସଭାନେତ୍ରୀ ତଥା ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ପୂର୍ବତନ ନଗରପାଳ କବିତା ବାରିକଙ୍କୁ ନାରୀରତ୍ନରେ ସମ୍ମାନିତ କରାଯାଇଥିଲା ।

# ଦୁଷ୍କର୍ମ ଅଭିଯୋଗରେ ଜେଲ୍ ଗଲା ଅଭିଯୁକ୍ତ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଜନୈକ ମହିଳାଙ୍କୁ ଏକାକୀ ପାଇ ସଂପର୍କୀୟ ଦିଅର ଦୁଷ୍କର୍ମ କରିବା ସହ ଅନ୍ତରଙ୍ଗ ମୂହୁର୍ତ୍ତର ଭିଡ଼ିଓକୁ ଭାଇରାଲ୍ କରିଥିଲା । ଏ ନେଇ ପିଡୀତା ଥାନାରେ ଅଭିଯୋଗ କରିବା ପରେ ପୋଲିସ୍ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାୟୀ ହିନ୍ଦୋଳ ବ୍ଲକ୍ ରାସୋଳ ଥାନା ଅନ୍ତର୍ଗତ ଗଣ୍ଡାନାଳୀ ଗ୍ରାମର ତ୍ରୈଲୋକ୍ୟ ନାଏକଙ୍କ ସାନ ପୁଅ ଶ୍ରୀକାନ୍ତ ନାଏକ (ଚିଆଁ) ଜନୈକ ମହିଳାଙ୍କୁ ଏକାକୀ ପାଇ କଟକ ସିଡିଏ ୭ ନମ୍ବର ଏକ ଘରେ ଦୁଷ୍କର୍ମ କରିଥିଲା । ଏବଂ ପରବର୍ତୀ ସମୟରେ ଅନ୍ତରଙ୍ଗ ମୁହୁର୍ତ୍ତର ଉତୋଳନ କରି ରଖିଥିବା ଭିଡ଼ିଓକୁ ଭାଇରାଲ୍ କରିଥିଲା । ଏ ଅଭିଯୋଗ ନେଇ ପିଡୀତା ମହିଳା ନିକଟସ୍ଥ ମର୍କତନଗର ଥାନାର ଦ୍ୱାରସ୍ଥ ହେବା ସହ ନ୍ୟାୟ ଭିକ୍ଷା କରିଥିଲେ । କେସ୍ ନଂ ୦୯/୨୫ ରେ ମାମଲା ରୁଜୁ କରିବା ସହ ବିଏନେସ୍‌ର ଧାରା ୩୫୧(୩), ୭୭, ୬୪(୨)(ଏଫ୍) ଆଦି ଦଫା ଲଗାଇ ପୋଲିସ୍ ତଦନ୍ତ ଆରମ୍ଭ କରିଥିଲା । ଗତ ୨ ତାରିଖ ରବିବାର ରାତିରେ ଅଭିଯୁକ୍ତ ଶ୍ରୀକାନ୍ତକୁ ପୋଲିସ୍ ଟ୍ରାକିଂ କରି ଭୁବନେଶ୍ୱର ଡମଣାରୁ ଗିରଫ କରିଥିଲା । ୪ ତାରିଖ ମଙ୍ଗଳବାର ଦିନ କୋର୍ଟ ଚାଲାଣ କରିବା ସହ ଅଭିଯୁକ୍ତକୁ ଚୌଦ୍ୱାର ଜେଲ୍ ପଠାଇ ଦିଆଯାଇଥିବା ଜଣାପଡିଛି । ପୂର୍ବରୁ ସୋସିଆଲ୍ ମିଡିଆରେ ଜନୈକ ମହିଳାଙ୍କର ଚରିତ୍ର ସଂହାର କରୁଥିବା ନେଇ ଅଭିଯୁକ୍ତ ଶ୍ରୀକାନ୍ତ ନାଁ ରେ ମଧ କେସ୍ ନଂ ୩୧/୨୫ ରେ ଏକ ମାମଲା ରାସୋଳ ଥାନାରେ ରୁଜୁ ହୋଇଥିଲା । କିନ୍ତୁ ରାସୋଳ ପୋଲିସ୍ ଅଭିଯୁକ୍ତ ଶ୍ରୀକାନ୍ତକୁ ଥାନାକୁ ଡ଼ାକି କେବଳ ପଚରାଉଚରା କରି ଛାଡି ଦେଇଥିଲା । ଅଭିଯୁକ୍ତ ଶ୍ରୀକାନ୍ତର ଏହି କଳାକାରନାମାକୁ ନେଇ ଏବେ ସବୁଆଡ଼େ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି । ଅଭିଯୁକ୍ତ ଶ୍ରୀକାନ୍ତର ଏପରି ହୀନ କାର୍ଯ୍ୟକଳାପକୁ ନେଇ ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ଦୃଢ଼ ନିନ୍ଦା କରିବା ସହ ତା ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି ।

# ଠାକୁର ନିଗମାନନ୍ଦ ଭକ୍ତ ସମ୍ମିଳନୀ



ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ସାରସ୍ୱତ ସଂଘ ପରିସରରେ ୧୦୮ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ପ୍ରବର୍ତ୍ତିତ ୪୩ତମ ଅବିଭକ୍ତ ବାଲେଶ୍ୱର ଜିଲ୍ଲା ଭକ୍ତ ସମ୍ମିଳନୀ ସୋମବାର ଆରମ୍ଭ ହୋଇଛି । ଆସାମ-ବଙ୍ଗୀୟ ସାରସ୍ୱତ ମଠ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମହିଳାମାନେ ଜଳଘଟ ଉତ୍ତୋଳନ କରି ଠାକୁରଙ୍କୁ ମହାସ୍ନାନ କରାଇବା ସହ ଜୟଗୁରୁ ନାମ ସଙ୍କିର୍ତ୍ତନ ଓ ଜପତପ କରିଥିଲେ । ମହନ୍ତ ମହାରାଜ ଦିବାନନ୍ଦ ସରସ୍ୱତୀ ଦେବ ଠାକୁରଙ୍କ ବାଣୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ବହୁ ସଂଖ୍ୟକ ଭକ୍ତ ଏହି ସମ୍ମିଳନୀରେ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଭକ୍ତମାନଙ୍କ ପାଇଁ ପ୍ରତ୍ୟହ ଆନନ୍ଦ ବଜାର ସହ ରହଣି ପାଇଁ ମଠ ପକ୍ଷରୁ ଆୟୋଜନ କରାଯାଇଛି ।

# ୩୧୬୬୧ ଚାଷୀଙ୍କୁ ମିଳିଲାଣି ୧୦୮୧୩୧୯୫୪୪ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡ଼ି

ପୁରୀ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲାର ୩୧୬୬୧ ଜଣ ଚାଷୀ ଇନପୁଟ ସବସିଡ ହିସାବରେ କ୍ୟୁଣ୍ଟାଲ ପିଛା ୮୦୦ ଟଙ୍କା ହିସାବରେ ୧୦,୮୧,୩୧୯,୫୪୪ ଟଙ୍କା ପ୍ରାପ୍ତ ହେଲେଣି ବୋଲି ସୂଚନା ଦେଇଛନ୍ତି ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ ହୋତା । ପୁରୀ ଜିଲ୍ଲାର ସମସ୍ତ ୧୧ଗୋଟି ବ୍ଲକରେ ଧାନ ସଂଗ୍ରହ କୁ ତ୍ୱରାନ୍ୱିତ କରାଯାଇଛି । ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନେ ବିଭିନ୍ନ ବ୍ଲକ ଦାୟିତ୍ୱରେ ରହି ଧାନ ସଂଗ୍ରହକୁ ଶୃଙ୍ଖଳିତ ପରିଚାଳନା ପାଇଁ ତଦାରଖ କରୁଛନ୍ତି । ଯୋଗାଣ ଅଧିକାରୀ, ସମବାୟ ସମିତିର କର୍ମକର୍ତ୍ତା ଓ ଆରଏମସି ପକ୍ଷରୁ କୃଷକମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର କୃଷକମାନେ ଧାନ ବିକ୍ରିରେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସଜାଗ ରହି ପଦକ୍ଷେପ ନେବାକୁ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ଖରିଫ ଋତୁରେ ପଞ୍ଜିକୃତ ୪୮୯୬୪ କୃଷକଙ୍କ ଠାରୁ ୨୦୪୨୬୦୦ କ୍ୟୁଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ରହିଛି । ପ୍ରଥମ ପର୍ଯ୍ୟାୟରେ ୧୧୬୮୬୦୦ କ୍ୟୁଣ୍ଟାଲ ଓ ଦ୍ୱିତୀୟ ପର୍ଯ୍ୟାୟରେ ୮୭୪୦୦୦ କ୍ୟୁଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ରହିଛି । ଚଳିତମାସ ୪ତାରିଖ ସୁଦ୍ଧା ଖୋଲାଯାଇଥିବା ସମସ୍ତ ୧୮୭ଟି ମଣ୍ଡିରେ ୩୪୧୪୯ କୃଷକଙ୍କଠାରୁ ୧୪୦୨୧୫୨.୮୩ କ୍ୟୁଣ୍ଟାଲ ଧାନ ସଂଗ୍ରହ ହୋଇଛି । ୧୪୮୧୫ ଚାଷୀ ଧାନ ବିକ୍ରି ପାଇଁ ରହିଛନ୍ତି । ୩୩୨୦୧ ଜଣ କୃଷକଙ୍କୁ ୩୦୬୬୬୯୪୮୮୦ ଟଙ୍କା ବ୍ୟାଙ୍କ ତରଫରୁ ପ୍ରେରଣ କରାଯାଇଥିବା ବେଳେ ୩୧୬୬୧ କୃଷକ ୨୯୩୧୧୭୯୫୭୦ ଟଙ୍କା ପାଇଛନ୍ତି । ପର୍ଯ୍ୟାୟ କ୍ରମେ ପ୍ରତ୍ୟେକ କୃଷକ ସେମାନଙ୍କ ପ୍ରାପ୍ୟ ପାଇବେ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ହୋତା ସୂଚନା ଦେଇଛନ୍ତି ।

# ରୁଙ୍ଗ୍‌ଟା ପକ୍ଷରୁ ନୂତନ ପ୍ରକଳ୍ପର ଲୋକାର୍ପଣ




କୋଇଡା(ଭାସ୍କର ନ୍ୟୁଜ): କୋଇଡ଼ା ମାଇନିଂ ସେକଟର ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରେ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ଼ ଅଡାଘାଟ ଲୌହ ଖଣି ତରଫରୁ ଔଦୋଗିକ ସାମାଜିକ ଦାୟିତ୍ୱ ବୋଧ ଯୋଜନାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଛି । ଅଡାଘାଟ ଗ୍ରାମରେ ଗମନା ଗମନର ସୁବିଧା ପାଇଁ କଂକ୍ରିଟ ରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟ ଓ ସ୍ୱଛତାକୁ ଆଖି ଆଗରେ ରଖି ଅଡାଘାଟ ଗ୍ରାମରେ ଥିବା ଗାଧୁଆ ତୁଠର ମରାମତି ସହିତ ଲୁଗା ବଦଳାଇବା ଗୃହ ସହ ଗୋପିସାହି ଗ୍ରାମରେ ନୂତନ ଭାବେ ଗାଧୁଆ ତୁଠ ସହିତ ଲୁଗା ବଦଳାଇବା ଗୃହର ନିର୍ମାଣ କରାଯାଇଛି । ଏହା ସହ ଅଡାଘାଟ ଗ୍ରାମରେ ଥିବା କ୍ଲବର ଛାତକୁ ଭଙ୍ଗାଯାଇ ନୂତନ ଭାବେ ଛାତ ପକା କାର୍ଯ୍ୟ ଜାରି ରହିଛି ଏବଂ ସାମାଜିକ ଓ ସାଂସ୍କୃତିକ ମଣ୍ଡପର ପଲସ୍ତରା କାର୍ଯ୍ୟ କରାଯାଇଛି । ଶିକ୍ଷାର ବିକାଶ ପାଇଁ ଅଡାଘାଟ ବିଦ୍ୟାଳୟ ପ୍ରାଙ୍ଗଣରେ ପଲସ୍ତରା କରାଯାଇଛି, ପାଇପ ଲାଇନ ଜରିଆରେ ଅଡାଘାଟ, ଗୋପୀ ସାହି ଓ ଜଡ଼ିପଦା ଗ୍ରାମକୁ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଛି । ଏହାସହ ଜଡ଼ିପଦା ଗ୍ରାମରେ ଏକ ନୂତନ କମ୍ୟୁନିଟି ସେଣ୍ଟର ନିର୍ମାଣ କାର୍ଯ୍ୟ ଜାରି ରହିଛି । ମାଲଦା, ଚୋରମାଲଦା ଓ କାକରପାଣି ଗ୍ରାମରେ ନୂତନ ବୋରିଂ ସହିତ ପାଇପ ଲାଇନ ଜରିଆରେ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଛି ଏବଂ ଚୋରମାଲଦା ଗ୍ରାମରେ ହୋମ ପାଇପ୍, କଲର୍ଭଟ ସହ ରାସ୍ତା ଓ ପୂଜାମଣ୍ଡପ ପ୍ରଭୃତି କାର୍ଯ୍ୟ କରାଯାଇଛି । ଏହାସହ ସରକାରୀ ଉଚ୍ଚବାଳିକା ବିଦ୍ୟାଳୟ ବଡ଼ବିଲଠାରେ ବୋରିଂ କରାଯାଇ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଛି । ଷ୍ଟିୱାର୍ଟ ମେରି ବିଦ୍ୟାଳୟ ବଡ଼ବିଲରେ କ୍ୟାଣ୍ଟିନ୍ ନିର୍ମାଣ ସହିତ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଛି ଏବଂ ସନ୍ତବାହଲ ପିଏଚଡ଼ି କଲୋନୀ ସାମାଜିକ ଓ ସାଂସ୍କୃତିକ ମଣ୍ଡପର ପ୍ରାଚୀର ନିର୍ମାଣ କାର୍ଯ୍ୟ କରାଯାଇଛି । ପୂର୍ବରୁ ମଧ ଗ୍ରାମାଞ୍ଚଳରେ ଅଡାଘାଟ ଖଣି ତରଫରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଛି । ଅଡାଘାଟ ଗ୍ରାମରେ ଏକ ସଭାର ଆୟୋଜନ କରାଯାଇ ପ୍ରକଳ୍ପଗୁଡିକୁ ହସ୍ତାନ୍ତର କରାଯାଇଥିଲା । କାର୍ଯ୍ୟକ୍ରମରେ ଅଡାଘାଟ ଲୌହ ଖଣି ତରଫରୁ ଖଣି ପରିଚାଳକ ସୁଭାଷ ଚନ୍ଦ୍ର ପ୍ରଧାନ, ଅଞ୍ଜନ କୁମାର ଲେଙ୍କା, ସମୀ ରଞ୍ଜନ ଦାସ, ତାପସ କୁମାର ରାୟ, ଜ୍ୟୋତି ରଞ୍ଜନ ଜେନା, ରାମେଶ୍ୱର ପାଇକରାୟ, ଏସ.ଏସ.ସାହୁ, ସୁରେନ୍ଦ୍ର କୁମାର ଯୋଗୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । କମ୍ପାନୀର ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଥିଲା ।

# ଦେଶୀମଦ ଜବତ, ୩ କୋର୍ଟଚାଲାଣ



ଖୋର୍ଦ୍ଧା(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ସୋମବାର ଦିନ ବୋଲଗଡ଼ ଅଂଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ତିନୋଟି କେଶ କରିଥିବା ବେଳେ ୫୭ ଲିଟର ଦେଶୀ ରନ୍ଧା ମଦ ଜବତ କରିଛି । ଏହି ତିନିଜଣ ବେଆଇନ ଦେଶୀମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ତେବେ ଗିରଫ ଜଣକ ଅସରାଳ ଗ୍ରାମର ବିନୋଦ ସାମନ୍ତରାୟ, ମାଳତୀ ଦେଇ ଏବଂ ବାଙ୍କୋଇ ଗ୍ରାମର ଅସନ୍ତି ପ୍ରଧାନ ନାମକ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଅଭିଯୁକ୍ତଙ୍କୁ ମାନ୍ୟବର ଜେଏମଏଫସି ଖୋର୍ଦ୍ଧା କୋର୍ଟରେ ହାଜର କରିଥିବା ଅବକାରୀ ବିଭାଗ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି ।

# ବାଣ ବିସ୍ଫୋରଣରେ ଦମ୍ପତି ଗୁରୁତର, ଉଡିଗଲା ୫ବଖରା

ବୋଲଗଡ(ଭାସ୍କର ନ୍ୟୁଜ): ବେଗୁନିଆ ଥାନା ବୋଲଗଡ ବ୍ଲକ ଗୋପାଳପୁର ପଞ୍ଚାୟତ ଦୁର୍ଗାପ୍ରସାଦ ଗ୍ରାମରେ ମଙ୍ଗଳବାର ବାଣ ବିସ୍ଫୋରଣ ଘଟି ୫ବଖରା ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ବାଣ ପ୍ରସ୍ତୁତକାରୀ ଦମ୍ପତି ଗୁରୁତ୍ତର ହୋଇଛନ୍ତି । ସୂଚନା ଅନୁଯାଇ ସେହି ଗ୍ରାମର ଅଶୋକ ମଲିକ ଜଣେ ମାଛ ବ୍ୟବସାୟୀ ସହ ବଜାର ଚାହିଦା ଅନୁଯାଇ ଚୋରା ବାଣର ବ୍ୟବସାୟ ବହୁବର୍ଷଧରି କରି ଆସୁଥିଲେ । ଘରେ ବାଣ ପ୍ରସ୍ତୁତ କରି ଜଟଣୀ ପରି ବଡବଡ ବାଣ ପେଣ୍ଟକୁ ପଠାଉଥିଲେ । ଆଜି ସକାଳ ପ୍ରାୟ ସାଢ଼େ ୧୦ଟା



ସମୟରେ ପତ୍ନୀ ସୁକାନ୍ତିଙ୍କ ସହ ବୋମ୍ବାଜି ବାଣ ଭିଡୁଥିବା ବେଳେ ହଠାତ୍ ଚାପ ସୃଷ୍ଟି ହୋଇ ବିସ୍ଫୋରଣ ହେବା ସହ ମହଜୁଦ ଥିବା ବାଣରେ ସଂଯୋଗ ହୋଇ ପ୍ରଚଣ୍ଡ ଶବ୍ଦରେ ବିସ୍ଫୋରଣରେ ହୋଇଥିବା ନେଇ ଗ୍ରାମବାସୀ ମାନେ କହିଛନ୍ତି । ଏଥିରେ ଅଶୋକଙ୍କର ୫ବଖର ଆଜବେଷ୍ଟସ ଘର ସମ୍ପୂର୍ଣ୍ଣ ଉଡ଼ିଯିବା ସହ ଅଶୋକ ଓ ପତ୍ନୀ ସୁକାନ୍ତି ଗୁରୁତର ହୋଇଛନ୍ତି । ତାଙ୍କୁ ତୁରନ୍ତ ଖୋର୍ଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି । ବେଗୁନିଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି । ଏହି ବାଣ ପ୍ରସ୍ତୁତି ଗ୍ରାମର ମଧ୍ୟ ଭାଗ ହେଉଥିବାରୁ ଅଭିଯୋଗ ହୋଇ ଆସୁଥିଲେ ମଧ ଏହାକୁ ଆଶୋକ କର୍ଣ୍ଣପାତ କରୁନଥିଲେ ।

# ଗର୍ଭବତୀ ମହିଳାଙ୍କୁ ହତ୍ୟା ଅଭିଯୋଗ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ବିଜାଡିହ ଗାଁରେ ଚାଂଚଲ୍ୟକର ଘଟଣା । ଜଣେ ୬ ମାସର ଗର୍ଭବତୀ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତ ମହିଳା ଜଣଙ୍କ ବିଜାଡିହ ଗାଁର ତନୁ ରାଉତ । ତନୁ ୬ ମାସ ହେବ ଗର୍ଭବତୀ ଥିବା ଜଣାପଡିଛି । ତେବେ ତାଙ୍କର ପୂର୍ବରୁ ଏକ ୪ ବର୍ଷର ଏକ ଶିଶୁ କନ୍ୟା ମଧ ରହିଛି । ତନୁଙ୍କ ସ୍ୱାମୀ ରାଜେଶ ରାଉତ ବିଭିନ୍ନ ସମୟରେ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଇ ଆସୁଥିଲେ ଏବଂ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ତନୁଙ୍କ ବାପା ପରଜଙ୍ଗ ଥାନା ବସୁଲେଇ ଗାଁର ନିତ୍ୟାନନ୍ଦ ଭୁତିଆ ୨୦୧୮ ମସିହାରେ ଝିଅକୁ ବୈଦିକ ରୀତିରେ ବିଜାଡିହ ଗ୍ରାମରେ ବିବାହ ଦେଇଥିଲେ । ତେବେ କିଛି ମାସ ପାରିବାରିକ ଜୀବନ ଠିକ ଠାକ ଚାଲିଥିଲା । ତେବେ ପ୍ରଥମେ ତନୁଙ୍କର ଏକ ଝିଅ ଜନ୍ମ ହୋଇଥିଲା ଏବଂ ଏବଂ ଏବେ ଦ୍ୱିତୀୟ ଗର୍ଭରେ ତନୁ ପୁନଶ୍ଚ ଗର୍ଭବତୀ ହେବା ପରେ ପୂନଃଶ୍ଚ ଝିଅ ହେବାର ଆଶଙ୍କା କରି ତାଙ୍କୁ ସ୍ୱାମୀ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ପରିବାର ଲୋକେ କାମାକ୍ଷାନଗର ଥାନାରେ ଏନେଇ ଅଭିଯୋଗ କରିବା ପରେ ତନାଘନା କରିଛି ପୋଲିସ । ସେପଟେ ତନୁଙ୍କ ସ୍ୱାମୀ ଫେରାର ହୋଇଯାଇଛି । ପୋଲିସ ତଦନ୍ତ ଚଳାଇଛି ।

# ଜଳୁଛି ବୁଢା ପାହାଡ଼, ବିପଦରେ ବନ୍ୟଜନ୍ତୁ



ଢେଙ୍କାନାଳ(ଭାସ୍କର ନ୍ୟୁଜ):: ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗର ପଶ୍ଚିମାଂଚଳ ରେ କାନପୁରା ଗାଁ ପାଖ ନ୍ତବୁଢା ପାହାଡ଼ ନ୍ତରେ ଲାଗଛି ନିଆଁ । ଭୟଙ୍କର ହେବାରେ ଲାଗିଛି ଜଙ୍ଗଲରେ ଏହି ନିଆଁ । ଏଥିଯୋଗୁଁ ଅନେକ ଜଙ୍ଗଲୀ ଜନ୍ତୁଙ୍କ ଜୀବନ ଏବେ ଆଶା ଆଶଙ୍କାରେ ମଧରେ ରହିଛି । ଏକର ଏକର ପରିମିତ ଜଙ୍ଗଲ ଜଳିପୋଡି ନଷ୍ଟ ହେବା ସହ ବନ୍ୟ ଜନ୍ତୁ ଗୁଡିକଙ୍କର ମୃତ୍ୟୁ ହେଉଥିବା ଜଣାପଡିଛି । ତେବେ ଗ୍ରୀଷ୍ମର ତାତି ବଢିବା ସହ ବଢ଼ି ଚାଲିଛି ଜଙ୍ଗଲରେ ନିଆଁ । ଏ ନେଇ କାନପୁରା ଗ୍ରାମବାସୀ ମାନେ ନିଆଁ ଲିଭାଇବାକୁ ଅଂଟା ଭିଡି ଥିବା ବେଳେ ବନ ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି । ଗାଁରେ ଥିବା ବନ୍ୟ ସୁରକ୍ଷା ସମିତି ଦ୍ୱାରା ଜଙ୍ଗଲର ସୁରକ୍ଷା ଦିଆଯାଉଥିବା ବେଳେ କିଛି ଅସାଧୁଙ୍କ ଯୋଗୁଁ ଏବେ ବିପଦରେ ରହିଛନ୍ତି ବନ୍ୟ ଜନ୍ତୁ । ଯାହାକୁ ନେଇ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

# ଆସନ୍ତା ୭ରେ ପୁରୀରେ ନିଯୁକ୍ତି ମେଳା



ପୁରୀ (ଭାସ୍କର ନ୍ୟୁଜ): ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ଓ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରୀ ଜିଲ୍ଲା ନିଯୁକ୍ତି ମେଳା ଚଳିତ ମାସ ୭ ତାରିଖରେ ଅନୁଷ୍ଠିତ ହେବ । ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ପରାମର୍ଶ କ୍ରମେ ଏହି ନିଯୁକ୍ତି ମେଳା ଚଳିତ ମାସ ୭ ତାରିଖରେ ତାଳବଣିଆ ଆଇଟିଆଇ ଖେଳ ପଡିଆଠାରେ ପୂର୍ବାହ୍ନ ୯ ଘଟିକା ସମୟରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ନିୟୋଜନ ଅଧିକାରୀ ସୁବାସ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି । ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ପ୍ରତିଷ୍ଠିତ ୫୦ରୁ ଅଧିକ ନିଯୁକ୍ତି ଦାତା ସଂସ୍ଥାମାନେ ଯୋଗଦାନ କରି ଆଶାୟୀ କୁଶଳୀ ଓ ଅଣକୁଶଳୀ ପ୍ରାର୍ଥୀ ମାନଙ୍କୁ ଚୟନ କରିବେ । ଏତଦ ବ୍ୟତୀତ ଓଡିଶା ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ମାନେ ମଧ ଯୋଗ ଦେବେ । ଏହି ସଂସ୍ଥାମାନେ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିବେ । ନିଯୁକ୍ତି ମେଳାରେ ନିଯୁକ୍ତି ଆଶାୟୀ ୫ମ ଶ୍ରେଣୀ ପାସ ଠାରୁ ସ୍ନାତକ ପାସ ପର୍ଯ୍ୟନ୍ତ ଏବଂ ଆଇଟିଆଇ, ଡିପ୍ଲୋମା ପାସ ଆଶାୟୀ ପ୍ରାର୍ଥୀ, ପ୍ରାର୍ଥୀନୀ ମାନେ ଯେଉଁମାନଙ୍କ ବୟସ ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ସେମାନେ ଯୋଗଦେଇପାରିବେ । ଆଗ୍ରହୀ ପ୍ରାର୍ଥୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଓ ଆଧାର ପ୍ରମାଣ ପତ୍ରର ଏକକିତା ନକଲ ସହ ପାସପୋର୍ଟ ସାଇଜର ୨ ଗୋଟି ଫଟୋ ସାଙ୍ଗରେ ଆଣି ଏହାର ସୁଯୋଗ ନେବାପାଇଁ ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି । ଏହି ବୈଠକରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ନିୟୋଜନ ବିଭାଗର ମୁଖ୍ୟ କିରାଣୀ ପୁଷ୍ପଲତା ପ୍ରଧାନ, ବାମଦେବ ସାହୁ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ଯୋଗ ଦେଇଥିଲେ ।

# ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ମେଧା ସମ୍ବର୍ଦ୍ଧନା ସମାରୋହ



ବୈଶିଙ୍ଗା(ଭାସ୍କର ନ୍ୟୁଜ): ବାଲକା ହାଇସ୍କୁଲ ପରିସରରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ବେତନଟୀ ବ୍ଲକ ତରଫରୁ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଓଷ୍ଟା ବ୍ଲକ୍ ସଭାପତି ଶିଶିର କୁମାର ନାୟକ ସଭାପତିତ୍ୱ କରିଥିଲା ବେଳେ ଓଷ୍ଟାର ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ବ୍ଲକ୍ ସଂପାଦକ ସୁର୍ଯ୍ୟାନନ୍ଦ ନାୟକଙ୍କ ସଂଯୋଜନାରେ ମୁଖ୍ୟବକ୍ତା ଭାବରେ ଓଷ୍ଟାର ପୂର୍ବତନ ଜିଲ୍ଲା ସଭାପତି ସନ୍ତୋଷ କୁମାର କାସ୍ତ, ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଓଷ୍ଟାର ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ମହାପାତ୍ର, ବ୍ଲକ୍ ପର୍ଯ୍ୟବେକ୍ଷକ ଦେବରାଜ ନାୟକ ବାଲକା ହାଇସ୍କୁଲର ପ୍ରଧାନ ଶିକ୍ଷକ ରଂଜନ ବାରିକ ପ୍ରମୁଖ ଯୋଗଦାନ କରିଥିଲେ । ଚଳିତ ବର୍ଷ ଓଷ୍ଟା ସଂଘ ଦ୍ୱାରା ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ହୋଇଥିବା ମେଧା ଅନ୍ୱେଷଣ ପରୀକ୍ଷାରେ ବାଲକା ହାଇସ୍କୁଲରୁ କୃତିତ୍ୱ ହାସଲ କରିଥିବା ଦିବ୍ୟପ୍ରଜ୍ଞା ନାଥ, ଆଦ୍ୟାଶା ସାହୁ, ସୁଭମ ସୋମେଶ ରାଉତ, ର୍ଯ୍ୟତିପଣ୍ଡା ଓଝା, କ୍ରୀଷ୍ଣା ପାଣିଗ୍ରାହୀ ପ୍ରଭୃତି ଛାତ୍ରଛାତ୍ରୀ ମାନଙ୍କୁ କ୍ରୀଷ୍ଣା କୌଶିକ ପ୍ରଧାନ, ଆଲିସା ରାଉତ, ଧାରା ପ୍ରୀୟଦର୍ଶିନୀ ଦାସ ପ୍ରଭୃତି ଛାତ୍ରଛାତ୍ରୀ ମାନଙ୍କୁ ଫଳକ ଓ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଛାତ୍ରଛାତ୍ରୀଙ୍କୁ ସଂଗଠନ ପକ୍ଷରୁ ଦଶମ ଶ୍ରେଣୀରେ ପ୍ରତି ମାସକୁ ୩୦୦ ଟଙ୍କା କରି ୧୦ ମାସ ପାଇଁ ୩୦୦୦ ଟଙ୍କା ପ୍ରଦାନ କରାଯିବ । କାର୍ଯ୍ୟକ୍ରମରେ ବ୍ଲକ୍ ସହ ସଂପାଦକ ଧିରେନ୍ଦ୍ର ପ୍ରଧାନ, ନରହରି ମହାନ୍ତ, ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପଣ୍ଡା, ମମତା ପଣ୍ଡା, ନିହାର କାନ୍ତି ବେହେରା, ଚକ୍ରଧର ମହାନ୍ତ ଏବଂ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ । ସର୍ବଶେଷରେ ହରିପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ଭୁଆଁ ଧନ୍ୟବାଦ ଅର୍ପଣ କରିଥିଲେ ।

ଓଡ଼ିଶା ଭାସ୍କର ODISHA BHASKAR

# ରାଜ୍ୟ ଖବର






ଢେଙ୍କାନାଳ,(ଭାସ୍କର ନ୍ୟୁଜ): ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ସହାୟତାରେ ଗୋଷ୍ଠୀ ବେତାର ସଂଘ ( ସିଆରଏ ) ଦ୍ୱାରା ନିର୍ମିତ ଅଟଳ ବୟୋ ଅଭ୍ୟୁଦୟ ଯୋଜନା ( ଏଭିଏୱାଇ )ଉପରେ ଆଧାରିତ ରେଡ଼ିଓ ବସୁଧା ଆନୁକୁଲ୍ୟରେ ପ୍ରସାରିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆମର ବରିଷ୍ଠ, ଆମର ସ୍ୱାଭିମାନର ନ୍ୟାରୋ କାଷ୍ଟିଙ୍ଗ ଅଧୀନ କାମାକ୍ଷାନଗର ବ୍ଲକର ବିଭିନ୍ନ ଗାଁରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଜାରି ହୋଇ ଥିବା ଏଲଡର ହେଲ୍ପ ଲାଇନ ୧୪୫୬୭ ଟୋଲ ଫ୍ରୀ ନଂ ଉପରେ ସଚେତନତା ସୃଷ୍ଟି କରାଯିବା ସହିତ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକିକୃତ ଯୋଜନା, ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପୋଷଣ ଓ ଆହାର, ସହାୟକ ପ୍ରଯୁକ୍ତି ବିଦ୍ୟା, ପରିବାର ଓ ସମ୍ପ୍ରଦାୟ ମଧ୍ୟରେ ସମ୍ପର୍କ, ବୃଦ୍ଧାଶ୍ରମ, ଡିଜିଟାଲ ଇଣ୍ଡିଆ, ବୃଦ୍ଧ ମାନଙ୍କ ପ୍ରତି ବ୍ୟବହାର, ଜରୁରୀ କାଳୀନ ପରିସ୍ଥିତି,ବୃଦ୍ଧ ମାନଙ୍କ ପାଇଁ ପେନସନ, ଆଇନି ଗତ ସମସ୍ୟା, ରାସନ କାର୍ଡ, ଆୟୁଷ୍ମାନ କାର୍ଡ ଯୋଜନା, ପ୍ରଧାନମନ୍ତ୍ରୀ ସମ୍ମାନ ଯୋଜନା, ଜେରୀ ଏଟ୍ରି କେୟାର ଇଭର ଟ୍ରେନିଂ, ସେଜ ବା ସିନିୟର କେୟାର ଏଜିଙ୍ଗ ଗ୍ରୋଥ ଇନ ଆଦି ବରିଷ୍ଠ ନାଗରିକଙ୍କ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ୯୦ ଏଫମ ରେଡ଼ିଓ ବସୁଧା ଗୋଷ୍ଠି ବେତାର କେନ୍ଦ୍ରରେ ୨୪ ଟି ରେଡ଼ିଓ ଡ୍ରାମା ଏପିସୋଡ଼ ପ୍ରସାରିତ ହୋଇଛି । ପ୍ରାୟ ୩୦ ମିନିଟର ଏହି କାର୍ଯ୍ୟକ୍ରମକୁ ଭାରତ ଜେଜେ ଓ ତାଙ୍କ ପ୍ରିୟ ନାତୁଣୀ ଲକ୍ଷ୍ମୀ ଉପସ୍ଥାପନ କରିଥିଲେ ।

## ଓଡ଼ିଶୀ ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହ ଉଦ୍‌ଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରର ଏକ ଅଗ୍ରଣୀ ଓଡ଼ିଶୀ ସଙ୍ଗୀତ ଅନୁଷ୍ଠାନ ଶ୍ରୁତି ଦ୍ୱାରା ଆୟୋଜିତ ୨୦ତମ ଓଡ଼ିଶୀ ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହ ୨୦୨୫ ମଙ୍ଗଳବାର ରବିନ୍ଦ୍ର ମଣ୍ଡପରେ ଏକ ବର୍ଣ୍ଣାଢ୍ୟ ଓ ମନୋଜ୍ଞ ପରିବେଶ ମଧ୍ୟରେ ଉଦ୍ଘା ଟିତ ହୋଇଯାଇଛି। ଏହି ଉତ୍ସବ ଦୁଇଦିନ ଧରି ରବିନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଓଡ଼ିଶାର ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଓ ଲଘୁ ସଙ୍ଗୀତକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ଉଦ୍‌ଘାଟନୀ ସଂଧ୍ୟାର ଅତିଥିମାନେ ଥିଲେ ଅବସରପ୍ରାପ୍ତ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ଭୁବନେଶ୍ୱରର ପୂର୍ବତନ କର୍ପୋରେଟର ଓ ସମାଜସେବୀ ରାଜେନ୍ଦ୍ର ସମର୍ଥା, ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଶ୍ରୁତି ଅନୁଷ୍ଠାନର ସଭାପତି ଗୁରୁ ପ୍ରଫେସର ରାମହରି ଦାସ ଏବଂ ଶ୍ରୁତି ଅନୁଷ୍ଠାନର ସମ୍ପାଦିକା ହରପ୍ରିୟା ସ୍ୱାଇଁ। ପ୍ରଥମ ସଂଧ୍ୟାରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ସୁନାମଧନ୍ୟ କଣ୍ଠଶିଳ୍ପୀ ଗୁରୁ (ଡ଼କ୍ଟର) ବିଜୟ କୁମାର ଜେନା ଗୀତଗୋବିନ୍ଦରୁ ଉଦ୍ଧୃତ ମାମିୟଂ ଚଳିତା ବିଲୋକ୍ୟ ଗାୟନ କରିଥିଲେ ପରେ ରୂପକ କୁମାର ପରିଡ଼ା, ବସୁନ୍ଧରା ପରିଡ଼ା, ମାତୃପ୍ରସାଦ ଦାସ, ବିଷ୍ଣୁକା ଘୋଷ, ସୌମ୍ୟରଞ୍ଜନ ଗାହାଣ ଓ ରାସ ବିହାରୀ ନାଥ ଓଡ଼ିଶୀ ସଂଗୀତ ଗାୟନ କରିଥିଲେ । ଏହି ଅବସରରେ ପଣ୍ଡିତ ଭୁବନେଶ୍ୱର ମିଶ୍ର ସ୍ମୃତି ସମ୍ମାନ ୨୦୨୪ ବିଶିଷ୍ଟ ଓଡ଼ିଶୀ ସଙ୍ଗୀତ ବିଦୁଷୀ ଗୁରୁ ଡ଼କ୍ଟର ସଙ୍ଗୀତା ଗୋସାଇଁ ଏବଂ ପଣ୍ଡିତ ଭୁବନେଶ୍ୱର ମିଶ୍ର ସ୍ମୃତି ସମ୍ମାନ ୨୦୨୫ ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ସୁକାନ୍ତ କୁମାର କୁଣ୍ଡୁଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ନିମାଇଚରଣ ରାଉତରାୟଙ୍କୁ ଶ୍ରୁତି ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମଟିର ଉଦ୍‌ଘୋଷକ ଥିଲେ ଡ଼କ୍ଟର ମୃତ୍ୟୁଞ୍ଜୟ ରଥ ଓ ପରିଚାଳନାରେ ସହଯୋଗ କରିଥିଲେ ଶ୍ରୁତି ଅନୁଷ୍ଠାନର ଉପ ସଭାପତି ମାନସ ରଞ୍ଜନ ସ୍ୱାଇଁ, ସହ ସମ୍ପାଦିକା ହରପ୍ରିୟା ସ୍ୱାଇଁ, ସହ ସମ୍ପାଦକ ରଶ୍ମିରଞ୍ଜନ ସ୍ୱାଇଁ ଓ କୋଷାଧ୍ୟକ୍ଷ ବାଳକୃଷ୍ଣ ଜେନା।

## ଧାନ ଦୁର୍ନୀତି ନେଇ ନବୀନଙ୍କୁ ଭେଟିଲେ ନବନିର୍ମାଣ ସଂଗଠନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଚାଲିଥିବା ବ୍ୟାପକ ଧାନ କିଣା ଦୁର୍ନୀତି ବିରୁଦ୍ଧରେ ନବନିର୍ମାଣ ସଂଗଠନ ତରଫରୁ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସ୍ମାରକ ପତ୍ର ଦିଆଯିବା ସହ ଅବଗତ କରାଯାଇଛି । ସୂଚନା ଯୋଗ୍ୟ ଯେ, ନବନିର୍ମାଣ ସଂଗଠନ ତରଫରୁ ଜଗତସିଂହପୁର, କଟକ, ଖୋର୍ଦ୍ଧା, ନୟାଗଡ଼, ଗଜପତି ଭଳି ଜିଲ୍ଲାରେ ଜିଲ୍ଲା ସ୍ତରରେ ଧାନ କାଟକୁ ନେଇ ବିକ୍ଷୋଭ କରାଯାଇଛି । ବିକ୍ଷୋଭ ସମୟରେ ଜିଲ୍ଲା ପ୍ରଶାସନକୁ କିଭଳି ମିଲରମାନେ ଗରିବ ଚାଷୀଙ୍କୁ ଭୂତେଇ ୫ରୁ ୧୨ କେଜି ପର୍ଯ୍ୟନ୍ତ କାଟି ନେଉଛନ୍ତି ଏହା ଉପରେ ଅବଗତ କରାଯାଇଛି । ଧାନ ଦୁର୍ନିତୀ ବିରୋଧରେ ଅହିଂସକ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ ହେଉଥିଲେ ହେଁ ସରକାର ଓ ଜିଲ୍ଲାପ୍ରଶାସନ ଏହାକୁ ଅଣଦେଖା କରିଆସିଛନ୍ତି । ଏହା ବିରୁଦ୍ଧରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଆଜକୁ ୧୮ ଦିନ ହେଲା ଉପବାସରୂପୀ ବ୍ରତ ପାଳନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସଂଗଠନ ତରଫରୁ ବିଭିନ୍ନ ଗଣସଂଗଠନ ରାଜନୈତିକ ଦଳ ବିଶେଷ କରି ବିରୋଧି ଦଳ ମାନଙ୍କ ସହ କଥାବାର୍ତ୍ତା ଚାଲିଛି । ଏହି ପରିପ୍ରେକ୍ଷୀରେ ରାଜ୍ୟର ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବନିର୍ମାଣ ସଂଗଠନ ପକ୍ଷରୁ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଓ ଯୁବଛାତ୍ର ସଂଗଠନ ରାଜ୍ୟ ସଂଯୋଜକ ମନଓ୍ୱର ଅଲ୍ଲୀ ସାକ୍ଷାତ ଆଲୋଚନା କରିଛନ୍ତି । ସାକ୍ଷାତ ଆଲୋଚନା ବେଳେ ବିରୋଧି ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ ମୁଁ ଆପଣମାନଙ୍କ ଆନ୍ଦୋଳନ ବିଷୟରେ ଆବଗତ ଅଛି ଓ ବିଧାନସଭାରେ ଆମେ ଏ ପ୍ରସଙ୍ଗ ଉଠାଇବୁ ବୋଲି ଚାଷୀ ନେତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ସେଭଳି ଅକ୍ଷୟ କୁମାରଙ୍କ ଅନଶନ ସ୍ଥଳକୁ ଏକ ପ୍ରତିନିଧି ମଣ୍ଡଳୀ ଯିବେ ବୋଲି ସେ ଆଲୋଚନାରେ କହିଥିଲେ ।

## ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ ନିଷ୍ପତ୍ତିକୁ କଂଗ୍ରେସର ନିନ୍ଦା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାର୍ଚ୍ଚ ୫ ବିଜୁ ଜୟନ୍ତୀ ବଦଳରେ ଏପ୍ରିଲ ୨୪ରେ ପଂଚାୟତିରାଜ ଦିବସ ପାଳନ ନିଷ୍ପତିକୁ କଂଗ୍ରେସ ଦୃଢ ନିନ୍ଦା କରିଛି । ନିଷ୍ପତିକୁ ନିନ୍ଦା କରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଓଡ଼ିଆ ଅସ୍ମିତା କହୁଥିବା ସରକାର ଓଡ଼ିଆ ଅସ୍ମିତା ଭୁଲିଗଲେ । ବିଜୁ ବାବୁଙ୍କ ସହ ବାଜପେୟୀଙ୍କ ସମ୍ପର୍କ ମଧ୍ୟ ବିଜେପି ଭୁଲିଯାଇଛି । ଆମେ ସରକାରଙ୍କ ନିଷ୍ପତିକୁ ନିନ୍ଦା କରୁଛୁ ବୋଲି କହିଛନ୍ତି ଭକ୍ତ ଦାସ ।

## ନବୀନଙ୍କୁ ନିମନ୍ତ୍ରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି ବିଜୁ ପଟ୍ଟନାୟକ ଜୟନ୍ତୀ ଉତ୍ସବରେ ଯୋଗ ଦେବାକୁ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ଜୟନ୍ତୀ ଉତ୍ସବରେ ବିଶେଷ ଅତିଥି ଭାବେ ଯୋଗ ଦେବାକୁ ଚିଠି ଲେଖି ନିମନ୍ତ୍ରଣ କରିଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ଚିଠିରେ ଲେଖିଛନ୍ତି ଆସନ୍ତା ମାର୍ଚ୍ଚ ୫ ତାରିଖ ଦିନ ରାଜ୍ୟ ସରକାର ଓଡିଶାର ମହାନ୍ ବରପୁତ୍ର, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ଜୟନ୍ତୀ ପାଳନ କରୁଛନ୍ତି । ଏଥିପାଇଁ ସ୍ଥାନୀୟ ଜୟଦେବ ଭବନ ଠାରେ ୫ ତାରିଖ ସଂଧ୍ୟା ୭ ଟା ସମୟରେ ଏକ ରାଜ୍ୟ ସ୍ତରୀୟ ସଭାର ଆୟୋଜନ କରାଯାଉଛି ।ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବରେ ଯୋଗଦେବା ପାଇଁ ମୁଁ ଆପଣଙ୍କୁ ଅନୁରୋଧ କରୁଛି । ଆପଣଙ୍କ ଗରିମାମୟ ଉପସ୍ଥିତି ଏହି କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିବ ।

## ୮ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ(ଭାସ୍କର ନ୍ୟୁଜ୍): ଆସନ୍ତା ୮ ତାରିଖରେ ଓଡିଶା ହାଇକୋର୍ଟ ସମେତ କଟକ ଜିଲ୍ଲାସ୍ତରୀୟ ସିଭିଲ କୋର୍ଟ ଓ ତାଲୁକସ୍ତରୀୟ ବିଭାଗୀୟ କୋର୍ଟ ପରିସରରେ ୨୦୨୫ ମସିହାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ପ୍ରାକ ବିଚାରଧୀନ ମକଦ୍ଦମା ଯଥା ଦେଓ୍ୱାନୀ ଓ ଫୌଜଦାରି(ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ ସମସ୍ୟା, ଚେକ ବାଉନ୍ସ ମାମଲା ଆଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । କେବଳ ବିଚାରଧୀନ ମାମଲା ନୁହେଁ ପ୍ରାକ ମକଦ୍ଦମାସ୍ତରୀୟ (କଚେରୀରେ ଦାୟର ହୋଇନଥିବା ) ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଚେକ ବାଉନ୍ସ, ପାରିବାରିକ ବିବାଦ ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଯଦି କୌଣସି ବିଚାରଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି' ଫେରସ୍ତ ହୋଇପାରିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ତଥା ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ନିମନ୍ତେ ଜନସାଧାରଣଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ । ଏହି ଲୋକ ଅଦାଲତରେ ମକଦ୍ଦମା ତଥା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ ଓ ଚୂଡାନ୍ତ ଏବଂ ଅମଳଯୋଗ୍ୟ ଅଟେ । ବିସ୍ତୃତ ସୂଚନା ନିମନ୍ତେ ଜନସାଧାରଣ ଜିଲ୍ଲା ବା ତାଲୁକସ୍ତରୀୟ ଆଇନସେବା କାର୍ଯ୍ୟାଳୟ ସହ ଯୋଗସୂତ୍ର ରକ୍ଷା କରିବାକୁ କୁହାଯାଇଛି ।

## ଅନ୍ତର୍ଜାତିୟ ମହିଳା ଦିବସ ପାଇଁ ପ୍ରତିଯୋଗିତା



ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଢେଙ୍କାନାଳ ଜିଲ୍ଲାର ମୁଖ୍ୟ ଷ୍ଟାଡିୟମ ଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ଗତ ୨ ତାରିଖ ଦିନ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ମାନଙ୍କ ମଧ୍ୟରେ କବାଡି, ଖୋ ଖୋ, ଦଉଡି ଟଣା ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ମୋଟ ୮ ଟି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପରୁ କର୍ମୀ ଓ ସହାୟିକା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, କାମାକ୍ଷାନଗର, ସଦର ଓ ମୁଖ୍ୟ କାର୍ଯ୍ୟାଳୟ ସୁରକ୍ଷା ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଏହା ସହିତ ରଙ୍ଗୋଲି, ଝୋଟି, ପ୍ରତିଯୋଗିତା ହୋଇଥିଲା । ସେଥିରେ କୃତକାର୍ଯ୍ୟ ହୋଇଥିବା କର୍ମୀ ଓ ସହାୟିକା ମାନଙ୍କୁ ମହିଳା ଦିବସରେ ପୁରସ୍କୃତ କରାଯିବା ପାଇଁ ବ୍ୟବସ୍ଥା ଅଛି । ମଙ୍ଗଳବାର ଦିନ ସ୍କିଲ ଇଣ୍ଡିଆ କାର୍ଯ୍ୟାଳୟ ଠାରେ ୱର୍କସପ୍ ଅନୁଷ୍ଠିତ ହୋଇଯାଇଛି । ସେଥିରେ ମୁଖ୍ୟ ଅତିଥି ପର୍ଶୁରାମ ପଣ୍ଡା, ୟୁନିସେଫ୍ ଆଣ୍ଡ ଆକ୍ସନ ଏଡ୍, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିତା ଶର୍ମା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ସଂଗ୍ରାମ କେଶରୀ ସାହୁ, ଆଂଚଳିକ ପ୍ରଶିକ୍ଷକ ମହମ୍ମଦ ୟୁସୁଫ୍, କୋର୍ଡିନେଟର ସ୍କିଲ ଇଣ୍ଡିଆ ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ । ଝିଅ ମାନଙ୍କୁ ନିଜ ଗୋଡରେ ଠିଆ ହେବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରିରଖିବା ପାଇଁ ପରାମର୍ଶ ଦେଇଥିଲେ । ଉକ୍ତ ବୈଠକଟିକୁ ଢେଙ୍କାନାଳ ଡିସି, ଆକ୍ସନ ଏଡ୍ ଅର୍ଚ୍ଚନା ଶର୍ମା, ସୂଚାରୁ ରୁପେ ପରିଚାଳନା କରିବା ସହ ସମସ୍ତଙ୍କର ଆଲୋଚ୍ୟ ତଥ୍ୟକୁ ଜିଲ୍ଲାପାଳଙ୍କ ଦୃଷ୍ଟିଗୋଚରକୁ ଆଣିଥିଲେ ।

## ୧୧ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ

ଢେଙ୍କାନାଳ(ଭାସ୍କର ନ୍ୟୁଜ): କ୍ୟାଡ଼ରରେ ଭୁକ୍ତ କରାଯିବା ସହିତ ତାଙ୍କ ନିଯୁକ୍ତିକୁ ସରକାରୀ ସ୍ତରରେ ସ୍ଥାୟୀ କରିବା ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ । ଓଡିଶା ରାଜ୍ୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ସଂଘ ଆହ୍ୱାନ କ୍ରମେ ଢେଙ୍କାନାଳ ଜିଲ୍ଲାରେ ବିଭିନ୍ନ ଡାକ୍ତର ଖାନା ମାନଙ୍କରେ କାର୍ଯ୍ୟରତ ସମସ୍ତ ୧୨୦ଜଣ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଆଜିଠାରୁ ଏହି କର୍ମଚାରୀ ମାନେ କଳା ବ୍ୟାଚ ପରିଧାନ କରି ପ୍ରତୀକ ଭାବେ ପ୍ରତିବାଦ କରିଛନ୍ତି । ଏହି ମର୍ମରେ କର୍ମଚାରୀ ମାନେ ମୁଖ୍ୟ ମନ୍ତ୍ରୀଙ୍କ ଉଦେଶ୍ୟରେ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ଏକ ଦୁଇଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ଯଦି ସେମାନଙ୍କ ଦାବି ଆସନ୍ତା ୧୦ତାରିଖ ସୁଧା ପୂରଣ ନହୁଏ ତେବେ ଜିଲ୍ଲାବ୍ୟାପି ସମସ୍ତ କର୍ମଚାରୀ ଆସନ୍ତା ୧୧ତାରିଖ ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହେବେ ବୋଲି ଚେତାବନୀ ଦେଇଛନ୍ତି ।

## ନାରୀ ବିରୋଧୀ ମାମଲାର ଅନୁଧ୍ୟାନ କଲା କଂଗ୍ରେସର ସ୍ୱତନ୍ତ୍ର ଟିମ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ନାରୀ ନିର୍ଯ୍ୟାତନା ଓ ଅତ୍ୟାଚାର ବୃଦ୍ଧି ଘଟଣାରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ଏବଂ ଉକ୍ତ ଘଟଣା ଗୁଡିକର ତଦନ୍ତ ଓ ଅନୁଧ୍ୟାନ କରିବା ପାଇଁ ପ୍ରଦେଶ କଂଗ୍ରେସ ତରଫରୁ ଏକ ତଥ୍ୟ ଅନୁଧ୍ୟାନକାରୀ ଦଳ ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗଠନ କରିଛନ୍ତି । ଉକ୍ତ ତଥ୍ୟ ଅନୁଧ୍ୟାନକାରୀ ଦଳ ଗତକାଲି ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ଚିତ୍ରକୋଣ୍ଡାରେ ଥିବା ଏସ୍ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ଗସ୍ତକରି ଉକ୍ତ ବିଦ୍ୟାଳୟରେ ଗତ ଫେବୃୟାରୀ ୨୪ ତାରିଖରେ ଏକ ଦଶମ ଶ୍ରେଣୀ ପଢୁଥିବା ନାବାଳିକା ଛାତ୍ରୀର ଅଘଟଣ ବିଷୟରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ଆବାସିକ ବିଦ୍ୟାଳୟର ମାଟ୍ରନ୍, ଏଏନ୍ଏମ୍ ଏବଂ ଅନ୍ୟ କର୍ମଚାରୀ ମାନଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଉକ୍ତ ଆଲୋଚନାରେ ଏହା ସ୍ପଷ୍ଟ ହୋଇଥିଲା ଯେ, ଆବାସିକ ବିଦ୍ୟାଳୟରେ ଛାତ୍ରୀ ମାନଙ୍କ ଉପଯୁକ୍ତ ଯତ୍ନ ନିଆଯାଇ ନଥିଲା, ବିଦ୍ୟାଳୟର କର୍ମଚାରୀମାନଙ୍କ ଦାୟିତ୍ୱହୀନତା ଓ ଅବହେଳା ଏବଂ ଛାତ୍ରୀମାନଙ୍କ ପ୍ରତି କର୍ତ୍ତବ୍ୟରେ ତ୍ରୁଟି ସ୍ପଷ୍ଟ ପ୍ରମାଣିତ ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ, ଉକ୍ତ ଗସ୍ତ ଏବଂ ଆଲୋଚନା ସମୟରେ କଂଗ୍ରେସ ବିଧାୟକ ଦଳ ନେତାରାମଚନ୍ଦ୍ର କାଡାମ୍, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ତଥ୍ୟ ଅନୁସନ୍ଧାନକାରୀ ଦଳର ସଦସ୍ୟ ତଥା ଆଇନଜୀବି ସୁଜିତ ପାଢ଼ି, ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗୋ, ଆଇନଜୀବି ମାନସ ମଲ୍ଲିକ, ଡାଃ. ଲିପିକା ମାଝୀ, ନବରଙ୍ଗପୁର କଂଗ୍ରେସ ସାଂସଦ ପ୍ରାର୍ଥୀ ଭୁଜବଳ ମାଝୀ ପ୍ରମୁଖ ଯୋଗ ଦେଇଥିଲେ ।

## ବିଷ୍ଣୁପଦ ସେଠୀଙ୍କ ଅନ୍ତରୀଣ ସୁରକ୍ଷା ବଳବତର

କଟକ(ଭାସ୍କର ନ୍ୟୁଜ୍): ସିବିଆଇ ଚଢ଼ଉ ମାମଲାରେ ଆଇଏଏସ ଅଫିସର ବିଷ୍ଣୁପଦ ସେଠୀଙ୍କ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ବଳବତର ରଖିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଶ୍ରୀ ସେଠୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ଶ୍ରୀ ସେଠୀ ଓ ତାଙ୍କ ପତ୍ନୀ ଓ ଝିଅଙ୍କ ପକ୍ଷରୁ ଦାୟର ରିଟ୍ ଆବେଦନର ଶୁଣାଣି କରି ଶୁଣାଣି କରି ହାଇକୋର୍ଟ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ବରିଷ୍ଠ ଆଇଏଏସ ବିଷ୍ଣୁପଦ ସେଠୀଙ୍କ ବାସଭବନରେ ବ୍ରିଜ୍ ଆଣ୍ଡ ରୁଫ୍ ସଂସ୍ଥାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ସଂସ୍ଥାର ଗ୍ରୁପ୍ ମ୍ୟାନେଜର୍ ଚଞ୍ଚଳ ମୁଖାର୍ଜୀଙ୍କୁ ସିବିଆଇ ଗିରଫ କରିଥିଲା । ଶ୍ରୀ ମୁଖାର୍ଜୀ ରାଜଧାନୀ ଭୁବନେଶ୍ୱରର ଏକ ହୋଟେଲ୍‌ରୁ ଜଣେ ରିଅଲ୍ ଇଷ୍ଟେଟ୍ ମୁଖ୍ୟଙ୍କଠାରୁ ଲାଞ୍ଚ ନେବା ସମୟରେ ଧରା ପଡିଥିଲେ । ପୂର୍ବରୁ ଏହି ଘଟଣାରେ ସିବିଆଇ ଶ୍ରୀ ସେଠୀଙ୍କ ବାସ ଭବନରେ ଚଢ଼ଉ କରିଥିଲା । ତାଙ୍କ ବିରୋଧରେ ଏତଲା ନଥିବା ବେଳେ ସିବିଆଇ ଘରେ ଚଢ଼ଉ କରିଥିବା ଅଭିଯୋଗ ଆସିଥିଲା । ତେବେ ଚଢାଉବେଳେ ତଦନ୍ତକାରୀ ସଂସ୍ଥା ସିବିଆଇ କିଛି ଆପତ୍ତିଜନକ ନଥିପତ୍ର ପାଇଥିଲା । ଏହି ପ୍ରସଙ୍ଗରେ ଶ୍ରୀ ସେଠୀ ସାମ୍ଭାବ୍ୟ ଗିରଫଦାରୀ ଏଡାଇବାକୁ ଯାଇ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ । ସୂଚନାଥାଉକି ଶ୍ରୀ ସେଠୀ ତାଙ୍କ ବିରୋଧରେ ଉକ୍ତ ଅଭିଯୋଗ ଆସିବା ପରେ ସେ ମୁଖ୍ୟ ଶାସନ ସଚିବଙ୍କୁ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଥିଲେ ।

## ରାଜନୈତିକ ସ୍ୱାର୍ଥ ପାଇଁ ପଞ୍ଚାୟତିରାଜ ଦିବସକୁ ବିଭ୍ରାନ୍ତି କରିଥିଲା ବିଜେଡି: ଅନିଲ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏପ୍ରିଲ ମାସ ୨୪ ତାରିଖକୁ ପଞ୍ଚାୟତିରାଜ ଦିବସ ଭାବରେ ପାଳନ କରିବା ପାଇଁ ରାଜ୍ୟ ସରକାର ନେଇଥିବା ନିଷ୍ପତି ସ୍ୱାଗତଯୋଗ୍ୟ । ଭାରତ ବର୍ଷର ଗଣତନ୍ତ୍ରରେ ଏପ୍ରିଲ ୨୪ ତାରିଖ ହେଉଛି ଏକ ଐତିହାସିକ ଦିନ । ଏହି ଦିନରେ ଦେଶରେ ସମ୍ବିଧାନର ୭୩ତମ ସଂଶୋଧନକୁ ଲାଗୁ କରାଯାଇ ପଂଚାୟତିରାଜ ବ୍ୟବସ୍ଥାକୁ ସାମ୍ବିଧାନିକ ମାନ୍ୟତା ମିଳିଥିଲା । ଯାହାଫଳରେ ଆଜି ଦେଶରେ ଲକ୍ଷ ଲକ୍ଷ ତୃଣମୂଳ ସ୍ତରର ପଞ୍ଚାୟତ ଜନପ୍ରତିନିଧିମାନେ ଗଣତନ୍ତ୍ରରେ ଭାଗନେବାର ସୁଯୋଗ ପାଉଛନ୍ତି ଏବଂ ନିଜ ଅଞ୍ଚଳର ଦାୟିତ୍ୱ ନିଜେ ନେଇପାରୁଛନ୍ତି । ରାଜନୈତିକ ସ୍ୱାର୍ଥ ପାଇଁ ପଞ୍ଚାୟତିରାଜ ଦିବସକୁ ବିଜେଡି ବିଭ୍ରାନ୍ତି କରିଥିଲା ବୋଲି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି ।

### ଗାଁଦାଣ୍ଡରେ ମହିଳାଙ୍କୁ ଉଲଗ୍ନ କରି ମାଡ଼ ମାରିବା ଘଟଣା

## ଆକ୍ରମଣର ଶିକାର ମହିଳା ବିରୋଧରେ ମାମଲା

କେନ୍ଦ୍ରାପଡା(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ସମଲପୁର ଗ୍ରାମର ଜନୈକ ମହିଳାଙ୍କୁ ଗାଁଦାଣ୍ଡରେ ଉଲଗ୍ନ କରି ମାଡ ମାରିବା ଘଟଣାରେ ସଦର ଥାନା ପୋଲିସ ଆକ୍ରମଣର ଶିକାର ମହିଳା ବିରୋଧରେ ମାମଲା ରୁଜୁ କରିବା ଘଟଣା ସାଧାରଣରେ ଆଶ୍ଚର୍ଯ୍ୟଚକିତ କରିଛି । ସେହିପରି ମହିଳା ଜଣକ ପ୍ରଥମେ ଅଭିଯୋଗପତ୍ର ଦେଇଥିବା ବେଳେ ତାଙ୍କ ଅଭିଯୋଗପତ୍ରକୁ ପୋଲିସ ଗୌଣ କରିଦେଇଛି । ଅପରପକ୍ଷରେ ଯେଉଁମାନେ ମହିଳାଙ୍କୁ ଉଲ୍ଲଗ୍ନ କରି ମାଡମାରିଲେ ସେମାନଙ୍କ ଅଭିଯୋଗକୁ ପୋଲିସ ଗୁରୁତ୍ୱ ଦେଇଛି । ଫଳରେ ଆକ୍ରମଣକାରୀଙ୍କ ଅଭିଯୋଗକୁ ଭିତ୍ତିକରି ୧୧୨/୨୦୨୫ ରେ ସଂପୃକ୍ତ ମହିଳାଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି । ଅପରପକ୍ଷରେ ମହିଳାଙ୍କ ଅଭଯୋଗକୁ ଭିତ୍ତିକରି ପୋଲିସ ୧୧୩/୨୦୨୫ରେ ଅନ୍ୟ ଏକ ମାମଲା ରୁଜୁ କରିଛି । ଏହି ଘଟଣାରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତଦ୍ୱୟ ହେଲେ ଓ୍ୱାର୍ଡସଭ୍ୟ ରଞ୍ଜନ ସ୍ୱାଇଁ ଓ ଅନ୍ୟ ଜଣେ ଅଭିଯୁକ୍ତ ନରହରି ସ୍ୱାଇଁ । ପୋଲିସର ସୂଚନା ଅନୁଯାୟୀ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୋମବାର ଏହି ଗ୍ରାମର କେତେକ ଅଭିଯୁକ୍ତ ଜଣେ ମହିଳାଙ୍କୁ ତାଙ୍କ ଘର ସମ୍ମୁଖରେ ଉଲଗ୍ନ କରି ମାଡ଼ ମାରିଥିଲେ । ଏ ନେଇ ସଂପୃକ୍ତ ମହିଳା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ହେବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା । ଏ ନେଇ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ଏଥିରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସଦର ଥାନା ଅଧିକାରୀ ବିମଳ ମଲ୍ଲିକ କହିଛନ୍ତି । ଆକ୍ରମଣର ଶିକାର ମହିଳାଙ୍କ ବିରୋଧରେ ପ୍ରଥମ ମାମଲା କାହିଁକି ରୁଜୁ କରାଗଲା ବୋଲି ତଦନ୍ତକାରୀ ଅଧିକାରୀ ସବଇନିସପେକ୍ଟର ବିଶ୍ୱଭୂଷଣ ସାହାଣୀଙ୍କୁ ପଚାରିବାରୁ ସେ କହିଲେ ମହିଳା ଜଣକ ଜଣେ ଅଭିଯୁକ୍ତକୁ କାମୁଡି ଦେଇଥିବାରୁ ପ୍ରଥମେ ତାଙ୍କ ବିରୋଧରେ ମାମଲା ରୁଜୁ ହେଲା ।

## କେନ୍ଦ୍ରୀୟ ପ୍ରକଳ୍ପର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ପ୍ରକଳ୍ପ ବିଳମ୍ବ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ରେଳ ଏବଂ ଜାତୀୟ ରାଜପଥ ବିଭାଗ ଅଧିକାରୀ ମାନଙ୍କ ବୈଠକ ଡାକିଛନ୍ତି । ବୈଠକ ପରେ ମନ୍ତ୍ରୀ କହିଛନ୍ତି ପ୍ରକଳ୍ପ ବିଳମ୍ବ ପାଇଁ ଦାୟୀ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ । ପ୍ରତି ୩ ମାସରେ ସମୀକ୍ଷା ବୈଠକ ହେବ । କେନ୍ଦ୍ର ରାଜ୍ୟ ମଧ୍ୟରେ ଏବଂ ବିଭାଗୀୟ ସମନ୍ୱୟ ପାଇଁ ମେକାନିଜମ ତିଆରି ହେବ । ମଙ୍ଗଳବାର ଲୋକସେବା ଭବନରେ କେନ୍ଦ୍ରୀୟ ପ୍ରକଳ୍ପର ସମୀକ୍ଷା କରିଥିଲେ ରାଜସ୍ୱ ମନ୍ତ୍ରୀ । ଯେଉଁଥିରେ ରାଜସ୍ୱ, ଜଙ୍ଗଲ ବିଭାଗ ସହ ରେଳ ଏବଂ ଜାତୀୟ ରାଜପଥର ଅଧିକାରୀ ଏବଂ ୩୦ଟି ଜିଲ୍ଲାର ଜିଲ୍ଲାପାଳ ଭିସି ଜରିଆରେ ଉପସ୍ଥିତି ଥିଲେ । ବୈଠକରେ ଜିଲ୍ଲାପାଳମାନେ ବିଭିନ୍ନ ଜିଲ୍ଲାର କେନ୍ଦ୍ରୀୟ ପ୍ରକଳ୍ପର ସ୍ଥିତି ଏବଂ ଜମି ଅଧିଗ୍ରହଣ ରିପୋର୍ଟ ରଖିଥିଲେ । ବୈଠକ ପରେ ରାଜସ୍ୱ ମନ୍ତ୍ରୀ କହିଛନ୍ତି ବିଭିନ୍ନ ଅଧିକାରୀମାନେ ସମ୍ପର୍କ ରଖି କରି ପ୍ରକଳ୍ପ ଆଗକୁ ଯିବା କଥା । କିନ୍ତୁ ସେଥିରେ ଗୁଡ଼ିଏ ତ୍ରୁଟି ବିଚ୍ୟୁତି କାରଣରୁ କାମ ଆଗଉନି । ସବୁ ପ୍ରକଳ୍ପର ସମୀକ୍ଷା ହୋଇଛି । ପୂର୍ବ ସରକାରରେ ସମନ୍ୱୟ ପାଇଁ କୌଣସି ସିଷ୍ଟମ ନଥିଲା ନୂଆ ସରକାର ସେ ସିଷ୍ଟମ କରିବେ । ସମୀକ୍ଷାରେ ୫୦ ବର୍ଷ ହେଲା ଖୋର୍ଦ୍ଧା – ବଲାଙ୍ଗୀର, ବିମଳଗଡ଼ – ତାଳଚେର ରେଳ ପ୍ରକଳ୍ପ, କଳାହାଣ୍ଡିରେ ରେଳ ଓ୍ୱାଗନ ବିଳମ୍ବ ନେଇ ଆଲୋଚନା ମଧ୍ୟ ହୋଇଛି । ଏଣିକି ପ୍ରତି ୩ ମାସରେ ସମୀକ୍ଷା ହୋଇ ଆଗାମୀ ରୋଡ଼ ମ୍ୟାପ ତିଆରି ହେବ । ବିଳମ୍ବ ହେବାରୁ ପ୍ରକଳ୍ପ ଖର୍ଚ୍ଚ ବଢ଼ି ଯାଉଛି । ସମନ୍ୱୟ ଦାୟିତ୍ୱ ନିଜେ ନେବେ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ।

### ଭୁବନେଶ୍ୱର ସାଂସଦ ଏବଂ ଏମ୍ସ ଗଭର୍ଣ୍ଣିଙ୍ଗ ବଡି ସଦସ୍ୟ ଅପରାଜିତା ଷଡ଼ଙ୍ଗୀଙ୍କ ସମୀକ୍ଷା

# 'ଭୁବନେଶ୍ୱର ଏମ୍ସକୁ ୧ ନଂ କରିବା ଆମର ଲକ୍ଷ୍ୟ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଆଜି ଏମସରେ ସମୀକ୍ଷା ବୈଠକ କରିଛନ୍ତି । ୨୦୨୫- ୨୬ ପାଇଁ ଗଭର୍ଣ୍ଣିଂ ବଡିର ସଦସ୍ୟ ଭାବେ ମନୋନୀତ ହେଲା ପରେ ପ୍ରଥମଥର ପାଇଁ ଆଜି ଏମସ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି । ଏହି ଅବସରରେ ସେ ହସ୍ପିଟାଲରେ ଚିକିତ୍ସାଧୀନ ବିଭିନ୍ନ ବର୍ଗର ରୋଗୀଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ । ମେଡ଼ିସିନ ବିଭାଗ, ଅସ୍ଥିଶଲ୍ୟ ବିଭାଗ, ଜରୁରୀକାଳୀନ ବିଭାଗ, ଶିଶୁରୋଗ ବିଭାଗ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଓ ବିଭିନ୍ନ ବିଭାଗରେ ଆଇସିୟୁ ପରିଦର୍ଶନ କରିଥିଲେ । ହସ୍ପିଟାଲରେ ମିଳୁଥିବା ସେବାକୁ ନେଇ ରୋଗମାନଙ୍କ ମତ ନେବା ସହ ସମସ୍ୟା ପଚାରି ବୁଝିଥିଲେ । ଏହାପରେ ଏକାଡେ଼ମିକ ବ୍ଲକର ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ହୋଇଥିଲେ । ଏଥିରେ ଏମସର ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ, ସୁପରିଟେଣ୍ଡେଣ୍ଟ ଦିଲ୍ଲୀପ ପରିଡାଙ୍କ ସମେତ ସବୁ ବିଭାଗୀୟ ମୁଖ୍ୟଙ୍କ ମାନେ ଉପସ୍ଥିତ ଥିଲେ । ସେମାନଙ୍କ ସହ ହସ୍ପିଟାଲର ବିଭିନ୍ନ ସେବା ଓ ଭିତ୍ତିଭୂମି ପ୍ରସଙ୍ଗରେ ଆଲୋଚନା କରିଥିଲେ । ଓଡ଼ିଶା ସମେତ ଏହାର ପଡୋଶୀ ୪ଟି ରାଜ୍ୟରୁ ଦୈନିକ ୫ହଜାର ରୋଗୀ ଏମ୍ସ ଆସୁଛନ୍ତି । ସେମାନେ ଚିକିତ୍ସା ସେବା ପାଇଁ ଭୁବନେଶ୍ୱର ଏମ୍ସ ଉପରେ ନିର୍ଭରଶୀ । ରୋଗୀ ସେବାକୁ ନେଇ ଆମ ପାଖରେ ଅନେକ ଆହ୍ୱାନ ରହିଛି । ଭିତ୍ତିଭୂମି ବିକାଶ, କର୍ମଚାରୀ ଓ ପାରାମେଡିକାଲ ଷ୍ଟାଫ, ଟେକନିସିଆନଙ୍କ ସଂଖ୍ୟା କିଭଳି ବଢାଯିବ, ତା ଉପରେ ପଦକ୍ଷେପ ନେବାକୁ ସାଂସଦ ଆଲୋଚନା କରିଥିଲେ । ଏହି ବୈଠକରେ ଏମସ ନିର୍ଦ୍ଦେଶକ ଶ୍ରୀ ବିଶ୍ୱାସ ସାଂସଦଙ୍କ ସାମ୍ନାରେ ଅନେକ ପ୍ରସ୍ତାବ ରଖିଥିଲେ । ଭୁବନେଶ୍ୱର ଏମସ ପ୍ରତିଷ୍ଠା ଦିନଠାରୁ ଏହା ବିଏମସି ସେବାରୁ ବଞ୍ଚିତ ହେଉଛି । ଫଳରେ ଷ୍ଟ୍ରିଟଲାଇଟ, ପାଣି, ସଫେଇ ଓ ପରିମଳ, ଜଳଯୋଗାଣ ସୁବିଧାରୁ ବଞ୍ଚିତ ହୋଇରହିଛି । ଖୁବଶୀଘ୍ର ବିଏମସି ମେୟର ଓ କମିଶନରଙ୍କ ସହ ସେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରି ସମସ୍ୟା ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏମସକୁ ରାଜ୍ୟ ସରକାରଙ୍କ ତରଫରୁ ଅତିରିକ୍ତ ୧୦୦ ଏକର ଜମି ଦେବାକୁ ମଧ୍ୟ ନିର୍ଦ୍ଦେଶକ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ବିଭାଗ ମନ୍ତ୍ରୀଙ୍କ ସହ ଖୁବଶୀଘ୍ର ଏ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ଜଣାଇଥିଲେ ।



ବାଲେଶ୍ୱରଠାରେ ଏମସର ସାଟେଲାଇଟ ସେଣ୍ଟରରେ ପର୍ଯ୍ୟାପ୍ତ ଚିକିତ୍ସା ସେବା ମିଳିପାରୁନି । ଏହି ସେଣ୍ଟର କିଭଳି ଅଧିକ କ୍ରିୟାଶୀଳ ହେବ ସେଥିପାଇଁ ପଦକ୍ଷେପ ନିଆଯିବ । ଭୁବନେଶ୍ୱର ଏମସକୁ ଦେଶର ୧ନଂ ଏମସ କରିବା ଆମର ଲକ୍ଷ୍ୟ ବୋଲି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ କହିଥିଲେ । ଏଥିପାଇଁ ସମସ୍ତେ ଉତ୍ସର୍ଗୀକୃତ ଭାବେ କାମ କରିବା । ରୋଗୀ ସେବା ହେଉଛି ମାନବ ସେବା । କେହି ଜଣେ ବି ଯେମିତି ଉନ୍ନତ ରୋଗୀ ସେବାରୁ ବଞ୍ଚିତ ନ ହେବେ ଓ ସମସ୍ତ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ସମସ୍ତଙ୍କୁ ସେ ଆହ୍ୱାନ ଦେଇଥିଲେ । ଏମସର ବିକାଶ ପାଇଁ ଯାହା ଦରକାର ସେ ସବୁ ଯେମିତି ମିଳିପାରିବ, ସେଥିପାଇଁ ସେ ଆଗାମୀ ସାଂସଦ ଅଧିବେଶନରେ ଉପସ୍ଥାପନ କରିବେ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ଜଗତ ପ୍ରକାଶ ନଡ୍ଡାଙ୍କୁ ଭେଟି ଏହି ସବୁ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି କହିଥିଲେ ।

## କିଟ୍‌ରେ ଛାତ୍ରୀ ମୃତ୍ୟୁ ଘଟଣାରେ ତଦନ୍ତ କରିବ ଏନ୍ଏଚ୍ଆର୍‌ସି ଟିମ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ପ୍ରକୃତି ଲାମସାଙ୍କ ମୃତ୍ୟୁ ଘଟଣାରେ ତଦନ୍ତ କରିବାକୁ ଜାତୀୟ ମାନବାଧିକାର କମିସନ୍ (ଏନ୍ଏଚ୍ଆର୍‌ସି) ନିର୍ଦ୍ଦେଶ ଦେଇଛନ୍ତି । ଟିମ୍ ଗଠନ କରି କିଟ୍ ବିଶ୍ୱବିଦ୍ୟାଳୟ ପରିସରକୁ ଯାଇ ତଦନ୍ତ ପାଇଁ ଡିଜି ଇନଭେଷ୍ଟିଗେସନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତଦନ୍ତରେ ସହାୟତା କରିବା ପାଇଁ ରେଜିଷ୍ଟ୍ରାରଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ତଦନ୍ତକାରୀ ଟିମ୍ ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ତଦନ୍ତ ଶେଷ କରି ରିପୋର୍ଟ ପ୍ରଦାନ କରିବାକୁ ଜାତୀୟ ମାନବାଧିକାର କମିସନ୍ ନିର୍ଦ୍ଦେଶ ଦେଇଛନ୍ତି । ଟିମ୍‌ର ସଦସ୍ୟ ପ୍ରିୟଙ୍କ କାନୁନ୍‌ଗୋ କହିଛନ୍ତି ଜଣେ ନେପାଳୀ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି ବୋଲି ଅଭିଯୋଗ ଆସିଛି । ଏହା ବିରୋଧରେ ସ୍ୱର ଉଠାଇବାରୁ ନେପାଳୀ ଛାତ୍ରଙ୍କୁ ମାଡ଼ ଅଭିଯୋଗ । ଆମେ ତଦନ୍ତ ପାଇଁ ଏକ କମିଟି ଗଠନ କରି ସାରିଛୁ । କମିଟି କିଟ୍ କୁ ଯାଇ ତଦନ୍ତ କରି ମାର୍ଚ୍ଚ ୧୦ ସୁଦ୍ଧା ରିପୋର୍ଟ ଦେବ ।



# ଆମ କଳାହାଣ୍ଡି







## ବିଶ୍ୱ ବନ୍ୟପ୍ରାଣୀ ଦିବସ-୨୦୨୫ ପାଳିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାରେ ଜଙ୍ଗଲ ଓ ପରିବେଶ ସୁରକ୍ଷା ଦିଗରେ କାମ କରି ଆସୁଥିବା ଅନ୍ୟତମ ସ୍ୱେଚ୍ଛାସେବୀ ସଂଗଠନ 'କଳାହାଣ୍ଡି ଏଜେନ୍ସି ଫର୍ ଏନଭାରନମେଣ୍ଟ ଏଣ୍ଡ ୱାଇଲ୍ଡ ଲାଇଫ' ପକ୍ଷରୁ ବିଶ୍ୱ ବନ୍ୟପ୍ରାଣୀ ଦିବସ-୨୦୨୫ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧୀନରେ ଥିବା ଥୁଆମୁଳ ରାମପୁର ବ୍ଲକର କର୍ଲାପାଟ ରେଞ୍ଜ ଅନ୍ତର୍ଗତ ବଡତିକରାଗୁଡା ଗ୍ରାମଠାରେ ଅନୁଷ୍ଠିତ ହୋଇଥିଲା। ବନ ଓ ବନ୍ୟପ୍ରାଣୀର ସୁରକ୍ଷା ନିମନ୍ତେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କର୍ଲାପାଟ ଓ ବଡ ଟିକ୍ରାଗୁଡା ଗ୍ରାମର ବନ ସୁରକ୍ଷା ସମିତିର ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମବାସୀ ଓ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। କର୍ଲାପାଟ ରେଞ୍ଜ ଅଧୀନରେ କାର୍ଯ୍ୟରତ ବନ କର୍ମଚାରୀ ଲଳିତ ନାଏକ, ଉମାକାନ୍ତ ପାଣିଗ୍ରାହୀ, ଯୁବ ସମାଜସେବୀ ରଥ ଦୁରିଆ, ସୂଚନା ଅଧିକାର କର୍ମୀ ଧୋବା ସାହୁ, କେଫ୍ୱାର ପ୍ରତିଷ୍ଠାତା ସଦସ୍ୟ ପ୍ରକୃତି ବନ୍ଧୁ ଡୋଳାମଣି ସାହୁ, ବଡ ଟିକ୍ରାଗୁଡ଼ାର ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ଗୌଡ଼, କେଫ୍ୱାର କାର୍ଯ୍ୟକ୍ରମ




ସମ୍ପାଦକ ଦିଲୀପ ପ୍ରଧାନ ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଆବଶ୍ୟକତା ସଂପର୍କରେ ସୂଚନା ଦେବା ସହ ଜଙ୍ଗଲ ସୁରକ୍ଷା ନିମନ୍ତେ ସଚେତନତାର ବାର୍ତ୍ତା ରଖିଥିଲେ। ଆଗକୁ ଗ୍ରୀଷ୍ମ ପ୍ରବାହ ଆସୁଥିବାରୁ ଜଙ୍ଗଲ ପୋଡିରୁ ଜଙ୍ଗଲ ସମ୍ପଦ ଓ ବନ୍ୟଜନ୍ତୁ ମାନଙ୍କୁ ନିଆଁ ଦାଉରୁ ରକ୍ଷା କରିବାକୁ ପ୍ରକୃତି ବନ୍ଧୁ ଶ୍ରୀ ସାହୁ ଜନ ସାଧାରଣଙ୍କୁ ଅନୁରୋଧ କରିଥିଲେ। ବନରକ୍ଷୀ ଲଳିତ ନାଏକ ବନ ସୁରକ୍ଷା ସମିତିର ସଭ୍ୟମାନଂକୁ ଅନୁରୂପ ବାର୍ତ୍ତା ଦେଇ ଅଭୟାରଣ୍ୟ ମଧ୍ୟରେ ବସବାସ କରୁଥିବା ଗ୍ରାମବାସୀମାନଙ୍କୁ ଜଙ୍ଗଲ ଆମର ଜୀବନ ଜୀବିକା ଓ ଏହାର ସୁରକ୍ଷା ଆମର ଏକମାତ୍ର କର୍ତ୍ତବ୍ୟ ବୋଲି କହି ଏହାର ସୁରକ୍ଷା ଉପରେ ସମସ୍ତେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ରଥ ଦୁରିଆ ପରିଚାଳନା କରିଥିବାବେଳେ ଶିକ୍ଷକ ଦୀନବନ୍ଧୁ ଗୌଡ଼ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ଯୋଜନା କାର୍ଯ୍ୟାଳୟ ଠାରେ କୃଷି ସମ୍ପର୍କରେ କାର୍ଯ୍ୟକ୍ରମ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ବିଭାଗ ସମ୍ମିଳନୀ କକ୍ଷରେ ଜଳସେଚନ ମାଧ୍ୟମରେ ଫସଲର ଘନତ୍ୱ ବୃଦ୍ଧି ସମ୍ପର୍କରେ ଜିଲ୍ଲାର ସରପଞ୍ଚ ଓ ଗ୍ରାମ ପଞ୍ଚାୟତସ୍ତରୀୟ ମହିଳା ମହାସଂଘ ପ୍ରତିନିଧିଙ୍କ ଏକ ଦିବସୀୟ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ କଳାହାଣ୍ଡି ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ବିଭାଗ ଉପନିର୍ଦ୍ଦେଶକ, ଶ୍ରୀକାନ୍ତ ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ସିଂ, ଓଡିଶା ଜୀବିକା ମିଶନର ଡିପିଏମ ଚନ୍ଦନ କୁମାର ବେହେରା, ଜିଲ୍ଲା କୃଷି କାର୍ଯ୍ୟାଳୟର ଯୋଜନା ଅଧିକାରୀ ବିଶ୍ୱନାଥ ମହାପାତ୍ର, ଜିଲ୍ଲା ଜଳ ଛାୟା ବିଭାଗ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସାଗରିକା ଭୋଇ, ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ବିଭାଗର କ୍ଷୁଦ୍ର ଯୋଜନା ଓ ଜୀବିକା ଅଧିକାରୀ ଡା. କୁମୁଦିନୀ ମିଶ୍ର, ପ୍ରଦାନ ଅନୁଷ୍ଠାନର ଟିମ କୋର୍ଡିନେଟର ହୃଦୟାନନ୍ଦ ମହାପାତ୍ର ଓ ଦାପ୍ତା ସଂସ୍ଥାର ଦୀପନ ଶର୍ମା ଯୋଗ ଦେଇଥିଲେ । ପ୍ରଦାନ ସଂସ୍ଥାର ଶ୍ରୀ ମହାପାତ୍ର, ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଜଳ ପରିଯୋଜନାର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହି ଯୋଜନାଟି ଲାଞ୍ଜିଗଡ ବ୍ଲକର ବେନଗାଁ,



ଲାଞ୍ଜି, କାନକୁଟ୍ରୁ, ବନ୍ଧପାରି, ଚମ୍ପାଦେଇପୁର, ଛତ୍ରପୁର, କଦମ୍ବଗୁଡା ଗ୍ରାମ ପଞ୍ଚାୟତର ୫୧ଟି ଗ୍ରାମରେ କାମ କରୁଛି । ଏହି ଯୋଜନାରେ ସରକାରଙ୍କ ସମସ୍ତ ବିଭାଗ ଯୋଜନାର ସମ୍ମିଳିତ ପ୍ରଚେଷ୍ଟାରେ ଜଳ ଉତ୍ସ ନିର୍ମାଣ କରାଯାଇ ଚାଷୀମାନଙ୍କ ଆୟ ବୃଦ୍ଧି ନିମନ୍ତେ ଚାଷର ଘନତ୍ୱ ଶତକଡା ଶୁନ୍ ଭାଗକୁ ବଢାଇବା ପାଇଁ ଲକ୍ଷ ରଖାଯାଇଛି। ମୁଖ୍ୟ ଅତିଥି ଶ୍ରୀ ଦଳେଇ ଲାଞ୍ଜିଗଡ଼ ଭଳି ଆଦିବାସୀ ଅଧୁଷିତ ଅଂଚଳରେ ଏଭଳି ଯୋଜନାକୁ କିପରି ସଫଳ ରୂପାୟନ ହୋଇପାରିବ ସେ ଦିଗରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଶ୍ରୀ ସିଂ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଯୋଜନା ଯଥା -ଛତୁ ଚାଷ, ଗେଣ୍ଡୁ ଫୁଲ ଚାଷ, ବୁନ୍ଦା ଜଳସେଚନ ଓ ଅର୍ଥକାରୀ ଫସଲ ବାବଦରେ ସମସ୍ତଙ୍କୁ ଦିଗ ଦର୍ଶନ ଦେଇଥିଲେ। ଜଣେ ମହିଳା ଚାଷୀ କିଭଳି ରୂପେ ଲକ୍ଷପତି ହୋଇ ପାରିବ, ପ୍ରାକୃତିକ କୃଷି, ଜୈବିକ ସାର କେନ୍ଦ୍ର ନିର୍ମାଣ ଓ ମିଶନ ଶକ୍ତି ବିଭାଗ ଦ୍ୱାରା ପଞ୍ଚାୟତ ସଂଘ ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀ ମା ମାନଙ୍କ ପାଇଁ ଋଣ ଯୋଜନା ସମ୍ପର୍କରେ ଚନ୍ଦନ କୁମାର ବେହେରା ଦିଗଦର୍ଶନ ଦେଇଥିଲେ। ଏଥିରେ ଉଲ୍ଲେଖଯୋଗ୍ୟ ଯେ ଲାଞ୍ଜିଗଡ଼ ବ୍ଲକର ଲାଞ୍ଜି ଗ୍ରାମ ପଞ୍ଚାୟତ ତେନ୍ତୁଳିପଙ୍ଗା ଗ୍ରାମର ମହିଳା ଚାଷୀ ବାସନ୍ତୀ ହରିଜନ ତାଙ୍କର ଲକ୍ଷପତି ଦିଦିର ଅନୁଭୂତି ପ୍ରକାଶ କରିଥିଲେ । ତାଙ୍କ ସ୍ୱାମୀ ୪ ବର୍ଷ ପୂର୍ବେ ଆୟ ଅଭାବରୁ ଦାଦନ ଭାବେ ଅନ୍ୟ ରାଜ୍ୟକୁ ପଳାୟନ କରୁଥିଲେ। ହେଲେ 'ପ୍ରଦାନ' ସଂସ୍ଥା ପ୍ରୋତ୍ସାହନ ଦ୍ୱାରା ତାଙ୍କ ଗ୍ରାମରେ ଏକ ସୌର ଶକ୍ତି ଚାଳିତ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ ହେବା ପରେ ସେ ବର୍ତ୍ତମାନ ସୁଦ୍ଧା ୩ ଏକର ଜମିରେ ପନିପରିବା ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରି ତାଙ୍କ ୩ ଟି ସନ୍ତାନଙ୍କ ପାଠ ପଢା ସହ ପରିବାର ପ୍ରତିପୋଷଣ କରିପାରିଛନ୍ତି। ସେହିଭଳି ଛତ୍ରପୁର ପଞ୍ଚାୟତ ଲେପଟଗୁଡା ଗ୍ରାମର ଆଦିମ ଜନଜାତି ମହିଳା ଚାଷୀ ରୁକ୍ମଣୀ ମାଝୀ ଜୈବିକ ଖତ ପ୍ରସ୍ତୁତି କେନ୍ଦ୍ର ଶିବଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଜୈବିକ ପଦ୍ଧତିରେ ଟମାଟର ଚାଷ କରି ବର୍ଷକୁ ୬୦,୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ରୋଜଗାର କରିବା ବିଷୟରେ ନିଜର ଅନୁଭୂତି ସମସ୍ତଙ୍କୁ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ କୁମଖାଲ ସରପଞ୍ଚ ସାନ୍ଧୁ ମାଝୀ, ଚମ୍ପାଦେଇପୁର ସରପଞ୍ଚ ନରେନ୍ଦ୍ର ମାଝୀ, ବେନଗାଁ ସରପଞ୍ଚ ପୁରାଣ ମାଝୀ, କଦମ୍ବଗୁଡା ସରପଞ୍ଚ ସନ୍ତୋଷ ମାଝୀ ଜଳସେଚନ ଜନିତ ସରକାରୀ ଯୋଜନାର ସଫଳ ରୂପାୟନ ବିଷୟରେ ମତ ଦେଇଥିଲେ । ଓଡିଶା ଉଠା ଜଳସେଚନ ବିଭାଗ, ଓଡିଶା କୃଷି ଶିଳ୍ପ ନିଗମ ବିଭାଗ, ଜାଳଛାୟା ବିଭାଗ ଓ କୃଷି ବିଭାଗର ଅଧିକାରୀ ମାନେ ବିଭାଗ ଦ୍ୱାରା କାର୍ଯ୍ୟ କାରି ହେଉଥିବା ଯୋଜନା ବିଷୟରେ ସଚେତନ କରାଇଥିଲେ। ପରିଶେଷରେ ପ୍ରଦାନ ସଂସ୍ଥାର ସର୍ବେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷରେ ରାଜେଶ୍ୱରୀ ରଥ, ବିକାଶ ମହାପାତ୍ର, ବ୍ରଜ କିଶୋର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ପୁଣି ଫେରିପାଇଲେ ସରପଞ୍ଚ ପଦବୀ



ଗୋଲାମୁଣ୍ଡା, ( ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ପଞ୍ଚାୟତର ସରପଞ୍ଚ ଗାଦିରେ ବସିଲେ ଇଂ ଦିନେଶ କୁମାର ରାଉତ। ସୂଚନାରୁ ପ୍ରକାଶ ବୃନ୍ଦାବାହାଲ ସରପଞ୍ଚ ଶ୍ରୀ ରାଉତ ଗତ ୨୦୨୪ ମସିହା ୨୦ ଜୁଲାଇରେ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ନିଜର କ୍ଷମତା ହରାଇ ଥିଲେ। ଦୀର୍ଘ ଆଠ ମାସ ଧରି ସରପଞ୍ଚ ପଦବୀ ଖାଲିପଡିଥିଲା । ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୁଣି ଥରେ ଇଂ ଦିନେଶ କୁମାର ରାଉତ ସରପଞ୍ଚ ଗାଦିରେ ବସିଛନ୍ତି। ଉକ୍ତ ସମୟରେ ପଞ୍ଚାୟତ ପିଇଓ ଡିଷ୍ଟକ ବାଣୁଆ, ସମିତି ସଭ୍ୟ-ଗୋରେଖ ବିଶି ଓ ସମସ୍ତ ୱାର୍ଡ ମେମ୍ବର ସମେତ ଗ୍ରାମର ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପୁଣି ଥରେ ଶ୍ରୀ ରାଉତ କ୍ଷମତା ପାଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି।

## ନିମ୍ନମାନର କାମ: ଭାଙ୍ଗିଲା କଭରସେଡ କାନ୍ଥ

ନର୍ଲା, (ଭାସ୍କର ନ୍ୟୁଜ୍ ) : ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଉନ୍ନୟନମୂଳକ କାମ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ହେଁ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଲାଭଖୋର ମନୋବୃତ୍ତି ଯୋଗୁଁ କାମ ନିମ୍ନମାନର ହେଉଥିବା ଦେଖିବାକୁ ମିଳିଛି। ତାହା ପୁଣି କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ସେରଗଡ ଗାଁରେ। ପ୍ରାପ୍ତ ସୂଚନା ମତେ ସେରଗଡ ଗାଁ ନିକଟରେ ଭବାନୀପାଟଣା ଆର୍‌ଏମ୍‌ସି ପକ୍ଷରୁ ଏକ କଭରସେଡ ନିର୍ମାଣ ହେଉଥିବା ଜଣାପଡିଛି। ହେଲେ ତାହା ନିମ୍ନମାନର ହେଉଥିବା ଦେଖିବାକୁ ମିଳିଛି। ଫଳରେ ନିର୍ମାଣ କାମ ଆରମ୍ଭରୁ (ସୋମବାର)ଦିନ ସେହି କାମରେ ମାଟି ପକାଇବା ସମୟରେ ପାର୍ଶ୍ୱ କାନ୍ଥ କଂକ୍ରିଟ ପଡିଯାଇଥିଲା। ଯେ କୌଣସି ନିର୍ମାଣ କାମ ଚାଲୁଥିବା ସମୟରେ ଦାୟିତ୍ୱରେ ଥିବା ଯନ୍ତ୍ରୀ ଉପସ୍ଥିତ ରହି କାମ ତଦାରଖ କରିବା ନିୟମ ଥିଲେ ହେଁ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାମ ହେଉଥିବାରୁ ଏଭଳି ଘଟଣା ଦେଖିବାକୁ ମିଳିଛି ବୋଲି ଗାଁ ଲୋକେ ପ୍ରକାଶ କରିଛନ୍ତି। ଯନ୍ତ୍ରୀଙ୍କ ଅନୁପସ୍ଥିତ ଯୋଗୁଁ ଠିକାଦାର ନିମ୍ନମାନର କାମ କରିବାକୁ ପଛାଉ ନାହାନ୍ତି। ସେହିପରି ବିନା ସୂଚନା ଫଳକରେ ଚାଲିଛି ନିର୍ମାଣ କାମ। ପ୍ରଥମେ ସର୍ବସାଧାରଣଙ୍କ ଅବଗତି ପାଇଁ ନିର୍ମାଣ କାମ ଆରମ୍ଭରୁ ସୂଚନା ଫଳକ ଲଗାଇବା ନିୟମ ରହିଛି କିନ୍ତୁ ଏଠାରେ ତାହା କରାଯାଇନାହିଁ। ଫଳରେ ସ୍ଥାନୀୟ ଲୋକେ କେଉଁ ଯୋଜନାରେ, କେତେ ବ୍ୟୟ ଅଟକଳରେ କାମ ଚାଲିଛି ଜାଣିପାରୁ ନାହାଁନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ଏସ୍ ପାଣ୍ଡେଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ହେଁ ଫୋନ୍ ଉଠାଇ ନ ଥିଲେ। ପରେ ଭବାନୀପାଟଣା ଆର୍‌ଏମ୍‌ସିର ମାର୍କେଟ ସରକାର କୁନୁ ପାଢ଼ୀଙ୍କୁ ପଚାରିବାରୁ ମୁଁ ଏ ବିଷୟରେ କିଛି ଜାଣିନାହିଁ ବୋଲି ଉତ୍ତରରେ କହିଥିଲେ। ତେଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।



## ମନ୍ଦିରରୁ ଚୋରି

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ହରେକୃଷ୍ଣପୁର ଗାଁର ଆରାଧ ଭୈରବ ମନ୍ଦିରରୁ ଚୋରି ହୋଇଥିବା ନେଇ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନାନୁସାରେ ମୁଖ୍ୟ ପୂଜାରୀ ପିତାମ୍ବର ଦଳେଇ, ବାହୁକ ଜଗବନ୍ଧୁ ଧଙ୍ଗଡାମାଝି, ବାହୁକ ରାଜେନ୍ଦ୍ର ଦଳେଇ ପ୍ରତିଦିନ ଭଳି ମନ୍ଦିର ପୂଜା କରିବା ପାଇଁ ଯାଇଥିଲେ। ସେମାନେ ଦେଖିଥିଲେ ମନ୍ଦିର ଦ୍ୱାର ତାଲା ଭଙ୍ଗାଯାଇଥିବାବେଳେ ଭୈରବଙ୍କ ସୁନାର ମଥାମଣି, ରୁପା ମୁକୁଟ, ସାତଟି ପୂଜା ଖଣ୍ଡା ଓ ଗୋଟିଏ ଟାଙ୍ଗୀ ସମେତ ଅନ୍ୟ ସାମଗ୍ରୀ ଚୋରି ହୋଇଯାଇଛି। ଏ ନେଇ ପୂଜାରୀମାନେ ଗାଁର ଗୌନ୍ତିଆ ହରେକୃଷ୍ଣ ଯୋଶୀଙ୍କୁ ଖବର ଦେଇଥିଲେ। ଗୌନ୍ତିଆ ଗାଁ ଲୋକଙ୍କୁ ଡାକି ଏକ ସଭା କରିଥିଲେ। ପରେ ଗ୍ରାମବାସୀ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ମହିଳା ଆହତ

କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ଥାନା ଡହଗାଁ ନିକଟରେ ସୋମବାର ସନ୍ଧ୍ୟାରେ ହାଇୱା ଗାଡ଼ି ଧକ୍କାରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଗରୁତର ମହିଳା ଜଣକ ଗ୍ରାମର କୁମର ନାଏକଙ୍କ ସ୍ତ୍ରୀ ଗୀତାଞ୍ଜଳୀ ନାଏକ(୫୦) ବୋଲି ଜଣାପଡ଼ିଛି। ମହିଳା ଜଣକ ସନ୍ଧ୍ୟାରେ ବୁଲାବୁଲି କରୁଥିବାବେଳେ ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଏକ ହାଇୱା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ମହିଳାଙ୍କ ଗୋଡ ଚୂନା ହୋଇ ଥିବାବେଳେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମହିଳାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡିଛି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଅଟକ ରଖାଯାଇଥିବା ବେଳେ ଘଟଣା ସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଛି। ସୂଚନା ଯେ' ମୋଟେର ଫାଣ୍ଡି ଛକଠାରୁ ଡହଗାଁ ଦେଇ ତରାପୁର ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଠିକା ସଂସ୍ଥା ଦ୍ୱାରା ଏହି ରାସ୍ତା କାର୍ଯ୍ୟରେ ନିୟୋଜିତ କରିଥିବା ଗାଡ଼ି ଗୁଡିକ ବେପରୁଆ ଭାବେ ଚଲା ଯାଉଛି। ଯାହା ଫଳରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଗତ କିଛିଦିନ ତଳେ ମଧ୍ୟ ଏହି ରାସ୍ତାରେ ନିୟୋଜିତ ଥିବା ଏକ ହାଇୱା ଧକ୍କା ଦେବାରୁ ଶାଗବାହିଲି ଗ୍ରାମର ଶିଶୁ ପୁଅର ମୃତ୍ୟୁ ହୋଇଥିବାବେଳେ ତାଙ୍କ ବାପା ଗୁରୁତର ଆହତ ହୋଇଥିଲେ। ସେହି ସମୟରେ ଦୁଇ ଦିନ ଧରି ରାସ୍ତା ଅବରୋଧ ହେବା ସହ ଉତ୍ତେଜନା ସୃଷ୍ଟି ହୋଇଥିଲା। ତେବେ ରାସ୍ତାରେ ନିୟୋଜିତ ଥିବା ଗାଡ଼ି ଗୁଡିକ ବେପରୁଆ ଚାଳନା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

## ଦାବି ପୂରଣ ନହେଲେ ୧୦ରୁ କାର୍ଯ୍ୟ ବନ୍ଦ ଡାକରା...

## ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ସାମ୍ବାଦିକ ସମ୍ମିଳନୀ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସମୟ ଗଡି ଯାଉଛି। ବଢି ଯାଉଛି ବୟସ। ପ୍ରତିଶ୍ରୁତି ଓ ପ୍ରତାରଣାକୁ ସାଥିରେ ନେଇ ସ୍ୱଳ୍ପ ଦରମା ଓ ଚୁକ୍ତି ଭିତ୍ତିକ ଚାକିରୀରେ ଥାଇ ବି ନିରନ୍ତର ସେବା ଯୋଗାଇ ଆସୁଛନ୍ତି ରାଜ୍ୟର ହଜାର ହଜାର ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ। ୨୦୦୫ ମସିହା ଠାରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ଓଡିଶା ଅଧୀନରେ ଦୀର୍ଘ ୨୦ବର୍ଷ ହେବ ୪୨୦୦ ପରିଚାଳନା କର୍ମଚାରୀ କାମ କରିଆସୁଛନ୍ତି। ବର୍ଷ ବର୍ଷ ଧରି କର୍ମଚାରୀ ମାନେ ସରକାରଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ଦାବି ଗୁଡ଼ିକ ସମ୍ପର୍କରେ ଅବଗତ କରାଇ ତାକୁ ପୂରଣ କରିବା ପାଇଁ ଅନୁରୋଧ କରି ଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ। ଅନ୍ୟପକ୍ଷରେ ରାଜ୍ୟ, ଜିଲ୍ଲା ଏବଂ ବ୍ଲକ୍ ସ୍ତର ପର୍ଯ୍ୟନ୍ତ ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ରେ କାମ କରୁଥିବା ପ୍ରୋଗ୍ରାମ ମେନେଜମେଣ୍ଟ ଷ୍ଟାଫ୍ ପ୍ରାୟତଃ ଉଚ୍ଚ ଶିକ୍ଷିତ, କୁଶଳୀ, ଦକ୍ଷ ତଥା କଠିନ ପରିଶ୍ରମୀ ଓ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ପ୍ରକାର କାମକୁ ନିଷ୍ଠାର ସହିତ ସୁପରିଚାଳନା କରିବାରେ ସିଦ୍ଧହସ୍ତ ଅଟନ୍ତି। ତଥାପି ସେମାନଙ୍କୁ ଆଜି ପର୍ଯ୍ୟନ୍ତ ଉପଯୁକ୍ତ ଦରମା କିମ୍ବା ସ୍ଥାୟୀ ନିଯୁକ୍ତିର ସୁଯୋଗ ମିଳିନାହିଁ। ବର୍ତ୍ତମାନ ସମୟରେ ସ୍ୱଳ୍ପ ଦରମା ପାଇ ପରିବାର ପ୍ରତିପୋଷଣ କରିବା ଅସମ୍ଭବ ହୋଇ ପଡିଛି। ତେଣୁ ଜନସ୍ୱାସ୍ଥ୍ୟ ପଦବୀ ସୃଷ୍ଟି ଓ ଚାକିରୀର ସ୍ଥାୟୀକରଣ ଦାବି ଜଣାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କଳାହାଣ୍ଡି ଜିଲ୍ଲାର ୧୩ଗୋଟି ବ୍ଲକ୍‌ରେ କାର୍ଯ୍ୟରତ ୨୬ ଜଣ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀମାନଙ୍କ ଆନ୍ଦୋଳନ ପାଇଁ ସଜବାଜ ଦୃଷ୍ଟିରୁ ସ୍ଥାନୀୟ ମୁଖ୍ୟ ଡାକ୍ତରଖାନା ସମ୍ମିଳନୀ କକ୍ଷରେ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ ତିନି ତାରିଖ ସୋମବାର ଦିନ କରାଯାଇଥିଲା। ଜନ ସ୍ୱାସ୍ଥ୍ୟ ପରିଚାଳନା ପଦବୀ ସୃଷ୍ଟି ଓ ଚାକିରୀ ସ୍ଥାୟୀ କରଣ ଦାବି ନେଇ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସାମ୍ବାଦିକ ମାନଙ୍କୁ ସୂଚନା ଦିଆଯାଇଥିଲା। କଳାହାଣ୍ଡି ଜିଲ୍ଲାର ୨୬ଜଣ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂପ୍ରତି କଳା ବ୍ୟାଚ୍ ପିନ୍ଧି ପ୍ରତୀକାତ୍ମକ ଧର୍ମଘଟ ଜାରି ରଖିଥିଲାବେଳେ ଯଦି ଦାବି ପୂରଣ ନହୁଏ ତାହେଲେ ୧୦ ତାରିଖ ଠାରୁ ସମଗ୍ର ରାଜ୍ୟରେ ଆନ୍ଦୋଳନ ଆରମ୍ଭ ହେବ ଓ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହା ଚାଲୁ ରହିବ ବୋଲି କଳାହାଣ୍ଡି ସଂଘ ସଭାପତି ଭବାନୀ ଶଙ୍କର ସିଂ ସୂଚନାଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଭାବାନୀ ଶଙ୍କର ସିଂ, ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ଭୋଇ, ଜଏଣ୍ଟ ସେକ୍ରେଟାରୀ ପ୍ରିୟରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ଅମୂଲ୍ୟ ରଞ୍ଜନ ନାୟକ ପ୍ରମୁଖ କର୍ମକର୍ତ୍ତାଙ୍କ ସମେତ ଜିଲ୍ଲାର ବିଭିନ୍ନ ବ୍ଲକର କର୍ମଚାରୀ ମାନେ ଯୋଗ ଦେଇଥିଲେ ।

## କଳାହାଣ୍ଡି ଜିଲ୍ଲା ରେଳ ଯାତ୍ରୀ ସଂଘର ବୈଠକ

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ରେଳ ଯାତ୍ରୀ ସଂଘ ବୈଠକ ରବିବାର ୟଙ୍ଗବ୍ଲଡ ପବ୍ଲିକ ସ୍କୁଲ ପରିସରରେ ସଭାପତି ସୁଭାଷ ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ କେସିଙ୍ଗା ରେଲୱେ ଷ୍ଟେସନର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ମୁଖ୍ୟ ପରାମର୍ଶ ଦାତା ଡ. ହେମ ସାଗର ସାହାଙ୍କୁ ଜେଡ ଆର୍‌ୟୁସିସି ମେମ୍ବର ହିସାବରେ ନିଆଯାଇ ଥିବାରୁ ସଂଘ ତରଫରୁ ଧନ୍ୟବାଦ୍ ଦିଆଯାଇଥିଲା । ଏଥିରେ ମୁଖ୍ୟତଃ କେସିଙ୍ଗାରୁ ସିଧା ରାଜଧାନୀ ଭୁବନେଶ୍ୱରକୁ ଏକ ଟ୍ରେନ ନ ହେଲେ ରାୟଗଡ଼ା ଠାରୁ କେସିଙ୍ଗା ଦେଇ ଯିବା ପାଇଁ ଜିଏମ୍ ଭୁବନେଶ୍ୱରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ମୁଖ୍ୟ ପରାମର୍ଶ ଦାତା ତଥା ଜେଡ ଆର୍‌ୟୁସିସି ମେମ୍ବର ଡ଼, ହେମସାଗର ସାହା ଦାବି ଉପସ୍ଥାପନା କରିବା ପାଇଁ ଦାୟୀତ୍ୱ ଦିଆଯାଇଥିଲା । ସଂଘର ସଭାପତିଙ୍କୁ ଡିଆର୍‌ୟୁସିସି ମେମ୍ବର କରିବା ପାଇଁ ଡି ଆର୍




ଏମ୍ ପତ୍ରାଳାପ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସମତା ଏକ୍ସପ୍ରେସକୁ ଦିଲ୍ଲୀ ଦେଇ ଭଟିନ୍ଦା ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ବିଭାଗକୁ ପତ୍ରାଳାପ୍ ପାଇଁ ନିଷ୍ପତ୍ତି ନିଆଯାଇଥିଲା । କେସିଙ୍ଗା ରେଲୱେ ଷ୍ଟେସନରେ ଯାନ ରଖିବା ପାଇଁ ପାର୍କିଂ ଫି ବୃଦ୍ଧିକୁ ବିରୋଧ କରି ଏହାକୁ ସଙ୍କୁଚିତ କରିବା ପାଇଁ ଡି ଆର୍ ଏମ୍‌ଙ୍କ ସହିତ ଯୋଗା ଯୋଗ କରିବା ନିଷ୍ପତ୍ତି ନିଆଯାଇଥିଲା । ଆଜି ପର୍ଯ୍ୟନ୍ତ ଯାହାବି ରେଲୱେ ବିଭାଗକୁ ପତ୍ରାଳାପ କରାଯାଇଛି ତାହାର କୌଣସି ଜବାବ ଆସୁନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା । ଉକ୍ତ ବୈଠକରେ ପରାମର୍ଶ ଦାତା ରାମକୁମାର ଜୈନ, ବି ସି ଏସ ଆଚାରୀ, ଉପ ସଭାପତି ପ୍ରଶାନ୍ତ ବାନାର୍ଜୀ, ସାଧାରଣ ସମ୍ପାଦକ ଡମ୍ବରୁଧର ଭୋଇ, ଯୁଗ୍ମ ସମ୍ପାଦକ ରମାକାନ୍ତ ଜେନା, ସୁରେଶ ଅଗ୍ରୱାଲା, ରମେଶ ପଟ୍ଟନାୟକ, ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ରାଶିଫଳ

**ବୁଧବାର, ୦୫ ମାର୍ଚ୍ଚ ୨୦୨୫**



**ମେଷ:** ସୃଜନଶୀଳ କାର୍ଯ୍ୟ ସଫଳ ହେବ । ଆପଣ ଯେ କୌଣସି ଉତ୍ସବରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ । ସୁଖ ଏବଂ ମନୋରଞ୍ଜନ ଉପଲବ୍ଧ ହେବ । ଭାଇମାନଙ୍କଠାରୁ ସମର୍ଥନ ପାଇବ । ଦୁର୍ଦ୍ଦଶା ଯୋଗୁଁ କ୍ଷତି ହେବ । ଚାକିରିରେ ତୁମେ ପ୍ରଶଂସା ପାଇବ। ତତ୍ପରତା ନାହିଁ ।



**ବୃଷ:** ଟଙ୍କା ଅଭାବରୁ ନିରାଶ ହେବେ । ଥଟ୍ଟା ଠାରୁ ଦୂରେଇ ରୁହନ୍ତୁ। ଅଧିକାରୀମାନେ ଚାକିରିରେ ଅଧିକ ଆଶା କରିବେ । ବସଙ୍କ ସମର୍ଥିତ ହେବେ ନାହିଁ । ବ୍ୟବସାୟ ଲାଭଦାୟକ ହେବ। କଠିନ ପରିଶ୍ରମ ଅଧିକ ହେବ । ଲାଭ ସୁଯୋଗକୁ ସ୍ଥଗିତ ରହିବ।



**ମିଥୁନ:** ଜମି କ୍ରୟ ଏବଂ ବିକ୍ରୟ ଲାଭଦାୟକ ହେବ । ପ୍ରଗତିର ରାସ୍ତା ପକ୍କା ହେବ। ବିପଦରୁ ଦୂରେଇ ରୁହନ୍ତୁ । ବ୍ୟବସାୟ ବୃଦ୍ଧି ପାଇବ । ବିନିଯୋଗ ଶୁଭ ହେବ । ରୋଜଗାର ବୃଦ୍ଧି ପାଇବ । ଲାଭ ସୁଯୋଗ ଆସିବ । ଘର ବାହାରେ ସୁଖ ମିଳିବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**କର୍କଟ:** ରାଜ୍ୟ ସହାୟତାରେ କାର୍ଯ୍ୟ ସମାପ୍ତ ହେବ । ବ୍ୟବସାୟ ଅନୁକୂଳ ଲାଭ ଦେବ । ବିବାହ ପ୍ରସ୍ତାବ ମିଳିପାରିବ । ଯଦି ଜରୁରୀ ଜିନିଷ ଠିକ୍ ସମୟରେ ଉପଲବ୍ଧ ନହୁଏ ତେବେ ଅକ୍ଷମତା ସେଠାରେ ରହିବ ନାହିଁ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ଆୟ ବୃଦ୍ଧି ପାଇବ । ଅଳସୁଆ ପ୍ରାଧାନ୍ୟ ଦେବ। ଘରେ ଶାନ୍ତି ଏବଂ ସୁଖ ରହିବ।



**ସିଂହ:** ଯୋଜନା ଫଳପ୍ରଦ ହେବ । ପଦ୍ଧତିରେ ଉନ୍ନତି ହେବ । ଏହି ସଫଳତାରେ ଖୁସି ହେବେ । କଠିନ ପରିଶ୍ରମ ସଫଳ ହେବ। ସମ୍ମାନ ପାଇବେ । ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ । ବିବେକ ଅନୁଯାୟୀ ବ୍ୟବହାର କରନ୍ତୁ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ ।



**କନ୍ୟା:** ଆଧ୍ୟାତ୍ମିକତା ପାଇଁ ଆଗ୍ରହୀ ହେବ । କୌଣସି ଧାର୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିବ । ସୁଖ ଏବଂ ଶାନ୍ତି ରହିବ । ବ୍ୟବସାୟ ସୁରୁଖୁରୁରେ ଚାଲିବ । ସାଙ୍ଗମାନଙ୍କ ସହଯୋଗ ଲାଭ ବୃଦ୍ଧି କରିବ । ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**ତୁଳା:** ପୁରୁଣା ସହକର୍ମୀ ଏବଂ ସମ୍ପର୍କୀୟଙ୍କୁ ଭେଟିବା ଆନନ୍ଦଦାୟକ ହେବ । ଭଲ ଖବର ଗ୍ରହଣ କରାଯିବ । ଏକ ନୂତନ ଉଦ୍ୟମ ଆରମ୍ଭ କରିବାକୁ ଚିନ୍ତା କରାଯିବ । ଦୀର୍ଘ ଯାତ୍ରା ଇଚ୍ଛା ହେବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ତତ୍ପରତା ନାହିଁ ।



**ବିଛା:** ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଘର ବାହାରେ ପଚରାଉଚରା କରାଯିବ। ବ୍ୟବସାୟ ଅନୁକୂଳ ଲାଭ ଦେବ । ଟଙ୍କା ମିଳିବା ସହଜ ହେବ । ଲାଭ ସୁଯୋଗ ଆସିବ । ଚାକିରିରେ ଠିକ୍ ସମୟରେ ପ୍ରଶଂସା ପାଇବେ । ସମୟ ସୁସଙ୍ଗତତାର ସୁଯୋଗ ନିଅନ୍ତୁ। ପାରିବାରିକ ଚିନ୍ତା ହ୍ରାସ ପାଇବ ।



**ଧନୁ:** ବୁଡିଯାଇଥିବା ଟଙ୍କା ଗ୍ରହଣ କରାଯାଇପାରେ । ଯାତ୍ରା ଅନୁକୂଳ ହେବ । ନୂତନ କାର୍ଯ୍ୟଗୁଡ଼ିକ ଆସିବ । ବ୍ୟବସାୟ ଅଭିବୃଦ୍ଧିରେ ଖୁସି ହେବେ । ସମୟ ସୁସଙ୍ଗତତାର ଲାଭ ନିଅ । ଅଧସ୍ତନମାନଙ୍କ ସହଯୋଗ ମିଳିବ । ଲାଭ ସୁଯୋଗ ଆସିବ। ଅଜ୍ଞାତ ଭୟ ରହିବ । ପାରିବାରିକ ସହଯୋଗରେ ଖୁସି ହେବେ। ତତ୍ପରତା ନାହିଁ ।



**ମକର:** ନୂତନ ପୋଷାକ ପାଇଁ ଖର୍ଚ୍ଚ ହେବ । ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ । ଯାତ୍ରା ଅନୁକୂଳ ଲାଭ ଦେବ । ନୂତନ ଚାକିରି ମିଳିପାରିବ। କାର୍ଯ୍ୟ ସନ୍ତୁଷ୍ଟ ହେବେ । ସେଠାରେ ସୁଖ ଏବଂ ଉତ୍ସାହର ପରିବେଶ ରହିବ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଏବଂ ଚାକିରି ଅନୁକୂଳ ଲାଭ ଦେବ । ଶୀଘ୍ର କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଉପହାସରୁ ଦୂରେଇ ରୁହନ୍ତୁ ।



**କୁମ୍ଭ:** ଯାନ, ଯନ୍ତ୍ରପାତି ଏବଂ ଅଗ୍ନି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ । ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ । କୌଣସି ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ । ବ୍ୟବସାୟରୁ ଲାଭବାନ ହେବ। ବିନିଯୋଗରେ ତତ୍ପର ହୁଅନ୍ତୁ ନାହିଁ । ଆୟ ରହିବ । ଥକ୍କା ଏବଂ ଦୁର୍ବଳତା ହୋଇପାରେ ।



**ମୀନ:** କାର୍ଯ୍ୟରେ ମନ ରହିବ ନାହିଁ । ବ୍ୟବସାୟ ଲାଭଦାୟକ ହେବ । ଆୟରେ ନିଶ୍ଚିତତା ରହିବ । ପରିବାରରେ ଶାନ୍ତି ରହିବ। ଇଚ୍ଛାଶକ୍ତି ବୃଦ୍ଧି ପାଇବ। ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । କୌଣସି ନିଷ୍ପତ୍ତି ନେବାକୁ ତତ୍ପର ହୁଅନ୍ତୁ ନାହିଁ। ବକ୍ତବ୍ୟର ନିୟନ୍ତ୍ରଣ ନିଅନ୍ତୁ ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯